# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, April 11/2024 | Page 14 | ₹ 7.00

୫୦ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 137 | ମୂଲ୍ୟ ₹୭/-




## କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଗୁକେଶଙ୍କ ଚମକ

ଟରଣ୍ଟୋରେ ଚାଲିଥିବା ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍‌ର ୫ମ ରାଉଣ୍ଡରେ ଆଜରବୈଜାନର ନିଜତ ଆବାସୋଭଙ୍କୁ ହରାଇ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି ଭାରତର ଡି. ଗୁକେଶ। ୧୪

୧୩

## ଭାଗ୍ୟକୁ ଶ୍ରେୟ ଦେଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ ଦୁଇଟି ଫିଲ୍ମ ଚଳିତ ବର୍ଷ ପରଦାକୁ ଆସିବ। ଏଥିରେ ଉତ୍ସାହିତ ହୋଇ ବାଣୀ ଭାଗ୍ୟକୁ ଶ୍ରେୟ ଦେଉଛନ୍ତି।





**ଆଜି ଇଦ୍:** ଇଦ୍ ପର୍ବର ଅବ୍ୟବହିତ ପୂର୍ବରୁ ବୁଧବାର ଗୁଆହାଟୀର ଏକ ମାର୍କେଟ୍‌ରେ ମହିଳାମାନେ ଲଚ୍ଛା କିଣୁଛନ୍ତି।

# ମୋକିମ୍‌ଙ୍କୁ ହାଇକୋର୍ଟ ଝଟକା

## ଭିଜିଲାନ୍ସ କୋର୍ଟ ଦଣ୍ଡାଦେଶ କାଏମ ରହିଲା

### ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲା

**ମେଟ୍ରୋ ବିଲ୍‌ଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ଫଳରେ ଓଡ଼ିଶା ରୁରାଲ୍ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ (ଓଆର୍‌ଏଚ୍‌ଡିସି) ଋଣ ଦୁର୍ନୀତି ମାମଲାରେ ତାଙ୍କ ବିରୋଧରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦେଇଥିବା ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ରାୟ କାଏମ ରହିଛି। ହାଇକୋର୍ଟରୁ ନିରାଶ ହେବା ପରେ ଏବେ ତାଙ୍କ ପାଇଁ ସୁପ୍ରିମ୍‌କୋର୍ଟ ହିଁ ଏକ ମାତ୍ର ବିକଳ୍ପ। ଯଦି ତଳ କୋର୍ଟଙ୍କ ଦଣ୍ଡାଦେଶ ସୁପ୍ରିମ୍‌କୋର୍ଟରେ ସ୍ଥଗିତ ନ ରୁହେ, ତେବେ ସେ ଆଗାମୀ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଉଛନ୍ତି।**



ମହମ୍ମଦ ମୋକିମ୍

**କଟକ,୧୦ା୪(କାର୍ତ୍ତିକ ସାହୁ)**

ମେଟ୍ରୋ ବିଲଡର୍ସ ପକ୍ଷରୁ ଭୁବନେଶ୍ୱରରେ ୫୦ଟି ଫ୍ଲାଟ୍ ତିଆରି କରିବା ପାଇଁ ଓଆର୍‌ଏଚ୍‌ଡିସିରୁ ୨୦୦୦ ଅଗଷ୍ଟ ୨୮ ତାରିଖରେ ୧.୫୦କୋଟି ଟଙ୍କାର ଋଣ କରାଯାଇଥିଲା। ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଧିକାରୀ ବିନୋଦ କୁମାର ମେଟ୍ରୋ ବିଲ୍‌ଡର୍ସର ନଥିପତ୍ର ଠିକ୍ ରୂପେ ଯାଞ୍ଚ ନ କରି ବେଆଇନ ଭାବେ ଋଣ ଆବେଦନକୁ ମଞ୍ଜୁର କରିଥିଲେ। ଓଆର୍‌ଏଚ୍‌ଡିସିରୁ ମେଟ୍ରୋ ବିଲ୍‌ଡର୍ସକୁ ୩ଟି କିସ୍ତିରେ ମୋଟ ଋଣ ରାଶି ପ୍ରଦାନ କରାଯାଇଥିଲା। ପ୍ରଥମ କିସ୍ତିରେ ୧କୋଟି, ୨ୟ କିସ୍ତିରେ ୩୦ ଲକ୍ଷ ଓ ୩ୟ କିସ୍ତିରେ ୨୦ ଲକ୍ଷ ଟଙ୍କା ମେଟ୍ରୋ ବିଲଡର୍ସ ଋଣ ଗ୍ରହଣ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ମେଟ୍ରୋ ବିଲ୍‌ଡର୍ସ ପକ୍ଷରୁ ଋଣ ପରିଶୋଧ କରା ନ ଯିବାରୁ ୨୦୦୭ ଅକ୍ଟୋବର ୩୦ବେଳକୁ ଋଣ ପରିମାଣ ୬କୋଟି ୨୨ଲକ୍ଷ ୨୫ ହଜାରରେ ପହଞ୍ଚିଥିଲା। ଯଦ୍ଦ୍ୱାରା ଓଆର୍‌ଏଚ୍‌ଡିସିକୁ ଏକ ବିରାଟ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଓଆର୍‌ଏଚ୍‌ଡିସି ପକ୍ଷରୁ ଏହି ଘଟଣାରେ ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ମୃତିରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍‌ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ୍ ମୋକିମ୍, ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ୨୦୨୨ ସେପ୍ଟେମ୍ବର ୨୯ ତାରିଖରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଉପରୋକ୍ତ ୪ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏହି ଦଣ୍ଡାଦେଶକୁ ଖାରଜ କରିବା ପାଇଁ ମୋକିମ୍ ହାଇକୋର୍ଟରେ ଆବେଦନ କରିଥିଲେ। ୨୦୨୨ ଅକ୍ଟୋବର ୧୯ ତାରିଖରେ ହାଇକୋର୍ଟ ଆବେଦନର ଶୁଣାଣି କରି ମୋକିମଙ୍କୁ ଦିଆଯାଇଥିବା ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ☞ପୃଷ୍ଠା-୪

## ବିଲେଇକୁ ବଞ୍ଚାଇବାକୁ ଯାଇ କୂଅରେ ପଡ଼ି ୫ ମୃତ

**ଅହମଦ୍‌ନଗର, ୧୦ା୪**

ମହାରାଷ୍ଟ୍ରର ଅହମଦ୍‌ନଗର ଜିଲାର ନେଭାସା ତହସିଲ ଅନ୍ତର୍ଗତ ୱାକଡ଼ି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିବା ଏକ ବିଲେଇକୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ୱାକଡ଼ି ଗ୍ରାମରେ ଦୀର୍ଘ ଦିନ ଧରି ଏକ ବାୟୋଗ୍ୟାସ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏଥିରେ ଗୋଟିଏ ବିଲେଇ ପଡ଼ିଯିବାରୁ ତାକୁ ବଞ୍ଚାଇବାକୁ ଯାଇ ଜଣେ ପରେ ଜଣେ କରି ୫ ଜଣ ବ୍ୟକ୍ତି କୂଅ ମଧ୍ୟରେ ଡେଇଁବାକୁ ଲାଗିଥିଲେ। ସେ ସମସ୍ତଙ୍କର ମୃତ୍ୟୁ ଘଟିଥିବା ନେଭାସା ଥାନା ଇନ୍ସପେକ୍ଟର ଧନଞ୍ଜୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଦୂଷଣ ଟିକସ ଓ ଜଳବାୟୁ ନ୍ୟାୟ**

## କଟକରେ ଡରାଇଲାଣି ଜଣ୍ଡିସ୍

### ରାଜେନ୍ଦ୍ର ନଗରରେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**କଟକ,୧୦ା୪(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସଦର ଥାନା ଅଧୀନ ରାଜେନ୍ଦ୍ର ନଗରରେ ଲୋକମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଲୋକ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ସିଏମ୍‌ସି ପକ୍ଷରୁ ଏହାକୁ ଲୁଚାଇବାକୁ ଚେଷ୍ଟା କରାଯାଇ ଭୁଲ୍ ତଥ୍ୟ ଦିଆଯାଉଛି। ସଂକ୍ରମିତଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏପରି କି ଘର ଘର ବୁଲି ଲୋକଙ୍କଠାରୁ ନମୁନା ସଂଗ୍ରହ ଓ ସଚେତନ କରିବା ବଦଳରେ ଏକ ମନ୍ଦିର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ରାଜେନ୍ଦ୍ର ନଗରରେ ଲୋକମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ନେଇ ଗତ ସପ୍ତାହରେ ଜଣାପଡ଼ିଥିଲା। ଜଣ୍ଡିସ୍ ବ୍ୟାପିବା ଖବର ଜଣାପଡିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ପାଣି ନମୁନା ସଂଗ୍ରହ କରିଥିଲା। ପରେ ତାହାକୁ ପରୀକ୍ଷା ପାଇଁ ପଠାଇଥିଲା। ଏପରି କି ୨ଦିନ ତଳେ ୪୭ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବାବେଳେ ସେଥିମଧ୍ୟରୁ ୧୧ଜଣ ଜଣ୍ଡିସ୍ ସଂକ୍ରମିତ ଚିହ୍ନଟ ହୋଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ସିଏମ୍‌ସିର ଏହି ତଥ୍ୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରି ନାହିଁ। ସିଏମ୍‌ସି କର୍ପୋରେଟର ସନ୍ତୋଷ ଭୋଳଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ରାଜେନ୍ଦ୍ର ନଗରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଜଣ୍ଡିସ୍ ରୋଗ ବ୍ୟାପିବାର କାରଣ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଜଣ୍ଡିସ୍ ନିୟନ୍ତ୍ରଣ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉକ୍ତ ଅଞ୍ଚଳର ଏକ ମନ୍ଦିର ପରିସରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ☞ପୃଷ୍ଠା-୪

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ, ୪ ଗୁରୁତର

**ଜୟପୁର,୧୦ା୪ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଧନପୁର ଗ୍ରାମର ପଦ୍ମନ ହରିଜନ,ଜୟନ୍ତଗିରିର ଗୋପାଳ ହରିଜନ ଓ ସାନମୁଣ୍ଡାପଦର ଗ୍ରାମର ଦୁର୍ଯ୍ୟ କେଉଟ । ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ବାଇକ୍‌ରେ ୩ ଜଣ ଜୟପୁରରୁ ଧନପୁର ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ୪ ଜଣ ବସି ସାନମୁଣ୍ଡାପଦରରୁ ଧନପୁର ଅଭିମୁଖେ ଯାଉଥିଲେ। ତେବେ ଗାଗନାପୁର ନିକଟରେ ଉଭୟ ପାର୍ଶ୍ୱରୁ ଆସୁଥିବା ଏହି ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପୋଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ☞ପୃଷ୍ଠା-୪

# ପୋଲିସକୁ ଟାଟୁ ମନା

## ୧୫ ଦିନ ମଧ୍ୟରେ ଲିଭାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୦ା୪(ସତ୍ୟଜିତ୍ ରାଉତ)**



ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ୍(ଏସ୍‌ଏସ୍‌ବି)ରେ କାର୍ଯ୍ୟ କରୁଥିବା କେତେଜଣ ଯବାନ ଟାଟୁ କରୁଥିବା ନଜରକୁ ଆସିଛି। ଏହା ପୋଲିସ ପୋଷାକର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଥିବାରୁ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତେଣୁ ଏସ୍‌ଏସ୍‌ବି ବାଟାଲିଅନ ଯବାନ ଓ ଅଫିସରଙ୍କ ଦେହରେ ଟାଟୁ ଥିଲେ ତୁରନ୍ତ ଏହାକୁ ଲିଭାଇବାକୁ କଡ଼ା ନିର୍ଦ୍ଦେଶ ହୋଇଛି। ଭୁବନେଶ୍ୱର ଏସ୍‌ଏସ୍‌ବି ଡିସିପିଙ୍କ କାର୍ଯ୍ୟାଳୟରୁ ବୁଧବାର ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ପୋଲିସ ପୋଷାକ ପିନ୍ଧିବା ପରେ ଯଦି ଟାଟୁ ବାହାରକୁ ଦେଖାଯାଏ ତେବେ ଏହାକୁ ୧୫ ଦିନ ମଧ୍ୟରେ ଲିଭାଇବାକୁ ପଡ଼ିବ। ଯଦି ଏହି ସମୟସୀମା ପରେ ପୋଲିସ ପୋଷାକ ପିନ୍ଧିଥିବାବେଳେ ଟାଟୁ ବାହାରକୁ ଦେଖାଯାଏ ତେବେ ସମ୍ପୃକ୍ତ ଯବାନଙ୍କ ଉପରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏସ୍‌ଏସ୍‌ବି ବାଟାଲିଅନ ଫୋର୍ସ ରାଜ୍ୟ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ୱିଙ୍ଗ୍ ହୋଇଥିବାବେଳେ ଯବାନମାନେ ବିଭିନ୍ନ ସମ୍ମାନଜନକ ସ୍ଥାନରେ କର୍ତ୍ତବ୍ୟ ସମ୍ପାଦନ କରନ୍ତି। ଟାଟୁ ଚିହ୍ନ ପୋଲିସର ଗରିମାକୁ କ୍ଷୁଣ୍ଣ କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

# କେରଳା ଷ୍ଟୋରି ବନାମ ମଣିପୁର ଡକ୍ୟୁମେଣ୍ଟାରି







**ଥିରୁଭାନନ୍ତପୁରମ୍,୧୦ା୪**

କେରଳରେ ଲୋକ ସଭା ନିର୍ବାଚନ ମୁଭି ବନାମ ମୁଭି ଏବଂ ଚର୍ଚ୍ଚ ବନାମ ଚର୍ଚ୍ଚ ହେବାରେ ଲାଗିଛି। ଭାଜପା ସପକ୍ଷରେ ଖ୍ରୀଷ୍ଟିଆନ୍ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ କେତେକ ଚର୍ଚ୍ଚ 'ଦି କେରଳା ଷ୍ଟୋରି' ପ୍ରଦର୍ଶିତ କରୁଥିବାବେଳେ ଏହା ବିରୋଧରେ ଆଉ କେତେକ ଚର୍ଚ୍ଚ ମଣିପୁର ହିଂସାର ଡକ୍ୟୁମେଣ୍ଟାରି 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ' ଦେଖାଉଛନ୍ତି। ୨୦୨୩ରେ 'ଦି କେରଳା ଷ୍ଟୋରି'ର ପ୍ରଦର୍ଶନକୁ ନେଇ ଝଡ଼ ସୃଷ୍ଟି ହୋଇଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟରେ ମଣିପୁରର ଜାତିଆଣ ହିଂସାକୁ ନେଇ ଆଉ ଏକ ସିନେମାର ସ୍କ୍ରିନିଂ ଏବେ 'ମୁଭି ବନାମ ମୁଭି ଯୁଦ୍ଧ'ର ରୂପ ନେଇଛି।

### ନିର୍ବାଚନ ରଣାଙ୍ଗନରେ ମୁଭି ଲଢ଼େଇ

'ଦି କେରଳା ଷ୍ଟୋରି' ପ୍ରଦର୍ଶନକୁ ରିଲିଜ୍ ଆରମ୍ଭରୁ କେରଳରେ ବିରୋଧ କରାଯାଇଆସୁଛି। ଏହାସତ୍ତ୍ୱେ ଏବେ ନିର୍ବାଚନ ସମୟରେ ଭାଜପା ସମର୍ଥନରେ କେତେକ ଗୋଷ୍ଠୀ ଏହି ଫିଲ୍ମ ପ୍ରଦର୍ଶନ କରୁଛନ୍ତି। ଏହାର ପ୍ରତିବାଦରେ କେରଳର ଏକ ଖ୍ରୀଷ୍ଟିଆନ୍ ଯୁବ ସଙ୍ଗଠନ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ପ୍ରାୟ ବର୍ଷେ ଧରି ଲାଗିରହିଥିବା ଜାତିଆଣ ହିଂସା ଉପରେ ପର୍ଯ୍ୟବସିତ 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ' ବୃତ୍ତଚିତ୍ରର ପ୍ରଦର୍ଶନ ନିଷ୍ପତ୍ତି ନେଇଛି ବୋଲି ଭ୍ୟାପିନ୍ ସଞ୍ଜୋପୁରମ୍ ଚର୍ଚ୍ଚ ପକ୍ଷରୁ କୁହାଯାଇଛି। ଭାରତର ସର୍ବାଧିକ ଖ୍ରୀଷ୍ଟିଆନ୍ ଜନସଂଖ୍ୟା କେରଳରେ ରହିଛି। ଏହି ଦକ୍ଷିଣ ଭାରତୀୟ ରାଜ୍ୟର ୧୮% ଲୋକ ଖ୍ରୀଷ୍ଟିଆନ୍ ହୋଇଥିବାରୁ ଉକ୍ତ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଜରିଆରେ ଉକ୍ତ ସମ୍ପ୍ରଦାୟର ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ଏପରି ଉଦ୍ୟମ ଚାଲିଛି। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକେ ପାରମ୍ପରିକ ଭାବେ କଂଗ୍ରେସକୁ ଭୋଟ ଦେଇ ଆସୁଥିବାବେଳେ ଏମାନଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ ଭାଜପା ପ୍ରୟାସ ଚଳାଇଛି। ଏଠାରେ ବୁଝିବା କଥା ହେଉଛି, ଖ୍ରୀଷ୍ଟିଆନ୍‌ମାନେ କେରଳର ମୂଳ ବାସିନ୍ଦା ନୁହନ୍ତି। କ୍ୟାଥୋଲିକ୍ ଏବଂ ସିରିଆନ୍ ଖ୍ରୀଷ୍ଟିଆନ୍‌ମାନେ ନିକଟରେ ଭାଜପା ଆଡ଼କୁ ଢଳିଥିବାବେଳେ ପ୍ରୋଟେଷ୍ଟାଣ୍ଟସ ଏବଂ ଲାଟିନ୍ ଖ୍ରୀଷ୍ଟିଆନ୍‌ମାନେ ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍)ଠାରୁ ଦୂରେଇ ରହିଥିବା ଦେଖାଯାଇଥିଲା। ଅଳ୍ପ କିଛି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଚର୍ଚ୍ଚ ଓ ପାଦ୍ରୀଙ୍କ ଜରିଆରେ ରାଜ୍ୟରେ ଭାଜପାକୁ ସହଯୋଗ କରୁଥିଲେ। କିନ୍ତୁ ସେମାନଙ୍କ ଉପରେ ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ(ୟୁଡିଏଫ୍)ର ପ୍ରଭାବ ବଢ଼ିଛି। ଏହା ହେଉଛି କେରଳରେ 'ଚର୍ଚ୍ଚ ବନାମ ଚର୍ଚ୍ଚ' ଲଢ଼େଇର କାରଣ।

ଇତିମଧ୍ୟରେ ବୁଧବାର 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ'କୁ ଶତାଧିକ ବାଇବେଲ୍ ସ୍କୁଲ ଛାତ୍ରୀଛାତ୍ର ଦେଖିଥିବା ଜଣାପଡ଼ିଛି। 'ଦି କେରଳା ଷ୍ଟୋରି' ☞ପୃଷ୍ଠା-୪


DADLS - 107





ସତ୍ୟମେବ ଜୟତେ

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR-15001/13/0001/2425

## ସଂକ୍ଷେପରେ

### ଏସ୍‌ପି ଇସ୍ତାହାରରେ ଏମ୍‌ଏସ୍‌ପି ଗ୍ୟାରେଣ୍ଟି




**ଲକ୍ଷ୍ନୌ, ୧୦।୪:** ଚଳିତ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ସମାଜବାଦୀ ପାର୍ଟି(ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଦଳର ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି। ଲକ୍ଷ୍ନୌ ସ୍ଥିତ ଦଳୀୟ ମୁଖ୍ୟାଳୟରେ ବରିଷ୍ଠ ଏସ୍‌ପି ନେତାଙ୍କ ଉପସ୍ଥିତିରେ 'ଜନତାକା ମାଙ୍ଗ ପତ୍ର, ହମାରା ଅଧିକାର' ନାମକ ଏହି ନିର୍ବାଚନୀ ଇସ୍ତାହାରକୁ ଅଖିଳେଶ ଜାରି କରିଛନ୍ତି। ୨୦ ପୃଷ୍ଠାବିଶିଷ୍ଟ ଏସ୍‌ପିର ଏହି ନିର୍ବାଚନୀ ଇସ୍ତାହାରରେ ୨୦୨୫ ସୁଦ୍ଧା ୟୁପିରେ ଜାତିଭିତ୍ତିକ ଜନ ଗଣନା କରିବା ନେଇ ଉଲ୍ଲେଖ ରହିଛି। ସେହିପରି କୃଷକଙ୍କୁ ଆଇନ୍‌ଗତ ଗ୍ୟାରେଣ୍ଟି ଭାବେ ସର୍ବନିମ୍ନ ସହାୟକ ଦର (ଏମ୍‌ଏସ୍‌ପି) ପ୍ରଦାନ ଓ ଅଗ୍ନିପଥ ସାମରିକ ନିଯୁକ୍ତି ଯୋଜନାକୁ ଉଚ୍ଛେଦ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଛି। ସେହିପରି ସରକାରୀ ଚାକିରିରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଏହି ଇସ୍ତାହାରରେ ଉଲ୍ଲେଖ ରହିଛି।

### ପତଞ୍ଜଳିର କ୍ଷମା ଆବେଦନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

**ନୂଆଦିଲ୍ଲୀ,୧୦।୪:** ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ପକ୍ଷରୁ ପ୍ରସ୍ତୁତ କୋଭିଡ୍‌-୧୯ର 'କରୋନିଲ' ଔଷଧ ବିଜ୍ଞାପନକୁ ନେଇ ବୁଧବାର ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଏଭଳି ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନାହଁ ବୋଲି ଉତ୍ତରାଖଣ୍ଡର ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ହିମା କୋହଲି ଏବଂ ଅହସାନୁଦ୍ଦିନ୍ ଅମାନୁଲ୍ଲାହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉତ୍ତରାଖଣ୍ଡର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ ଯୁଗ୍ମ ସଚିବ ଡ. ମିଥିଲେଶ କୁମାର ହାଜର ହୋଇ କମ୍ପାନୀ ଏବଂ ଏହାର ପ୍ରତିଷ୍ଠାତାଙ୍କ ତରଫରୁ କ୍ଷମା ପ୍ରାର୍ଥନା କରିଥିଲେ। ସେ ୨୦୨୩ ଜୁନ୍‌ରେ ଏହି ପଦରେ ନିଯୁକ୍ତି ପାଇଥିଲେ। ଯାହାକିଛି ଘଟିଛି, ସେ ଆସିବା ପୂର୍ବରୁ ହୋଇଛି। ତେଣୁ ତାଙ୍କୁ ଛାଡ଼ିଦେବା ପାଇଁ ସେ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଖଣ୍ଡପୀଠ କହିଥିଲେ, ଜଣେ ବ୍ୟକ୍ତି କ୍ଷମା ମାଗିଦେଲେ ହେବ ନାହିଁ। ଯେଉଁ ନିରୀହ ଲୋକେ ଏହି ଔଷଧକୁ କିଣିଛନ୍ତି, ସେମାନଙ୍କର କ'ଣ ହେବ। ଆମେ ଅନ୍ଧ ନୋହୁଁ। ଏହି ମାମଲାରେ ଛାଡ଼ କୋହଳ ହେବୁ ନାହିଁ। ପ୍ରଥମେ ରାମଦେବ ଓ ବାଳକୃଷ୍ଣ ଗଣମାଧ୍ୟମ ଆଗରେ କ୍ଷମାମାଗନ୍ତୁ ବୋଲି କହିଥିଲେ।

# ଭାଜପା ଅଧୀନ ୧୦୩ ଆସନରେ ଏଫ୍‌ଆର୍‌ଏ ପ୍ରସଙ୍ଗ

ନୂଆଦିଲ୍ଲୀ,୧୦।୪

ଦେଶର ୧୫୩ ଲୋକ ସଭା ଆସନରେ ଜଙ୍ଗଲ ଅଧିକାର ଆଇନ(ଏଫ୍‌ଆର୍‌ଏ), ୨୦୦୬ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏଥିମଧ୍ୟରୁ ୧୦୩ ଆସନରେ ଭାଜପା ଏମ୍‌ପି ପ୍ରତିନିଧିତ୍ୱ କରୁଛନ୍ତି ବୋଲି ଦିଲ୍ଲୀର ସ୍ୱାଧୀନ ସଙ୍ଗଠନ ବସୁନ୍ଧରା ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଆଇନ ପ୍ରଣୟନ କରିଥିବା କଂଗ୍ରେସର ଏମ୍‌ପିମାନେ ୧୧ ଆସନରେ ପ୍ରତିନିଧିତ୍ୱ କରୁଛନ୍ତି। ବିଜୁ ଜନତା ଦଳ (ବିଜେଡି) ମଧ୍ୟ ୧୧ ଆସନରେ ରହିଛି। ସେହିପରି ଶିବସେନା ୬, ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍), ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି) ୫ଟି ଲେଖାଏ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୪ ଆସନରେ ରହିଛନ୍ତି। ୨୦୦୬ ଡିସେମ୍ବର ୧୮ରେ ପାର୍ଲାମେଣ୍ଟରେ ତଫସିଲଭୁକ୍ତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ(ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ଗୃହୀତ ହୋଇଥିଲା। ଏହା ଜଙ୍ଗଲ ଅଧିକାର ଆଇନ, ଆଦିବାସୀ ବିଲ୍ ଏବଂ




ଆଦିବାସୀ ଜମି ଆଇନ ନାମରେ ମଧ୍ୟ ପରିଚିତ। ଦେଶରେ ବ୍ରିଟିଶ୍ ଅମଳରୁ ପ୍ରଚଳିତ ଜଙ୍ଗଲ ଆଇନରେ ଜଙ୍ଗଲ ଜମି ଓ ଅନ୍ୟ ଉତ୍ସଗୁଡ଼ିକ ଉପରେ ଜଙ୍ଗଲରେ ବସବାସ କରୁଥିବା ସମ୍ପ୍ରଦାୟର ଅଧିକାର ନ ଥିଲା। ସେମାନଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟର ସମାଧାନ ଦିଗରେ ଏହି ଆଇନକୁ ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଏ। ଦେଶର ଜଙ୍ଗଲଗୁଡ଼ିକ ମଧ୍ୟରେ ଅନେକ ପିଢ଼ି ଧରି ରହିଆସୁଥିବା ସମ୍ପ୍ରଦାୟଗୁଡ଼ିକୁ ଏଫ୍‌ଆର୍‌ଏ ବଳରେ ସ୍ୱୀକୃତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ବିଶ୍ଳେଷଣ ଅନୁସାରେ ଏଭଳି ୮୬ ଲୋକ ସଭା ଆସନ ରହିଛି, ଯେଉଁଠି ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟର ଜଙ୍ଗଲ ଉପରେ ଅଧିକାର ଦାବି କରିଆସୁଛନ୍ତି। ଅନୁରୂପ ଭାବେ ୪୫ ଆସନରେ ଏଭଳି ଦାବି କରୁଥିବା ଭୋଟର ୪୦%ରୁ ଅଧିକ ରହିଛନ୍ତି। ଏହି ଲୋକ ସଭା ଆସନଗୁଡ଼ିକ ମଧ୍ୟରେ ରହିଛି ଖୁଣ୍ଟି, ଯେଉଁଠାରୁ ଭାଜପା ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଏଥର ପୁନର୍ବାର ପ୍ରାର୍ଥୀ କରିଛି।

୨୦୧୯ରେ ୧୫୩ ଏଫ୍‌ଆର୍‌ଏଭିତ୍ତିକ ଆସନ ମଧ୍ୟରୁ ୭୪ଟିରେ ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ପରସ୍ପରର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ତନ୍ମଧ୍ୟରୁ କଂଗ୍ରେସ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଦେଶର ମୋଟ ୪୭ ଏସ୍‌ଟି ସଂରକ୍ଷିତ ଆସନ ମଧ୍ୟରୁ ୪୨ଟି ହେଉଛି ଏଫ୍‌ଆର୍‌ଏ ଅନ୍ତର୍ଗତ। ୨୦୧୯ରେ ତନ୍ମଧ୍ୟରୁ ଭାଜପା ପ୍ରାର୍ଥୀମାନେ ୩୧ ଆସନ ଦଖଲ କରିଥିବାବେଳେ କଂଗ୍ରେସ ମାତ୍ର ୩ଟିରେ ବିଜୟୀ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଗତ ୫ ବର୍ଷରେ ଏଫ୍‌ଆର୍‌ଏ ଦାବି ସମାଧାନ ହାର ୮୭.୭୨%ରୁ ୮୪.୪୪%କୁ ହ୍ରାସ ପାଇଛି। ଏହି ଅବଧି ମଧ୍ୟରେ ୫,୨୧,୧୪୩ ଜମି ପଟ୍ଟା ପ୍ରଦାନ କରାଯାଇଥିବାବେଳେ ୫,୮୨୭ ଦାବିକୁ ଅଗ୍ରାହ୍ୟ କରିଦିଆଯାଇଛି। ୨୦୨୪ ଫେବୃୟାରୀ ୨୯ ସୁଦ୍ଧା ୫୦,୨୬,୮୦୧ ଦାବି (୪୮,୩୬,୦୧୩ ବ୍ୟକ୍ତିଗତ) ଦାଖଲ ହୋଇଥିବାବେଳେ ସେଥିରୁ ୨୪,୮୫,୧୯୧ (୪୯.୪୪%) ପଟ୍ଟା ବଣ୍ଟନ କରାଯାଇଛି। ଏହା ମଧ୍ୟରେ ୨୩,୭୦,୦୧୧ ବ୍ୟକ୍ତିଗତ ଜମି ପଟ୍ଟା ରହିଥିବା ସରକାରୀ ସୂତ୍ରରୁ ପ୍ରକାଶ।

୫ ବର୍ଷ ପୂର୍ବେ ମୋଟ ୪୨,୩୭,୮୫୩ (୪୦,୮୯,୦୩୫ ବ୍ୟକ୍ତିଗତ) ଦାବି ରହିଥିଲା। ସେଥି ମଧ୍ୟରୁ ୧୯,୬୪,୦୪୮ (୧୮,୮୭,୮୯୪ ବ୍ୟକ୍ତିଗତ) ଦାବିର ସମାଧାନ ସହ ଜମି ପଟ୍ଟା ବଣ୍ଟନ କରାଯାଇଛି। ଅଧିକାରୀମାନଙ୍କ ମତରେ ଜଙ୍ଗଲ ଅଧିକାର ଆଇନ, ୨୦୦୬ର କାର୍ଯ୍ୟକାରିତାରେ କୋଭିଡ୍-୧୯ ପ୍ରତିବନ୍ଧକ ସାଜିଥିଲା। ଅନ୍ୟପକ୍ଷେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଦୁର୍ନୀତି ଯୋଗୁ ୨୦୨୦-୨୧ରେ ଏହା ଲାଗୁ କରାଇବାରେ ସମସ୍ୟା ଉପୁଜିଥିଲା। ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, କର୍ଣାଟକ, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର, ମଧ୍ୟ ପ୍ରଦେଶ ଓ ରାଜସ୍ଥାନ ସମେତ ୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୫୦%ରୁ ଅଧିକ ଦାବି ଅଗ୍ରାହ୍ୟ ହୋଇଥିବା ବସୁନ୍ଧରା ସଙ୍ଗଠନ ପକ୍ଷରୁ ଉକ୍ତ ରିପୋର୍ଟରେ କୁହାଯାଇଛି।

## ସନ୍ଦେଶଖାଲି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ

କୋଲ୍‌କାତା୧୦।୪

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳା ବିରୋଧୀ ଅପରାଧ ଓ ଜମି ହଡ଼ପ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିବ। ଏନେଇ କାଲକାଟା ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଟି.ଏସ୍. ଶିବାଙ୍ଗନମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ଏହି ମାମଲାର ତଦନ୍ତ କରିବ। ମେ' ୨ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଚାଷଜମିରେ ମତ୍ସ୍ୟଚାଷ ପାଇଁ ପୋଖରୀ ଖନନ ଲାଗି ବେଆଇନ କିସମ ପରିବର୍ତ୍ତନ ଉପରେ ଏକ ବିସ୍ତୃତ ରିପୋର୍ଟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶାହାଜାହନ୍ ଶେଖଙ୍କୁ ଗତ ଜାନୁୟାରୀ ୫ରେ ଗିରଫ କରିବା ପାଇଁ ସନ୍ଦେଶଖାଲି ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଆକ୍ରମଣର ଶିକାର ହୋଇଥିଲେ। ପରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ତାଙ୍କୁ ଦଳରୁ ନିଲମ୍ବନ କରିଥିଲା। ଏହି ବହୁଚର୍ଚ୍ଚିତ ପ୍ରସଙ୍ଗରେ ଟିଏମ୍‌ସି ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି।

# ମନ୍ତ୍ରୀ ପଦ, ଆପ୍ ଛାଡ଼ିଲେ ଆନନ୍ଦ

ନୂଆଦିଲ୍ଲୀ,୧୦।୪

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରେ ଥିବାବେଳେ ତାଙ୍କ କ୍ୟାବିନେଟ୍ ସହଯୋଗୀ ରାଜକୁମାର ଆନନ୍ଦ ବୁଧବାର ଦଳର ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗ ଆଧାରରେ ଇସ୍ତଫା ଦେଇଛନ୍ତି। ଆନନ୍ଦ ଉଭୟ ମନ୍ତ୍ରୀ ପଦ ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପ୍ରାଥମିକ ସଦସ୍ୟତା ତ୍ୟାଗ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଚାପରେ ଆନନ୍ଦ ଇସ୍ତଫା ଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି।

ପଟେଲ ନଗର ବିଧାୟକ ରାଜକୁମାର ଆନନ୍ଦ ହେଉଛନ୍ତି ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ଦୁର୍ନୀତି ମାମଲାରେ ପଦ ଓ ଦଳ ଛାଡ଼ିବାରେ ଦିଲ୍ଲୀର ପ୍ରଥମ ମନ୍ତ୍ରୀ। ଏନେଇ ଆନନ୍ଦ କହିଛନ୍ତି, ଦୁର୍ନୀତି ବିରୋଧୀ ଲଢ଼େଇ ଅଭିଯାନରେ ସାମିଲ ହେବା ପାଇଁ ସେ ଆପ୍‌ରେ ଯୋଗଦେଇଥିଲେ। ଆଜି



ରାଜକୁମାର ଆନନ୍ଦ

ଦଳ ଦୁର୍ନୀତିରେ ବୁଡି ଯାଇଛି। ତେଣୁ ସେ ସାମାଜିକ କଲ୍ୟାଣ, ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଦଳୀୟ ନେତୃତ୍ୱରେ ଭେଦଭାବପୂର୍ଣ୍ଣ ଆଚରଣକୁ ନେଇ ସେ ବ୍ୟଥିତ। ଆପ୍‌ରେ ଜଣେହେଲେ ଦଳିତ ବିଧାୟକ କିମ୍ବା କାଉନ୍‌ସିଲ ନାହାନ୍ତି। ଦଳିତ ନେତାମାନଙ୍କୁ ନେତୃତ୍ୱର ସୁଯୋଗ ମିଳୁନାହିଁ। ତେଣୁ ବାବା ସାହେବ ଆମ୍ବେଡକରଙ୍କ ସିଦ୍ଧାନ୍ତକୁ ଅନୁସରଣ କରି ସେ ଦଳ ଓ ମନ୍ତ୍ରୀପଦ ଛାଡ଼ିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଜେଲରେ ଥିବାରୁ ଆନନ୍ଦଙ୍କ ଇସ୍ତଫା ପରେ ତାଙ୍କ ବିଭାଗରେ କାହାକୁ ଦାୟିତ୍ୱ ଦିଆଯିବ ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ୨୦୨୩ ନଭେମ୍ବରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ଆନନ୍ଦଙ୍କ ଘରେ ଚଢ଼ାଉ କରିଥିଲା। ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ଏକ ସ୍ଥାନୀୟ କୋର୍ଟରେ ୭ କୋଟି ଟଙ୍କାର ଆମଦାନୀ ଶୁଳ୍କ ଫାଙ୍କିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଗତ ସପ୍ତାହରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଆପ୍ ନେତାମାନଙ୍କୁ ଦଳ ଓ ପଦ ଛାଡ଼ିବା ପାଇଁ ଭାଜପା ଚାପ ପକାଉଥିବା ସେ ଦାବି କରିଥିଲେ। ଏପରି କି ଦଳ ନ ଛାଡ଼ିଲେ ମାସକ ମଧ୍ୟରେ ଗିରଫ ହେବାକୁ ପ୍ରସ୍ତୁତ ହୁଅ ବୋଲି ନିଜର ଜଣେ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଭାଜପା ତାଙ୍କୁ ଚେତାବନୀ ଦେଇଥିବା ଆତିଶୀ କହିଥିଲେ। ଏହା ଉପରେ ଦିଲ୍ଲୀ ଭାଜପା ପକ୍ଷରୁ ତାଙ୍କ ନିକଟକୁ ମାନହାନି ନୋଟିସ ପଠାଯାଇଛି। ଏହି ପୃଷ୍ଠଭୂମିରେ ଆନନ୍ଦଙ୍କ ଇସ୍ତଫା ଅନେକ ପ୍ରଶ୍ନ ଛିଡ଼ା କରାଇଛି।

## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପିଟିଶନ ହାଇକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୧୦।୪:** ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ବାରମ୍ବାର ପିଟିଶନ ଦାଖଲ ହେଉଥିବାରୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଥରେ ଏହି ପ୍ରସଙ୍ଗରେ ଅଦାଲତ ମନା କରିବା ପରେ ଆଉ ବାରମ୍ବାର ଏପରି ଆବେଦନ କରାଯିବା ଅନୁଚିତ। ଜେମ୍ସ ବଣ୍ଡ ମୁଭି ଭଳି ଏହାର ଧାରାବାହିକ ରହିବା ଅନୁଚିତ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀ ତଥା ଆପ୍‌ର ପୂର୍ବତନ ବିଧାୟକ ସନ୍ଦୀପ କୁମାରଙ୍କୁ ଭର୍ତ୍ସନା କରିଛନ୍ତି। ଆଗକୁ ଏପରି ପିଟିଶନ ଦାଖଲ କଲେ ତାଙ୍କ ଉପରେ ୫୦,୦୦୦ ଟଙ୍କା ଜରିମାନା କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

# ୨୦୪୦ରେ ଚନ୍ଦ୍ରକୁ ଯିବେ ଭାରତୀୟ

### ଇସ୍ରୋ ମୁଖ୍ୟ ଏସ୍. ସୋମନାଥଙ୍କ ସୂଚନା

ନୂଆଦିଲ୍ଲୀ, ୧୦।୪

ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ମୁଖ୍ୟ ଏସ. ସୋମନାଥ 'ଚନ୍ଦ୍ରୟାନ ୪'କୁ ନେଇ ବଡ଼ ବୟାନ ଦେଇଛନ୍ତି। ୨୦୪୦ରେ ଚନ୍ଦ୍ରପୃଷ୍ଠରେ ଭାରତୀୟ ମହାକାଶଚାରୀଙ୍କୁ ଅବତରଣ କରିବା ଦିଗରେ ଇସ୍ରୋ କାର୍ଯ୍ୟ କରୁଥିବାବେଳେ 'ଚନ୍ଦ୍ରୟାନ ୪' ଏହାର ପ୍ରଥମ ଶୋପାନ ହୋଇଥିବା ସେ କହିଛନ୍ତି। ଭାରତର ମିଶନ 'ଚନ୍ଦ୍ରୟାନ ୪'ରେ ମହାକାଶ ଯାନ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରୁ ମାଟି ଓ ପଥରର ନମୁନା ସଂଗ୍ରହ କରି ପୃଥିବୀ ଫେରି ଆସିବ। ଏହି ନମୁନାଗୁଡ଼ିକୁ ନେଇ ଇସ୍ରୋ ପକ୍ଷରୁ ଗବେଷଣା କରାଯିବ ବୋଲି ସୋମନାଥ କହିଛନ୍ତି। ଏହାସହ ଚନ୍ଦ୍ରକୁ ଯାଇ ନମୁନା ସଂଗ୍ରହ କରି ପୃଥିବୀ ପୃଷ୍ଠକୁ ଫେରିବା ସମ୍ପୂର୍ଣ୍ଣ ଚକ୍ରକୁ ଦର୍ଶାଉଥିବା ବେଳେ 'ଚନ୍ଦ୍ରୟାନ ୪'ରେ ଏହା ହାସଲ କରିହେବ ବୋଲି ସେ କହିଛନ୍ତି। ତେବେ ବିଭିନ୍ନ ରକେଟ ଏବଂ ସାଟେଲାଇଟ



ପ୍ରୋଜେକ୍ଟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ବଳିତ ପ୍ରୋଜେକ୍ଟରେ ଇସ୍ରୋ ସମ୍ପ୍ରତି କାର୍ଯ୍ୟ କରୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, 'ଚନ୍ଦ୍ରୟାନ ୪'ରେ ୨ଟି ପର୍ଯ୍ୟାୟରେ ୨ଟି ଭିନ୍ନ ଭିନ୍ନ ରକେଟ ଲଞ୍ଚ କରାଯିବ ବୋଲି ସୋମନାଥ ପୂର୍ବରୁ ସୂଚନା ଦେଇଥିଲେ। ୨୦୨୮ ପୂର୍ବରୁ ଏହାକୁ ଲଞ୍ଚ କରାଯିବା ନେଇ ସେ କହିଥିଲେ।

# ମାର୍ସିଲିନୋ ଅବାଦ୍‌ଙ୍କୁ ୧୨୪

ଲିମା, ୧୦।୪

ପେରୁର ଜଣେ ବ୍ୟକ୍ତି ବିଶ୍ୱର ସବୁଠାରୁ ବୟସ୍କ ବ୍ୟକ୍ତି ହୋଇଥିବା ଦାବି କରାଯାଉଛି। ତାଙ୍କର ବୟସ ୧୨୪ ହୋଇଥିବା କୁହାଯାଉଛି। ହୁଆନୁକୋ ସ୍ଥାନୀୟ ବାସିନ୍ଦା ମାର୍ସିଲିନୋ ଅବାଦ୍‌ଙ୍କୁ ଗିନଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ପାଇଁ ପେରୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଗତ ୫ରେ ସେ ନିଜ ୧୨୪ତମ ଜନ୍ମ ଦିବସ ପାଳନ କରିଥିଲେ। ବିଶ୍ୱର ସବୁଠାରୁ ବୟସ୍କ ବ୍ୟକ୍ତି ହୋଇଥିବାରୁ

### ବିଶ୍ୱର ସବୁଠୁ ବୟସ୍କ



ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ସେ ହକ୍‌ଦାର ଥିବାରୁ ତାଙ୍କୁ ଏନେଇ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି ପେରୁ ସରକାର କହିଛନ୍ତି।

# କିରଣ ଖେର୍‌ଙ୍କ ଟିକେଟ କାଟିଲା ଭାଜପା

ନୂଆଦିଲ୍ଲୀ, ୧୦।୪

ଚଳିତ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ଭାଜପା ୧୦ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଉତ୍ତରପ୍ରଦେଶରୁ ୭ ଜଣ, ପଶ୍ଚିମବଙ୍ଗ ଓ ବିହାରରୁ ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଚଣ୍ଡିଗଡ଼ରୁ ଏମ୍‌ପି କିରଣ ଖେର୍‌ଙ୍କ ସ୍ଥାନରେ ଚଣ୍ଡିଗଡ଼ ଭାଜପା ସଭାପତି ସଞ୍ଜୟ ଟଣ୍ଡନଙ୍କୁ ଟିକେଟ ମିଳିଛି। ସେହିପରି ପଶ୍ଚିମବଙ୍ଗର ଆସାନ୍‌ସୋଲ



ଆସନରୁ ଏସ୍. ଏସ୍ ଆହଲୁୱାଲିଆଙ୍କ ଉପରେ ଭାଜପା ମୋହର ମାରିଛି।

### ଆସାନ୍‌ସୋଲରେ ଶତ୍ରୁଘ୍ନ ସିହ୍ନା ବନାମ ଏସ୍. ଏସ୍ ଆହଲୁୱାଲିଆ

ଆହଲୁୱାଲିଆ ବର୍ତ୍ତମାନ ବର୍ଦ୍ଧମାନ-ଦୁର୍ଗାପୁର ଆସନରୁ ଏମ୍‌ପି ଅଛନ୍ତି। ପୂର୍ବରୁ ଦଳ ଏହି ଆସନରୁ ଭୋଜପୁରୀ ଅଭିନେତା ପଓ୍ୱନ ସିଂଙ୍କୁ ଟିକେଟ ଦେଇଥିଲା। କିନ୍ତୁ ସେ ନିର୍ବାଚନ ଲଢ଼ିବାକୁ ମନା କରିବାରୁ ଭାଜପା ପ୍ରାର୍ଥୀ ବଦଳାଇଛି। ଆସାନ୍‌ସୋଲ ଆସନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପ୍ରାର୍ଥୀ ଶତ୍ରୁଘ୍ନ ସିହ୍ନାଙ୍କ ସହ ଭାଜପାର ଏସ୍. ଏସ୍ ଆହଲୁୱାଲିଆଙ୍କ ମଧ୍ୟରେ ମୁକାବିଲା ହେବା ସ୍ପଷ୍ଟ ହୋଇଛି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଶେଖରଙ୍କୁ ବାଲିଆ ଆସନରୁ ଦଳ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି(ଏସ୍‌ପି)ର ଗଡ଼ କୁହାଯାଉଥିବା ମୈନପୁରୀ ଆସନରୁ ଜୟବୀର ସିଂଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଠାରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କ ସହ ତାଙ୍କର ମୁକାବିଲା ହେବ।

## ଫୁରସତ୍



# ବିବାହ ପରେ ମୁହଁ ଖୋଲିଲେ ତାପସୀ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ନିଜ ବ୍ୟକ୍ତିଗତ ଜୀବନ ଏବଂ ବିନ୍ଦାସ ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ଗତମାସ ୨୩ରେ ନିଜ ଦୀର୍ଘଦିନର ପ୍ରେମିକ ମାଥିଆସ୍ ବୋଏଙ୍କୁ ବିବାହ କରିଥିଲେ। ନିଜ ବିବାହକୁ ସେ ଅତ୍ୟନ୍ତ ବ୍ୟକ୍ତିଗତ ଏବଂ ଗୁପ୍ତ ରଖିଥିଲେ। ଏବେ ଅଭିନେତ୍ରୀ ଜଣଙ୍କ ପ୍ରଥମଥର ପାଇଁ ନିଜ ବିବାହକୁ ନେଇ ନୀରବତା ଭାଙ୍ଗିଛନ୍ତି। ନିକଟରେ ତାପସୀ ଏକ ସାକ୍ଷାତ୍କାରରେ ନିଜ ବିବାହ ନେଇ ମୁହଁ ଖୋଲିଛନ୍ତି। ୩୬ ବର୍ଷିୟା ତାପସୀ ନିଜ ବିବାହକୁ କେବଳ ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲେ। ବିବାହ ଗୁପ୍ତ ରଖିବା ନେଇ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କ ବିବାହକୁ ନେଇ ସାର୍ବଜନୀନ ଭାବେ ଚର୍ଚ୍ଚା ହେଉ ବୋଲି ସେ ଚାହୁଁ ନ ଥିବା ଏହି ସାକ୍ଷାତ୍କାରରେ କହିଛନ୍ତି। ସେହିପରି ବିବାହର କୌଣସି ଫଟୋ କିମ୍ବା ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବେ ନାହିଁ ବୋଲି ତାପସୀ କହିଛନ୍ତି। ଏଥିପାଇଁ ସେ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିବା ଜଣାଇଛନ୍ତି। ତେବେ ତାପସୀ ଓ ମାଥିଆସ୍‌ଙ୍କ ବିବାହ ଭିଡିଓ ପୂର୍ବରୁ ତାଙ୍କର ଅନେକ ଫ୍ୟାନ ଆକାଉଣ୍ଟରୁ ସୋସିଆଲ ମିଡିଆରେ ଶେୟାର ହୋଇଥିଲା। ତାପସୀ ତାଙ୍କ ବିବାହର ସମସ୍ତ ବ୍ୟବସ୍ଥା ଭଉଣୀ ତଥା ୱେଡିଂ ଡିଜାଇନର ଶଗୁନ୍ କରିଥିବା ନେଇ ସୂଚନା ଦେଇଛନ୍ତି। ସେ ତାଙ୍କ ଭଉଣୀ, ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ସହ ବିବାହକୁ ବହୁତ ଉପଭୋଗ କରିଥିବା କହିଛନ୍ତି। ୨୦୧୩ରେ ତାପସୀ ଏବଂ ମାଥିଆସଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ପରେ ସମୟ ସହ ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। କିନ୍ତୁ ତାପସୀ କେବେ ମଧ୍ୟ ସୋସିଆଲ ମିଡିଆ କିମ୍ବା ସର୍ବସାଧାରଣ ପ୍ଲାଟଫର୍ମରେ ମାଥିଆସ୍‌ଙ୍କ ସହ ତାଙ୍କର ସମ୍ପର୍କ ସମ୍ବନ୍ଧରେ ଆଲୋଚନା କରିନାହାନ୍ତି। ତାପସୀଙ୍କୁ ଶେଷଥର ପାଇଁ ଗତବର୍ଷ ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ 'ଡଙ୍କି' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ସେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

# ପ୍ରାର୍ଥୀଙ୍କ ବେକରେ ଜୋତାମାଳ

ଅଲିଗଡ଼

ଲୋକ ସଭା ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ରାଜନୈତିକ ଦଳଗୁଡ଼ିକର ପ୍ରସ୍ତୁତି ମଧ୍ୟ ସେତେମାତ୍ରାରେ ଜୋର୍‌ଦାର ହେବାରେ ଲାଗିଛି। ବଡ଼ ବଡ଼ ଦଳଗୁଡ଼ିକୁ ଛାଡି ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଏହି ନିର୍ବାଚନରେ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଭିନ୍ନ ପ୍ରୟାସ କରୁଛନ୍ତି। ଅଲିଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଏଠାରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଚପଲମାଳ ପିନ୍ଧି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଚଳିତ ଲୋକ ସଭା ନିର୍ବାଚନରେ ଅଲିଗଡ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ପଣ୍ଡିତ କେଶବ ଦେବ। ତାଙ୍କୁ ନିର୍ବାଚନ ଆୟୋଗଙ୍କଠାରୁ ଚପଲ ଚିହ୍ନ ମିଳିଛି। ତେଣୁ ସେ ୭ଟି ଚପଲ ସାହାଯ୍ୟରେ ଗୋଟିଏ ଚପଲମାଳ ପ୍ରସ୍ତୁତ କରିଛନ୍ତି। ଏହି ଚପଲମାଳକୁ ପିନ୍ଧି ସେ ଜନସାଧାରଣଙ୍କ ନିକଟରେ ପହଞ୍ଚୁଛନ୍ତି ଓ ଭୋଟ ଭିକ୍ଷା କରୁଛନ୍ତି। ଦେଶରେ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ




ଆରମ୍ଭ ହେବ। ଅଲିଗଡରେ ଲୋକ ସଭା ନିର୍ବାଚନ ଏପ୍ରିଲ ୨୬ରେ ଅର୍ଥାତ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଠାରେ ମୋଟ ୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଥିଲା। ସେହିପରି ଏଠାରେ ଅନ୍ୟ ୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ତେଣୁ ଅଲିଗଡ ଲୋକ ସଭା ଆସନରେ ସମୁଦାୟ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଏଠାରୁ ବର୍ତ୍ତମାନର ଏମ୍‌ପି ସତୀଶ କୁମାର ଗୌତମ ଭାଜପା ପ୍ରାର୍ଥୀ ହୋଇଥିବାବେଳେ, ବିରୋଧୀ ଇଣ୍ଡିଆ ମେଣ୍ଟରୁ ବିଜେନ୍ଦ୍ର ସିଂ ସମାଜବାଦୀ ପାର୍ଟି ପକ୍ଷରୁ ନିର୍ବାଚନ ଲଢ଼ୁଛନ୍ତି। ସେହିପରି ବହୁଜନ ସମାଜ ପାର୍ଟିରୁ ଏଠାରେ ହିତେନ୍ଦ୍ର କୁମାର ଓରଫ୍ ବଣ୍ଟି ଉପାଧ୍ୟାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।







# ଓଏଚ୍‌ଆର୍‌ସିରେ ପିଟିଶନ ଦାଏର

## ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା

କଟକ,୧୦।୪ (କାର୍ତ୍ତିକ ସାହୁ)

କଟକରୁ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ବୁଧବାର ପିଟିଶନ୍ ଦାଏର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାଏର ପିଟିଶନ୍‌ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ପରିବହନ ମନ୍ତ୍ରଣାଳୟର ସଚିବ, ନୂଆଦିଲ୍ଲୀସ୍ଥିତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଓଡ଼ିଶା ଆଞ୍ଚଳିକ ଅଧିକାରୀ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନରେ ଦର୍ଶାଯାଇଛି, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୩ ବର୍ଷରେ ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା କାରଣରୁ ପ୍ରାୟ ୪୦୧ ଦୁର୍ଘଟଣା ଘଟି ୧୮୬ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ବର୍ଦ୍ଧିତ ଜନସଂଖ୍ୟା, ସହରୀକରଣ, ଦ୍ରୁତ ଶିଳ୍ପାୟନ ଆଦିକୁ ଦୃଷ୍ଟିରେ ରଖି କଟକରୁ ସମ୍ବଲପୁର ରାଜପଥକୁ ୪ ଲେନ୍‌ବିଶିଷ୍ଟ କରିବାକୁ ୨୦୦୫ରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ବାସ୍ତବରେ ୧୨ ବର୍ଷ ପରେ ଅର୍ଥାତ୍ ୨୦୧୭ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଓ ସମ୍ବଲପୁର-ଅନୁଗୋଳ ପର୍ଯ୍ୟନ୍ତ ରାଜପଥର ଅଂଶ ନିର୍ମାଣ କାର୍ଯ୍ୟ ୨୦୧୯ରେ ଶେଷ ହେବାକୁ ଥିବାବେଳେ ଅଦ୍ୟାବଧି ତାହା ସରିନାହିଁ। ଅପରପକ୍ଷେ ରାଜପଥର ମରାମତି ଅଭାବରୁ ଏହା ମରଣଯନ୍ତାରେ ପରିଣତ ହୋଇଛି। ପ୍ରତିମାସରେ ଏକାଧିକ ଦୁର୍ଘଟଣା ଏହି ରାଜପଥରେ ଘଟୁଛି। ଗଣମାଧ୍ୟମର ତଥ୍ୟ ଅନୁଯାୟୀ, ୨୦୨୩ ମାର୍ଚ୍ଚରେ ୪୧, ଏପ୍ରିଲରେ ୨୫, ନଭେମ୍ବରରେ ୩୫ ଓ ଡିସେମ୍ବରରେ ୩୬ଟି ଦୁର୍ଘଟଣା ଘଟିଛି। ଆବେଦନକାରୀ ଏହି ପିଟିଶନ୍‌କୁ ବିଚାର ପାଇଁ ଗ୍ରହଣ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜପଥର ନିର୍ମାଣ କାର୍ଯ୍ୟ ଶେଷ ପାଇଁ କି ପଦକ୍ଷେପ ନିଆଯାଇଛି, ଠିକାଦାରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିବେଦନ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ମଧ୍ୟ ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି।

# କଳାକାଚ ଗାଡ଼ି ଧରପଗଡ଼ ଜୋର୍‌ଦାର

## ନିର୍ବାଚନବେଳେ ନିଦ ଭାଙ୍ଗିଲା

- ରାଜଧାନୀରେ ୭୪ରୁ ଊର୍ଦ୍ଧ୍ୱ ଗାଡିରୁ କଢ଼ାଗଲାଣି କଳା ଜରି
- ଜରିମାନା ଗଣୁଛନ୍ତି ଗାଡ଼ି ମାଲିକ

ଭୁବନେଶ୍ୱର,୧୦।୪
(ସୂର୍ଯ୍ୟକାନ୍ତ ବେହେରା)



ପୋଲିସ କାର୍‌ରୁ କଳା ଜରି ବାହାର କରୁଛି।

ଗାଡିରେ କଳାକାଚ ଲଗାଯିବାକୁ ନେଇ ସୁପ୍ରିମକୋର୍ଟ ରୋକ୍ ଲଗାଇବା ସହ ବେଆଇନ ବୋଲି ଘୋଷଣା କରିଥିଲେ। ଏହାକୁ ବିଭିନ୍ନ ରାଜ୍ୟ ସରକାର ଲାଗୁ କରିଥିବାବେଳେ ଓଡ଼ିଶାରେ ଉଭୟ ପରିବହନ ବିଭାଗ ଓ ପୋଲିସକୁ ଯାଞ୍ଚ କ୍ଷମତା ଦିଆଯାଇଛି। ନିୟମ ଲାଗୁ ପରେ କିଛିଦିନ ଧରି ତତ୍ପରତା ଦେଖାଇଥିଲା ଉଭୟ ବିଭାଗ। ହେଲେ ନିୟମିତ ଯାଞ୍ଚ ଓ ପକ୍ଷେପ ନ ହେବାରୁ ଗାଡି ମାଲିକମାନେ ପୁଣି ଗାଡିରେ କଳାକାଚ ବା କାଚରେ ବ୍ଲାକ୍ ଫିଲ୍ମ ବ୍ୟବହାର କରୁଥିବା ଦେଖାଯାଇଛି। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି କଳାକାଚ ଧରପଗଡ଼କୁ ଜୋର୍‌ଦାର କରିଛି ପୋଲିସ। କଳାକାଚ ଯୋଗୁ ଗାଡିରେ କଳାଟଙ୍କା ପରିବହନ ସହ ପୋଲିସ ନଜରକୁ ଆପରାଧିକ ତତ୍ତ୍ୱ ଏଡାଇଯିବାର ଆଶଙ୍କା ରହୁଛି। ଏହି ପରିପ୍ରେକ୍ଷୀରେ ରାଜଧାନୀରେ କମିଶନରେଟ ପୋଲିସ ଓ ଆର୍‌ଟିଓ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ କଳାକାଚ ଲଗାଯାଇଥିବା ଗାଡିଗୁଡିକୁ ଚିହ୍ନଟ କରି ଧରିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହାସହ ଗାଡଡ଼ିରୁ କଳାଜରି ବା ବ୍ଲାକ୍ ଫିଲ୍ମ ବାହାର କରାଯାଉଛି। ତେବେ ଗତ ଦୁଇଦିନ ଧରି କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ଯାଞ୍ଚ କରାଯାଇ ୭୪ରୁ ଅଧିକ ଗାଡିରୁ କଳାଜର କଢ଼ାଯାଇଥିବାବେଳେ ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଗାଡିରେ ବ୍ଲାକ୍ ଫିଲ୍ମ ଲଗାଇ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବା ସହ ନିଶା କାରବାର କରାଯାଉଥିବାରୁ ଏପରି ପଦକ୍ଷେପ ନିଆଯାଉଛି। ଏନେଇ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଥିବା ସେ କହିଛନ୍ତି।

ଅପରପକ୍ଷେ ପୋଲିସର ଏପରି ହଠାତ୍ କଳାକାଚ ଧରପଗଡ଼କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଭୁବନେଶ୍ୱର ବାସିନ୍ଦା ପ୍ରଭାତ କୁମାର ସ୍ୱାଇଁ କହିଛନ୍ତି, ନିୟମ ରହିଥିଲେ ମଧ୍ୟ ପୋଲିସ ନିୟମିତ ଚଢାଉ କରୁ ନାହିଁ। ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହା ପୂର୍ବରୁ ଗାଡିରେ ବେଆଇନ ଭାବେ ଟଙ୍କା ଓ ନିଶାଦ୍ରବ୍ୟ ଚାଲାଣ କରାଯିବାର ଆଶଙ୍କା ରହିଛି। ତେଣୁ ପୋଲିସ ଗାଡିରୁ କଳାଜରି ହଟାଉଛି। ନିର୍ବାଚନ ସରିଲେ ପୋଲିସର ଏହି ଚଢାଉ ପ୍ରକ୍ରିୟା ଧିମେଇ ଯିବ ନ ହେଲେ ଲୋପ ପାଇଯିବ। ଏଥିସହ ସାରା ରାଜ୍ୟରେ ଏପରି ଯାଞ୍ଚ ନିୟମିତ ହେଉ ବୋଲି ସେ କହିଥିଲେ। ସେହିପରି ବିଷ୍ଣୁପ୍ରିୟା ସାହୁ କହିଛନ୍ତି, ଅନେକ ଲୋକେ ସୁପ୍ରିମକୋର୍ଟଙ୍କ ନିୟମକୁ ଜାଣି ନ ଥିବେ। ଯେଉଁ ଲୋକ ନିୟମ ଜାଣିଛନ୍ତି ସେମାନେ ନିୟମିତ ଯାଞ୍ଚ ନ ହେବାରୁ ଗ୍ରୀଷ୍ମ ଋତୁ ଆସିଲେ ଖରାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରୁଛନ୍ତି ତ ଆଉ କେହି କେହି ଆପରାଧିକ କାର୍ଯ୍ୟକଳାପ ପାଇଁ ଗାଡିରେ କଳାକାଚ ଲଗାଉଛନ୍ତି। ତେଣୁ ଧରପଗଡ ସହ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।

# ଶ୍ରୀକ୍ଷେତ୍ରରୁ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ

## ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆରେ ଫାଇଲପତ୍ର ଲେଖାଯାଉ

ପୁରୀ, ୧୦।୪(ଅଜିତ୍ ମହାନ୍ତି)

'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ଶ୍ରୀକ୍ଷେତ୍ରରୁ ଏକାମ୍ର ଅଭିଯାନ ଅନ୍ତର୍ଗତ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଆରମ୍ଭ ହୋଇଛି। ଏହି ଯାତ୍ରାରେ ବିଭିନ୍ନ ଜିଲାରୁ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ତଥା ଖଣି, ପାଣି ଆଦି ଲୁଟ୍‌କୁ ବିରୋଧ କରି ନୂତନ ଓଡ଼ିଶା ଗଠନ ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ସେହିପରି ଓଡ଼ିଆ ଭାଷାରେ ସରକାରୀ ଫାଇଲ ଲେଖାଯିବା ବାଧ୍ୟତାମୂଳକ ହେବା ସହ ସମସ୍ତ ରାଜ୍ୟର ସରକାରୀ, ବେସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖା ହେବା ଦାବି ନେଇ ଏହି ଶୋଭାଯାତ୍ରା ବାହାରିଛି। ଏହା ବକୁଳବନ, ସୁଆଣ୍ଡୋ, ଦାଣ୍ଡମୁକୁନ୍ଦପୁର ଓ ଧଉଳି ଦେଇ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ପିଏମ୍‌ଜି ଛକରେ ପହଞ୍ଚିବ। ସେଠାରେ ଜନସଭା ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

୯୮ ବର୍ଷୀୟ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଆରମ୍ଭ ହୋଇଛି। ୧୯୩୬ ମସିହାରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ହୋଇଥିଲେ ହେଁ, ଶାସକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଆଜି ଓଡ଼ିଆ ଭାଷା ଘୋର ବିପଦରେ ବୋଲି ସଦସ୍ୟମାନେ ମତବ୍ୟକ୍ତ କହିଥିଲେ। ମିଶନ ଓଡ଼ିଶା ସମ୍ପାଦକ ତଥା ନିଶାମୁକ୍ତ ଓଡ଼ିଶା ଆନ୍ଦୋଳନର ପୁରୋଧା ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅଶୋକ ଜେନା, ପୂର୍ବତନ ବାର୍ ଆସୋସିଏଶନ୍ ସଭାପତି ବିଭୂତି ତ୍ରିପାଠୀ ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀଙ୍କ ସମେତ ପୁରୀ, ଭୁବନେଶ୍ୱର, ନୟାଗଡ଼, ଜଗତ୍‌ସିଂହପୁର ଓ କଟକର ଶତାଧିକ ଯୁବତୀ ଯୁବକ ଓଡ଼ିଆ ଭାଷା -ସଂସ୍କୃତି ସୁରକ୍ଷା ସ୍ଲୋଗାନ ସହ ଶୋଭାଯାତ୍ରାରେ ପୁରୀରୁ ବାହାରି ବିଭିନ୍ନ ଗାଁ ଦେଇ ବୀରହରେକୃଷ୍ଣପୁରରେ ପହଞ୍ଚିଥିଲେ। ସେଠାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ମାଟିରେ ଗ୍ରାମ୍ୟ କମିଟି ତରଫରୁ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଅପରାହ୍ଣରେ ଯାତ୍ରା ଚନ୍ଦନପୁରରେ ପହଞ୍ଚିଥିଲା। ଚନ୍ଦନପୁର ବଜାର ଓ ଗାଁରେ ପଥପ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବଜାର କମିଟି ତରଫରୁ ଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରାରେ ସଙ୍ଗଠନ ପକ୍ଷରୁ କାହ୍ନୁ ଚରଣ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଅଶୋକ ଜେନା, ଜ୍ଞାନରଞ୍ଜନ ଦାସ, ଦୁର୍ଗାଚରଣ ଦାସ, ବଳରାମ ସେଠୀ, ପ୍ରସନ୍ନ କୁଅଁର, ରମାକାନ୍ତ ଜେନା, ଇନ୍ଦୁମତି ମଣ୍ଡଳ, ପ୍ରତିମା, ବନ୍ଦିତା, ସନ୍ତୋଷୀ, ରଶ୍ମିତା, ସୋନାଲି ପ୍ରମୁଖ ସାମିଲ ଥିଲେ।




ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା'ର ଶୁଭାରମ୍ଭ କରାଯାଉଛି।

# ଆଉ ୪ ଡିଗ୍ରୀ ଯାଏ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରଭାବ କମ୍ ରହିଛି। ୧୨ ତାରିଖ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ୧୩ ତାରିଖ ପରଠାରୁ ପରବର୍ତ୍ତୀ ୨ଦିନ ମଧ୍ୟରେ ରାଜ୍ୟରେ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ପାଇବ। ଏଥିସହ ପୁଣି ଦିନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ଯାଏ ବଢ଼ିବ। କିଛି ଆଭ୍ୟନ୍ତରୀଣ ଅଞ୍ଚଳ ସହ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସେପଟେ ବୁଧବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୩ଡିଗ୍ରୀ ରେକର୍ଡକରାଯାଇଥିବା ବେଳେ ଟିଟିଲାଗଡ଼ରେ ୩୭.୫, ମାଲକାନଗିରି ୩୭.୧, ପାରାଦୀପ ୩୭, ଭୁବନେଶ୍ୱର ୩୬.୪ ଓ କଟକରେ ୩୪.୮ ଡିଗ୍ରୀ ରହିଥିଲା। ନୂଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇଥିଲା। ଗୁରୁବାର ମାଲକାନଗିରି, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ନୂଆପଡ଼ାର କିଛି ସ୍ଥାନରେ ହାଲୁକା ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ବାଜି ବାଳକ ମୃତ

ଦାମନଯୋଡ଼ି,୧୦।୪ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଉପକଣ୍ଠସ୍ଥ ମାନିଆଁ ନିକଟରେ ଏକ ପଥର କ୍ୱାରିରୁ ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ଛିଟିକି ଜଣେ ବାଳକଙ୍କ ଦେହରେ ବାଜିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମରିଚମାଳ ଗ୍ରାମର ସାଲବିନ୍ ମାଝିଙ୍କ ପୁଅ ରିତେଶ (୧୪) ବୋଲି ଜଣାପଡିଛି। ବୁଧବାର ଅପରାହ୍ଣ ସାଢେ ୪ଟାରେ ଏହି ଘଟଣା ଘଟିଛି।

ଖବରରୁ ଜଣାପଡ଼ିଛି, ଦାମନଯୋଡିସ୍ଥିତ ଏସ୍‌ଭିଏମ୍ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ରିତେଶ ଓ ଗ୍ରାମର ଉତ୍ତମ ଖୋରା ନାମକ ଜଣେ ବାଳକ ଦୁହେଁ ମିଶି ଗ୍ରାମ ନିକଟସ୍ଥ ମରିଚମାଳ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଏହି ସମୟରେ ରିତେଶଙ୍କ ଏକ ଫୋନ କଲ୍ ଆସିବାରୁ ସେ ନଦୀର ବ୍ରିଜ୍ ପାର୍ଶ୍ୱରେ ଛିଡାହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ନିକଟରେ ଥିବା ଏକ ପଥର କ୍ୱାରିରେ ବ୍ଲାଷ୍ଟିଂ ଚାଲିଥିଲା। ହଠାତ୍ ଏକ ପଥର ଖଣ୍ଡ ଛିଟିକି ଆସି ରିତେଶଙ୍କ କାନମୁଣ୍ଡାରେ ବାଜିବାରୁ ସେ ଘଟଣାସ୍ଥଳରେ ପଡିଯାଇଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ସଙ୍ଗେସଙ୍ଗେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରିତେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଦାମନଯୋଡି ଓ ସେମିଳିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏଠାରେ ବେଆଇନ ଭାବେ ପଥର କ୍ୱାରି ଦୀର୍ଘଦିନ ଧରି ଅବାଧରେ ଚାଲିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଫଳରେ ବିଭିନ୍ନ ସମୟରେ ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି।

# ନିର୍ବାଚନ କାର୍ଯ୍ୟରେ ଅବହେଳା: ଏଆର୍‌ଆଇ ନିଲମ୍ବିତ

ଭଦ୍ରକ,୧୦।୪(ସନାତନ ରାଉତ/ରବିନାରାୟଣ ଖିଲାର)

ନିର୍ବାଚନ କାର୍ଯ୍ୟରେ ଅବହେଳା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ଅଭିଯୋଗରେ ଭଦ୍ରକ ଜିଲା ବନ୍ତ ତହସିଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ରାମଚନ୍ଦ୍ର ସାମଲଙ୍କୁ ନିଲମ୍ବିତ ହୋଇଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମଙ୍ଗଳବାର ରାତିରେ ଏଆର୍‌ଆଇଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ବିନା ଅନୁମତିରେ ତାଙ୍କ ପାଇଁ ସ୍ଥିର ହୋଇଥିବା ସଦର ମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟ ଛାଡ଼ି ଯାଇପାରିବେନାହିଁ ବୋଲି ଆଦେଶ କରାଯାଇଛି। ନିର୍ବାଚନ ସମୟରେ କୌଣସି କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ଉଚ୍ଚ ବିଦ୍ୟାଳୟରେ କେବଳ ୪ କ୍ଲବ ରହିବ

## ପାଠାଗାରରେ ଖୋଲିବ ମୁକ୍ତ 'ପୁସ୍ତକ ବ୍ୟାଙ୍କ'

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗତ ଶିକ୍ଷାବର୍ଷଠାରୁ ଆକାଂକ୍ଷୀ ପାଠ୍ୟକ୍ରମ ଅଧ୍ୟୟନରେ କ୍ଲବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମକୁ ଜିଜ୍ଞାସା(Art Education), କୌଶଳୀ(Work Education), କ୍ରୀଡ଼ାଙ୍ଗନା(Games) ଏବଂ ସାହିତ୍ୟ ସୃଜନୀ(Library) ପିରିୟଡ଼ରେ ପଢ଼ାଯାଉଛି। ଏହା ବ୍ୟତୀତ ବିଭିନ୍ନ ସମୟରେ ଗଠନ କରାଯାଇଥିବା ଅନ୍ୟାନ୍ୟ କ୍ଲବ ଯଥା ଇକୋ କ୍ଲବ, ଏନର୍ଜି କ୍ଲବ, ମ୍ୟାଥ୍ କ୍ଲବ, ସାଇନ୍ସ କ୍ଲବ, ଇଣ୍ଟରାକ୍ସନ କ୍ଲବ, ସାକ୍ଷରତା କ୍ଲବ, ସାଂସ୍କୃତିକ କ୍ଲବ, ସ୍ୱଚ୍ଛ ଭାରତ କ୍ଲବ, ହେଲ୍‌ଥ କ୍ଲବ, କ୍ରୀଡ଼ା କ୍ଲବ ଆଦି ରହିଛି। ଏହି କ୍ଲବଗୁଡ଼ିକର ଉତ୍ତମ କାର୍ଯ୍ୟକାରିତା ଏବଂ ପରିଚାଳନା ନିମନ୍ତେ ଏଗୁଡ଼ିକୁ ବିଷୟବସ୍ତୁ ଆଧାରରେ ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନା ଏବଂ ସାହିତ୍ୟ ସୃଜନୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଗଣଶିକ୍ଷା ବିଭାଗ ଯୋଜନା କରିଛି। ଖୁବ୍‌ଶୀଘ୍ର ଏହା ଲାଗୁ ହୋଇପାରେ। ବିଦ୍ୟାଳୟଗୁଡ଼ିକରେ ଏହି ୪ଟି କ୍ଲବ ବ୍ୟତୀତ ଅନ୍ୟ କୌଣସି କ୍ଲବ ରହିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ଗୋଟିଏ ମିଳିତ କିମ୍ବା ଅଲଗା ଅଲଗା କ୍ଲବ ଗଠନ କରାଯିବ। ତାହା ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଭିତ୍ତିକରି ପ୍ରଧାନଶିକ୍ଷକ ନିଷ୍ପତ୍ତି ନେଇପାରିବେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶନିବାର କ୍ଲବ ପରିଚାଳନା ଉପରେ ପ୍ରଧାନଶିକ୍ଷକ ଉପଯୁକ୍ତ ନିଷ୍ପତ୍ତି ନେବେ। ପ୍ରତ୍ୟେକଟି ସେକ୍ସନ ପାଇଁ ପ୍ରତି ଆକାଂକ୍ଷୀ ପାଠ୍ୟକ୍ରମର ଗୋଟିଏ ଲେଖାଏ ପିରିୟଡ଼ ସାପ୍ତାହିକ ସମୟ ସାରଣୀରେ ରହିବ। ତଦନୁଯାୟୀ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟର ସମୟ ସାରଣୀରେ ପରିବର୍ତ୍ତନ ଆଣିପାରିବେ।

ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେମାନଙ୍କ ଦକ୍ଷତାର ବିକାଶ କରିବା ହେଉଛି ଆକାଂକ୍ଷୀ ପାଠ୍ୟକ୍ରମର ଉଦ୍ଦେଶ୍ୟ। ଆକାଂକ୍ଷୀ ପାଠ୍ୟକ୍ରମରେ ଥିବା ଉପାଦାନଗୁଡ଼ିକ ହେଉଛି ବିଭିନ୍ନ ପ୍ରକାରର ପ୍ରକଳ୍ପ କାର୍ଯ୍ୟ, ବହି ସମୀକ୍ଷା, ମୌଳିକ ବୈଷୟିକ ଜ୍ଞାନ କୌଶଳ ଦକ୍ଷତା ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ। ଏହି ଉପାଦାନକୁ ଛାତ୍ରୀଛାତ୍ରଙ୍କ ପାଖରେ ସହଜ ଓ ସରଳ ଭାବେ ପହଞ୍ଚାଇବାକୁ କ୍ଲବ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନିଜ ମନ ପସନ୍ଦର ବିଭିନ୍ନ ଆକାଂକ୍ଷୀ ପାଠ୍ୟକ୍ରମରେ ଅଂଶଗ୍ରହଣ କରି ସେଥିରେ ନିଜର ଉତ୍ତମ ପ୍ରଦର୍ଶନ କରିପାରିବେ।

ସେପଟେ ଗଣଶିକ୍ଷା ବିଭାଗ ଆଉଏକ ଅଭିନବ ପଦକ୍ଷେପ ନେବା ପାଇଁ ଯୋଜନା କରିଛି। ବିଦ୍ୟାଳୟ ପାଠାଗାରରେ ମୁକ୍ତ 'ପୁସ୍ତକ ବ୍ୟାଙ୍କ' ଖୋଲିବା ପାଇଁ ଯୋଜନା କରାଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ପୁସ୍ତକ ବ୍ୟାଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରାଯିବ। ଉତ୍ତୀର୍ଣ୍ଣ ହୋଇସାରିଥିବା ଛାତ୍ରୀଛାତ୍ରଙ୍କଠାରୁ ପୁସ୍ତକ ସଂଗ୍ରହ କରିବାକୁ ଉଦ୍ୟମ କରାଯିବ। ଅଧିକରୁ ଅଧିକ ପୁସ୍ତକ ସଂଗ୍ରହ ନେଇ ସୁନିଶ୍ଚିତ କରାଯିବ। ସଂଗୃହୀତ ପୁସ୍ତକଗୁଡ଼ିକୁ ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଛେନାପୋଡ଼ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆଶିଷ୍ଟିକ୍ ଡିଭାଇସ୍ ଲାଇବ୍ରେରୀ ଉନ୍ମୋଚନ, ସ୍ଥାନ: ଉଇ ଫର୍ ୟୁ ଚାରିଟେବୁଲ ଟ୍ରଷ୍ଟ, ପ୍ଲଟ ନଂ. ୧୭୩୨(୩), ଖଣ୍ଡଗିରି, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶୀ ନୃତ୍ୟ ମହୋତ୍ସବ 'ଦିବ୍ୟତ୍ୱମ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସୁର ତରଙ୍ଗ ମ୍ୟୁଜିକ୍ ସ୍କୁଲ ଓ ଷ୍ଟୁଡିଓର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଇଦ୍ ଉଲ୍ ଫିତର ଲାଗି ସମୂହ ନମାଜ ପାଠ, ସ୍ଥାନ: ଇଦ୍‌ଗାହ ପଙ୍କାଳ, ୦ସମୟ: ସକାଳ ୯ଟା୩୦।
- ଇଦ୍ ପର୍ବ ପାଳନ, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁରସ୍ଥିତ ମସଜିଦ୍, ସମୟ: ସକାଳ ୯ଟା ୩୦।
- ଚୌଦ୍ୱାର ମୁସ୍‌ଲିମ୍ ପଞ୍ଚାୟତ ପକ୍ଷରୁ ଇଦ୍ ପର୍ବ ଓ ସମୁହ ନମାଜ ପାଠ, ସ୍ଥାନ: ଚାଟେଶ୍ୱରସ୍ଥିତ ଇଦ୍‌ଗା ପଡ଼ିଆ, ସମୟ: ସକାଳ ୯ଟା ୩୦।

## ପୁରୀ
- ପଞ୍ଚଦଶ ଜାଗୃତି ମହୋତ୍ସବ, ସ୍ଥାନ: ପିପିଲି ବଜାର ମେଳଣପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଗୋପ ଲୋକଉତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗୋପ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବୈଦିକ ମହାଯଜ୍ଞ, ସ୍ଥାନ: ବେଗୁନିଆ ମା' ଦୁର୍ଗାଦେବୀଙ୍କ ପଡ଼ିଆ, ସମୟ: ସକାଳ ୭ଟା।
- ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: ବେଗୁନିଆ ମା' ଦୁର୍ଗାଦେବୀଙ୍କ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତିକ ଦୁର୍ଗାପୂଜାର ଚତୁର୍ଥ ଦିବସରେ ମା'ଜାଗୁଳାଇ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେବେ, ସ୍ଥାନ: କୁଦିଆରୀ ଗ୍ରାମ, ଜୟଣୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ସଙ୍କଟମୋଚନ ହନୁମାନ ଦେବଙ୍କ ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ବିଶ୍ୱନାଥ କଲୋନୀ(ଗୋରୁହାଟ), ଜଟଣୀ ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- କବିବର ରାଧାନାଥ ରାୟଙ୍କ ୧୧୬ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ, ବଟେଶ୍ୱର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ମହାନୀଳ ଉତ୍ସବ, ସ୍ଥାନ: ଚନ୍ଦନେଶ୍ୱର ନୀଳ ପୋଖରୀ, ଭୋଗରାଇ, ସମୟ: ଅପରାହ୍ନ ୩ଟା, ରାତିରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ।

## ଭଦ୍ରକ
- ହନୁମାନ ଜୟନ୍ତୀ ଉତ୍ସବ କଳସ ଶୋଭାଯାତ୍ରା, ସ୍ଥାନ: ଆର୍ଡ୍ଡି ଶଙ୍କଟ ମୋଚନ ହନୁମାନ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ଭଗବତୀ ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ,ସ୍ଥାନ:ଭାଟପଡ଼ା, ତିହିଡ଼ି, ସମୟ: ସକାଳ ୮ଟା।
- ଚକ୍ଷୁ ଚିକିତ୍ସା ଶିବିର,ସ୍ଥାନ:ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ତିହିଡ଼ି,ସମୟ: ସକାଳ୯ଟା।
- ଇଦ୍ ଉପଲକ୍ଷେ ସମୂହ ନମାଜ, ସ୍ଥାନ: ଇଦ୍‌ଗା, ଭଦ୍ରକ, ସମୟ: ସକାଳ ୯ଟା।
- ଇଦ୍ ଉପଲକ୍ଷେ ସମୂହ ପ୍ରାର୍ଥନା, ସ୍ଥାନ:ମାଳତିରା,ଚଣ୍ଡୀପୁର, ବନ୍ତ, ସମୟ: ସକାଳ୯ଟା।
- ଭଦ୍ରକ ନିର୍ବାଚନ ମଣ୍ଡଳୀ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: କୁଆଁସ ପୁରୁଣା ଫେକର ଅଫିସ ନିକଟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶାନ୍ତିଲତା ବାରିକଙ୍କ ସ୍ମୃତି ସଭା, ସ୍ଥାନ: ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଚବିଶ ପ୍ରହର ନାମଯଜ୍ଞରେ ହରିକଥା ପରିବେଷଣ, ସ୍ଥାନ: ଗୋପାଳଦୋହରା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ରାମନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମରିଗାଁ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ ପଡ଼ିଆ ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କରବାଟୋ, ଘସିପୁରା, ସମୟ: ସକାଳ ୮ଟା।
- ଭାଜପାର ଜନ ସମ୍ପର୍କ ଅଭିଯାନ, ସ୍ଥାନ : କେନ୍ଦୁଝର ସଦର, ସମୟ: ପୂର୍ବାହ୍ନ ୧୧ ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ସିଆପଡ଼ା, ବେଲବାହଲି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ମାଛଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ସୁଡୁସୁଡ଼ିଆ, ଆନନ୍ଦପୁର, ସମୟ ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ, ନୟାଗଡ଼, ଜଳସୁଆଁ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ବାରିପଦା, ସମୟ:ସକାଳ ୮ଟା।
- ଇଦ୍ ପର୍ବ ପାଳନ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମସ୍‌ଜିଦ ପରିସର, ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ପାଲବଣୀସ୍ଥିତ ଶିବମନ୍ଦିର ପରିସର, ସମୟ: ଅପରାହ୍ନ ୧ଟା।

## ଗଞ୍ଜାମ
- ଓକିଲ ସଙ୍ଘ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବୁଗୁଡା-ଓକିଲ ସଙ୍ଘ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ଗାଲେରୀ ଧୂଳି ଦଣ୍ଡ, ସ୍ଥାନ: ଭଞ୍ଜନଗର ସହର କୁଲାଡ ରୋଡ, ସମୟ: ଅପରାହ୍ନ୧ଟା।
- ଶ୍ରୀଅରବିନ୍ଦ ପାଠଚକ୍ର, ସ୍ଥାନ:ଭଞ୍ଜନଗର ଶ୍ରୀ ଅରବିନ୍ଦ ଶକ୍ତିପୀଠ: ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଜିଲା ବିଜେଡି ସଭାପତି ଏନ. ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗୁଣପୁର ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା ।
- ମହାବିଷୁବ ମିଳନ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମା' କାଳୀ ପୂଜା ମଣ୍ଡପ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର
- ନବରଙ୍ଗପୁର ଭାଜପା ପ୍ରାର୍ଥୀ ଗୌରୀ ମାଝିଙ୍କ ନିର୍ବାଚନ ପ୍ରଚାର, କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଅଞ୍ଚଳା ମଣ୍ଡଳ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ବସରେ ଯାତ୍ରୀଙ୍କ ପାଇଁ ପାଣିଫିଲ୍‌ଟର,ବୋତଲ ସହ ଓଆରସ୍ ବ୍ୟବସ୍ଥା ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ବସ୍ ଷ୍ଟାଣ୍ଡ ନିକଟ, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗଙ୍ଗାଧର ମେହେର କଲେଜ, ସମୟ: ସକାଳ ୮ଟା।
- ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୮ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୮ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୮ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର
- ଆଗଲପୁର ବ୍ଲକର ୫ ପଞ୍ଚାୟତର ବିଜେଡ଼ି କର୍ମୀଙ୍କୁ ନେଇ କର୍ମୀ ସମ୍ମିଳନୀ, ସ୍ଥାନ: ଇଂସା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି,ସ୍ଥାନ: ଡାହୁଣୀପାଲି, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ବିଜୁ ଯୁବ ଛାତ୍ର ଜନତା ଦଳର ସମାବେଶ, ସ୍ଥାନ: ପୁଆ ଡାକ୍ତରଖାନା ନିକଟ ପଡିଆ, ତରଭା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଝାମୁ ଯାତ୍ରା, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ଅପରାହ୍ନ ୩ ଟା।
- ଫକୀର ବାବାଙ୍କ ମସ୍‌ଜିଦରେ ଇଦ୍ ଉତ୍ସବ, ସ୍ଥାନ: ତରଭା ମସ୍‌ଜିଦ ପରିସର, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ସାରହୁଲ (ଖାଦ୍ଦି) ପୂଜା ମହୋତ୍ସବ, ସ୍ଥାନ: ଉଦିତନଗର ସାରନା ପୂଜାସ୍ଥଳ, ସମୟ: ସକାଳ ୯ଟା।
- ଶାରଳା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଓ ଶାରଳା ପୂଜା, ସ୍ଥାନ: ସେକ୍ଟର ୬, ସମୟ: ସକଳା ୯ଟା ୩୦।
- ଓଡ଼ିଶା ଭାଜପା ପ୍ରଭାରୀଙ୍କ ଜରୁରୀ ବୈଠକ, ସ୍ଥାନ: ହୋଟେଲ ମେ'ଫେୟାର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଗ୍ରାମ୍ୟଦେବୀ ସମଲେଶ୍ୱରୀଙ୍କ ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମା' ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ଦେବୀ ପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା।
- ମା' ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ବରଗଡ଼, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତିଲପାଲି(ଜମୁର୍ଡ଼ା), ସମୟ: ସକାଳ ୭ଟା ୫ମିନିଟ।
- ସାହିତ୍ୟିକ ଦୟାନିଧି ମିଶ୍ରଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।
- ଉଚ୍ଛବ୍‌ର ଉଦଘାଟନୀ ସମାରୋହ, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## ସୁନ୍ଦରଗଡ଼
- ହନୁମାନ ମନ୍ଦିର ପ୍ରତିଷ୍ଠା ଓ ଅଖଣ୍ଡ ନାମ ସଂକୀର୍ତ୍ତନ,ସ୍ଥାନ:ସୁବଳୟା,ସମୟ:ପୂବାହ୍ନ୧୦ଟା।

## କଳାହାଣ୍ଡି
- ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: କୋକସରା ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ସପ୍ତମ ଦିବସ, ସ୍ଥାନ: ଦୁର୍ଗାମଣ୍ଡପ,କଣ୍ଟାମାଳ ବ୍ଲକ, ସମୟ: ସକାଳ ୮ଟା।

## ଦେବଗଡ଼
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ତୃତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣକାଳୀ ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ
- ଇଦୁଲ ଫିତର, ସ୍ଥାନ: ଅମଲାପଡା ମସଜିଦ, ସମୟ: ସକାଳ ୯ଟା୩୦।
- ଇଦୁଲ ଫିତର, ସ୍ଥାନ: ବଡ ମସଜିଦ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଇଭିଏମ ଯାଞ୍ଚ ଓ ସମୀକ୍ଷା, ସ୍ଥାନ: ଅନୁଗୋଳ, ତାଳଚେର, ପାଲଲହଡା, ଆଠମଲ୍ଲିକ ଷ୍ଟ୍ରଙ୍ଗ ରୁମ ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୨ଟା।

## ଜଗତ୍‌ସିଂହପୁର
- ଜାମା ମସ୍‌ଜିଦ ପରିସରରେ ଇଦ୍ ଅଲ ଜୁହା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ମା' ଅମ୍ବିକା ସ୍କୁଲ ପରିସରରେ ନୀଳଚକ୍ର ୟୁଥ୍ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ ଅଠରବାଙ୍କି, ପାରାଦୀପ, ସମୟ ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଇଦ୍ ଉଲ୍ ଫିତର ପାଇଁ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ଅଲ ସଲଫିୟା ଇଦ୍‌ଗାହ, ସମୟ: ସକାଳ ୭ଟା୩୦, ଫକୀରାବାଦ ମସଜିଦ, ସମୟ: ସକାଳ ୮ଟା, ରସୁଲାବାଦ ମସଜିଦ, ଗୌଡଗୋପ, ସମୟ: ସକାଳ ୮ଟା ୧୫, ପୁରୁଣା ଇଦଗାହ, ସମୟ: ସକାଳ ୮ଟା୩୦, ନୂଆ ଇଦଗାହ, ସମୟ: ସକାଳ ୯ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ରାଜକନିକା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଖିଲାରୀ ସ୍କୁଲ ଖେଳ ପଡ଼ିଆ, କୋଇଲିପୁର, ରାଜକନିକା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ଯାଜପୁର ବ୍ଲକର ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ : ଶ୍ୟାମଦାସପୁର ପଞ୍ଚାୟତ ଅଫିସ ପରିସର, ସମୟ : ଅପରାହ୍ନ ୫ଟା।

## ନୟାଗଡ଼
- ଇଦୁଲଫିତରରେ ନମାଜ ପାଠ, ସ୍ଥାନ:ସିନ୍ଧୁରିଆ ଇଦ୍‌ଗା ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ନୟାଗଡ଼ କଚେରୀ ବଜାର ପୁରୁଣା ଦୁର୍ଗାପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶିରେ ଚନ୍ଦ୍ର ଥିବାରୁ ପ୍ରାଥମିକ ଅବସ୍ଥାରେ ସମସ୍ୟା ଓ ପ୍ରତିବନ୍ଧକ ଦେଖା ଦେଲେ ମଧ୍ୟ ପରେ ସବୁ ଠିକ୍ ହୋଇଯିବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି ଭିନ୍ନ ପ୍ରକାର ହେତୁ ନିଜ ପରିସରରେ ସତର୍କତା ଜରୁରୀ। ଅଟକି ରହିଯାଇଥିବା କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ପାପଗ୍ରହ ଯୁକ୍ତ ରବି ହେତୁ ଘରୋଇ କାମରେ ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ଏବଂ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସମ୍ପର୍କୀୟଙ୍କ ଅସହଯୋଗ ଅଭିଳାଷ ପୂରଣରେ ପ୍ରତିବନ୍ଧକ ସାଜିବ।

**ମିଥୁନ** ତୃତୀୟାଧିପତିଙ୍କ ସ୍ଥିତିରୁ ବନ୍ଧୁମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର ଯୋଜନା କରିବେ। ଭଲ ପଦୁନଥିବା ବ୍ୟକ୍ତିଙ୍କ ସହ ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସରେ ଗୋଡ଼ ଟଣାଟଣି ହେତୁ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ନିଜ ନିଜର ଜୀବିକା କ୍ଷେତ୍ରରେ ଆଶା କରୁଥିବା ପ୍ରକାରେ ଫଳ ପାଇବେ।

**କର୍କଟ** କର୍ମଭାବସ୍ଥ ଶୁଭଗ୍ରହ ଯୋଗୁ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ। ଆଜି ବିଶେଷତଃ ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ମାତ୍ର ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ଦୂର ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ହାତ ବଢ଼ାଇବେ।

**ସିଂହ** ସପ୍ତମସ୍ଥ ଏକାଧିକ ଗ୍ରହଜନିତ ଆଜି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ।

**କନ୍ୟା** କେତୁଙ୍କ ପ୍ରଭାବରୁ ଆଜି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଧରି ସ୍ଥିର ଭାବରେ ରହିପାରିବେ ନାହିଁ। ବ୍ୟବସାୟରେ ନୂତନ ଦିଗ କିଛି ଯୋଡ଼ିବା ସକାଶେ ଚିନ୍ତା କରିବେ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପୁରାତନ ରୋଗ ପୀଡ଼ା କଷ୍ଟଦାୟକ ହୋଇପାରେ।

**ତୁଳା** ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନରୁ ରୋଗପୀଡ଼ା ଲାଘବ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ଅଶାନ୍ତି ବାତାବରଣରୁ ଦୁଃଖୀ ହେବେ। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ମନୋନିବେଶ କଲେ ଉପକୃତ ହେବେ। ଆଇନ, ଅଦାଲତ ଓ ପ୍ରଶାସନିକ ସ୍ତରରେ ସଫଳତା ମିଳିବ।

**ବିଛା** ଶନି ଓ ମଙ୍ଗଳ ଚତୁର୍ଥଭାବସ୍ଥ ଯୋଗୁ ସମସ୍ୟାଜନିତ ଝଡ଼ଝଞ୍ଜା ମଧ୍ୟ ଦେଇ ହାସଲ କରିବେ। ପାରସ୍ପରିକ ସହମତିରେ କାମ କରିଚାଲିଲେ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ କ୍ଷତି ହେବନି। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କରେ ଚଳିବା ଭଲ ହେବ। ଲାଭାଧିପ ଉଚ୍ଚସ୍ଥ ଥିବା କାରଣରୁ ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ନତୁବା ସମାଲୋଚିତ ହେବାକୁ ପଡ଼ିବ। ସଭାସମିତି, କ୍ରୀଡ଼ା, ବକ୍ତୃତା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିପାରିବେ।

**ମକର** କେନ୍ଦ୍ରସ୍ଥ ତୃତୀୟାଧିପ ହେତୁ ସକାଳୁ ବନ୍ଧୁଙ୍କ ଡାକରା ପାଇ ଦୂରଭ୍ରମଣ କରିପାରନ୍ତି। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ, କିନ୍ତୁ ମୁହଁରେ କିଛି କହିପାରିବେ ନାହିଁ। ଋଣ ପରିଶୋଧଜନିତ ଅପଦସ୍ଥ ହେବାକୁ ପଡ଼ିପାରେ।

**କୁମ୍ଭ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ସହ ସଭାସମିତିରେ ସୁନାମ ଅର୍ଜନ କରିବେ। ବ୍ୟବସାୟ, ପରିବହନ ତଥା ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକଟିରେ ସୁଫଳ ପାଇବେ। ଧନସ୍ଥାନସ୍ଥ ଗ୍ରହଜନିତ ଅଚାନକ ଶୁଭଖବର ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ବୁଧଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ, ମାତ୍ର ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ନୂତନ ବସ୍ତ୍ର, ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁମିଳନ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ ପ୍ରଶଂସା, ପ୍ରୋତ୍ସାହନରୁ ଖୁସି ରହିବେ। ପରିବାରରେ ପିଲାମାନଙ୍କ କଥାକୁ ଅଗ୍ରାଧିକାର ଦେଇ କାମ କରିବେ।

ଆଜି ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ଇଦ୍-ଉଲ୍-ଫିତର, ଚୈତ୍ର ଶୁକ୍ଳ ତୃତୀୟା ଗୁରୁବାର, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୮।୪୧ମି. ଗତେ, ବୃଷଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ ଘ.୦୭।୧୪ ମଧ୍ୟେ, ଘ.୧୦।୩୩ ଗତେ ଘ.୦୧।୦୨ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ. ୦୧।୨୦ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମୋକିମ୍‌ଙ୍କୁ ହାଇକୋର୍ଟ ...
ଜୋରିମାନା ଆଦାୟ ରାୟ ଉପରେ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଏଥିସହ ୧ ଲକ୍ଷ ଟଙ୍କା ଓ ୨ଜଣ ଜାମିନ୍‌ଦାରଙ୍କ ବଦଳରେ ମୋକିମଙ୍କୁ ଜାମିନ ପ୍ରଦାନ କରିଥିଲେ। ମୋକିମ ବିଧାୟକ ଥିବାରୁ ହାଇକୋର୍ଟ ଏହି ରହିତାଦେଶକୁ ବ୍ୟତିକ୍ରମ ଭାବେ ଅଭିହିତ କରିଥିଲେ। ତେବେ ହାଇକୋର୍ଟଙ୍କ ଏହି ରହିତାଦେଶକୁ ଓଡ଼ିଶା ଭିଜିଲାନ୍ସ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ୨୦୨୩ ସେପ୍ଟେମ୍ବର ୨୨ରେ ମାମଲାର ଶୁଣାଣି କରି ୬ ମାସ ମଧ୍ୟରେ ମୋକିମଙ୍କ ଆବେଦନର ଶୁଣାଣି ଶେଷ କରିବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ବିଚାରପତି ବିଭୁପ୍ରସାଦ ରାଉତରାୟ ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ କୋର୍ଟର ରାୟକୁ କାଏମ ରଖିଛନ୍ତି। ନିମ୍ନକୋର୍ଟର ରାୟକୁ ବୈଧ ବୋଲି ଦର୍ଶାଇବା ସହ ମୋକିମ୍‌ଙ୍କୁ ଦିଆଯାଇଥିବା ଜାମିନ୍‌କୁ ମଧ୍ୟ ଖାରଜ କରିଛନ୍ତି। ଆବେଦନକାରୀ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏବଂ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ରୀମନ୍ତ ଦାସ ଓ ସଞ୍ଜୟ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

### ପୋଲିସକୁ ...
ଏ ସଂକ୍ରାନ୍ତରେ ଡିସିପି (ସିକ୍ୟୁରିଟି) ସୁଧାକର ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ପୋଲିସ ୟୁନିଫର୍ମରେ ଥିବାବେଳେ ଟାଟୁ କରିବା, ମୁହଁକୁ କଲର୍ କରିବା ଏବଂ ବିଭିନ୍ନ ପ୍ରକାର ସୂତା ବାନ୍ଧିବା ଶୋଭନୀୟ ନୁହେଁ। ତେଣୁ ଶୃଙ୍ଖଳାଗତ ବିଭାଗରେ ଯାହା ନିର୍ଦ୍ଦେଶ ଅଛି ତାହାକୁ ପାଳନ କରି କର୍ତ୍ତବ୍ୟ ସମ୍ପାଦନ କରିବା କଥା। ବିଶେଷ କରି ସିକ୍ୟୁରିଟି ବାଟାଲିଅନ୍‌ର ଫୋର୍ସମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିୟୋଜିତ ହେଉଛନ୍ତି। ୟୁନିଫର୍ମର ସମ୍ମାନ ରଖିବା ଓ ପୋଲିସର ମର୍ଯ୍ୟାଦା ବୃଦ୍ଧି ପାଇଁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି ଡିସିପି କହିଛନ୍ତି। ଉଲ୍ଲେଖଯୋଗ୍ୟ, ସିକ୍ୟୁରିଟି ବାଟାଲିଅନର ଯବାନମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସୁରକ୍ଷା, ରାଜଭବନ, ଲୋକସେବା ଭବନ, ଖାରବେଳ ଭବନ ସୁରକ୍ଷା, ବିଧାନସଭା ଓ ଓଡ଼ିଶା ହାଇକୋର୍ଟରେ ନିୟୋଜିତ ହୋଇଥାନ୍ତି। ଏଥିସହ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ପିସିଆର୍ ଡ୍ୟୁଟି, ଆଇନ ଶୃଙ୍ଖଳା ପରିସ୍ଥିତି, ଭିଆଇପି, ଭିଭିଆଇପି ସୁରକ୍ଷାରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଥାନ୍ତି।

### ୨ ବାଇକ୍ ମୁହାଁମୁହିଁ ...
ଥାନା ଅଧିକାରୀ ନିଜ ବୋଲେରୋରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉପରୋକ୍ତ ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ୪ ଜଣ ଚିକିତ୍ସାଧୀନ ଅଛନ୍ତି। ଏମାନେ ଧନପୁର ଓ ସାନମୁଣ୍ଡାପଦର ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ୨ଟି ବାଇକ୍ ଜବତ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ତାଣ୍ଡି କହିଛନ୍ତି।

### କଟକରେ ଡରାଇଲାଣି ...
ତେବେ ମନ୍ଦିର ପରିସରରେ ଶିବିର ଖୋଲାଯିବାକୁ ନେଇ ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଛି। ଏନେଇକ କର୍ପୋରେଟର ଭୋଳ କହିଛନ୍ତି, ସମସ୍ତ ସ୍ଥିତି ଅନୁଧ୍ୟାନ କରିଛୁ। ୫୦ରୁ ଅଧିକ ଲୋକ ସଂକ୍ରମିତ ହୋଇଥିବାବେଳେ ସେମାନଙ୍କ ସମ୍ପର୍କରେ ଭୁଲ୍ ତଥ୍ୟ ଦିଆଯାଉଛି। ସରକାର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା କରାଇ ପ୍ରଶଂସା ସାଉଁଟୁଛନ୍ତି, ହେଲେ ଏହାକୁ ନେଇ ଏଠାରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ତୁରନ୍ତ ଉକ୍ତ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ସିଏମ୍‌ସି କମିଶନର ବିଜୟ କୁମାର ଦାସ ପଦକ୍ଷେପ ନିଅନ୍ତୁ। ନହେଲେ ଆଗାମୀ ଦିନରେ ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଭୋଳ କହିଛନ୍ତି। ଏ ନେଇ ସିଏମ୍‌ସି କମିଶନର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଶୁବାଶିଷ ପଟ୍ଟନାୟକ, ଜେ. କାମେଶ୍ୱର ରାଓ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ପିସିସି ସାଧାରଣ ସମ୍ପାଦକ ପ୍ରିୟଜିତ୍ ରାଏ, ପିସିସି ମୁଖପାତ୍ର ଜିନେଶ ଦାସ, ସୁକାନ୍ତ ସାହାଣୀ, ରଶ୍ମିରଞ୍ଜନ ମହାପାତ୍ର, ପ୍ରତାପ ପରିଡ଼ା, ଅଭୟ ଗୋଚ୍ଛାୟତ, ଦିଲୀପ ନାୟକ ଉପସ୍ଥିତ ଥିଲେ।

### ବିଲେଇକୁ ବଞ୍ଚାଇବାକୁ ...
ଯାଦବ ସୂଚନା ଦେଇଛନ୍ତି। ତେବେ ୫ ଜଣ ବ୍ୟକ୍ତି କୂଅ ମଧ୍ୟକୁ ଡେଇଁବା ପରେ ଅନ୍ୟଜଣେ ବ୍ୟକ୍ତି ଅଣ୍ଟାରେ ଦଉଡ଼ି ବାନ୍ଧି କୂଅ ମଧ୍ୟରେ ପ୍ରବେଶ କରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବା ସେ ସୂଚନା ଦେଇଛନ୍ତି। ଉକ୍ତ ପରିତ୍ୟକ୍ତ ବାୟୋଗ୍ୟାସ କୂଅରେ ପଡ଼ିରହିଥିବା ପଶୁମାନଙ୍କର ବର୍ଜ୍ୟବସ୍ତୁ ମଧ୍ୟରୁ ସମସ୍ତ ୫ ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ସରକାରୀ ମେଡିକାଲକୁ ପଠାଯାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

### କେରଳା ଷ୍ଟୋରି ବନାମ ...
ବିରୋଧରେ ସମ୍ପୃକ୍ତ ଚର୍ଚ୍ଚଗୁଡ଼ିକ ପକ୍ଷରୁ 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ'ର ପ୍ରଦର୍ଶନ ରାଜ୍ୟରେ ଖ୍ରୀଷ୍ଟିଆନ୍ ସମୁଦାୟକୁ ବସ୍ତୁତଃ ଦୁଇଭାଗ କରିଦେଇଛି। ଏପ୍ରିଲ ୨୬ରେ ରାଜ୍ୟର ୨୦ ଲୋକ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ସିରୋ ମାଲାବାର ଚର୍ଚ୍ଚର କେତେଜଣ ଧର୍ମଯାଜକଙ୍କ ଦ୍ୱାରା 'ଦି କେରଳା ଷ୍ଟୋରି'ର ପ୍ରଦର୍ଶନକୁ ଖ୍ରୀଷ୍ଟିଆନ୍ ଭୋଟରଙ୍କୁ ଏକତ୍ରିତ କରିବା ପାଇଁ ଉଦ୍ୟମ ରୂପେ ଦେଖାଯାଉଛି। ଏନେଇ ଏର୍ନାକୁଲମ୍-ଆଙ୍ଗାମାଲି ଚର୍ଚ୍ଚର ଫାଦର ଜେମ୍ସ ପାନାଭେଲ୍‌ଇଲ୍ କହିଛନ୍ତି, 'କ୍ରାଏ ଅଫ୍ ଦି ଅପ୍ରେସ୍‌ଡ' ହେଉଛି ମଣିପୁରରେ ଲୋକେ ସମ୍ମୁଖୀନ ହେଇଥିବା ସମସ୍ୟାଗୁଡ଼ିକର ବାସ୍ତବ ଚିତ୍ର। ମଣିପୁରରେ ଯାହା ଘଟିଲା, ତାକୁ ଆମେ କେବେ ଭୁଲିବା ଅନୁଚିତ। ଆମେ ଏହାକୁ ଲୋକଲୋଚନକୁ ଆଣୁଛୁ। ଫାଦର ଜେମ୍ସଙ୍କ ମତରେ 'ଦି କେରଳା ଷ୍ଟୋରି' ହେଉଛି ଏକ ପ୍ରଚାରଧର୍ମୀ ଅଭିଯାନ। ଚର୍ଚ୍ଚଗୁଡ଼ିକ ଏହି ପ୍ରୋପାଗାଣ୍ଡାରେ ସାମିଲ ହେବା ଅନୁଚିତ। 'ଦି କେରଳା ଷ୍ଟୋରି'ର ପ୍ରଦର୍ଶନ ପ୍ରତିବାଦରେ ଆମେ ମଣିପୁରରେ ଘଟିଥିବା ବର୍ବରତାର ଡକ୍ୟୁମେଣ୍ଟାରି ଦେଖାଇ ଲୋକଙ୍କୁ ସବୁକିଛି ସ୍ମରଣ କରାଇଦେଉଛୁ ବୋଲି ସେ କହିଛନ୍ତି।

## ପ୍ରଚାର ପାଇଁ ଦକ୍ଷିଣ ଓଡ଼ିଶା ଆସିବେ ସୋନିଆ, ରାହୁଲ, ରେଭନ୍ତ

**ଜୟପୁର,୧୦।୪(ପବନ ପାଣିଗ୍ରାହୀ)**

କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ମେ ପ୍ରଥମ ସପ୍ତାହରେ ଦକ୍ଷିଣ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ମେ ୧୩ରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସୋନିଆ ଓ ରାହୁଲଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଉଭୟ ରାୟଗଡ଼ା ଆସି ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ରୋଡ୍ ଶୋ କରିବେ ବୋଲି ଜଣାପଡ଼ିଛି। ତେବେ ଏନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇନାହିଁ। ସୋନିଆ ଓ ରାହୁଲଙ୍କ ସହ ଷ୍ଟାର ପ୍ରଚାରକ ରୂପେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ଆସିବେ। ସେମାନେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ବ୍ରହ୍ମପୁର ଭଳି ୪ଟି ଲୋକ ସଭା ଆସନ ଓ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକୁ ଗସ୍ତ କରିବେ ବୋଲି ବୁଧବାର କୋରାପୁଟ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଶେଷରେ ଗଣମାଧ୍ୟମକୁ ଏମ୍‌ପି ସପ୍ତଗିରି ଉଲାକା ସୂଚନା ଦେଇଛନ୍ତି।

## ୧୧୨ରୁ ଗୋଟିଏ ଆସନରେ ପ୍ରାର୍ଥୀ ବଦଳାଇବ ଭାଜପା: ତୋମାର

**ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)**

ଭାଜପା ସମସ୍ତ ୨୧ ଲୋକ ସଭା ଆସନ ଏବଂ ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛି। ଆହୁରି ୩୫ ଆସନ ବାକି ରହିଛି। ଓଡିଶାର ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ନାମାଙ୍କନ ଦାଖଲକୁ ଆଉ ମାତ୍ର ୭ ଦିନ ରହିଛି। ତେବେ ବାକି ଆସନରେ ଭାଜପା କେବେ ପ୍ରାର୍ଥୀ ଘୋଷଣା କରିବ ସେନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟପଟେ ଯେତିକି ଆସନ ଲାଗି ଦଳ ପ୍ରାର୍ଥୀ ଘୋଷଣା କରିଛି ସେଥିରେ ବହୁ ସ୍ଥାନରେ ଅସନ୍ତୁଷ୍ଟମାନେ ବାରମ୍ବାର ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀ ବଦଳ ପାଇଁ ଦାବି କରୁଛନ୍ତି। ହେଲେ ୧୧୨ରୁ ଗୋଟିଏ ଆସନରେ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯିବ ବୋଲି ଭାଜପା ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ୍ ସିଂ ତୋମାର କହିଛନ୍ତି। ହେଲେ କେଉଁ ଆସନର ପ୍ରାର୍ଥୀଙ୍କୁ ବଦଳାଯିବ ତାହା କୁହାଯାଇ ନାହିଁ। ତୋମାର ଆହୁରି କହିଛନ୍ତି, ୨୦ ତାରିଖ ପୂର୍ବରୁ ସମସ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ।

## ସମ୍ବଲପୁର ଡିଏଫ୍‌ଓଙ୍କ ବଦଳି

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)- ସମ୍ବଲପୁର ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ବିଶ୍ୱନାଥ ନିଳାମ୍ବରଙ୍କୁ ବଦଳି କରାଯାଇଛି। ତାଙ୍କୁ ପିସିସିଏଫ୍ ତଥା ବନବାହିନୀ ମୁଖ୍ୟ କାର୍ଯ୍ୟାଳୟରେ ଉପବନ ସଂରକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ୨୦୧୩ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ କୁଳାଙ୍ଗେ ଗୋରଖ ୱାମାନଙ୍କୁ ସମ୍ବଲପୁର ଡିଏଫ୍‌ଓ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ୍ଦୁ ଚାହୁଁଥିଲା ଯାହା**
**ବଇଦ ବତେଇଲା ସେଇଆ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ମନ ମୁତାବକ ଜିନିଷ ପ୍ରାପ୍ତି ହେବାର ଲକ୍ଷ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଯାକରେ ଫଳି**
**ମାଇପ ଯାକରେ ଶାଳୀ।**

ସାଧାରଣତଃ ମାଛ ମଧ୍ୟରେ ଫଳି ମାଛ ଖାଇବାକୁ ଅତ୍ୟନ୍ତ ସୁଆଦିଆ ଲାଗିଥାଏ। ସେହିପରି ସ୍ତ୍ରୀଲୋକଙ୍କ ମଧ୍ୟରେ ଶାଳୀ ହିଁ ବେଶି ଆଦରଣୀୟା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିର୍ବାଚନ ପୂର୍ବରୁ ତତ୍ପର ହେଲେଣି ମାଓବାଦୀ

- ଗନ୍ଧମାର୍ଦ୍ଦନ ପର୍ବତରେ ୨ ମାସରେ ୨ କ୍ୟାମ୍ପ ଠାବ
- ମାଓବାଦୀ ନେତା ସୁଦର୍ଶନ, ଅନିଲ ବି ସାମିଲ
- ମୁଖ୍ୟସ୍ରୋତରେ ସାମିଲ ପାଇଁ ଏସ୍‌ପିଙ୍କ ଆହ୍ୱାନ

ବରଗଡ଼,୧୦।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ସାବ୍ୟସ୍ତ କରିଛନ୍ତି। ଗତ ୨ମାସ ମଧ୍ୟରେ ପୋଲିସ ଏବଂ ଯବାନମାନେ କୋମ୍ବିଂ ଅପରେଶନ କରୁଥିବାବେଳେ ୨ଥର ମୁହାଁମୁହିଁ ହେବା ସହିତ ଗୁଳିବିନିମୟ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ୨ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରିବାରେ ପୋଲିସ ସକ୍ଷମ ହୋଇଛି। ଅନ୍ୟପଟେ ମାଓବାଦୀମାନେ ମଧ୍ୟ ଖସିଯିବାରେ ସଫଳ ହୋଇଥିବାବେଳେ ପୋଲିସ ସେଠାରୁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ମାଓବାଦୀଙ୍କ ଏଭଳି ଉପସ୍ଥିତି ଓ କାର୍ଯ୍ୟକଳାପ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ମାଓବାଦୀମାନେ ସେମାନଙ୍କ ପ୍ରୟାସ ଚଳାଇଥିବା ସାଧାରଣରେ ଆଲୋଚିତ ହେଉଛି। ଅପରପକ୍ଷେ ମାଓବାଦୀ ଦମନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ବେଳେ ନିୟମିତ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଉଛି। ଗ୍ରାମଗୁଡ଼ିକରେ ପୋଲିସ ପକ୍ଷରୁ ନୂଆ ସପନ୍, ନୂଆ ମନ୍ ଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏପର୍ଯ୍ୟନ୍ତ ୧୦୮ ଗ୍ରାମରେ ସେଭଳି ସଚେତନତା କାର୍ଯ୍ୟକ୍ରମ ସରିଛି ବୋଲି ବରଗଡ଼ ଏସ୍‌ପି ପି.ଏସ. ମୀନା କହିଛନ୍ତି।

ଗନ୍ଧମାର୍ଦ୍ଦନ ପର୍ବତକୁ ମାଓବାଦୀମାନେ ସେମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ମଣିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଲାଗି ରହିଛି। ବଲାଙ୍ଗୀର-ବରଗଡ଼-ମହାସମୁଦ(ବିବିଏମ୍) ମାଓବାଦୀ ସଙ୍ଗଠନମାନେ ଏଠାରେ ବିଭିନ୍ନ ସମୟରେ ଡେରା ପକାଇଥିବା ନଜରକୁଆସୁଥିବାବେଳେ ପୋଲିସ, ସିଆର୍‌ପିଏଫ୍, ଡିଏଭିଏଫ୍ ଟିମ୍ ମଧ୍ୟ ସେମାନଙ୍କ କ୍ୟାମ୍ପ ଧ୍ୱଂସ୍ତ କରିବାରେ ସଫଳ ହେଉଛି।

ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ମୀନା ସୂଚନା ଦେଇ କହିଥିଲେ, ଗତ ୮ତାରିଖ ସନ୍ଧ୍ୟାରେ ଗନ୍ଧମାର୍ଦ୍ଦନ ପର୍ବତର କପିଳଧାର ଝରଣା ନିକଟରେ ଠାବ ହୋଇଥିବା କ୍ୟାମ୍ପରେ ପ୍ରାୟ ୧୫ଜଣ ମାଓବାଦୀ ଥିଲେ। ସେଠାରୁ ଜବତ ହୋଇଥିବା ମାଓବାଦୀ ପୁସ୍ତିକାରୁ ଉକ୍ତ କ୍ୟାମ୍ପରେ ସିନିୟର ମାଓବାଦୀ ନେତା ସୁଦର୍ଶନ, ଅନିଲ ମଧ୍ୟ ଉପସ୍ଥିତ ଥିଲେ ବୋଲି ଅନୁମାନ କରାଯାଉଛି। ଗୁଳି ବିନିମୟ ପରେ ସମସ୍ତ ମାଓବାଦୀ ଅନ୍ଧାରର ସୁଯୋଗ ନେଇ ଖସି ପଳାଇ ଥିବାବେଳେ ସେଠାରୁ ସେମାନଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରେ କୋମ୍ବିଂ ଅପରେଶନକୁ ଜୋରଦାର କରି ଦିଆଯାଇଛି ଏବଂ ଅପରେଶନରେ ଡିଭିଏଫ୍, ଏସ୍‌ଓଜି, ସିଆରପିଏଫ୍ ଯବାନମାନେ ନିୟୋଜିତ ରହିଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସବୁପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ମୀନା କହିଥିଲେ।



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀକୁ ଏସ୍‌ପି ଦେଖାଉଛନ୍ତି।

# ୧୨ ମାଓବାଦୀ ଗିରଫ



ମାଲକାନଗିରି,୧୦।୪
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୯ ଓ ଛତିଶଗଡ଼ ବିଜାପୁର ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ୯ ମାଓବାଦୀଙ୍କ ନାମରେ ୧୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ସୁକ୍‌ମା ଜିଲା ସିଆର୍‌ପିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ ମାଓବାଦୀ ଚଳାଚଳ ସମ୍ପର୍କିତ ସର୍ଚ୍ଚ ଅପରେଶନରେ ପାଲୋଡି ଗ୍ରାମ ନିକଟସ୍ଥ ଅଞ୍ଚଳକୁ ଯାଇଥିଲେ। ଏହି ଅପରେଶନ ସମୟରେ ପାଲୋଡି ଗ୍ରାମ ନିକଟରେ ୨ ଜଣ ମହିଳାଙ୍କ ସମେତ ୯ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁଖରାମ ଓରଫ ମାଡବି୍ ଆଇତା, ସକିନ କଲମୁ ଦେବେ, ସୋଡି ଆଇତା, କଲମୁ ଗାଙ୍ଗି, କବାସୀ ଲିଙ୍ଗା, ମଡକମ ପେଣ୍ଡା, ମଡକମ ଭିମା, ରାବା ଜୋଗା ଓ ବଞ୍ଜାମ ମାଡାଙ୍କୁ ଗିରଫ କରିଥିଲେ। ଏହି ୯ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

ସେହିପରି ବିଜାପୁର ଜିଲା ଗାଙ୍ଗାଲୁର ଥାନା ଅଞ୍ଚଳରେ ଡିଆର୍‌ଜି ଓ କେରିପୁ ୮୫ ବାହିନୀ କେରଚୋଲୀ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ବିସ୍ଫୋରକ ସହ ୩ ମାଓବାଦୀଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସୁକୁ କଞ୍ଜାମ, ପାକଲୀ ଓୟାମ ଓ ଦୀପିକା ଅବଲମ୍। ତାଙ୍କ ନିକଟରୁ ଟିଫିନ ବୋମା, କୋଡେକ୍ସ ତାର ଓ ଡିଟୋନେଟର ସହ ବହୁ ସାମଗ୍ରୀ ଜବତ ହୋଇଛି। ବୁଧବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂଚନା ଦେଇଛି।

# ଦାଦାବଟି ପାଇଁ ଗୁଳିମାଡ଼, ଜଣେ ଗୁରୁତର

ଆଠଗଡ଼,୧୦।୪
(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ୬୫ ନଂ. ରାଜ୍ୟ ରାଜପଥ ନିକଟସ୍ଥ ଖୁଣ୍ଟକଟା ପଞ୍ଚାୟତର ମହୀଧରପୁର ଗାଁରେ ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଦାଦାବଟି ନ ଦେବାରୁ ବଚସାକୁ ନେଇ ଗୁଳିକାଣ୍ଡ ଘଟିଛି। ମହୀଧରପୁରର ଟ୍ରାକ୍ଟର ମାଲିକ ବିଶ୍ୱଜିତ ପଲେଇ ଓରଫ୍ କୁଲୁ(୨୫)ଙ୍କୁ ତାଙ୍କ ଗାଁର ଦିଲୁ ପଲେଇ, ପି.ମେଘନାଦ ପଲେଇ ୧ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବିଶ୍ୱଜିତଙ୍କ ପେଟର ଦକ୍ଷିଣ ପାର୍ଶ୍ୱରେ ଗୁଳି ବାଜିଛି। ଘଟଣା ଘଟିବା ପରେ ଖବରପାଇ ବିଶ୍ୱଜିତଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଛି। ଗୁଳିକାଣ୍ଡ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଆହତ ବିଶ୍ୱଜିତଙ୍କ ସାନଭାଇ ଅଭିଜିତ ପଲେଇ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୧୪/୨୪ରେ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମହୀଧପୁର ଗାଁରେ ବିଶ୍ୱଜିତ ଏକ ଜମିରେ ଟ୍ରାକ୍ଟର ଲଗାଇ କାମ କରୁଥିବା ବେଳେ ଅଭିଯୁକ୍ତ ଦିଲୁ ଆସି ୫୦ ହଜାର ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏଥିପାଇଁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦିଲୁ ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦିଲୁଙ୍କ ନାମରେ ଆଠଗଡ଼, ଟିଗିରିଆ ଆଦି ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଠଗଡ ଥାନା ଉପ-ନିରୀକ୍ଷକ ରାଧାନାଥ ରାଉତ ସୂଚନା ଦେଇଛନ୍ତି।



ଗୁରୁତରଙ୍କୁ ମେଡିକାଲ୍ ନିଆଯାଉଛି।

# ଲାଞ୍ଚ ମାମଲା: ଅବସରପ୍ରାପ୍ତ ଆର୍‌ଆଇଙ୍କୁ ବର୍ଷେ ଜେଲ

ସୁନ୍ଦରଗଡ,୧୦।୪
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ବୁଧବାର ଏକ ଲାଞ୍ଚ ମାମଲାର ବିଚାର କରି ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ସାହୁ(୭୩)ଙ୍କୁ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ମାସ ଜେଲଦଣ୍ଡ ପାଇଁ ଆଦେଶ କରିଛନ୍ତି। ମାମଲା ରାୟ ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ସାହୁ ବଣାଇଁ ତହସିଲ ଗୋପନା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ)ଥିବାବେଳେ ହାତୀକୁଛାର ଦୀପକ ମହନ୍ତ ନିଜ ଘର ତିଆରି ପାଇଁ ଇଟା ଗଢିବା ନିମନ୍ତେ ଆବଶ୍ୟକ ଜମିରେ ଅନୁମତି ପାଇଁ ଆବେଦନ କରିଥିଲେ। ଆରଆଇ ସାହୁ ଇନ୍‌କ୍ୱାରି ରିପୋର୍ଟ ତହସିଲଦାରଙ୍କ ନିକଟକୁ ପଠାଇବା ପାଇଁ ୧ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ରିପୋର୍ଟ ପଠାଇବାରେ ଜାଣିଶୁଣି ହଇରାଣ କରୁଥିଲେ। ପରେ ଏନେଇ ମହନ୍ତ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ, ଅଭିଯୋଗକାରୀଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ କାବୁ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୬/୧୦)ରେ ଆରଆଇଙ୍କ ବିରୋଧରେ ରୁଜୁ କରି ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ଭାବେ ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଇନ୍ସପେକ୍ଟର ହରେକୃଷ୍ଣ ମାଝି ରହିଥିଲେ। ସରକାରଙ୍କ ତରଫରୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ମାଓବାଦୀ ମୁକାବିଲା ନେଇ ସ୍ୱତନ୍ତ୍ର ରଣନୀତି

**ଡିଜିପିଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

ଭୁବନେଶ୍ୱର,୧୦।୪
(ସତ୍ୟଜିତ୍ ରାଉତ)

ଆଗାମୀ ସାଧାରଣ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ମାଓବାଦୀ ପ୍ରବଣ ଜିଲାଗୁଡ଼ିକୁ ପୋଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି। କେତେକ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ମାଓବାଦୀ ସମସ୍ୟା ଥିବାବେଳେ ଏଥିପାଇଁ ନିର୍ବାଚନ କିଭଳି ପ୍ରଭାବିତ ନ ହେବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ଏଭଳିସ୍ଥିତିରେ ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ବୁଧବାର ଗୁରୁତ୍ୱପୂର୍ଣ୍ଣ ବୈଠକ କରି ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଆୟୋଜିତ ଏହି ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି (ଅପରେଶନ) ଦେବଦତ୍ତ ସିଂ, ଏଡିଜି (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନ ବେଳେ ମାଓବାଦୀମାନେ ସମସ୍ୟା ସୃଷ୍ଟି କରିବା ଆଶଙ୍କାଥିବାରୁ ଏହାର କିପରି ମୁକାବିଲା କରାଯିବ ସେନେଇ ଏହି ବୈଠକରେ ସ୍ୱତନ୍ତ୍ର ରଣନୀତି ନେଇ ଯୋଜନା ହୋଇଛି। ଏଥିସହ ଆଇନ ଶୃଙ୍ଖଳା ଓ ଅନ୍ୟ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ପୋଲିସ ପଡ଼ୋଶୀ ରାଜ୍ୟ ପୋଲିସ ସହ ସମନ୍ୱୟ ରକ୍ଷା କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି। ଗତ ୪ ତାରିଖରେ କ୍ୟାମ୍ପ ଅଫିସରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ପୋଲିସ ମଧ୍ୟରେ ବୈଠକ ହୋଇଥିଲା।

# ସୀମାନ୍ତରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୧୪ ମୃତ, ୧୨ ଆହତ

ମାଲକାନଗିରି,୧୦।୪
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦୁର୍ଗ ଜିଲା ଅନ୍ତର୍ଗତ କୁମ୍ହାରୀ ନିକଟ ଖପରି ରାସ୍ତାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ବସ୍ ୫୦ ଫୁଟ ତଳକୁ ଭାରସାମ୍ୟ ହରାଇ ମୋରମ ଖାଦାନ ଭିତରେ ପଶିଯିବା ଫଳରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଅଛନ୍ତି। ବସ୍‌ରେ ୪୬ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବସ୍‌ରେ ଥିବା ସମସ୍ତେ କେଡିଆ ଡିଷ୍ଟିଲେରି କର୍ମଚାରୀ ଥିଲେ। କର୍ମଚାରୀମାନେ କାମସାରି ଫେରୁଥିବା ବେଳେ ଏଭିଳ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାରକରି ରାୟପୁର ମେଡିକାଲକୁ ସ୍ଥାନାନ୍ତର କରିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ଦୁଃଖ ପ୍ରକାଶ କରିବା ସହ ଗୁରୁତରଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାତୃତ୍ୱ କେତେ ନିରାପଦ

**ଆଜି ନିରାପଦ ମାତୃତ୍ୱ ଦିବସ**



ମାତୃତ୍ୱ ପ୍ରଭୁଙ୍କର ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି। ତ୍ୟାଗ ଓ ତିତିକ୍ଷାର ମନ୍ତ୍ରରେ ନାରୀଟିଏ ଅଭିମନ୍ତ୍ରିତା ହୋଇ ମାତୃତ୍ୱର ସୋପାନ ଆରୋହଣ କରିଥାଏ। ତେବେ ମାତୃତ୍ୱର ଏହି ପଥ ସବୁବେଳେ ନିରାପଦ ନୁହେଁ। ଏହା କେତେବେଳେ ସମତଳ ତ' କେତେବେଳେ ବିପଦସଙ୍କୁଳ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ମା' ଓ ଶିଶୁ ସ୍ୱାସ୍ଥ୍ୟ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ପ୍ରତ୍ୟେକ ଦିନର ପ୍ରତ୍ୟେକ ମୁହୂର୍ତ୍ତରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଗୋଟିଏ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ସେ କୈଶୋର ବା' ଆଦ୍ୟ ଯୌବନରେ ପାଦ ଦେଇଥିବା ବାଳିକା ବଧୂଟିଏ ହୋଇପାରେ, ଯିଏ କି ମାନସିକ ବା ଶାରୀରିକ ସ୍ତରରେ ଶିଶୁଟିକୁ ଜନ୍ମ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥାଏ କିମ୍ବା ସେ ଗୋଟିଏ ବୟସ୍କା ମହିଳା ହୋଇଥାଇପାରେ; ଯିଏକି ଅନେକ ସନ୍ତାନଥିବା ଏକ ବଡ଼ ପରିବାରକୁ ଚଳାଇବାକୁ ଅକ୍ଳାନ୍ତ ପରିଶ୍ରମ କରିଥାଏ। ତେଣୁ ଗୋପନୀୟ ଭାବରେ ନିଜର ଅବାଞ୍ଛିତ ଗର୍ଭନଷ୍ଟ କରିଥାଏ। ଏହିଭଳି ମହିଳାମାନେ ଡାକ୍ତର ଓ ଚିକିତ୍ସା ତଥା ରକ୍ତ ଓ ଔଷଧ ଅଭାବରୁ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ମା'ର ମୃତ୍ୟୁ କେବଳ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ମା'ର ମୃତ୍ୟୁ ଯେପରି ସାରା ପରିବାରକୁ ବିପର୍ଯ୍ୟସ୍ତ କରିଦିଏ, ଠିକ୍ ସେହିପରି ଲକ୍ଷ ଲକ୍ଷ ମାତୃ ମୃତ୍ୟୁରେ ସାରା ବିଶ୍ୱର ମୂଳଦୁଆ ମଧ୍ୟ ଚହଲିଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି। ଏହି ମାତୃ ମୃତ୍ୟୁହାର କମାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଉଛି। ଗର୍ଭାବସ୍ଥା ପୂର୍ବରୁ, ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମୀମାନଙ୍କର ଯତ୍ନ ଓ ଚିକିତ୍ସା ଦ୍ୱାରା ହିଁ ଏହି ମାତୃ ମୃତ୍ୟୁହାର କମାଯାଇ ପାରିବ।

ପ୍ରତ୍ୟେକ ବର୍ଷ ଏହାର ବିଷୟବସ୍ତୁ ଅଲଗା। ହ୍ୱାଇଟ୍ ରିବନ ଆଲାଏନ୍ସ ଦ୍ୱାରା ସ୍ଥିରୀକୃତ ହୋଇ କାର୍ଯ୍ୟକ୍ରମମାନ ହୋଇଥାଏ। ପ୍ରତ୍ୟେକ ମହିଳାଙ୍କର ଗର୍ଭଧାରଣ କରିବା ତଥା ବଞ୍ଚିବାର ଅଧିକାର ଅଛି। ଏହି ଦିବସ ଅବସରରେ ଚଳିତବର୍ଷର ବିଷୟ ବସ୍ତୁ ହେଉଛି- "ଘରେ ରହି ମା' ଓ ଶିଶୁ ମାନଙ୍କୁ ରକ୍ଷା କରନ୍ତୁ"।

**ଭାରତରେ ମାତୃ ମୃତ୍ୟୁହାର :** ଏକ ରିପୋର୍ଟରୁ ଜଣାଯାଇଛି ଯେ, ଭାରତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଦୟନୀୟ ଓ ଶୋଚନୀୟ। ଭାରତର ଗ୍ରାମାଞ୍ଚଳରେ ଗର୍ଭବତୀଙ୍କ ମୃତ୍ୟୁହାର ସର୍ବାଧିକ। ମୋଟ ବିଶ୍ୱ ଲୋକସଂଖ୍ୟାର ୧୫% ଭାରତରେ ବସବାସ କରନ୍ତି। କିନ୍ତୁ ମହିଳାଙ୍କ ପ୍ରସୂତିକାଳୀନ ମୃତ୍ୟୁହାରର ୨୫% ଭାରତରେ ହିଁ ସଂଘଟିତ ହୋଇଥାଏ। ଅଳ୍ପ ବୟସରେ ମାତୃତ୍ୱ ଓ ପ୍ରତି ଶିଶୁ ମଧ୍ୟରେ କମ୍ ସମୟ ବ୍ୟବଧାନ ହିଁ ଏ ପ୍ରକାର ମୃତ୍ୟୁର ମୁଖ୍ୟ କାରଣ। ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣଗୁଡ଼ିକ ହେଉଛି- ପ୍ରସବ ପରବର୍ତ୍ତୀ ଅବସ୍ଥାରେ ରକ୍ତକ୍ଷରଣ, ମ୍ୟାଲେରିଆ, କାମଳ ରୋଗ, ରକ୍ତହୀନତା, ଗର୍ଭାବସ୍ଥାରେ ହୃଦ୍‌ରୋଗ, ବ୍ୟାହତ ପ୍ରସବ, ବିଷାକ୍ତ ଗର୍ଭପାତ, ଗର୍ଭପାତ, ପ୍ରସବ ପରବର୍ତ୍ତୀ ସୂତିକା ପ୍ରଦାହ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ତେଣୁ ଗର୍ଭ ଆରମ୍ଭରୁ ଉପଯୁକ୍ତ ଚିକିତ୍ସା, ଟିକାକରଣ, ତୁରନ୍ତ ଚିହ୍ନଟ ଓ ଚିକିତ୍ସା ଖୁବ୍ ଜରୁରୀ।

**ନିରାପଦ ମାତୃତ୍ୱର ଗୁରୁତ୍ୱ :** ଗର୍ଭାବସ୍ଥାର ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ଗର୍ଭାବସ୍ଥା ଓ ପ୍ରସବ ନିରାପଦ ହେବ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ଜରୁରୀ। ତେଣୁ ପ୍ରାଥମିକ ସ୍ତରରୁ ରୋଗ ଓ ଜଟିଳତା ଚିହ୍ନଟ ତଥା ଗୁରୁତର ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ଅତି ଜରୁରୀ। ଗର୍ଭ ଓ ପ୍ରସବଜନିତ ଜଟିଳତା ଥରେ ଆରମ୍ଭ ହେଲେ ମା' ମୃତ୍ୟୁହାର ଅସମ୍ଭବ ଭାବରେ ବୃଦ୍ଧି ପାଇଥାଏ। ମା' ମୃତ୍ୟୁମୁଖରୁ ରକ୍ଷାପାଇଲେ ୫ ବର୍ଷରୁ ସାନ ଶିଶୁଙ୍କର ମୃତ୍ୟୁହାର ମଧ୍ୟ କମିଯାଏ। ତେଣୁ ମାତୃ ମୃତ୍ୟୁହାର କମାଇବାର ପ୍ରଥମ ପଦକ୍ଷେପ ହେଲା ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସହାୟିକା, ଧାତ୍ରୀ ଓ ସ୍ୱାସ୍ଥ୍ୟ ତତ୍ତ୍ୱାବଧାରିକାଙ୍କର ଉପଯୁକ୍ତ ତାଲିମ। ସେମାନେ ଗର୍ଭାବସ୍ଥା ତଥା ପରବର୍ତ୍ତୀ ଜଟିଳତାକୁ ସଙ୍ଗେ ସଙ୍ଗେ ଚିହ୍ନଟ କରି ରୋଗୀଙ୍କୁ ରେଫରାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବେ। ତେଣୁ ସେମାନେ ମାତୃ ମୃତ୍ୟୁର କାରଣଗୁଡ଼ିକ ଯଥା ବିଷାକ୍ତ ଗର୍ଭପାତ, ଗର୍ଭାବସ୍ଥାରେ ରକ୍ତହୀନତା, ବ୍ୟାହତ ପ୍ରସବ, ପ୍ରସବ ପୂର୍ବରୁ ଓ ପରେ ଅତ୍ୟଧିକ ରକ୍ତକ୍ଷରଣ ଓ ସୂତିକାଜ୍ୱର ବିଷୟରେ ସମ୍ୟକ୍ ଜ୍ଞାନ ଆହରଣ କରିବା ଉଚିତ।

– ଡା. ସରୋଜିନୀ ଷଡ଼ଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ମୋ : ୯୪୩୭୦୫୫୦୦୭

# ୧୫ରେ ପ୍ରକାଶ ପାଇପାରେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୪୭ଟି ବିଧାନସଭା ଏବଂ ୮ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏହାସହ ୨ଟି ଆସନ ଦଳ ମେଣ୍ଟ ପାଇଁ ଛାଡ଼ିଛି। ତେବେ ଆସନ୍ତା ୧୫ ତାରିଖରେ ଦଳ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଶରତ କହିଛନ୍ତି, ଆସନ୍ତା ୧୩ ଏବଂ ୧୪ ତାରିଖରେ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ରହିଛି। ତେଣୁ ସିଇସି ପରେ ୧୫ରେ ହିଁ ଦ୍ୱିତୀୟ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପଟେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସ ପରେ ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପଚାରିବାରୁ ଶରତ କହିଛନ୍ତି, ରିପୋର୍ଟ ବର୍ତ୍ତମାନ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପାଖରେ ରହିଛି। ଏଆଇସିସି ଯାହା ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

# ଷ୍ଟ୍ରଙ୍ଗରୁମ୍‌କୁ ଆସିଲା ଇଭିଏମ୍, ଭିଭିପିଏଟି




**୨୪ ଘଣ୍ଟିଆ ସୁରକ୍ଷାରେ ରହିବ, ଭୋଟ ଗଣତି ଯାଏ ଭିଡିଓ ରେକର୍ଡିଂ**

ଭୁବନେଶ୍ୱର, ୧୦।୪(ଅସମାପିକା ସାହୁ)

ଚଳିତ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏନେଇ ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ଓ ଭିଭିପିଏଟି ମେଶିନ ଖୋର୍ଦ୍ଧାସ୍ଥିତ ପଣ୍ୟାଗାରରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଛି। ଏହି ଇଭିଏମଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଏଠାକୁ ଅଣାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବ। ସଶସ୍ତ୍ର ପୋଲିସ କର୍ମଚାରୀ ଷ୍ଟ୍ରଙ୍ଗରୁମ୍ ସୁରକ୍ଷାରେ ମୁତୟନ ହୋଇଛନ୍ତି। ଏଥିସହ ସିସିଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ରାଣ୍ଡୋମାଇଜେଶନ ପରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର ଏବଂ ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ଇଭିଏମଗୁଡ଼ିକୁ ଏଠାକୁ ଅଣାଯାଇଥିବା ନେଇ ଖୋର୍ଦ୍ଧା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

ଖୋର୍ଦ୍ଧା ଜିଲାରେ ଷଷ୍ଠ ପର୍ଯ୍ୟାୟ ଅର୍ଥାତ୍ ମେ' ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲାରେ ମୋଟ ୧,୯୦୭ଟି ବୁଥ୍ ବା ମତଦାନ କେନ୍ଦ୍ର ଥିବାବେଳେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର, ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ୧,୧୬୬ଟି ରହିଛି। ଏଥିମଧ୍ୟରୁ ସହରାଞ୍ଚଳରେ ୬୫୮ଟି ଏବଂ ଗ୍ରାମାଞ୍ଚଳରେ ୫୦୮ଟି କେନ୍ଦ୍ର ରହିଛି। ବିଜେବି କଲେଜସ୍ଥିତ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍ ଓ ଭିଭିପିଏଟି କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ୫ଟି ଫ୍ଲୋର୍‌ରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଲେଖାଏ ଷ୍ଟ୍ରଙ୍ଗ୍ ରୁମ ବ୍ୟବସ୍ଥା ହୋଇଛି। ଗୋଟିଏ ଲୋକ ସଭା ଓ ଅନ୍ୟଟି ବିଧାନସଭା କ୍ଷେତ୍ର ପାଇଁ ଷ୍ଟ୍ରଙ୍ଗରୁମ୍ ରହିଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଏହି ଷ୍ଟ୍ରଙ୍ଗରୁମ୍ ନିକଟରେ ୨୪ ଘଣ୍ଟିଆ ଉପସ୍ଥିତ ରହିବା ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ଭୋଟ ଗଣତି ଯାଏ ସବୁ ଦିନର ଭିଡିଓ ରେକର୍ଡିଂ କରାଯିବ। ଆସନ୍ତା ୩ରୁ ୪ ମାସ ପର୍ଯ୍ୟନ୍ତ ଏହି ରେକର୍ଡିଂ ରହିବ। ଷ୍ଟ୍ରଙ୍ଗ୍ ରୁମ୍‌ଗୁଡ଼ିକୁ ଡବଲ ଲକ୍ କରାଯିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଇଭିଏମ୍ ଏବଂ ଭିଭିପିଏଟି ମେଶିନ ମହଜୁଦ ଥିବା ଜିଲାପାଳ କହିଛନ୍ତି।

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁନାହିଁ । କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ । –ଶ୍ରୀମା



# ପ୍ରଦୂଷଣ ଟିକସ ଓ ଜଳବାୟୁ ନ୍ୟାୟ



ଲୌରେନ୍‌ସି ଟୁବିୟାନା

ଗତ ବର୍ଷ ଦୁବାଇରେ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୮)ରେ ଯୋଗଦେଇଥିବା ପ୍ରତିନିଧିମାନେ ଏକ ଚୁକ୍ତିନାମା କରି ଜୀବାଶ୍ମ ଇନ୍ଧନଠାରୁ ଦୂରେଇରହିବାକୁ ଆହ୍ୱାନ ଦେଇଥିଲେ । କିନ୍ତୁ ସେହି ପରିବର୍ତ୍ତନ ଆଣିବାକୁ କିପରି ଅର୍ଥ ଯୋଗାଇ ଦିଆଯିବ, ତାହା ଏବେ ଏକ ବଡ଼ ପ୍ରଶ୍ନ । ନିକଟରେ ଜାତିସଂଘର ଜଳବାୟୁ ମୁଖ୍ୟ ସାଇମନ ଷ୍ଟିଏଲ୍ ସୂଚିତ କରିଛନ୍ତି ଯେ, ବିଶ୍ୱର ଜଳବାୟୁ ମୁକାବିଲା ସଫଳ କି ବିଫଳ ହେବ ତାହା ଅର୍ଥ ହିଁ ନିର୍ଦ୍ଧାରଣ କରିବ ।

ଚଳିତ ବର୍ଷ ଆଜରବୈଜାନ୍‌ର କପ୍‌୨୯ରେ ଏବଂ ୨୦୨୫ରେ ବ୍ରାଜିଲର କପ୍ ୩୦ରେ ଜଳବାୟୁ ଫାଇନାନ୍ସ ବା ଜଳାବାୟୁ ମୁକାବିଲା ଲାଗି ପାଣ୍ଠି ଯୋଗାଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ । ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସହାୟତା କରିବାକୁ ଏକ ନୂଆ 'ଲସ୍ ଆଣ୍ଡ ଡ୍ୟାମେଜ' ଫଣ୍ଡ ( ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବର ମୁକାବିଲା ପାଇଁ ପାଣ୍ଠି ) ସକାଶେ ନିକଟରେ ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ବର୍ତ୍ତମାନ ଆବଶ୍ୟକ ମୁତାବକ ଅର୍ଥ ଯୋଗାଣ ବହୁତ କମ୍ ରହିଛି । ୟୁରୋପୀୟ ୟୁନିୟନ(ଇୟୁ)ଆକଳନ କରିଛି ଯେ ୨୦୫୦ ସୁଦ୍ଧା ଶୂନ କାର୍ବନ ନିର୍ଗମନ ସ୍ତର ହାସଲ କରିବା ପାଇଁ ୨୦୩୧ରୁ ପ୍ରତିବର୍ଷ ୧.୫ ଟ୍ରିଲିୟନ ୟୁରୋ (୧.୬୩ ଟ୍ରିଲିୟନ ଡଲାର) ବିନିଯୋଗ କରିବାକୁ ପଡ଼ିବ । ବିକାଶଶୀଳ ଦେଶଗୁଡିକ (ଚାଇନାକୁ ବାଦ୍ ଦେଇ) ପାଇଁ ୨୦୩୦ ସୁଦ୍ଧା ବାର୍ଷିକ ୨.୪ ଟ୍ରିଲିୟନ ଡଲାର ଆବଶ୍ୟକ ହୋଇପାରେ । କେବଳ ବ୍ରାଜିଲ ଏହାର ୨୦୩୦ ନିର୍ଗମନ ହ୍ରାସ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଅତିରିକ୍ତ ୨୦୦ ବିଲିୟନ ଡଲାର ଆବଶ୍ୟକ କରିବ । ଏହାର ସମାଧାନ ସହଜ ନୁହେଁ । ମହାମାରୀ ପରେ ମାନ୍ଦା ଅଭିବୃଦ୍ଧି ଏବଂ କଠୋର ଆର୍ଥିକ ସ୍ଥିତି ଯୋଗୁ ଧନୀ ଦେଶଗୁଡ଼ିକ ସୀମିତ ଆର୍ଥିକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସବୁଠାରେ ଅଧିକ ଘରୋଇ ପୁଞ୍ଜି ଆବଶ୍ୟକ ଥିବାବେଳେ ନିମ୍ନ ଓ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକର ଭୂମିକା ବହୁ କମ୍ ରହିବ । ସେମାନେ ସବୁଜ ପ୍ରୋଜେକ୍ଟ ପାଇଁ କରୁଥିବା ଋଣ ଉପରେ ଅତ୍ୟଧିକ କିସ୍ତି ଦେଉଥିବା ଯୋଗୁ ଏଭଳି ଘଟିବ ।

ସରକାରୀ ପାଣ୍ଠିକୁ ଗତିଶୀଳ କରିବା ଲାଗି ଦୃଢ଼ ତଥା ନୂଆ ନୀତିଗୁଡ଼ିକର ଆବଶ୍ୟକତା ରହିଛି । ଅତ୍ୟଧିକ ସବୁଜ ଗୃହ ବାଷ୍ପ ନିର୍ଗମନ କାର୍ଯ୍ୟକଳାପ ଏବଂ ଅତ୍ୟଧିକ ସମ୍ପତ୍ତି ଉପରେ ଏକ ପ୍ରଗତିଶୀଳ ଟିକସ ଲଗାଇବା ପାଇଁ ଦୃଢ଼ ଦାବି କରିବାକୁ ହେବ । ତେବେ ଜଳବାୟୁ ସମସ୍ୟାର ସମାଧାନରେ ନିର୍ଭରଯୋଗ୍ୟ ପାଣ୍ଠି ସଂଗ୍ରହ କରିବାରେ ଦେଶଗୁଡ଼ିକ ଲାଗି ଟିକସୀକରଣ ହେଉଛି ଏକ ସାଧାରଣ ସାଧନ । ଦୀର୍ଘକାଳୀନ ଖର୍ଚ୍ଚ ଏବଂ ବିନିଯୋଗ ଯୋଜନା ପାଇଁ ଏହାର ଭୂମିକା ରହିଛି । ବିଶେଷକରି ବିକାଶଶୀଳ



ଦେଶଗୁଡ଼ିକ ପାଇଁ ଏହା ଅଧିକ ଉପଯୋଗୀ । ତେବେ ନୂଆ ଟିକସଗୁଡ଼ିକ ଜଳବାୟୁ ସମ୍ପର୍କିତ ନିବେଶ ପାଇଁ ଦେଶଗୁଡ଼ିକ ଲାଗି ଅତିରିକ୍ତ ସଂସାଧନର ପଥ ପରିଷ୍କାର କରିପାରିବ । ବିଶ୍ୱ ସ୍ତରରେ ୦.୧% ବିତ୍ତୀୟ କାରବାର ଟ୍ୟାକ୍ସରୁ ପ୍ରତିବର୍ଷ ୪୧୮ ବିଲିୟନ ଡଲାର ମିଳିପାରିବ । ଅନ୍ୟପକ୍ଷରେ ଏକ ଟନ୍ କାର୍ବନ ନିର୍ଗମନ ଉପରେ ୫ ଡଲାରର ଏକ ମଧ୍ୟମ ଟିକସ ଲାଗୁକଲେ ସେଥିରୁ ବର୍ଷକୁ ୨୧୦ ବିଲିୟନ ଡଲାର ମିଳିପାରିବ ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) କାର୍ବନ ଡାଇଅକ୍ସାଇଡ୍ ଓ ଜୀବାଶ୍ମ ଇନ୍ଧନ ଉତ୍ତୋଳନ ଉପରେ ଟିକସ ଲଗାଇବା ଲାଗି ଦୀର୍ଘଦିନରୁ ଦାବି କରିଆସୁଛି । ଉଭୟ ଉପରେ ଟିକସ ହିଁ କ୍ଲାଇମେଟ୍ ଫାଇନାନ୍ସର ଉତ୍ସ ଓ ଜଳବାୟୁ ମୁକାବିଲାରେ ପ୍ରଦୂଷଣକାରୀଙ୍କ ଟିକସକୁ ନିଶ୍ଚିତ କରିବ । ଏଭଳି ଟିକସରୁ ଲବ୍ଧ ଅର୍ଥ ଉଚ୍ଚ ଆୟକାରୀ ଦେଶଗୁଡ଼ିକୁ ସାହାଯ୍ୟ କରିବ ଏବଂ ଅଧିକ ଗରିବ ଓ ଅସୁରକ୍ଷିତ ଦେଶ ପ୍ରତି ସେମାନଙ୍କର ନୈତିକ ଦାୟିତ୍ୱବୋଧତାକୁ ବଢ଼ାଇବ । ପ୍ରକୃତରେ ବିକାଶଶୀଳ ଦେଶଗୁଡ଼ିକ ପାଇଁ ପ୍ରତିବର୍ଷ ୧୦୦ ବିଲିୟନ ଡଲାର ସହାୟତା ଯୋଗାଇଦେବାରେ ଧନୀ ଦେଶଗୁଡ଼ିକ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତା'ଠାରୁ ଅଧିକ ହେବା ଦରକାର ।

ପ୍ରଦୂଷଣ ଟିକସ ମଧ୍ୟ ଦେଶଗୁଡ଼ିକ ମଧ୍ୟରେ ଥିବା ଅସମାନତା ଦୂରକରିବାରେ ସାହାଯ୍ୟ କରିବ । କମ୍ ନିର୍ଗମନକାରୀ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଲୋକମାନଙ୍କ ମୁଣ୍ଡ ପିଛା ନିର୍ଗମନ ଓ ସର୍ବାଧିକ ନିର୍ଗମନକାରୀଙ୍କ ମଧ୍ୟରେ ବଡ଼ ପ୍ରଭେଦ ରହିଛି । ଅର୍ଥନୀତିଜ୍ଞ ଲକାସ ଚାନ୍‌ସେଲ ଜାଣିବାକୁ ପାଇଛନ୍ତି ଯେ, କାର୍ବନ ନିର୍ଗମନରେ ଥିବା ଅସମାନତା ଦେଶ –ଦେଶ ମଧ୍ୟରେ ଯେତିକି ଦେଖାଯାଉଛି ତା'ଠାରୁ ଦେଶ ମଧ୍ୟରେ ଅଧିକ । ବାସ୍ତବରେ ପ୍ରଭାବୀ ଜଳବାୟୁ ନୀତିଗୁଡ଼ିକ ପାଇଁ ଏକ ସ୍ଥାୟୀ ରାଜନୈତିକ ସହମତି ଆଣିବାରେ ଅସମାନତା ଆମ ଦକ୍ଷତା ଉପରେ ବିପଦ ସୃଷ୍ଟିକରୁଛି । ତେବେ ଟିକସ ବ୍ୟବସ୍ଥା ନିଶ୍ଚିତ କରିବ ଯେ, ଯେଉଁମାନେ ନିର୍ଗମନ ଅତ୍ୟଧିକ କରୁଛନ୍ତି ସେମାନେ ସେମାନଙ୍କ ଉଚିତ ଶେୟାର ଦେବେ । ତେବେ ଟିକସୀକରଣ କଥା ଟାଣରେ କୁହାଯାଉଥିବାବେଳେ ଏହାକୁ ଗ୍ରହଣ କରିବା ଓ କାର୍ଯ୍ୟକାରୀ କରିବା କଷ୍ଟକର ବୋଲି ପ୍ରମାଣିତ ହୋଇଛି । ଟିକସୀକରଣ ଉପରେ ସୀମାପାର ସହଯୋଗ ଲୋଡ଼ା, ହେଲେ ଏହା ସହଜ ହେଉନାହିଁ । ଏଥିପାଇଁ ଏକ ଅନ୍ତର୍ଜାତୀୟ ଚୁକ୍ତି ଦରକାର, ଯାହା ଦେଶଗୁଡ଼ିକୁ ଅଧିକ ଲାଭ ଦେବ ।

ତେବେ ଟିକସ ନିର୍ଦ୍ଧାରଣ ବିରୋଧରେ ଥିବା ରାଜନୈତିକ ବାଧା ଦୁର୍ବଳ ହେବା ଏକ ଉତ୍ସାହଜନକ ସଙ୍କେତ । କପ୍‌୨୮ରେ ସମସ୍ତ ପକ୍ଷଙ୍କ ଦ୍ୱାରା ସହମତ ହୋଇଥିବା ଟିକସ ସମେତ ନୂତନ ତଥା ଅଭିନବ ଆର୍ଥିକ ଉତ୍ସର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦିଆଯାଇଛି । ଗତ ନଭେମ୍ବରରେ ଜାତିସଂଘ ସଦସ୍ୟ ଦେଶଗୁଡ଼ିକ ଏକ ଫ୍ରେମ୍‌ୱାର୍କ କନ୍‌ଭେନସନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ୟାକ୍ସ କୋ–ଅପରେଶନ ପ୍ରତିଷ୍ଠାର ପ୍ରସ୍ତାବ ପାସ୍ କରିଛନ୍ତି । ଏହା ଏକ ବୈଶ୍ୱିକ ଆଇନ ଆଣିବାର ସ୍ୱଚ୍ଛ ପଦକ୍ଷେପକୁ ବାଟ ଦେଖାଇଛି । ବିଶ୍ୱରେ ଅନ୍ୟମାନଙ୍କ ତୁଳନାରେ କମ୍ ଟିକସ ଦେଉଥିବା ୩,୦୦୦ ଅତି ଧନୀ ବ୍ୟକ୍ତି ବିଶେଷଙ୍କ ଉପରେ ବିଶ୍ୱସ୍ତରରେ ଏକ ସର୍ବନିମ୍ନ ଟିକସ ପାଇଁ ବ୍ରାଜିଲ ନେତୃତ୍ୱରେ ଜି୨୦ ଏବେ ବିଚାର କରୁଛି । ଇୟୁର ଟ୍ୟାକ୍ସ ଅନୁଧ୍ୟାନକାରୀମାନେ ଆକଳନ କରିଛନ୍ତି ଯେ, ଅତି ଧନୀଙ୍କର ସମ୍ପତ୍ତି ଉପରେ ବାର୍ଷିକ ୨% ଟିକସ ଯଦି ଠିକ୍ ଭାବେ ଲଗାଯାଏ ତେବେ ବର୍ଷକୁ ୨୫୦ ବିଲିୟନ ଡଲାର ମିଳିପାରିବ । ଏହି ପ୍ରକାର ବ୍ୟବସ୍ଥାରୁ ଲାଭ ଉଠାଇବା ଲାଗି କେତେକ ଦେଶ ଏକ ନୂଆ ଅନ୍ତର୍ଜାତୀୟ ଟ୍ୟାକ୍ସ ଟାସ୍କଫୋର୍ସ ଆରମ୍ଭ କରିଛନ୍ତି । କେନିଆ, ବାର୍ବାଡୋସ୍ ଏବଂ ଫ୍ରାନ୍ସ ମିଳିତ ଭାବେ ଯେଉଁ ଟିକସ ନୀତି ନିଶ୍ଚିତ କରିଛନ୍ତି ତାହା ସ୍ଥାୟୀ ବିକାଶ ଓ ଜଳବାୟୁ ପରିବର୍ତ୍ତନ ପାଇଁ ପାଣ୍ଠି ସକାଶେ ଅତିକମ୍‌ରେ ବିଶ୍ୱ ଜିଡିପିର ୧% ସମାନ ଅର୍ଥ ଯୋଗାଡ଼ କରିପାରିବେ । ଜୀବାଶ୍ମ–ଇନ୍ଧନ ଉତ୍ତୋଳନ ଏବଂ ଆର୍ଥିକ କାରବାର ସମେତ ବିମାନ ଓ ଜାହାଜ ପରିବହନ ଉପରେ ଟିକସ ନିର୍ଦ୍ଧାରଣ କରିବାର ବି ବିକଳ୍ପ ଅଛି । ଟାସ୍କଫୋର୍ସ ଆମର ବୁଝାମଣାକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିବା ସହ ଟିକସ କିପରି ସମାନ ଭାବରେ ଲାଗୁ କରିବାକୁ ଯୋଜନା କରିବ । ସମ୍ଭବତଃ ନିର୍ଦ୍ଦିଷ୍ଟ ଚୁକ୍ତିଗୁଡ଼ିକ ଉପରେ ଏକ ଚୁକ୍ତିନାମା ପାଇଁ ବାଟ ଫିଟିବ ।

ଯଥାର୍ଥ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ନ୍ୟାୟଯୁକ୍ତ ଟିକସ ସବୁବେଳେ ଶକ୍ତିଶାଳୀ ହୋଇପାରେ । ପାଣ୍ଠି ଯୋଗାଣରେ ସହଯୋଗ କରିବା ସହ ଦେଶ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ ବୃଦ୍ଧିକରି ନୂତନ ଟାସ୍କଫୋର୍ସ ଜଳବାୟୁ ସଙ୍କଟ ମୂଳରେ ଥିବା ଅନ୍ୟାୟକୁ ଦୂର କରିବାରେ ସାହାଯ୍ୟ କରିପାରିବ । ଏହାର ସମାଧାନ ପାଇଁ ଆବଶ୍ୟକ ଉତ୍ସଗୁଡ଼ିକୁ ଉନ୍ମୁକ୍ତ କରିବ । ଗରିବ ଲୋକ ଏବଂ ଦେଶଗୁଡ଼ିକ ଉପରେ ଭାର କମାଇବା କେବଳ ଏକ ନୈତିକ ଦାୟିତ୍ୱ ନୁହେଁ । ମନେରଖିବାକୁ ହେବ ଯେ, ସେମାନଙ୍କ ବିନା ପରିବର୍ତ୍ତନ ସମ୍ଭବ ନୁହେଁ । ଏଣୁ ଏଥିପାଇଁ ସେମାନଙ୍କର ସମର୍ଥନ ଜିତିବା ଆବଶ୍ୟକ ।

**ଫ୍ରାନ୍ସର ପୂର୍ବତନ ଆମ୍ବାସାଡର (ୟୁନାଇଟେଡ ନେଶନ୍ସ ଫ୍ରେମ୍‌ୱାର୍କ କନ୍‌ଭେନ୍‌ସନ ଅନ୍ କ୍ଲାଇମେଟ୍ ଚେଞ୍ଜ)**

## ଆତ୍ମଘାତୀ ଚିନ୍ତନ ବଳୟ



ମୀରା ବେଉରା

ଗୋଟିଏ ଗାଁରେ ଜଣେ ସ୍ତ୍ରୀଲୋକ ପର ଘରେ କାମ କରି ନିଜର ପ୍ରତିପୋଷଣ କରି ବଞ୍ଚୁଥିଲା । ତା'ର ପଡ଼ିଶା ଘରେ ଆଉ ଜଣେ ସ୍ତ୍ରୀଲୋକ ରହୁଥିଲା । ସେହି ଦୁଇ ସ୍ତ୍ରୀଲୋକଙ୍କ ମଧ୍ୟରେ କେବେ ପଡ଼େ ନାହିଁ । ଥରେ ଗ୍ରାମ ଠାକୁରାଣୀ ପ୍ରଥମ ସ୍ତ୍ରୀଲୋକଙ୍କ ଆରାଧନାରେ ପ୍ରସନ୍ନ ହୋଇ ତାକୁ ବର ମାଗିବାକୁ କହିଲେ । କିନ୍ତୁ ସର୍ତ୍ତ ରଖିଲେ ଯେ ଯାହା ମାଗୁଛୁ ମାଗ, କିନ୍ତୁ ତୁମକୁ ଯାହା ମିଳିବ ତୁମ ପଡ଼ିଶା ଘରର ସ୍ତ୍ରୀଲୋକଙ୍କୁ ତାହାର ଦୁଇଗୁଣା ମିଳିବ । ତେଣୁ ତୁମେ ଭାବିଚିନ୍ତି ବର ମାଗ । ଠାକୁରାଣୀଙ୍କର ସର୍ତ୍ତ ବଡ଼ ବିଚିତ୍ର ଥିଲା । ସ୍ତ୍ରୀଲୋକଟି ବଡ଼ ଅଡୁଆରେ ପଡ଼ିଗଲା । ମନେମନେ ବିଚାର କଲା, ମୁଁ ଯେତିକି ପାଇବି ମୋର ବଇରୀ ତା'ର ଦୁଇଗୁଣ ପାଇବ । ଏହା କେମିତି ସମ୍ଭବ ହେବ । ଯଦିବି ସେ ଦୁଇଗୁଣା ପାଇବ, ତାହାକୁ ମୁଁ କିପରି ସହିପାରିବି ? ଏହିପରି ତାହାର ଭାବନା ଭାବନାରେ ବିତିଗଲା । ମନେମନେ ଭାବିଲା, ଯାହା ହେଉ ଏତେଦିନେ ଗୋଟାଏ ସୁଯୋଗ ମିଳିଛି ତାକୁ ଭଲ କରି ପାନେ ଦେବି । ତେଣୁ ସେ ଠାକୁରାଣୀଙ୍କୁ କହିଲା– ମାଆ ମୋର ଦୁଇଟି ଆଖି ଅଛି । ଆପଣ ଯଦି ପାରିବେ ମୋର ଗୋଟିଏ ଆଖିକୁ ଫୁଟାଇ ଦେଇ ମୋତେ ଅନ୍ଧ କରିଦିଅନ୍ତୁ । ଏତକ କହି ମନେମନେ ବହୁତ ଖୁସି ହେଉଥିଲା । ଯାହା ହେଉ ଆର ସ୍ତ୍ରୀ ଲୋକର ଦୁଇଟା ଆଖି ଫୁଟିଯିବ । ଏହାପରେ ଠାକୁରାଣୀ ତଥାସ୍ତୁ କରି ଅନ୍ତର୍ଦ୍ଧାନ ହୋଇଗଲେ । ଦେଖାଗଲା ସେହି ସ୍ତ୍ରୀର ଗୋଟିଏ ଆଖି ଓ ଆର ସ୍ତ୍ରୀ ଲୋକଟିର ଦୁଇଟିଯାକ ଆଖି ଫୁଟିଗଲା । ଏହାହିଁ ହେଉଛି ଆତ୍ମଘାତୀ ଚିନ୍ତା ଓ ଚେତନାର ସ୍ୱଷ୍ଟ ପ୍ରତିଫଳନ ।

ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଆଜିର ମଣିଷ ଯେତେ ଶିକ୍ଷିତ ଓ ସଫଳ ହେଲେ ମଧ୍ୟ ପାପ ଚିନ୍ତାଧାରାରୁ ମୁକୁଳି ପାରୁନାହିଁ । ପ୍ରତି ମୁହୂର୍ତ୍ତରେ କହୁଛି ଘର ପଛକେ ପୋଡ଼ି ଯାଉ, କିନ୍ତୁ ମୂଷାଟି ମରିବା ଦରକାର । ଏହି ମାୟାବୀ ମଣିଷ କେବଳ ନିଜର ସୁଖ ସମୃଦ୍ଧି କଥା ଅହରହ ଚିନ୍ତା କରୁଛି । ତା'ର ଚିନ୍ତା ଓ ଚେତନା କଳୁଷିତ ହୋଇପଡ଼ିଛି । ସେ ପ୍ରତି ମୁହୂର୍ତ୍ତରେ ସମାଜର ଅହିତ କଥା ଚିନ୍ତା କରୁଛି । ପ୍ରତି ମୁହୂର୍ତ୍ତରେ ଅନ୍ୟର କ୍ଷତି କରିବାକୁ ଯେମିତି ପ୍ରତିଶ୍ରୁତିବଦ୍ଧ ହେଉଛୁ । ଆତ୍ମଘାତୀ ଚିନ୍ତନର ମାରାତ୍ମକ ବ୍ୟାଧି ଧୀରେ ଧୀରେ ଆମ ସମାଜରେ ବୃଦ୍ଧି ପାଇ ସମଗ୍ର ବିଶ୍ୱକୁ ମଧ୍ୟ ବ୍ୟାପୀ ଗଲାଣି । ଦେଶ–ଦେଶ ମଧ୍ୟରେ ମଧ୍ୟ ସେହି ବିସ୍ତାରବାଦୀ ଚିନ୍ତାଧାରା ଯୋଗୁ ଆଣବିକ ଅସ୍ତ୍ରର ପ୍ରତିଯୋଗିତା ଚାଲିଛି । ଆଜିର ସଭ୍ୟ ଶିକ୍ଷିତ ମଣିଷ ଭୁଲିଯାଇଛି ଯେ ଏହି ଆତ୍ମଘାତୀ ଚିନ୍ତନ ଆଣବିକ ଅସ୍ତ୍ରଠାରୁ ମଧ୍ୟ ମାନବ ସମାଜର ବହୁଳ ଭାବରେ କ୍ଷତି କରିଥାଏ । ଆମେ ଏତେ ପରିମାଣରେ ସ୍ୱାର୍ଥପର ହୋଇଯାଇଛୁ ଯେ, ଯେଉଁ ନ୍ୟୁକ୍ଲିୟସ୍ ଆବିଷ୍କାର କରି ଭୟଙ୍କର କର୍କଟ ରୋଗର ନିରାକରଣ କରି ଗର୍ବ ଅନୁଭବ କରିଥିଲୁ, ଆଜି ସେହି ନ୍ୟୁକ୍ଲିୟସ୍ ବିସ୍ଫୋରକ ବୋମା ତିଆରି କରି ପୃଥିବୀକୁ ଧ୍ୱଂସ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଯାଇଛୁ । ନିଜେ ପଛକେ ମରିବୁ, ସମସ୍ତଙ୍କୁ ମଧ୍ୟ ମାରିବୁ । କିଏ କହିବ ଏହି ଆତ୍ମଘାତୀ ଚିନ୍ତନ ଦିନେ ଏହି ମଣିଷ ସମାଜକୁ ଧ୍ୱଂସ ସ୍ତୂପରେ ସଜାଇ ନ ଦେବ ?

ଥରେ ଜଣେ ମହାତ୍ମା ଯିଶୁଙ୍କୁ ପ୍ରଶ୍ନ କରିଥିଲେ, 'ଈଶ୍ୱରଙ୍କ ସାମ୍ରାଜ୍ୟରେ ଆମେ କିପରି ପ୍ରବେଶ କରିପାରିବା ?' ସେଦିନ ଯିଶୁ ଉତ୍ତର ଦେଇଥିଲେ, 'ଯାହାର ମନ ଏହି ଶିଶୁ ଭଳି ସରଳ, କୋମଳ ଓ ପବିତ୍ର, ସେ ହିଁ ଈଶ୍ୱରଙ୍କ ସାମ୍ରାଜ୍ୟରେ ପ୍ରବେଶ କରିପାରିବ ।' ଜଗଜ୍ଜନନୀ ଶ୍ରୀମା' ମଧ୍ୟ ସେହି କଥା କହିଥିଲେ ଯେ ସରଳତା ହିଁ ଆମର ରକ୍ଷାକବଚ । ଛଳନା, କପଟତା ମଣିଷକୁ ଉତ୍ତେଜନାରେ ଭରି ଦେଇ ତାର ଚିନ୍ତାଧାରାକୁ କଳୁଷିତ କରିଦିଏ । ଥରେ ଗୁରୁଦେବ ଶ୍ରୀ ତୁଳସୀ ଶିଷ୍ୟ ସନ୍ଥମାନଙ୍କୁ ପ୍ରଶ୍ନ କଲେ, ବୟସ ବୃଦ୍ଧି ହେବା କ୍ଷଣି କେଉଁ ତତ୍ତ୍ୱର ବିକାଶ ହୋଇଥାଏ ଏବଂ କେଉଁ ତତ୍ତ୍ୱର ହ୍ରାସ ପାଇଥାଏ ? ଆଶ୍ଚର୍ଯ୍ୟର କଥା, ଜଣେ ସନ୍ଥ ଉତ୍ତର ଦେଲେ– ବୟସ ବୃଦ୍ଧି ସହ ଜ୍ଞାନର ଓ ଅନୁଭବର ବିକାଶ ହୁଏ ଏବଂ ସରଳତା ହ୍ରାସ ହୁଏ । ଆମ କଥା ଓ କାର୍ଯ୍ୟ ଭିତରେ ପ୍ରଭେଦ ନ ରହିବା ହିଁ ସରଳତା ।' ଏହି ସରଳତା ଦ୍ୱାରା ଆମେ ଅକ୍ଳେଶରେ ଅନ୍ୟ ହୃଦୟରେ ଘରଟିଏ ତିଆରି କରିପାରିବା । ଦୁଃଖର କଥା ହେଉଛି, ଆଜି ଆମେ ଚନ୍ଦ୍ରପୃଷ୍ଠରେ ତାରା ମେଳରେ ଫୁଲ ବଗିଚା ତିଆରି କରିବାର ସ୍ୱପ୍ନ ଦେଖୁଛୁ ଅଥଚ ମଣିଷ ଭଳି ମଣିଷ ମେଳରେ ରହି ମଣିଷକୁ ଆନ୍ତରିକତାର ସହିତ ଭଲପାଇବାର କଳାକୁ ଶିଖିପାରିଲୁ ନାହିଁ ।

**ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳ ସାହି, କଟକ
ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ସାଧାରଣରେ ଦେଖାଯାଇଥାଏ ଯେ ଜମିବାଡ଼ି ସଂକ୍ରାନ୍ତୀୟ ମାମଲାରେ ଜଣେ ବ୍ୟକ୍ତି କୋର୍ଟକୁ ବାରମ୍ବାର ଦୌଡ଼ିଥାନ୍ତି । ଏମିତିବି ଦେଖିବାକୁ ମିଳେ ମାଲା ଶେଷହେବାକୁ ଏତେଦିନ ଲାଗିଯାଏ ଯେ, ଶେଷ ରାୟ ମିଳିବା ପୂର୍ବରୁ ଅନେକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାଏ । ତେବେ ଏଭଳି ସମସ୍ୟାର ସମାଧାନ ସହଜ ମନେ ହେଉ ନ ଥିଲେ ବି ସମ୍ଭବ ବୋଲି କାର୍ଯ୍ୟରେ କରି ଦେଖାଇ ଦେଇଛନ୍ତି ଉତ୍ତର ପ୍ରଦେଶର ଜଣେ ଜିଲାପାଳ । ବସ୍ତି ଜିଲାର ଜିଲାପାଳ ବମ୍‌ସି ଆନ୍ଦ୍ରା ୫୦ ହଜାର ଜମିବାଡ଼ି ମାମଲାର ସମାଧାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସେ ମାତ୍ର ୪ ମାସରେ ୫୦ ହଜାର ମାମଲା ସମାଧାନ କରିବାରେ ସଫଳ ହୋଇତଛନ୍ତି । ଆନ୍ଦ୍ରା ସେପ୍ଟେମ୍ବର ୨୦୨୩ରେ ଜିଲାପାଳ ଦାୟିତ୍ୱ ନେବାପରେ ଜିଲାରେ ପଡ଼ିରହିଥିବା ଜମିଜମା ମାମଲାଗୁଡ଼ିକର ସମାଧାନ ଲାଗି ଅଭିଯାନ ଆରମ୍ଭ କରିଥିଲେ । ବିଶେଷକରି ଜମି ମାପ, ଖଜଣା, ବଣ୍ଟନ, ସୀମା ବିବାଦକୁ ନେଇ ଏହି ମାମଲାଗୁଡ଼ିକ କୋର୍ଟରେ ବିଚାରାଧୀନ ରହିଥିଲା । ଏଥିପାଇଁ ଲୋକେ ଖର୍ଚ୍ଚାନ୍ତି ବି ହେଉଥିଲେ । ଆନ୍ଦ୍ରା ଏହି ଅଭିଯାନରେ ଅତିରିକ୍ତ ଜିଲାପାଳ ସମେତ ଅନ୍ୟସବୁ ଅଧିକାରୀଙ୍କ ସହଯୋଗ ନେଇଥିଲେ । ସମସ୍ତ ଅଧିକାରୀ ଲୋକଙ୍କ ପାଖରେ ପହଞ୍ଚି ମାମଲାର ସମାଧାନ କରିବା ଦ୍ୱାରା ଏତେ ପରିମାଣର ମାମଲା ସମାଧାନ ସମ୍ଭବ ହୋଇପାରିଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୭୫

- ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଦେଶର ବିଭିନ୍ନ ସ୍ଥାନରେ ୨୪୦୦ଟି ଟେଲିଭିଜନ ସେଟ୍ ରଖିବା ନିମନ୍ତେ ସ୍ଥାନ ନିରୂପଣ କରୁଛନ୍ତି ।
- ସିକିମ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି ରକ୍ଷୀବାହିନୀକୁ ନିରସ୍ତ୍ର କରାଯିବା ନିମନ୍ତେ ଭାରତ ସରକାରଙ୍କ ନିର୍ଦ୍ଦେଶ ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 5 | | | | 2 | | 8 |
| 9 | | | | | | | 3 | |
| | 8 | | | 6 | | 1 | | |
| | | | | | 4 | | 6 | |
| 7 | | | | 5 | | | 8 | |
| 1 | | | 9 | 8 | | 5 | | 7 |
| | | 7 | | | | | 2 | 5 |
| | | | | 9 | 3 | | | |
| | | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 8 | 1 | 9 | 3 | 7 | 6 |
| 3 | 8 | 9 | 5 | 6 | 7 | 4 | 1 | 2 |
| 7 | 1 | 6 | 3 | 2 | 4 | 8 | 5 | 9 |
| 2 | 7 | 1 | 9 | 4 | 5 | 6 | 8 | 3 |
| 8 | 6 | 3 | 1 | 7 | 2 | 9 | 4 | 5 |
| 4 | 9 | 5 | 6 | 3 | 8 | 1 | 2 | 7 |
| 1 | 3 | 7 | 4 | 5 | 6 | 2 | 9 | 8 |
| 6 | 5 | 8 | 2 | 9 | 1 | 7 | 3 | 4 |
| 9 | 4 | 2 | 7 | 8 | 3 | 5 | 6 | 1 |

ଗତକାଲିର ଉତ୍ତର

# ଶିକ୍ଷିତ ବେକାରି ସମସ୍ୟା



ଶ୍ରୀବତ୍ସ ନାୟକ

ଦେଶରେ ବୈଶାଖର ଝାଞ୍ଜି ସାଙ୍ଗକୁ ଅଷ୍ଟାଦଶ ସାଧାରଣ ନିର୍ବାଚନର ଉଷ୍ମତା ଅନୁଭୂତ ହେଉଛି । ସମସ୍ତେ ନିର୍ବାଚନକୁ ନେଇ ଉତ୍ସାହିତ ଥିବାବେଳେ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ)ର ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି । ଗତ ମାର୍ଚ୍ଚ ୨୭ରେ ଆଇଏଲ୍‌ଓ ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା, ସେଥିରେ ଭାରତ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ, ଦେଶରେ ଦିନକୁଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି । କେବଳ ସେତିକି ନୁହେଁ, ବରଂ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କଠାରେ ବେକାରି ସମସ୍ୟା ବେଶି ବୋଲି ରିପୋର୍ଟରେ ଦର୍ଶାଯାଇଛି । ନିରକ୍ଷର ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ ବେଳେ ସ୍ନାତକମାନଙ୍କ ବେକାରି ହାର ୨୯.୧ ପ୍ରତିଶତ, ଯାହାକି ପାଖାପାଖି ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ କ୍ଷେତ୍ରରେ ବେକାରି ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ । ସେହିଭଳି ମାଧ୍ୟମିକ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ । ଅର୍ଥାତ୍ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଏମାନେ ବେକାରି ହେବା ଆଶଙ୍କା ୬ ଗୁଣା ଅଧିକ । ବିଶେଷତଃ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି, ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି । ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି । ଆନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷିତ ଯୁବକମାନଙ୍କ ଅପେକ୍ଷା ଅଣ–ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ । ଅର୍ଥାତ୍ ସରଳ ଭାବେ ବୁଝିଲେ ଭାରତରେ ଜଣେ ବ୍ୟକ୍ତି ଯେତେ ଅଧିକ ପାଠ ପଢ଼ିବେ, ସେତେ ଅଧିକ ବେକାରି ହେବେ । ପାଠ ନ ପଢ଼ିଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନ ପାରେ, କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନ ଦେଇପାରିବା ନିଶ୍ଚିତ ରୂପେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଦେଶରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର ଅନେକ ଯୋଜନା ପ୍ରଣୟନ କରିବା ସହ ଆତ୍ମନିର୍ଭର ଭାରତ ଗଠନର ନାରା ଦେଉଥିଲେ ମଧ୍ୟ ବେକାରି ସମସ୍ୟା ହଟାଇବାରେ ସମର୍ଥ ହୋଇପାରିନାହାନ୍ତି ।

ବୈଦିକ ଯୁଗରୁ ଭାରତ ସଦାସର୍ବଦା ତା'ର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି । ଏହାର ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଏବଂ ଆତ୍ମନିର୍ଭରଶୀଳକୈନ୍ଦ୍ରିକ ଥିଲା । ଏହାକୁ ଜ୍ଞାନର ଏକ ମାଧ୍ୟମ ବୋଲି ବିବେଚନା କରି ସମସ୍ତେ ଜ୍ଞାନ ଆହରଣ କରି ନିଜ ନିଜର ଜୀବିକାର୍ଜନ କରୁଥିଲେ । କିନ୍ତୁ ବ୍ରିଟିଶ୍‌ମାନଙ୍କ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକୃଷ୍ଣନ୍ କମିଶନ (୧୯୪୮), ମୁଦାଲୀୟର କମିଶନ (୧୯୫୨), କୋଠାରୀ କମିଶନ (୧୯୬୪), ଯଶପାଲ କମିଶନ (୧୯୯୨)ଙ୍କ ସୁପାରିସକ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା



ପାଇଁ ଅନେକ ପରିବର୍ତ୍ତନ କରାଯାଇଛି । ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣି କେନ୍ଦ୍ର ସରକାର ଦେଶରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ହେଲେ ଶିକ୍ଷା ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ଆମକୁ ମାନି ନେବାକୁ ପଡିବ । ଅଲ୍ ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେଶନ ରିପୋର୍ଟ ଅନୁସାରେ ୨୦୧୬–୧୭ ଶିକ୍ଷାବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବାବେଳେ ୨୦୨୦–୨୧ରେ ଏହାର ସଂଖ୍ୟା ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା । ଅନୁରୂପ ଭାବେ ମହାବିଦ୍ୟାଳୟ ସଂଖ୍ୟା ୪୦,୦୨୬ରୁ ୯.୪ ପ୍ରତିଶତ ବୃଦ୍ଧି ପାଇ ୪୩,୭୯୬ ହୋଇଥିଲା । ଶିକ୍ଷାନୁଷ୍ଠାନ ବୃଦ୍ଧି ସହ ଅନୁରୂପ ଭାବେ ସ୍ନାତକଧାରୀଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି । କର୍ପୋରେଟ ସେକ୍ଟରରେ ପ୍ରତି ବର୍ଷ ଅନେକ ନିଯୁକ୍ତି ପ୍ରକାଶ ପାଉଥିଲେ ମଧ୍ୟ ଦକ୍ଷତାର ଅଭାବ ଯୋଗୁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୂରଣ କରିପାରୁନାହାନ୍ତି । ଫଳରେ ସେମାନେ କୌଣସି କ୍ଷେତ୍ରରେ ନିଯୁକ୍ତି ନ ପାଇ ରୋଜଗାରକ୍ଷମ ହୋଇପାରୁନାହାନ୍ତି । ଏହା ପ୍ରମାଣ କରୁଛି ଯେ, ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ପରିମାଣାତ୍ମକ ହୋଇଛି ନ ହେଲେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପିଏଚ୍.ଡି. ଏବଂ ଏମ୍.ଫିଲ୍ ଡିଗ୍ରୀଧାରୀ ଆବେଦନ କରୁନଥା'ନ୍ତେ । ବ୍ୟୟବହୁଳ ସତ୍ତ୍ୱେ ବିଦେଶୀ ଶିକ୍ଷା ପ୍ରତି ଆକୃଷ୍ଟ ହେବା, ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟରେ ସ୍ଥାନ ନ ପାଇବା, ଶିକ୍ଷା ପାଇଁ ବ୍ୟୟ ବରାଦ ଆଶାନୁରୂପ ବୃଦ୍ଧି ନ ପାଇବା ଆମ ଶିକ୍ଷା ବ୍ୟବସ୍ଥାର ଏକ ଅଭାବନୀୟ ଦୃଶ୍ୟ । ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ନ କରିବା, ଶିକ୍ଷାନୁଷ୍ଠାନରେ ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ଶିକ୍ଷା ବିଭାଗ ଶିକ୍ଷକଙ୍କ ହାତରେ ନ ରହି ପ୍ରଶାସକଙ୍କ ହାତରେ ରହିବା ଆଦି ଯୋଗୁ ନିମ୍ନଗାମୀ ହେଉଛି ଶିକ୍ଷା ବ୍ୟବସ୍ଥା । ଫଳରେ ଶିକ୍ଷିତ ହୋଇ ମଧ୍ୟ ଛାତ୍ରୀଛାତ୍ରମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି । ଆର୍.ବି.ଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ ବେକାରି ସମସ୍ୟାକୁ ନେଇ କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍‌ଶୀଘ୍ର ପ୍ରଭାବ ପକାଇବ । ତେଣୁ ଏହା ସେହି ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ ? ଯଦି ଏହା ହୋଇଥାଏ, ତେବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡ଼ିବ ।

ଉପଯୁକ୍ତ ଭିତ୍ତିଭୂମି ସରଞ୍ଜନା ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା, ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଡ୍ରପ୍ ଆଉଟ୍ ହାରକୁ ହ୍ରାସ କରିବା, ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ଆପଣାଇବା ଆଦିକୁ ଗ୍ରହଣ କଲେ ହୁଏତ ଭବିଷ୍ୟତରେ ଏ ଅବସ୍ଥାରେ କେତେକ ମାତ୍ରାରେ ପରିବର୍ତ୍ତନ ଆଶା କରାଯାଇପାରେ । ନହେଲେ ଦିନ ଆସିବ, ଆମେ ସମସ୍ତେ ଶିକ୍ଷିତ ହୋଇ ମଧ୍ୟ ବେକାର ଥିବା ଏବଂ ଚିନ୍ତା କରୁଥିବା ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ ?

**ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ
ମୋ:୯୪୩୮୦୭୦୮୪୯**

## ପାଠକ ଶ୍ରେଷ୍ଠ ବିଚାରକ

### ନେତା ପସନ୍ଦ ନୁହଁ ତ ନୋଟାରେ ଭୋଟ ଦିଅ

ମହାଶୟ,

ଗତ କିଛି ସାଧାରଣ ନିର୍ବାଚନରେ ନେତାଙ୍କୁ ପସନ୍ଦ ନ କରି ଅନେକ ଭୋଟର ଭୋଟଦାନରୁ ବିରତି ରହିବା ଯୋଗୁ ଭୋଟ ହାର କମିବାରେ ଲାଗିଛି । ସେହିଭଳି ଭୋଟ ପାଇଁ ଇଭିଏମ୍‌ରେ ନୋଟା ବଟମ ସଂଯୋଗ ହେବା ପରେ ଅନେକ ଶିକ୍ଷିତ ଭୋଟର ସେମାନଙ୍କ ମତଦାନରେ ନୋଟା (ନନ୍ ଅଫ୍ ଦି ଏବଭ୍) ବଟମ ବ୍ୟବହାର କରୁଥିବାରୁ ନୋଟାର ଗୁରୁତ୍ୱ ବୃଦ୍ଧି ପାଉଛି । ଏପରି କି ନୋଟା ବ୍ୟବହାର ପରେ ଅନେକ ସ୍ଥାନରେ ବିଜୟ ଓ ପରାଜୟର ପ୍ରଭାବ ଦେଖିବାକୁ ମିଳିଥିଲା । ବିଶେଷକରି ନୋଟା ବ୍ୟବହାରରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଥିବା ଯୋଗୁ ଓଡ଼ିଶାର ଭୋଟରମାନେ ଏବେ ସଚେତନ ହେବା ଅନୁମାନ କରାଯାଉଛି । ନୋଟା ହାର ବୃଦ୍ଧି ପାଇଲେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସବୁଦିନ ପାଇଁ ନିର୍ବାଚନ ଲଢ଼ି ନ ପାରିବା ଭୟରେ ଭୟଭୀତ ହୋଇଯାଉଛନ୍ତି । ସଚେତନ ତଥା ଶିକ୍ଷିତ ଭୋଟରମାନେ ନେତା ପସନ୍ଦ ନହେଲେ ନୋଟାରେ ଭୋଟଦେଲେ ସେମାନଙ୍କ ଅପସନ୍ଦ ନେତାମାନେ ଶିକ୍ଷା ପାଇବେ ।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବିନା ଶାନ୍ତି କମିଟିରେ ପାଳିତ ହେବ ଇଦ୍

ବ୍ରହ୍ମବରଦା,୧୦।୪(ଯଯାତି କେଶରୀ ବେହେରା)

ଅବିଭକ୍ତ ବ୍ରହ୍ମବରଦା ପଞ୍ଚାୟତ ଏକ ସଂଖ୍ୟାଲଘୁ ବିଶିଷ୍ଟ ଅଞ୍ଚଳ ଭାବେ ପରିଚିତ। ଉଭୟେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଏଠାରେ ଭାଇଭାଇ ପରି କେଉଁ ଅନାଦି କାଳରୁ ଚଳି ଆସୁଛନ୍ତି। ହିନ୍ଦୁ ଧର୍ମାବଲମ୍ବୀ ଯେପରି ବାରମାସରେ ତେର ପର୍ବ ପାଳନ କରିଥାନ୍ତି ସେହିପରି ମୁସଲମାନ ଧର୍ମାବଲମ୍ବୀ ମଧ୍ୟ ଇଦ, ବକରିଦ ଭଳି ବିଭିନ୍ନ ପର୍ବ ପାଳନ କରିଥାନ୍ତି। ଉଭୟ ସମ୍ପ୍ରଦାୟ ଲୋକେ ମିଳିମିଶି ପର୍ବପର୍ବାଣୀ ପାଳିବା ଦ୍ୱାରା କାଳେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେ ନେଇ ପ୍ରତ୍ୟେକ ପୂଜାପର୍ବରେ ପୋଲିସ ପକ୍ଷରୁ ଗ୍ରାମର ଭଦ୍ରବ୍ୟକ୍ତି ଓ ଗାଁ ମୁଖିଆଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଥାଏ। କିନ୍ତୁ ବ୍ରହ୍ମବରଦା ପୋଲିସ ପକ୍ଷରୁ ଚଳିତ ବର୍ଷ କମିଟି ଗଠନ କରାଯାଇନାହିଁ। ଉଭୟ ଧର୍ମର ମୁରବୀମାନଙ୍କ ପକ୍ଷରୁ ଶାନ୍ତି କମିଟି ଗଠନ ନେଇ ଥାନାରେ ସୁପାରିସ କରାଯାଇଥିଲା। ହେଲେ ତାହା ଫଳପ୍ରଦ ହୋଇନାହିଁ। ଚଳିତ ଇଦ ପର୍ବ ଉପଲକ୍ଷେ ବ୍ରହ୍ମବରଦା ପୋଲିସ ବୁଧବାର ସନ୍ଧ୍ୟାରେ ଫ୍ଲାଗ ମାର୍ଚ୍ଚ କରିଛି। ଉଭୟ ସମ୍ପ୍ରଦାୟର ମୁରବୀମାନଙ୍କୁ ନେଇ ଶାନ୍ତି କମିଟି ଗଠନ କରା ନ ଯିବାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଯଦି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ତେବେ କିଏ ତାହାର ଉତ୍ତରଦାୟୀ ରହିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ଦଳଡିଆଁ ନେତାଙ୍କ ପତିଆରା ଅଧିକ

ଯାଜପୁର,୯।୪(ହର୍ଷବର୍ଦ୍ଧନ ବେହେରା):

- ସବୁ ଦଳରେ ବରିଷ୍ଠଙ୍କୁ ଅଣଦେଖା
- ଟିକେଟ୍ ନ ମିଳିଲେ ଅନ୍ୟ ଦଳକୁ ଯିବାକୁ ବ୍ୟାକୁଳ

ଯାଜପୁର ଜିଲାରେ ଦଳଡିଆଁରେ ରେକର୍ଡ କରୁଥିବା ନେତାଙ୍କ ପତିଆରା ଏଥର ଢେର ଅଧିକ ଦେଖିବାକୁ ମିଳିଛି। ହେଲେ ଗୋଟିଏ ଦଳରେ ଦଶନ୍ଧି ଓ ବର୍ଷ ବର୍ଷ ଧରି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ନେତାଙ୍କୁ ଅଣଦେଖା କରାଯାଉଛି। ସବୁ ଦଳର ପୁରୁଖା ନେତା ଓ ଆଶାୟୀମାନେ ଉପରକୁ ଅନେଇ ରହିଛନ୍ତି। ପୁଣି ଦଳଡିଆଁ ନେତାମାନେ ଅଞ୍ଚଳର ବିକାଶ କରିବା ସହ ଲୋକଙ୍କ ସାଥିରେ ଅଛନ୍ତି ବୋଲି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ଯେଉଁମାନେ ବାସ୍ତବରେ ଅଞ୍ଚଳର ବିକାଶ କରିବାକୁ ଚାହାନ୍ତି ସେମାନଙ୍କୁ କୌଣସି ଦଳର ଆବଶ୍ୟକତା ପଡେ ନାହିଁ ବରଂ ଦଳ ଡିଆଁ ରାଜନୀତି ନିଜ ସ୍ୱାର୍ଥ ସାଧନ କରିବାର ଏକ ମାଧ୍ୟମ ବୋଲି ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଛି। ଏବେ ଜିଲାର କୋରେଇ, ବରୀ ଓ ବଡ଼ଚଣାରେ ଉଭୟ ବିଜେଡି ଓ ଭାଜପା ଟିକେଟ୍ ଅପେକ୍ଷାରେ ଏକାଧିକ ନେତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳଡିଆଁ ନେତା ଓ ନେତ୍ରୀ ରହିଥିବାବେଳେ ଟିକେଟ୍ ନ ମିଳିଲେ ପୁଣି ଅନ୍ୟ ଦଳ ଡେଇଁବାକୁ ଗୋଡ ଟେକି ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ବର୍ଷ ବର୍ଷ ଧରି ରାଜ୍ୟ ଦଳୀୟ କାର୍ଯ୍ୟାଳୟ ଚକ୍କର କାଟିଥିବା ଆଶାୟୀମାନେ ଏଥର ଜଳକା ହୋଇ ଚାହିଁ ରହିଛନ୍ତି। କେତେକ ରାଜ୍ୟ କାର୍ଯ୍ୟାଳୟକୁ ନିଜ ସମର୍ଥକଙ୍କ ସହ ଯାଇ ହୋହାଲ୍ଲା କରି ପୁଣି ପ୍ରତିଶ୍ରୁତି ପାଇ ଫେରି ଆସୁଛନ୍ତି। ଆଉ କେତେକ ଟିକେଟ୍ ଘୋଷଣାକୁ ଚାହିଁ ରହିଛନ୍ତି। ଏଠାରେ ଯାଜପୁର ଜିଲାର କୋରେଇ, ବରୀ ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳଗୁଡିକର ଟିକେଟ୍ ଘୋଷଣାକୁ ଆଶାୟୀମାନେ ଚାହିଁ ରହିଛନ୍ତି। ବରୀରେ ଟିକେଟ୍ ଆଶାୟୀମାନେ ଛକାଛକିରେ ରହିଛନ୍ତି। ଭାଜପା ସମର୍ଥନରୁ ପଞ୍ଚାୟତ ସମିତି ଅଧକ୍ଷା ଏବଂ ୨୦୧୯ରେ ବିଜେଡି ଟିକେଟ୍‌ରେ ବିଧାୟିକା ହୋଇଥିବା ସୁନନ୍ଦା ଦାସଙ୍କୁ ଏଥର ଟିକେଟ୍ ଅପେକ୍ଷାରେ ରହିବାକୁ ପଡିଛି। ସେ ଜଣେ ମହିଳା ନେତ୍ରୀ ଭାବେ ସାରା ଦେଶରେ ହୋଇଥିବା ସର୍ଭେ ତାଲିକାରେ ସ୍ଥାନ ପାଇ ସାରିଛନ୍ତି। ମହିଳାଙ୍କୁ ଅଗ୍ରାଧିକାର ଦେଉଥିବା ବିଷୟ ଭାଷଣର ଶୀର୍ଷକ ହେଉଥିବାବେଳେ ତଥାପି ବିଜେଡି କାହା ଅପେକ୍ଷାରେ ତାଙ୍କୁ ଝୁଲାଇ ରଖିଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ପ୍ରଥମେ କଂଗ୍ରେସ ଓ ପରେ ସ୍ୱାଧୀନ ଏବଂ ଭାଜପାରୁ ନିର୍ବାଚନ ଲଢି ବିଜେଡିକୁ ଡିଆଁମାରି ନେତା ସାଜିଥିବା ବିଶ୍ୱରଞ୍ଜନ ମଲିକ ଟିକେଟ୍ ଆଶାରେ ରହିଛନ୍ତି। ବିଶ୍ୱଙ୍କ ସମର୍ଥକମାନେ ତାଙ୍କୁ ଗରିବଙ୍କ ସାହା ବୋଲି କହୁଛନ୍ତି। ଅଞ୍ଚଳର ବିକାଶରେ ତାଙ୍କର ଭୂମିକା ଅନନ୍ୟ ବୋଲି ଡିଣ୍ଡିମ ପିଟୁଛନ୍ତି। ତେଣୁ ବିଜେଡି ପାଇଁ ସେ ପ୍ରଥମ ଦାବିଦାର ବୋଲି ତାଙ୍କ ସମର୍ଥକମାନେ ମତପ୍ରକାଶ କରୁଛନ୍ତି। କିନ୍ତୁ ବରୀରେ ଏଯାଏ ବନ୍ୟା ମୁକାବିଲା ହୋଇ ପାରିନାହିଁ। ଏବେବି ଏକାଧିକ ବନ୍ୟା ମୁକାବିଲା ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ଅନେକ ମୌଳିକ ସମସ୍ୟା ବରୀ ଅଞ୍ଚଳରେ ଲାଗି ରହିଛି। କେବଳ ବରୀ ନୁହେଁ ସାରା ଯାଜପୁର ଜିଲାର ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଭଳି ଅନେକ ସମସ୍ୟା ରହିଥିଲେ ହେଁ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ଆନ୍ତରିକତାର ସହ ସମାଧାନ କରିବାକୁ ଆଗେଇ ଆସୁ ନାହାନ୍ତି। ଅଧିକାଂଶ ଠିକାଦାରୀ ରାଜନୀତିରେ ମାତି ନିଜର ବ୍ୟାଙ୍କ ବାଲାନ୍ସ ବଢେଇବାରେ ଲାଗିଛନ୍ତି ବୋଲି ସାଧାରଣ ଜନତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷେ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ କମ୍ପାନୀ ପ୍ରତିଷ୍ଠା ହେବା ସହ ଖଣି ଖନନ ଚାଲିଥିଲେ ହେଁ ଜିଲାର ହଜାର ହଜାର ଶିକ୍ଷିତ ଯୁବତୀଯୁବକ ବେକାର ହୋଇ ବୁଲୁଛନ୍ତି। ଏଠାରେ ଠିକାସଂସ୍ଥା ହେଉ କିମ୍ବା ନିଯୁକ୍ତି କ୍ଷେତ୍ରରେ ଅଣଓଡ଼ିଆଙ୍କୁ ଅଧିକ ସୁଯୋଗ ମିଳୁଛି। ଏହାର ପ୍ରତିବାଦ କରିବାକୁ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ଆଗେଇ ଆସୁନାହାନ୍ତି। ତେଣୁ ଜିଲାର ସମସ୍ତ ଆଶାୟୀ ନେତାମାନଙ୍କ ଯଦି ଦମ୍ ଅଛି ତେବେ କୌଣସି ଦଳୀୟ ଟିକେଟ୍‌ରେ ନୁହେଁ ବରଂ ସ୍ୱାଧୀନ ପ୍ରାର୍ଥୀ ହୋଇ ଲଢି ଜିତିଲେ ବାସ୍ତବରେ ସେହି ଅଞ୍ଚଳର ବିକାଶ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆହ୍ୱାନ ଦିଆଯାଉଛି। ସେହିପରି ବିଜେଡିରୁ ଭାଜପାକୁ ଡିଆଁ ମାରିଥିବା ଦେବାଶିଷ ନାୟକ ମଧ୍ୟ ଟିକେଟ୍ ଆଶାରେ ରହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସରୁ ଭାଜପାକୁ ଯାଇଥିବା ଉମେଶ ଜେନା ଭାଜପା ସଙ୍ଗଠନକୁ ସୁଧାରିବାରେ କିଛି କାମ କରିଥିବାବେଳେ ସେ ମଧ୍ୟ ଟିକେଟ୍ ଦୌଡରେ ଅଛନ୍ତି। କୋରେଇରେ ଏଥର ବିଜେଡିରୁ ଭାଜପାକୁ ଡିଆଁ ମାରି ଆକାଶ ଦାସନାୟକ ଖୁବ୍ କମ ଦିନରେ ଟିକେଟ୍ ହାତେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସରୁ ଭାଜପାକୁ ଡିଆଁ ମାରିଥିବା ବିଶ୍ୱଜିତ୍ ନାୟକ ଏଥର ନିରାଶ ହୋଇଛନ୍ତି। ସେହିପରି ଆଲେକଜାଣ୍ଡାର ଦାସ ଭାଜପାରୁ ରାଜନୈତିକ ଜୀବନ ଆରମ୍ଭ କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ମଧ୍ୟ ନିରାଶ ହେବାକୁ ପଡିଛି। ୩ ଦଶନ୍ଧି ଧରି ଭାଜପାର ମଙ୍ଗ ଧରିଥିବା ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡାଙ୍କୁ ମଧ୍ୟ ଅଣଦେଖା କରାଯାଇଛି। ବିଭିନ୍ନ ଦଳରୁ ଅନ୍ୟ ଦଳକୁ ଯିବା ରାଜନୀତିର ଏକ ଅଂଶବିଶେଷ ହୋଇଥିଲେ ବି ଏଥର ସମ୍ବେଦନଶୀଳ ହଜି ଯାଇଛି ବୋଲି ବରିଷ୍ଠମାନେ କହୁଛନ୍ତି। ଅନ୍ୟପକ୍ଷେ ବିଜେଡି ବିଧାୟକ ଅଶୋକ ବଳ ଏଯାଏ ଝୁଲି ରହିଛନ୍ତି। ସେହିପରି ବଡ଼ଚଣାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଝୁଲାଇ ରଖିଥିବାବେଳେ ସେଠାରେ ଏକାଧିକ ନେତା ଟିକେଟ୍ ଆଶାୟୀ ରହିଛନ୍ତି। ଏହିକ୍ରମରେ ନିଜ ଦଳରେ ଆଲେଡା ହେଲେ ନୂଆ ଦଳରେ ମିଶିଲେ ଟିକେଟ୍ ମିଳିବା ପ୍ରାୟ ନିଶ୍ଚିତ ହୋଇ ଯାଉଛି। ତେଣୁ ଏବେ ବି ଏକାଧିକ ନେତା ସେହି ଅପେକ୍ଷାରେ ରହିଥିବା ଜିଲାସାରା ଚର୍ଚ୍ଚାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ସୁବିଧା ଦେଖି ନେତାମାନେ ଅନ୍ୟ ଦଳର ଆଶ୍ରା ନେଇ ଯାଉଛନ୍ତି। ନୀତି ଆଦର୍ଶ କେବଳ ପ୍ରହସନ ସାଜିଛି। କଳେବଳେ କୌଶଳେ କ୍ଷମତା ଦଖଲ ମୂଳ ମନ୍ତ୍ର ହେଉଛି। ଦଳ ହେଉ ବା ବ୍ୟକ୍ତି ବିଶେଷ କ୍ଷମତାକୁ ଆସିବାକୁ ସମସ୍ତେ ବ୍ୟାକୁଳ। ଡାଳ ଡିଆଁ ପଶୁଙ୍କଠାରୁ ଦଳଡିଆଁ ମଣିଷ ବୁକେଇ ଗଲେଣି।



## ଶାରଳା ପୁରସ୍କାରପ୍ରାପ୍ତ କବି ସମ୍ବର୍ଦ୍ଧିତ




ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ କବି ଭୀମ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ ଶାରଳା ଓ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ କବି ଭୀମ ପୃଷ୍ଟିଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ତଥା କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରାବନ୍ଧିକ ପୃଷ୍ଟି ପାଠପଢ଼ା ଶେଷ ପରେ ପ୍ରଥମେ ଧରିତ୍ରୀ ଖବରକାଗଜରେ ସାହିତ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ। ମହାପାତ୍ର ସେହି ସମୟରେ ଶିଶୁ କବିତା ଓ ଗପ ଧରିତ୍ରୀକୁ ପଠାଉଥିଲେ। ତେଣୁ ପୃଷ୍ଟିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ବିଭିନ୍ନ ଖବରକଗଜରେ ପୃଷ୍ଟିଙ୍କ ସାହିତ୍ୟ ଲିଖନୀ ପ୍ରକାଶ ପାଇଥିଲା। ଏହାପରେ ସେ ତାଙ୍କ ରଚିତ ଜମ୍ବୁଦ୍ୱୀପ ପୁସ୍ତକ ପ୍ରକାଶ କରିଥିଲେ। ସେହି ସମୟରୁ ତାଙ୍କର ସାହିତ୍ୟ ପ୍ରତିଭା ଜଣାପଡିଥିଲା। ଅଧ୍ୟକ୍ଷ ସାହୁ କହିଥିଲେ, ପ୍ରାବନ୍ଧିକ ପୃଷ୍ଟି ଏହି ମହାବିଦ୍ୟାଳୟରେ ସାତ ବର୍ଷ ଚାକିରି କାଳ ମଧ୍ୟରେ ଉତ୍ତମ ଶିକ୍ଷାଦାନ କରୁଥିଲେ। ଅତିଥିମାନେ ପୃଷ୍ଟିଙ୍କୁ ମାନପତ୍ର ସାହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ପୃଷ୍ଟି କହିଥିଲେ, ଏଠାରେ ଅଧ୍ୟାପନା କରୁଥିବାବେଳେ ସାହିତ୍ୟ ସୃଷ୍ଟି କରିବାରେ ସମୟ ପାଇଥିଲେ। ଛୁଟି ସମୟରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲେଖାଲେଖିବାରେ ସଫଳ ହୋଇଛନ୍ତି ବୋଲି ସୂଚନା ଦେଇଥିଲେ। ପରେ କଲେଜର ମୁଖପତ୍ର କସ୍ତୁରୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଓଡ଼ିଆ ବିଭାଗ ପକ୍ଷରୁ ଅଧ୍ୟାପକ ଆଶିଷ ଦାସ ଓ ଛାତ୍ରୀଛାତ୍ର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟପକ ଅରବିନ୍ଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସ୍ୱରୁପାନନ୍ଦ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଚରୀଙ୍କ ପକ୍ଷରୁ ଅଧ୍ୟାପକ ଦୀପକ ଶତପଥୀ, ବିଜୟ କୁମାର ପ୍ରଧାନ ପୃଷ୍ଟିଙ୍କ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବଡ଼ଚଣା ପୋଲିସ, ସିଆର୍‌ପିଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

ଚଣ୍ଡିଖୋଲ,୧୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ବଡ଼ଚଣା ପୋଲିସ ଓ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ବିଭିନ୍ନ ପଞ୍ଚାୟତରେ ବୁଧବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବନ୍ଧାପଦ୍ମନାଭପୁର, ଶୁକାଦେଇପୁର, ଗୌଡ଼ପାଟଣା, ନୂଆହାଟ, ଅରଖପୁର, ବାଙ୍ଗର ଗୁଣ୍ଡା ଓ ଚଣ୍ଡିଖୋଲ ଛକ ଆଦି ସ୍ଥାନରେ ଅପରାହ୍ନ ସାଢେ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏଥିରେ ବଡ଼ଚଣା ଥାନା ପକ୍ଷରୁ ଏସଆଇ ବିଦ୍ୟୁତ୍ ଦେହୁରି ଓ ଏଏସ୍‌ଆଇ ଶ୍ରନିବାସ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।



ପୋଲିସ ଓ ସିଆରପିଏଫ୍ ଯବାନମାନେ ଫ୍ଲାଗମାର୍ଚ୍ଚ କରୁଛନ୍ତି।

## ଖରସ୍ରୋତା ନଦୀବନ୍ଧ ରାସ୍ତା ଶୋଚନୀୟ



ସିଂହପୁର,୧୦।୪ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଲେଇଚନ୍ଦନପୁର ପଞ୍ଚାୟତ କଣଛନ୍ଦା ଗ୍ରାମଠାରୁ ସିଂହପୁର ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ଖରସ୍ରୋତା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ନଦୀବନ୍ଧ ରାସ୍ତାର ଖରସ୍ରୋତା ସେତୁ ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ ହୋଇଥିଲା। ମାତ୍ର କଣଛନ୍ଦା ଗ୍ରାମ ସେତୁଠାରୁ ସିଂହପୁର ଗ୍ରାମ ଶେଷ ସୀମା ପର୍ଯ୍ୟନ୍ତ ରାସ୍ତାର କେତକ ସ୍ଥାନ ଭାଙ୍ଗିପଡ଼ିଛି। ଅଧିକାଂଶ ସ୍ଥାନରେ ମାଟି ରାସ୍ତା ଥିବାରୁ ବର୍ଷା ହେଲେ କାଦୁଅରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। କେତକ ସ୍ଥାନରେ ଖାଲଖମା ଯୋଗୁ ଲୋକେ ହୀନସ୍ତା ଭୋଗୁଛନ୍ତି। ତୁରନ୍ତ ବାକି ଥିବା ସ୍ଥାନରେ ପିଚୁ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ବି-ସିଓଏନ୍‌ସି-ଆର୍‌ଓୟୁ-ଜିଏମ୍‌ୟୁ-୨୪, ତାରିଖ: ୧୦।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ୍ (ପଶ୍ଚିମ), ଝାଡ଼ଖଣ୍ଡ, ଇମେଲ୍: srdcm@ckp.railnet.gov.inଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ଆକାରରେ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ରାଉରକେଲା ('ଏ' ବର୍ଗ) ଷ୍ଟେଶନଠାରେ ଜେନେରାଲ ମାଇନର୍ ୟୁନିଟ୍ ଉପରେ କ୍ୟାଟେରିଂ ସେବାର ବ୍ୟବସ୍ଥା। (୧) ସମ୍ପୂର୍ଣ୍ଣ ବିବରଣୀ ପାଇଁ ବିଡରମାନଙ୍କୁ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। (୨) ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବସାଇଟ୍ ରେ ଉପଲବ୍ଧ ହେବ। ବିଡରଦାତାମାନେ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। (୩) **ଟେଣ୍ଡର କାଗଜପତ୍ର ଇସ୍ୟୁ:** ୦୯।୦୪।୨୦୨୪। (୪) **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୦୧।୦୫।୨୦୨୪, ୧୫.୩୦ ଘଟିକା ପର୍ଯ୍ୟନ୍ତ। (୫) ଟେଣ୍ଡର ଖୋଲିବା ତାରିଖ:** ୦୧।୦୫।୨୦୨୪ ୧୫.୩୦ ଘଟିକା। (PR-27)

## କିଷାନ ମଜଦୁର ସଂଘର୍ଷ ପାର୍ଟିର ପ୍ରାର୍ଥୀ ଘୋଷଣା

**ପ୍ରଥମ ପର୍ଯ୍ୟାୟରେ ୧୫ ବିଧାନସଭା, ୩ ଲୋକ ସଭା ପ୍ରାର୍ଥୀ**

ବଡ଼ଚଣା,୧୦।୪(ଦିଲୀପ କୁମାର ମହାନ୍ତି):

କିଷାନ ମଜଦୂର ସଂଘର୍ଷ ପାର୍ଟିର ଏକ ବୈଠକ ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ଧାନମଣ୍ଡଳଠାରେ ରାଜ୍ୟ ଯୁବ ସଭାପତି ଚନ୍ଦନ କୁମାର ପଣ୍ଡାଙ୍କ ଆବାହକତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୫ ବିଧାନସଭା ଓ ୩ ଲୋକ ସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରାଯାଇଛି। ଏଥିରେ ରାଜ୍ୟ କିଷାନ ମଜଦୁର ସଂଘର୍ଷ ପାର୍ଟି ସଭାନେତ୍ରୀ କଲ୍ୟାଣୀ ବାରିକ, ସାଧାରଣ ସମ୍ପାଦକ ଆର୍ଯ୍ୟ କୁମାର ଷଡ଼ଙ୍ଗୀ, ରାଜ୍ୟ ସଂଯୋଜକ ଦିବ୍ୟ ସିଂହ ଦାସ, ପର୍ଯ୍ୟବେକ୍ଷକ ଅଶୋକ କୁମାର ସାହୁ ଓ ସରୋଜ କୁମାର ସାମଲ ଯୋଗଦେଇଥିଲେ।

ବୈଠକରେ ଯାଜପୁର ଲୋକ ସଭା ଆସନ(ସଂରକ୍ଷିତ) ପାଇଁ ମଣ୍ଟୁ ସେଠୀ, ଭଦ୍ରକ (ସଂରକ୍ଷିତ) ପାଇଁ ତପନ କୁମାର ଜେନା ଓ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ବନମାଳୀ ମହାରଣାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଯାଜପୁର ବିଧାନସଭା ଆସନ ପାଇଁ ପ୍ରଶାନ୍ତ କୁମାର ମିଶ୍ର, ବରୀ ଅଜୟ କୁମାର ଧଳ, କୋରେଇ ପ୍ରଭାସଜ୍ୟୋତି ମହାନ୍ତି, ସୁକିନ୍ଦା ଅଭିମନ୍ୟୁ ରଥ, ବଡ଼ଚଣା ପ୍ରମୋଦ କୁମାର ରାୟ, ଧର୍ମଶାଳା ଯଶୋବନ୍ତ ସାହୁ, ପାଟକୁରା ଦେବାଶିଷ ନାୟକ, ରାଜନଗର ନିରଞ୍ଜନ ନାୟକ, ଚାନ୍ଦବାଲି ଶାନ୍ତନୁ କୁମାର ନନ୍ଦ, ପିପିଲି ସୁଭାସିନୀ ଓଝା, ସତ୍ୟବାଦୀ ସୌମ୍ୟକାନ୍ତ ବେହେରା, ମହାକାଳପଡ଼ା ଜୟନ୍ତୀ ନାୟକ, କେନ୍ଦ୍ରାପଡ଼ା ଶରତ ଚନ୍ଦ୍ର ସେଠୀ ଓ ଚିତ୍ରକୁଣ୍ଡା ପାଇଁ ଗୋବର୍ଦ୍ଧନ ପାଙ୍ଗୀ ପ୍ରମୁଖଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ସହ ଟିକେଟ ପ୍ରଦାନ କରାଯାଇଛି। ଦଳ ତରଫରୁ ଓଡ଼ିଶାରେ ୧୨୦ ବିଧାନସଭା ଆସନରେ ପ୍ରାର୍ଥୀ ଦିଆଯିବ। ଖୁବ୍‌ଶୀଘ୍ର ସେମାନଙ୍କ ନାମ ଘୋଷଣା କରାଯିବ ବୋଲି ସଭାନେତ୍ରୀ ବାରିକ ସୂଚନା ଦେଇଛନ୍ତି।




ବୈଠକରେ ଉପସ୍ଥିତ କିଷାନ ମଜଦୁର ସଂଘର୍ଷ ପାର୍ଟିର ସଭାନେତ୍ରୀ ଓ ଅନ୍ୟମାନେ।

## ଯାଜପୁରରେ ଜିଲା କଂଗ୍ରେସ ଲୋକ ସଭା ପର୍ଯ୍ୟବେକ୍ଷକ



ଯାଜପୁର ଜିଲା ଲୋକ ସଭା ପର୍ଯ୍ୟବକ୍ଷେକ ଅନିତାବାଳା ଆଚାର୍ଯ୍ୟ ଓ ଅନ୍ୟମାନେ।

ଯାଜପୁର ଟାଉନ,୧୦।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ଯାଜପୁର ଜିଲା ଲୋକ ସଭା ପର୍ଯ୍ୟବକ୍ଷେକ ଅନିତାବାଳା ଆଚାର୍ଯ୍ୟ ବୁଧବାର ଜିଲା କଂଗ୍ରେସ କାର୍ଯ୍ୟାଳୟ ପହଞ୍ଚି ସମସ୍ତ ବ୍ଲକ ସଭାପତିଙ୍କ ସହିତ କଂଗ୍ରେସ ସଂଗଠନ ଉପରେ ଆଲୋଚନା କରିଛନ୍ତି। ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ କଂଗ୍ରେସ କିପରି ସୁଦୃଢ଼ ହୋଇପାରିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ଉପସ୍ଥିତ ବ୍ଲକ ସଭାପତି, ଆଶାୟୀ ପ୍ରାର୍ଥୀ ଏବଂ କର୍ମୀମାନଙ୍କୁ କଂଗ୍ରେସର ପ୍ରଗମନ, ବିଏଲ୍‌ଓ-୧, ବିଏଲ୍‌ଓ-୨, ଆଇଏନ୍‌ସି ସାଥୀ ଏବଂ ବିଶେଷ କରି କଂଗ୍ରେସର ଗ୍ୟାରେଂଟି କାର୍ଡ ଉପରେ କହିଛନ୍ତି। କଂଗ୍ରେସ ଆଗାମୀ ନିର୍ବାଚନରେ ଯେଉଁ ଗ୍ୟାରେଣ୍ଟି କାର୍ଡ ପ୍ରକାଶ କରିଛି ତାହା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥିନିମନ୍ତେ ସମସ୍ତଙ୍କୁ ସଚେତନ କରାଇଛନ୍ତି। ତାଙ୍କର ଏହି କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକା, ଯାଜପୁର ବ୍ଲକ, ଦଶରଥପୁର, କୋରେଇ, ରସୁଲପୁର ଓ ବିଞ୍ଝାରପୁର ବ୍ଲକର ସଭାପତି, ଆଶାୟୀ ପ୍ରାର୍ଥୀ ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ଅବଶିଷ୍ଟ ବ୍ଲକର ସଭାପତିଙ୍କ ସହିତ ଆଗାମୀ ଦିନରେ ଆଲୋଚନା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସନ୍ତୋଷ ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ସୁଦୀପ୍ତ କର, ଆଲୋକ ବେହେରା, ସନ୍ତୋଷ ବେହେରା, ଗଦାଧର ଦାସ, ପ୍ରମୋଦ ଦାସ, ଶ୍ୟାମସୁନ୍ଦର କର, ମିହିର ମିଶ୍ର, ଅକ୍ଷୟ ଜେନା, କନକଲତା ମଲ୍ଲିକ, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ଉତ୍କଳ ପାଣିଗ୍ରାହୀ, ହୃଷୀକେଶ ଜେନା, ବିଳାସ ରାଉତରାୟ, ଭରତ ଜେନା, ଅବ୍ଦୁଲ ସଲିମ ଖାଁ, ଗଜେନ୍ଦ୍ର ସେଠୀ, ବିଜୟ ମାହାପାତ୍ର, ବନିତା ଦାସ, ସରୋଜ ନାୟକ ଓ ସୁଲୋଚନା ଦାସ ପ୍ରମୁଖ ବିଭିନ୍ନ ବ୍ଲକରୁ ନେତୃମଣ୍ଡଳୀ ଯୋଗଦେଇ ସହଯୋଗ କରିଥିଲେ।

**PUBLIC NOTICE**

This is to inform that M/s. Swami Resorts Private Limited has accorded the **Environmental Clearance** from the State Environmental Impact Assessment Authority (SEIAA), Odisha for their proposed **"Multistoried Hotel Building" Project (2B+G+7) at Plot No. P/1, 55, 56, 57 and 63, Nandankanana Road, Near Nalco Office, Jayadev Vihar, Bhubaneswar-751013** vide Environmental Clearance No. SIA/OR/MIS/295733/2022 dated 04/04/2024. The copy of the said clearance is available with the PARIVESH portal of MoEF & CC. **M/S. SWAMI RESORTS PRIVATE LIMITED**

**BOARD OF REVENUE, ODISHA, CUTTACK**

No. II (A) - 01/2024 - 1571 / M.B. Niz, Dated : 10/04/2024

**QUOTATION / TENDER CALL NOTICE**

Quotations / Tenders are invited for supply of one vehicle on hiring basis for Pool use in Board of Revenue, Odisha, Cuttack.
2. For details of the tender please visit www.boardodisha.nic.in
3. The last date of submission of Tender is 22.04.2024 by 1.00 PM. The Tender shall be opened on 22.04.2024 at 4.00 PM.

**Sd./- Addl. Secretary (Niz.)**

**ODISHA PUBLIC SERVICE COMMISSION**

**NOTICE**

No : 1963/PSC. Dt.:10.04.2024

No.D-6 : It is for information of all concerned that, the Commission has decided to conduct the written examination of Inspector of Motor Vehicle / Additional R.T.O. (Enforcement) / Assistant Works Engineer, pursuant to Advt. No. 15 of 2023-24 on 05.05.2024 (Sunday). The detailed programme for the said examination shall be notified later.
2. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0006/2425 **Sd./-Secretary**

# ଶଙ୍ଖ ଭବନରେ ସମ୍ବିତଙ୍କ ସହ ଅସନ୍ତୁଷ୍ଟଙ୍କ ଯୁକ୍ତିତର୍କ

## ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି କଳି

- ପାରାଦୀପ ପୌରାଧ୍ୟକ୍ଷଙ୍କ ବିରୋଧରେ ଆକ୍ଷେପର ପ୍ରତିବାଦ
- ୮ ତାରିଖରେ ନବୀନ ନିବାସରେ ବିଧାୟକଙ୍କ ବିରୋଧରେ ଉଠିଥିଲା ସ୍ୱର

ଜଗତ୍‌ସିଂହପୁର, ୧୦।୪ (ପ୍ରମୋଦ କୁମାର ନାୟକ)

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି କଳି ଛିଡିବା ପରିବର୍ତ୍ତେ ଦିନକୁଦିନ ବଢ଼ିବାରେ ଲାଗିଛି। ଏହି କଳି ଏବେ ପାରାଦୀପରୁ ଶଙ୍ଖ ଭବନରେ ପହଞ୍ଚିଲାଣି। ବଡ କଥା ହେଲା ଶଙ୍ଖ ଭବନରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନାଁରେ ବିଧାୟକ ସମ୍ବିତ ରାଉତରାୟ ଆକ୍ଷେପମୂଳକ ବକ୍ତବ୍ୟ ବୁଧବାର ନିଆରା ପରିବେଶ ସୃଷ୍ଟି କରିଥିଲା। ଏପରି କି ବିଧାୟକଙ୍କ ସହ ତାଙ୍କ ଉପରେ ଅସନ୍ତୁଷ୍ଟ ଥିବା ନେତା ଓ କର୍ମୀମାନେ ଯୁକ୍ତି କରିଥିଲେ। ଏ ପରିସ୍ଥିତିରେ ବିଜେଡି ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଅରୁଣ ସାହୁ ବୁଝାବୁଝି କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିବା କୁହାଯାଇଛି। ଆଗକୁ ଦେଖିବାର ଅଛି ସ୍ଥିତିରେ ପରିବର୍ତ୍ତନ ଆସୁଛି କି ବଢୁଛି।

ପାରାଦୀପରେ ଏ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଘୋଷଣା କରିପାରିନାହିଁ। ପ୍ରାର୍ଥୀ ଘୋଷଣାରେ ଯେତିକି ବିଳମ୍ବ ହେଉଛି ନିର୍ବାଚନମଣ୍ଡଳୀରେ ବିଧାୟକ ସମ୍ବିତଙ୍କ ବିରୋଧରେ ଅସନ୍ତୋଷ ସେତିକି ବଢ଼ିବାରେ ଲାଗିଛି। ଏପରି କି ଅନେକ ଲୋକ ପ୍ରତିନିଧି ଓ ଦଳୀୟ ନେତା, କର୍ମୀ ସମ୍ବିତଙ୍କୁ ଶାଣିତ ସମାଲୋଚନା କରୁଛନ୍ତି। ନିକଟରେ ସମ୍ବିତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗ କରି ଏହି ନେତା, କର୍ମୀମାନେ ମେଳି ହେବାରେ ଲାଗିଛନ୍ତି। ସମ୍ବିତ କିମ୍ବା ତାଙ୍କ ପରିବାରର କାହାରିକୁ ପ୍ରାର୍ଥୀ ନ କରିବା ପାଇଁ ଅଡି ବସିଛନ୍ତି। ଏହା ଭିତରେ ସେମାନେ ଏକାଧିକ ଥର ବୈଠକ କରି ସାରିଲେଣି। ସମ୍ଭାବ୍ୟ ପରିସ୍ଥିତିକୁ ଦେଖି ଦଳ ନେତୃତ୍ୱ ସମାଧାନ ପାଇଁ ଗତ ୮ ତାରିଖରେ ନବୀନ ନିବାସକୁ ଡାକିଥିଲେ। ପ୍ରସ୍ତୁତି ମୁତାବକ ସେଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ସହ ପର୍ଯ୍ୟବେକ୍ଷକ ଗିରିଶ ଦାସ ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ୍ ଅସନ୍ତୁଷ୍ଟମାନଙ୍କ ସହ ନବୀନ ନିବାସ ଯାଇଥିଲେ। ତା’ ପରେ ସେଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ସେମାନଙ୍କ ଅସନ୍ତୋଷ ବଖାଣି ଥିଲେ। ବିଶେଷକରି ସ୍ୱର୍ଗତ ଦାମୋଦର ରାଉତ ଦୀର୍ଘ ୪୦ବର୍ଷ ଧରି କ୍ଷମତା ଉପଭୋଗ କରିଥିଲେ। ପରେ ଅର୍ଥାତ୍ ୨୦୧୯ରେ ଭାଜପାରେ ମିଶି ଏହି ଦଳରୁ ବାଲିକୁଦା-ଏରସମାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ବିଜେଡି ବିରୋଧରେ ବର୍ଷୁଥିଲେ ସୁଦ୍ଧା ନିଜର ରାଜନୈତିକ ବିଚକ୍ଷଣତା ବଳରେ ପୁଅ ସମ୍ବିତଙ୍କୁ ପାରାଦୀପରେ ବିଜେଡି ପ୍ରାର୍ଥୀ କରାଇବାରେ ସଫଳ ହୋଇଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ସମ୍ବିତ ପତ୍ନୀଙ୍କୁ ବିଜେଡି ପ୍ରାର୍ଥୀ କରିବେ ବୋଲି ଆଗୁଆ ଘୋଷଣା କରି ସାରିଲେଣି। ଯାହା ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛି। ନିର୍ବାଚନମଣ୍ଡଳୀରେ ଲୋକଙ୍କ ସହ ସମ୍ପର୍କ ନ ରଖି ଦଳୀୟ ନେତା ଓ କର୍ମୀଙ୍କୁ ଦୁର୍ବ୍ୟବହାର କରିବା ପ୍ରକାରାନ୍ତରେ ବିଜେଡିର ଲୋକପ୍ରିୟତା ଉପରେ ଆଞ୍ଚ ଆଣିଛି। ପାରାଦୀପରେ ବିଜେଡିର କେହି ନେତୃତ୍ୱ ନ ଥିଲା ଭଳି ଗୋଟିଏ ପରିବାର ଉପରେ ଦଳ ଭରସା କରିବା ସେମାନଙ୍କୁ କଷ୍ଟ ଦେଉଛି। ସମ୍ବିତଙ୍କ ପରିବାର ବାଦ ଅନ୍ୟ ଯିଏ ପ୍ରାର୍ଥୀ ହେଲେ କୌଣସି ଅସୁବିଧା ନାହିଁ ବୋଲି ଏହି ନେତୃତ୍ୱମାନେ ଅନୁରୋଧ କରିଥିଲେ। ତେବେ ବ୍ୟସ୍ତ ନ ହୋଇ ସଙ୍ଗଠନ ପାଇଁ କାମ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିବା କେତେଜଣ ପ୍ରତିକ୍ରିୟାରେ କହିଛନ୍ତି। ଏହାପରେ ପୁଣି ବୁଧବାର ଶଙ୍ଖ ଭବନରେ ଉଭୟପକ୍ଷ ସାମ୍ନାସାମ୍ନି ବସି ଆଲୋଚନା କରିବାକୁ ସ୍ଥିର ହୋଇଥିଲା। ସମ୍ବିତ ଓ ତାଙ୍କ ସପକ୍ଷବାଦୀ କମ୍ ସଂଖ୍ୟକ ଯାଇଥିବା ବେଳେ ବିରୋଧୀ ସଂଖ୍ୟା ଅଧିକ ଥିଲା। ଦଳ ଜିଲା ପର୍ଯ୍ୟବେକ୍ଷକ, ସହ ପର୍ଯ୍ୟବେକ୍ଷକ ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଆଲୋଚନା ବେଳେ ହଠାତ୍ ବିଧାୟକ ସମ୍ବିତ ଉତ୍କ୍ଷିପ୍ତ ହୋଇ ପାରାଦୀପ ପୌରାଧ୍ୟକ୍ଷ ବସନ୍ତଙ୍କ ନାଁ ନେଇ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟମାନେ ପ୍ରତିକ୍ରିୟାଶୀଳ ହୋଇ ପଡିଥିଲେ। ଯାହା କଥା ହେବା କଥା ସାମ୍ନାସାମ୍ନି କରିବା ପରିବର୍ତ୍ତେ ଅନୁପସ୍ଥିତ ଥିବା ଜଣେ ନେତାଙ୍କୁ ସମାଲୋଚନା ଗ୍ରହଣୀୟ ନୁହେଁ ବୋଲି ପ୍ରତିବାଦ କରିଥିଲେ। ତେବେ ପର୍ଯ୍ୟବେକ୍ଷକଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଆଲୋଚନା ସମୟରେ କୁଜଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ତପନ ସାମନ୍ତରାୟ, ସରପଞ୍ଚ ସରୋଜ ସେଠୀ, ପୂର୍ବତନ ସରପଞ୍ଚ ଶିଶିର ଦାସ, ପାରାଦୀପର ଏକାଧିକ କାଉନସିଲର ଓ ପୂର୍ବତନ କାଉନସିଲରଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ଆଗକୁ ଦେଖିବାର ଅଛି ପରିସ୍ଥିତି କେଉଁ ମୋଡ ନେଉଛି।

# ଗୁଣାତ୍ମକ ଶିକ୍ଷା, ଛାତ୍ରୀଛାତ୍ରଙ୍କ ଅଧିକାରକୁ ଗୁରୁତ୍ୱ

## ଅଭିଭାବକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର


ବିଇଓଙ୍କୁ ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରଘୁନାଥପୁର, ୧୦।୪ (ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଶା ଅଭିଭାବକ ସଂଘ ଜଗତ୍‌ସିଂହପୁର ପକ୍ଷରୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ଅଭାବ ଓ ଛାତ୍ରୀଛାତ୍ରଙ୍କ ଅଧିକାରକୁ ନେଇ ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ (ବିଇଓ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରଘୁନାଥପୁର ବ୍ଲକରେ ଥିବା ଅଧିକାଂଶ ବେସରକାରୀ ବିଦ୍ୟାଳୟ ସରକାରୀ ଅନୁମତି ନ ଥାଇ ଚାଲୁଅଛି। ଫଳରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହାଛଡା ପାରଦର୍ଶୀ ପୋର୍ଟାଲରେ ଅଧିକାଂଶ ବେସରକାରୀ ବିଦ୍ୟାଳୟ ନିଜ ନାମ ପଞ୍ଜୀକରଣ କରୁନାହାନ୍ତି। ପିଲାମାନେ ନିଜ ନାମ ପଞ୍ଜୀକରଣ କରିବାବେଳେ ସମ୍ପୃକ୍ତ ବିଦ୍ୟାଳୟର ନାମ ଦେଖାଉ ନାହାନ୍ତି। ୫ ପ୍ରତିଶତ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବା ପାଇଁ ନିୟମ ଥିଲେ ସୁଧା ବେସରକାରୀ ବିଦ୍ୟାଳୟଗୁଡିକ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି। ଏଥିସହ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ଅଭାବ, ଶିକ୍ଷକ ଅଭାବ ଓ ବିଭିନ୍ନ ସ୍କୁଲରେ ଅନେକ ଶିକ୍ଷକ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ରହିବା ଏବଂ ସ୍କୁଲକୁ ବିଳମ୍ବରେ ଆସିବା ନେଇ ସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାମାଜିକ ସୁରକ୍ଷା କର୍ମୀ ଗୋବିନ୍ଦ ଓଝା, ଧରଣୀଧର ଦାସ, ଡ. ଅରୁଣ କୁମାର ପାଣି, ସୁନାକର ବାରିକ ଓ ସୁଶାନ୍ତ ସ୍ୱାଇଁ ପ୍ରମୁଖ ଅଭିଯୋଗରେ ଦର୍ଶାଯାଇଛି।

# ଶ୍ରୀରାମପୁରରେ କୃଷିଭିତ୍ତିକ କର୍ମଶାଳା

ତିର୍ତ୍ତୋଲ, ୧୦।୪(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଶ୍ରୀରାମପୁରଠାରେ ରେଡିଓ ଆଉଟ୍‌ରିଚ୍ କାର୍ଯ୍ୟାଳୟରେ କୃଷିକ୍ଷେତ୍ରରେ ରେଡିଓର ବ୍ୟବହାରକୁ ବଢ଼ାଇବା ଉଦ୍ଦେଶ୍ୟରେ ରେଡିଓ ଆଉଟ୍‌ରିଚ୍ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାର ଚାଷକରି ସଫଳତା ପାଇଥିବା ୨୦ ଚାଷୀ ଏଥିରେ ଯୋଗ ଦେଇଥିଲେ। ଚାଷବାସରେ ରେଡିଓର ବ୍ୟବହାର ଉପରେ ସମସ୍ତ ଚାଷୀ ମତବ୍ୟକ୍ତ କରିଥିଲେ। ଏହାପରେ ସମସ୍ତେ ରେଡିଓ ସାକ୍ଷାତ୍କାର ମାଧ୍ୟମରେ କୃଷିକ୍ଷେତ୍ରରେ ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ରେଡିଓ ଆଉଟ୍‌ରିଚ୍ କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି କୃଷିକ୍ଷେତ୍ରର ବିକାଶ ପାଇଁ ରେଡିଓ ଆଉଟ୍‌ରିଚ୍ ପକ୍ଷରୁ ପ୍ରସାରଣ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ରେଡିଓ ଆଉଟ୍‌ରିଚ୍ ପକ୍ଷରୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କୃଷି ସୂଚନା ପ୍ରସାରଣ କରାଯାଉଛି। ଏହାଛଡ଼ା ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହେଉଥିବା ପାଣିପାଗ ପୂର୍ବାନୁମାନର ତଥ୍ୟ ମଧ୍ୟ ସମୟ ସମୟରେ ପ୍ରଚାରିତ ହେଉଛି। ଆଗକୁ ଚାଷୀମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ବିଭିନ୍ନ ନୂଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ରେଡିଓ ଆଉଟ୍‌ରିଚ୍‌ର ସତ୍ୟବ୍ରତ ପତି, ନୟନ ରଞ୍ଜନ ଦାସ, ତପସ୍ୱିନୀ ନିଶାଙ୍କ ଏବଂ ଜିଏସ୍ ରଜତ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।



କର୍ମଶାଳାରେ ଅତିଥିଙ୍କ ଗହଣରେ ଚାଷୀମାନେ।

# କଂଗ୍ରେସର ପ୍ରାର୍ଥୀ ଘୋଷଣା ବିଳମ୍ବ



ଆଶାୟୀ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ମଲ୍ଲିକ କର୍ମୀମାନଙ୍କ ସହ ଗାଁରେ ବୁଲି ପ୍ରଚାର କରୁଛନ୍ତି।

## ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ

- ପ୍ରଚାରକୁ ଜୋର୍‌ଦାର କରୁଛନ୍ତି ହିମାଂଶୁ ମଲ୍ଲିକ

ତିର୍ତ୍ତୋଲ, ୧୦।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନିମନ୍ତେ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। କିନ୍ତୁ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଉପନିର୍ବାଚନରେ ପ୍ରାର୍ଥ ହୋଇଥିବା କଂଗ୍ରେସ ନେତା ଇଂ. ହିମାଂଶୁ ଭୁଷଣ ମଲ୍ଲିକ ପ୍ରଚାର ଜୋରଦାର ଭାବେ ଆରମ୍ଭ କରିଛନ୍ତି। କଂଗ୍ରେସ ନେତା ଇଂ. ମଲ୍ଲିକ ବୁଧବାର ତିର୍ତ୍ତୋଲ ବ୍ଲକର ଗୋବିନ୍ଦପୁର ପଞ୍ଚାୟତରେ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଏଥିରେ ଶତାଧିକ କଂଗ୍ରେସ କର୍ମୀ ମାତୃ ଆଶୀର୍ବାଦ ଯାତ୍ରାରେ ଯୋଗଦେଇଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଯାତ୍ରାରେ କଂଗ୍ରେସର ରାଜ୍ୟସ୍ତରୀୟ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇ ଇଂ. ମଲ୍ଲିକଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।

କଂଗ୍ରେସ ନେତା ମଲ୍ଲିକ ଘରକୁ ଘର ବୁଲି ଜନତାଙ୍କ ସମର୍ଥନ ଆଶା କରିବା ସହ ଆଗାମୀ ନିର୍ବାଚନରେ ଯଦି ବିଧାୟକ ହେବେ ତେବେ ସେ କ’ଣ କରିବେ ଉଲ୍ଲେଖ ଥିବା ପ୍ରଚାର ପତ୍ର ବାଣ୍ଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଜଗତ୍‌ସିଂହପୁର ଲୋକସଭା କ୍ଷେତ୍ରର ପ୍ରଭାରୀ ରୋହିତ ରାଓ, ପିସିସି ପର୍ଯ୍ୟବେକ୍ଷକ ନିରଞ୍ଜନ ଲେଙ୍କା, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ଲକ୍ଷ୍ମୀଧର ଦାଶ, ଶୁଭ ନାରାୟଣ ନାୟକ, ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଉପସଭାପତି ଧନଞ୍ଜୟ ସୁତାର, ଅଶ୍ୱିନୀ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶଫି ଆଜାମ୍, ସତ୍ୟନାରାୟଣ ନାୟକ, ଲକ୍ଷ୍ମୀଧର ମନ୍ତ୍ରୀ, ପ୍ରଭାତ ମହାନ୍ତି, ନିରଞ୍ଜନ ମହାନ୍ତି, ସନ୍ତୋଷ ମଲ୍ଲିକ, କିଶୋର ରାଉତ, ବିଜୟ ବାରିକ, ମନୋରଞ୍ଜନ ଦାସ, ନୀଳକଣ୍ଠ ସ୍ୱାଇଁ, ଜ୍ଞାନେନ୍ଦ୍ର ପ୍ରଧାନଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

# ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବୈଜୟନ୍ତ

ଆଳି, ୧୦।୪(ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀରେ ଭାଜପାର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସ୍ଥାନୀୟ ହାରାମଣି କଲ୍ୟାଣମଣ୍ଡପରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ବୈଜୟନ୍ତ ଆଳିରେ ପହଞ୍ଚିବା ପରେ ଭାଜପା କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଆଳି ନିର୍ବାଚନମଣ୍ଡଳୀର ବରିଷ୍ଠ ନେତୃତ୍ୱ ଓ ୬୩ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କ ସହ ନିର୍ବାଚନ ରଣନୀତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପଣ୍ଡା କେନ୍ଦ୍ରର ମୋଦି ସରକାରଙ୍କ ବିକାଶମୂଳକ ଯୋଜନା କିପରି ପ୍ରତ୍ୟେକ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚି ପାରିବ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବା ଦରକାର ବୋଲି କହିଥିଲେ। କେନ୍ଦ୍ରାପଡ଼ା ଜିଲାର ଜନସାଧାରଣ ମଧ୍ୟ ଚଳିତ ନିର୍ବାଚନରେ ପରିବର୍ତ୍ତନ ଚାହୁଁଛନ୍ତି, ଯାହା ନିଶ୍ଚିତ ଭାବେ ହେବ। ଡବଲ ଇଞ୍ଜିନ ସରକାର ଆସିଲେ କେନ୍ଦ୍ରାପଡ଼ା ଜିଲାର ନିଶ୍ଚିତ ଭାବେ ପ୍ରଗତି ହେବ। ଏହି ଅବସରରେ ଦୋଳଗୋବିନ୍ଦ ନାୟକ, କିଶୋର କୁମାର ପଣ୍ଡା, ସୁନାକର ବେହେରା, ଆଳି ନିର୍ବାଚନମଣ୍ଡଳୀ ପ୍ରଭାରୀ ମିହିର ସାମଲ, ବ୍ରଜସୁନ୍ଦର ଭୂୟାଁ, ରଶ୍ମିରଞ୍ଜନ ବେହୁରା, ସତ୍ୟବାଦୀ ଚଇନି, ବୈକୁଣ୍ଠନାଥ ପରିଡା, ଭକ୍ତବନ୍ଧୁ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶେଷହେବା ପରେ ପଣ୍ଡା ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଦର୍ଶନ କରିବା ପରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ରାଜକନିକା ବ୍ଲକ ବରୁଣାଡିହା ଗ୍ରାମର ଭାଜପା ଯୁବ କାର୍ଯ୍ୟକର୍ତ୍ତା ପ୍ରିୟରଞ୍ଜନ ସାହୁଙ୍କୁ ଭେଟିବା ସହ ଶାସନ ଗ୍ରାମର ବିଶ୍ୱମ୍ଭର ପାଣିଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌୭-ସିଓଏନ୍‌ସି-ଆରଓୟୁ-ଜିଏମ୍‌ୟୁ-୨୪, ତାରିଖ: ୧୦।୦୪।୨୦୨୪।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ୍ (ପଶ୍ଚିମ), ଝାଡ଼ଖଣ୍ଡ, ଇମେଲ୍: srdcm@ckp.railnet.gov.inଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ଆକାରରେ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ରାଉରକେଲା ('ଏ' ବର୍ଗ) ଷ୍ଟେଶନଠାରେ ଜେନେରାଲ ମାଇନର୍ ୟୁନିଟ୍ ଉପରେ କ୍ୟାଟେରିଂ ସେବାର ବ୍ୟବସ୍ଥା। (୧) ସମ୍ପୂର୍ଣ୍ଣ ବିବରଣୀ ପାଇଁ ବିଡରମାନଙ୍କୁ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। (୨) ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବସାଇଟ୍ ରେ ଉପଲବ୍ଧ ହେବ। ବିଡରଦାତାମାନେ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। (୩) **ଟେଣ୍ଡର କାଗଜପତ୍ର ଇସ୍ୟୁ:** ୦୯।୦୪।୨୦୨୪। (୪) **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୦୧।୦୫।୨୦୨୪, ୧୫.୩୦ ଘଟିକା ପର୍ଯ୍ୟନ୍ତ। (୫) ଟେଣ୍ଡର ଖୋଲିବା ତାରିଖ:** ୦୧।୦୫।୨୦୨୪ ୧୫.୩୦ ଘଟିକା। (PR-27)

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜନଗର, ୧୦।୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସମ୍ପାଦକ ଦୋଳ ଗୋବିନ୍ଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ବୌଦ୍ଧିକ, ମାନସିକ ବିକାଶ କ୍ଷେତ୍ରରେ ପ୍ରତ୍ୟେକ ଅଭିଭାବକ ଯତ୍ନବାନ ହେଲେ ଉତ୍ତମ ନାଗରିକ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳ, ସମ୍ମାନୀୟ ଅତିଥି ଭାବେ ରାଜନଗର ଆଇଆଇସି ଅଜୟ କୁମାର ଜେନା, ବିଇଓ ମନୋରଞ୍ଜନ ସେଠୀ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସଙ୍କୁଳ ପ୍ରମୁଖ ଗୋଲୋକ ବିହାରୀ ଭୂୟାଁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ବାରିକ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ପଟ୍ଟାମୁଣ୍ଡାଇ ଓକିଲ ସଂଘ ଶପଥ ଗ୍ରହଣ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୦।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ପ୍ରାକ୍ତନ ସଭାପତି ଆଡ଼ଭୋକେଟ ଅନନ୍ତ ଚରଣ ଦାସଙ୍କ ପୌରୋହିତ୍ୟ ଓ ପ୍ରାକ୍ତନ ସଭାପତି ଆଡ଼ଭୋକେଟ ସୂର୍ଯ୍ୟ ରଞ୍ଜନ ରାଉଳଙ୍କ ସଂଯୋଜନାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ କୋର୍ଟ ସବଜଜ୍ ତଥା ସହକାରୀ ସେସନ୍ସ ଜଜ୍ ସୁଶ୍ରୀ ସଂଗୀତା ମଲିକ, ଜେ଼ଏମ୍‌ଏଫ୍‌ସି ତଥା ସିଭିଲ ଜଜ୍ ସମୀକ୍ଷା ମହାନ୍ତି ଓ ଜେଏମ୍‌ଏଫ୍‌ସି ତଥା ସହକାରୀ ସିଭିଲ ଜଜ୍ ମୋନାଲିସା ପ୍ରଧାନ ଏବଂ ବରିଷ୍ଠ ଆଡ଼ଭୋକେଟ କିଶୋର କୁଣ୍ଡ ଓ ଆଡ଼ଭୋକେଟ ଡ଼. ନରହରି ଲେଙ୍କା ବିଶିଷ୍ଟ ଅତିଥି ଭାବେ ଭାବେ ଯୋଗ ଦେଇ ନୂତନ କର୍ମକର୍ତ୍ତାମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସଂଘକୁ ଶକ୍ତିଶାଳୀ କରିବା ପାଇଁ ପରାମର୍ଶ ଦେଇଥିଲେ । ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ପ୍ରଫୁଲ୍ଲ ଦାଶ ନବନିର୍ବାଚିତ ସଭାପତି ଆଡ଼ଭୋକେଟ ତପନ ମିଶ୍ର, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମସମ୍ପାଦକ ମନୋଜ କୁମାର ନାୟକ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ସାହୁ, ଗ୍ରନ୍ଥାଗାର ସମ୍ପାଦକ ପ୍ରକାଶ କୁମାର ପାତ୍ରଙ୍କୁ ଶପଥ ପାଠ କରାଇ ଥିଲେ। ଆଡ଼ଭୋକେଟ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ।

**PUBLIC NOTICE**

This is to inform that M/s. Swami Resorts Private Limited has accorded the **Environmental Clearance** from the State Environmental Impact Assessment Authority (SEIAA), Odisha for their proposed **"Multistoried Hotel Building" Project (2B+G+7) at Plot No. P/1, 55, 56, 57 and 63, Nandankanana Road, Near Nalco Office, Jayadev Vihar, Bhubaneswar-751013** vide Environmental Clearance No. SIA/OR/MIS/295733/2022 dated 04/04/2024. The copy of the said clearance is available with the PARIVESH portal of MoEF & CC. **M/S. SWAMI RESORTS PRIVATE LIMITED**

# କେବୁଲ ବିଛାଇବାକୁ କାଟିଦେଲେ ରାସ୍ତା, ପାଣି ପାଇପ୍

- ବେସରକାରୀ ମୋବାଇଲ ସଂସ୍ଥାର ଦାୟିତ୍ୱହୀନତା
- ୫ ୱାର୍ଡକୁ ବନ୍ଦ ହେଲା ପାନୀୟଜଳ

ଡେରାବିଶ, ୧୦।୪(ବେବର୍ତ୍ତା ଅଜୟ ଦାସ)

ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ହେଲେ ବେସରକାରୀ ମୋବାଇଲ ସଂସ୍ଥାର ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ଯୋଗୁ ୫ଟି ୱାର୍ଡର ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଡେରାବିଶ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତରେ।

ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବୋରିଂ ଓ ଓଭରହେଡ୍ ଟାଙ୍କି କରାଯାଇ ମୁକୁନ୍ଦପୁର ଗାଁର ୩ଟି, ପାଣିଓଳା ଗାଁର ଗୋଟିଏ ଓ ନିକଟସ୍ଥ ଯଅଁରା ବାରିମୂଳ ପଞ୍ଚାୟତର ଅର୍ତ୍ତାମୂଳ ଗାଁର ଗୋଟିଏ ୱାର୍ଡର ଅଧିବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ହେଲେ ସୋମବାର ରାତିରେ ଚାନ୍ଦୋଳଠାରୁ ଅର୍ତ୍ତାମୂଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ପାଣିଓଳା ଅଭିରାମ ମଠ ନିକଟରେ ଏକ ବେସରକାରୀ ମୋବାଇଲ ସଂସ୍ଥାର କର୍ମଚାରୀ ସେମାନଙ୍କ କେବୁଲ ମାଟିତଳେ ବିଛାଇବା ପାଇଁ ରାସ୍ତାକୁ ଜେସିବି ଦ୍ୱାରା ତାଡ଼ିଥିଲେ। ଫଳରେ ପୂର୍ବରୁ ମାଟିତଳେ ଯାଇଥିବା ମୁଖ୍ୟ ପାଣି ପାଇପ୍‌ଟି ନଷ୍ଟ ହୋଇଯାଇଥିଲା। କର୍ମଚାରୀମାନେ ରାତାରାତି କେବୁଲ୍ ବିଛାଇ ଖାଲକୁ ପୋତି ଦେଇଥିବା ବେଳେ ମଙ୍ଗଳବାର ସକାଳୁ ପମ୍ପ ଡ୍ରାଇଭର ମୋଟର ଚଳାଇବା ବେଳେ ଏହିଠାରେ ଫଟା ପାଇପ୍ ବାଟ ଦେଇ ରାସ୍ତା ଉପରକୁ ପାଣି ବାହାରିଥିଲା। ଫଳରେ ଡ୍ରାଇଭର ଜଣଙ୍କ ବାଧହୋଇ ପାଣି ଯୋଗାଣ ବନ୍ଦ କରିଦେଇଥିଲେ। ତେବେ ଜଳକଷ୍ଟ ସମୟରେ ପାଣି ଯୋଗାଣ ବନ୍ଦ ହୋଇଯିବାରୁ ଏହା ଉପରେ ନିର୍ଭର କରୁଥିବା ୫ଟି ୱାର୍ଡର ୨ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନାହିଁ ନ ଥିବା ହଇରାଣ ହୋଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ବେସରକାରୀ ମୋବାଇଲ ସଂସ୍ଥା ରାସ୍ତାକଡ଼ରେ କେବୁଲ ବିଛାଇବା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳଯୋଗାଣ ବିଭାଗ ସର୍ବୋପରି ଜଳସେଚନ ବିଭାଗର ଅନୁମତି ନ ନେଇ କିପରି କାର୍ଯ୍ୟ କଲା। କାରଣ ଜେସିବି ଦ୍ୱାରା ତଡ଼ାଯାଇଥିବା ସ୍ଥାନଟି ଏକ ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ବାଟ ଦେଇ ସ୍ଥାନୀୟ ଅଞ୍ଚଳ ବ୍ୟତୀତ ଲୁଣାନଦୀ ଅପରପାର୍ଶ୍ୱକୁ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ଏଥିସହ ପ୍ରତିଦିନ ଏହି ରାସ୍ତା ଦେଇ ଲକ୍ଷ୍ମୀ ବସ୍ ଓ ଅତ୍ୟାବଶ୍ୟକ ଜିନିଷ ପରିବହନ କରୁଥିବା ଶତାଧିକ ଯାନବାହନ ଚଳାଚଳ କରିଥାଏ। ରାସ୍ତାଟି ୨ ଫୁଟ ଓସାର ଓ ୩୦ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ତଡ଼ା ହୋଇଥିବା ବେଳେ ଏହା ଦବିଯାଇ ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରୁଛି। ଏଥିସହ ବେସରକାରୀ କେବୁଲ ସଂସ୍ଥା ଜଳସେଚନ ବିଭାଗର ବିନା ଅନୁମତିରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ୧୨ ନଂ. ଶାଖା ନାଳର ଶଯ୍ୟାକୁ ମଧ୍ୟ ଏହି ସ୍ଥାନରେ ୧୦ ଫୁଟରୁ ଅଧିକ ଗଭୀର କରି ତାଡ଼ିଦେଇଛି, ଯାହାଫଳରେ ଆସନ୍ତା ଖରିଫ୍ ଋତୁର ପାଣି ଆସିଲେ ଦୁର୍ବଳ ହୋଇପଡ଼ିଥିବା କେନାଲବନ୍ଧ ଭାଙ୍ଗିଯିବାର ମଧ୍ୟ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରେ ଏହି ବେସରକାରୀ ମୋବାଇଲ ସଂସ୍ଥା ତାଙ୍କ ଅଜ୍ଞାତରେ ସୋମବାର ବିଳମ୍ବିତ ରାତିରେ ରାସ୍ତା ଖୋଳି ପାଣି ପାଇପ୍ ଫଟାଇ ଦେଇଛି। ବୁଧବାର ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ମରାମତି କରାଯାଇ ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯାଇଛି। ଏଥିସହ ଏହି ମୋବାଇଲ ସଂସ୍ଥା ଜଳସେଚନ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଗୋଚରରେ ନାଳ ଶଯ୍ୟା ଓ ରାସ୍ତାକୁ ତାଡ଼ିଛି। ଉପରୋକ୍ତ ସମସ୍ତ ବିଭାଗ ପକ୍ଷରୁ ଏହି ବେସରକାରୀ ମୋବାଇଲ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



**BOARD OF REVENUE, ODISHA, CUTTACK**

No. II (A) - 01/2024 - 1571 / M.B. Niz, Dated : 10/04/2024

**QUOTATION / TENDER CALL NOTICE**

Quotations / Tenders are invited for supply of one vehicle on hiring basis for Pool use in Board of Revenue, Odisha, Cuttack.
2. For details of the tender please visit www.boardodisha.nic.in
3. The last date of submission of Tender is 22.04.2024 by 1.00 PM. The Tender shall be opened on 22.04.2024 at 4.00 PM.

**Sd./- Addl. Secretary (Niz.)**

**ODISHA PUBLIC SERVICE COMMISSION**

**NOTICE**

No : 1963/PSC. Dt.:10.04.2024

No.D-6 : It is for information of all concerned that, the Commission has decided to conduct the written examination of Inspector of Motor Vehicle / Additional R.T.O. (Enforcement) / Assistant Works Engineer, pursuant to Advt. No. 15 of 2023-24 on 05.05.2024 (Sunday). The detailed programme for the said examination shall be notified later.
2. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0006/2425 **Sd./-Secretary**

# ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ଗିରଫ ଦାବି ଜୋର ଧରିଲା

ରଣପୁର,୧୦।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ରାଜସୁନାଖଳା ଫାଣ୍ଡି ପୋଲିସ ମାମଲା ରୁଜୁ କରି ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ଗିରଫ ନ କରିବା ପ୍ରତିବାଦରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି (AIDWA) ନେତୃତ୍ୱରେ ବୁଧବାର ରାଜସୁନାଖଳା ଫାଣ୍ଡିକୁ ଶତାଧିକ ମହିଳା ଘେରାଉ କରିଥିଲେ । ସଂଯୁକ୍ତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାରତ ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଦାଦାଗିରିକୁ ବକ୍ତାମାନେ ସମାଲୋଚନା କରିବା ସହ ପୋଲିସର ଅବହେଳାକୁ ନିନ୍ଦା କରିଥିଲେ। ମାଇକ୍ରୋ ଫାଇନାନ୍ସର କର୍ମଚାରୀ ସୁବଳଙ୍କୁ ତୁରନ୍ତ ଗିରଫ କରିବା ସହ ରାତିରେ ମହିଳାମାନଙ୍କଠାରୁ ତାଙ୍କ ଘରକୁ ଯାଇ ଋଣ କିସ୍ତି ଆଦାୟକୁ ବିରୋଧ କରିଥିଲେ । ସରଳ ସୁଧ ଓ ସହଜ କିସ୍ତିରେ ସୁଧ ଆଦାୟ, ଫାଇନ୍ ଓ ଚକ୍ରବୃଦ୍ଧି ନାମରେ


ରାଜସୁନାଖଳା ଫାଣ୍ଡି ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ରାଜସୁନାଖଳା ଫାଣ୍ଡି ଘେରାଉ କଲେ ମହିଳା

ମହିଳାମାନଙ୍କୁ ଶୋଷଣ ବନ୍ଦ କରିବା, ପୁରୁଷ କର୍ମଚାରୀ ପରିବର୍ତ୍ତେ ମହିଳାମାନଙ୍କ ଠାରୁ ମହିଳା କର୍ମଚାରୀଙ୍କ ଦ୍ୱାରା ଋଣ ଆଦାୟ କରିବା ଏବଂ ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ଋଣ ଲଗାଣ ଓ ଆଦାୟ କରିବା ପାଇଁ ସଙ୍ଗଠନ ତରଫରୁ ଦୃଢ ଦାବୀ କରାଯାଇଥିଲା ।

ଆନ୍ଦୋଳନ ଖବର ପାଇ ରଣପୁର ଥାନା ଭାରପ୍ରାପ୍ତ ଅଧିକାରୀ ନିହାର ରଞ୍ଜନ ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ମହିଳା ପ୍ରତିନିଧିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଅଭିଯୁକ୍ତ ସୁବଳଙ୍କୁ ତୁରନ୍ତ ଗିରଫ ପାଇଁ ମହିଳାମାନେ ଦାବି କରିଥିଲେ । ପୋଲିସ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇ ଥିଲା। ପୋଲିସ ଏଥିରେ ଅବହେଳା କଲେ ଏହା ବିରୋଧରେ ସଙ୍ଗଠନ ତରଫରୁ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଭାରତ ମାଇକ୍ରୋ ଫାଇନାନ୍ସ ,ରାଜସୁନାଖଳା ଶାଖାର କର୍ମଚାରୀ ସୁବଳ ସାର ସୁଧ କିସ୍ତି ଆଦାୟକୁ ନେଇ ରାଜସୁନାଖଳା ଟାଙ୍ଗି ସାହିର ଶାନ୍ତିଲତା ରଗଡଙ୍କୁ ଚାପୁଡା ମାରି ତାଙ୍କଠାରୁ ଟଙ୍କା ଓ ସୁନା ହାର ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର କେନ୍ଦ୍ରୀୟ ନେତ୍ରୀ ତାପସୀ ପ୍ରହରାଜ, ରାଜ୍ୟ ନେତ୍ରୀ ମିନତୀ ପାଣିଗ୍ରାହୀ, ବ୍ଲକ ସଭାନେତ୍ରୀ ସଂଯୁକ୍ତା ସେଠୀ, ସମ୍ପାଦିକା ପୁଷ୍ପାଞ୍ଜଳୀ ସେନାପତି, ଶ୍ରମିକ ନେତା ସୁରେଶ ସ୍ୱାଇଁ, ଦୁଃଶାସନ ଜେନା,ଭିକାରୀ ସାହୁ, ନଳିନୀ ଦାସ,ସନ୍ତୋଷିନୀ ସାହୁ,ସରୋଜିନୀ ତ୍ରିପାଠୀ ଓ ସୁକାନ୍ତୀ ଜେନା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ବିଜେଡିରେ ଦଶପଲ୍ଲା ପୌରାଧ୍ୟକ୍ଷା

ଭୁବନେଶ୍ୱର,୧୦।୪ (ଅନିଲଦାସ)


ପୁନମ ପ୍ରିୟଦର୍ଶିନୀ

ଦଶପଲ୍ଲା ପୌରପାଳିକାର ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶୀନୀ ବୁଧବାର ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ, ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ଏମପି ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ ପୁନମ ପ୍ରିୟଦର୍ଶୀନୀ। ଦଳରେ ସାମିଲ୍ ହୋଇଥିବା ପୁନମଙ୍କୁ ଅରୁଣ, ରମେଶ ଓ ସସ୍ମିତ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ପ୍ରିୟଦର୍ଶୀନୀଙ୍କ ଯୋଗଦାନ ଫଳରେ ବିଶେଷକରି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୂତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି। ପୁନମ ପ୍ରିୟଦର୍ଶୀନୀ କହିଛନ୍ତି ଯେ, ସ୍ୱାଧୀନ ଭାବେ ଲଢ଼ି ମଧ୍ୟ ସେ ବିଜେଡ଼ିକୁ କେବେ ବିରୋଧ କରି ନାହାନ୍ତି । ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କୁ ଆଦର୍ଶ ଭାବି ନିର୍ବାଚନ ଲଢ଼ିଛି। ନବୀନ ବାବୁଙ୍କ ହାତମୁଠା ଟାଣ କରିବା ସହ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବି । ଦଶପଲ୍ଲା ପୌରପାଳିକାକୁ ଆହୁରି ଆଗକୁ ନେବାକୁ ପ୍ରୟାସ କରିବି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତିଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ,ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହାଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବେ । ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବ୍ଲାଷ୍ଟର ଟିମ୍ ବିଜୟୀ

ରଣପୁର,୧୦।୪(ସୁକାନ୍ତ କିଶୋର ଡାକୁଆ)

## ଲେଖନପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ରଣପୁର ବ୍ଲକ ନିକଟସ୍ଥ କୋଇଲାମାଠାରେ ବୁଧବାର ଲେଖନପୁର ପ୍ରିମିୟର ଲିଗ୍ ସିଜିନ-୪ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଆଜିର ମ୍ୟାଚ୍‌ରେ ବ୍ଲାଷ୍ଟର ଏକାଦଶ ଏବଂ ବଜରଙ୍ଗୀ ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ଓ ରଣପୁରର ସାମାଜିକ କର୍ମୀ ତ୍ରିନାଥ ବିଶ୍ୱାଳ ଯୋଗଦେଇ ଉଭୟ ଦଳ ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏହି ଲିଗ୍ ମ୍ୟାଚରେ ବ୍ଲାଷ୍ଟର ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ବଜରଙ୍ଗୀ ଟିମ୍ ୯୧ ରନ କରି ଅଲ୍ ଆଉଟ ହୋଇଥିଲା। ଶେଷରେ ବ୍ଲାଷ୍ଟର ଟିମ ବିଜୟୀ ଲାଭ କରିଥିଲା। ବିଜୟୀ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।


ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଲେଖନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଦୁଇ ଦଳର ଖେଳାଳି।

# ପାଟିତୁଣ୍ଡ ହେବାରୁ ବିଦାହେଲେ ନବମ ଶ୍ରେଣୀ ଛାତ୍ରୀ

ଫୁଲବାଣୀ, ୧୦।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଏସ୍‌ସି/ଏସ୍‌ଟି ବିଭାଗ ଅଧୀନରେ ଚାଲିଥିବା ଆବାସିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନଙ୍କ ମନମୁଖି କାର୍ଯ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଏମାନେ ଗୋଟିଏ ଗୋଟିଏ ବିଦ୍ୟାଳୟରେ ୧୦ ବର୍ଷରୁ ଅଧିକ ରହିଲେଣି । ବଦଳୀ ହେଉନାହିଁ । ଏସବୁ ସ୍କୁଲରେ ଛାତ୍ରୀମାନେ ଗର୍ଭବତୀ ହେବା, ହଷ୍ଟେଲରେ ରହି ଚିକିତ୍ସା ଅବହେଳାରେ ଛାତ୍ରୀ ମୃତ୍ୟୁବରଣ କରିବା ଖବର ଏହି ଜିଲାକୁ ବଦନାମ କରି ସାରିଲାଣି। ଦିନକୁ ଦିନ ଏସବୁ ଘଟଣା ବଢ଼ି ଚାଲିଛି। ଏବେ ଆଉ ଗୋଟିଏ ନୂଆ ଖବର ସାମ୍ନାକୁ ଆସିଛି। ପିଲାମାନଙ୍କ ମଧ୍ୟରେ ସାମାନ୍ୟ ପାଟିତୁଣ୍ଡ ହେବାରୁ ଜଣେ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଟିସି ଦେଇ ଜବରଦସ୍ତ ବିଦା କରି ଦେଇଛନ୍ତି। ଫୁଲବାଣୀ ବ୍ଲକ ମିଣିଆ ପଂଚାୟତ ପିଶୁପଦର ଆବାସିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଛାତ୍ରୀ ଜଣକ ଏବେ କିପରି ଏବଂ କେଉଁଠି ପଢ଼ିବେ, ତାଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଟିକାବାଲି ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଉଡୁଡେବା ଗ୍ରାମର ବୈକୁଣ୍ଠ କହଁରଙ୍କ ଝିଅ ସ୍ୱର୍ଣ୍ଣଲତା ଦ୍ୱିତୀୟ ଶ୍ରେଣୀରୁ ଏହି ବିଦ୍ୟାଳୟ ହଷ୍ଟେଲରେ ରହି ପଢ଼ି ଆସୁଥିଲେ। ଏବେ ସେ ନବମ ଶ୍ରେଣୀରେ ଅଧ୍ୟୟନ ରତ ଥିଲେ। ଗତ ୨୯ ତାରିଖରେ ହଷ୍ଟେଲରେ ତାଙ୍କ ଉପର ୧୦ମ ଶ୍ରେଣୀର ଗୋଟିଏ ଝିଅ ସହ ଝଗଡା ହୋଇଥିଲା । ଏହି ଝଗଡାରେ ଉଭୟଙ୍କୁ ପ୍ରଧାନଶିକ୍ଷୟିତ୍ରୀ ବାଡେଇଥିଲେ। ଟିସିନେଇ ବାହାରିଯିବାକୁ କହିଲେ। ବିଦ୍ୟାଳୟକୁ ବାପା ମୋତେ ଦେଖିବା ପାଇଁ ଗତ ୨ ତାରିଖରେ ଆସିଥିଲେ । ସେହି ସମୟରେ କିଛି ନ ଜଣାଇ ପ୍ରଧାନଶିକ୍ଷୟିତ୍ରୀ ଟିସି ଆଣି ମୋ ବାପାଙ୍କୁ ଦେଇଥିଲେ।

# ଗୃହ ଋଣ ପାଇଁ ଅର୍ଥ ତୋସାରପାତ ଅଭିଯୋଗ

ଦାରିଙ୍ଗବାଡି,୧୦।୪(ଅରୁଣ ସାହୁ)

କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୃହ ଋଣ କରାଇଦେବା ପାଇଁ ଦାରିଙ୍ଗବାଡି ବିଇଓ କାର୍ଯ୍ୟାଳୟରେ ମୋଟା ଅଙ୍କର ଅର୍ଥ ଆଦାୟ ଓ ତାକୁ ତୋସାରପାତ କରାଯାଇଥିବା ବୁଧବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଞ୍ଚଳରେ ଏକାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଠକାମୀର ଶିକାର ହୋଇଥିବା ବେଳେ ୨୮ ଜଣ ଶିକ୍ଷକ ଥାନାରେ ପହଞ୍ଚି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କୁ ଅଭିଯୋଗ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଗୃହ ନିର୍ମାଣ ଓ ଜମି କ୍ରୟ ଆଦି ପାଇଁ ସେମାନଙ୍କ ପାଇଁ ରହିଥିବା ବ୍ୟବସ୍ଥା ପାଇଁ ବିଇଓ ରସାନନ୍ଦ କରଙ୍କୁ ଯୋଗାଯୋଗ କରିଥିଲେ। ଏହି ଋଣ ଅର୍ଥ ୩୦ ଲକ୍ଷ ଟଙ୍କା ଯାଏ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ମିଳିବା ବ୍ୟବସ୍ଥା ରହିଥିବାରୁ ସେମାନେ ଭଲ ଘର ନିର୍ମାଣ କରିବା ଲକ୍ଷରେ ଋଣ ପାଇଁ ଆବେଦନ କରିଥିଲେ। ହେଲେ ଋଣ ମିଳିବା ପାଇଁ ପ୍ରୋସେସିଂ ଫି ବାବଦକୁ ଜଣକ ପିଛା ୩୦ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏଥିରେ ଋଣ ବାବଦକୁ ଖର୍ଚ୍ଚ ହେଉଥିବା ଶୁଣି ଶିକ୍ଷୟିତ୍ରୀଶିକ୍ଷକମାନେ ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରି ଓ ସିଆରସିସିଙ୍କ ଜରିଆରେ ଦେଇଥିବା ବେଳେ କେତେଜଣ ଶିକ୍ଷକ ସିଧା ବିଇଓଙ୍କୁ ଦେଇଥିବା ଅଭିଯୋଗରେ ରହିଛି। ଗତ ଫେବୃୟାରୀ ୨୦୨୩ରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ ଅର୍ଥ ପ୍ରଦାନ କରିଥିଲେ ସୁଦ୍ଧା ଆଜି ଯାଏ ସେମାନଙ୍କୁ ଋଣ ମିଳିନଥିବା ଅଭିଯୋଗ ହୋଇଛି। ସେମାନେ ଏନେଇ ବାରମ୍ବାର ବିଇଓଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଅନ୍ୟ ବ୍ଲକରେ ଏହି ଋଣ ମିଳିସାରିଥିବା ବେଳେ ସେମାନେ ଏବେ ସୁଦ୍ଧା ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ, ମାର୍ଚ୍ଚରେ ବିଇଓ ରସାନନ୍ଦ କର ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇ ଚଳିତ ୨ ରେ ନିଲମ୍ବିତ ହୋଇସାରିଛନ୍ତି। ତେଣୁ ତାଙ୍କ ଅର୍ଥକୁ ଫେରେଇ ଦେବାକୁ ବ୍ୟବସ୍ଥା କରାଯିବାକୁ ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ତତ୍କାଳ ବିଇଓ ରସାନନ୍ଦ କରଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଅଭିଯୋଗ ପାଇ ତଦନ୍ତ କରିବେ ବୋଲି କହିଛନ୍ତି।

# ଖଣ୍ଡପଡ଼ାରେ ଭର୍ତ୍ତୃହରି, ଦୁଷ୍ମନ୍ତଙ୍କ ନିର୍ବାଚନ ପ୍ରଚାର

ଖଣ୍ଡପଡ଼ା,୧୦।୪ (ଅଜୟ କୁମାର ମହାରଣା)

ଭାଜପାର କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଭାଜପା ବିଧାନସଭା ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବୁଧବାର ଅପରାହ୍ନରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ପରିକ୍ରମା କରିବା ସହ ଭୋଟରଙ୍କୁ ଭୋଟ୍ ଭିକ୍ଷା କରିଛନ୍ତି । ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଶତାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଭାପୁର ବ୍ଲକ୍‌ର ଫତେଗଡ ପଞ୍ଚାୟତଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ କଣ୍ଟିଲୋଠାରେ ସନ୍ଧ୍ୟା ୭ଟାରେ ଶେଷ ହୋଇଥିଲା । ଫତେଗଡ଼ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରକୁ ଯାଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ପ୍ରଭୁଙ୍କୁ ଦର୍ଶନ କରିବା ସହ ଆର୍ଶୀବାଦ ଭିକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଦଳର କର୍ମୀ, ସଙ୍ଗଠକ ଓ ପଞ୍ଚାୟତ ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ଗହଣରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଉଭୟେ ବିଜିପୁର ପଞ୍ଚାୟତ ପରିକ୍ରମା କରି ସାଇନାଥଙ୍କ ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ସେହିପରି ରାକମା, ବାଉଁଶବାଟୀ, କେନ୍ଦୁପଲ୍ଲୀ, ପଥରଚକଡା ଆଦି ପଞ୍ଚାୟତ ପରିକ୍ରମା କରିବା ଅବସରରେ ଉଭୟ ପ୍ରାର୍ଥୀଙ୍କୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ଶେଷରେ ଉଭୟ ପ୍ରାର୍ଥୀ ଶ୍ରୀ ନୀଳମାଧବ ଜୀଉଙ୍କୁ ଦର୍ଶନ କରିଥିଲେ ।


ନିର୍ବାଚନୀ ପ୍ରଚାର ଶୋଭାଯାତ୍ରାରେ କଟକ ଏମ୍‌ପି ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ।

# ଦୁର୍ଘଟଣାରେ ଯୁବକ ଗୁରୁତର

ଦଶପଲ୍ଲା,୧୦।୪(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ବ୍ଲକର ସୁବଳୟା ଠାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ଦଶପଲ୍ଲା କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଜୀବନଜ୍ୟୋତି ପୃଷ୍ଟି। ସେ ବାଇକ୍‌ରେ ନୂଆଗାଁରୁ ଦଶପଲ୍ଲା ଫେରୁଥିବା ବେଳେ ସୁବଳୟାଠାରେ ତାଙ୍କ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କ ଦମକଳ କର୍ମଚାରୀମାନେ ଉଦ୍ଧାର କରି ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ବି-ସିଓଏନ୍‌ସି-ଆରଓୟୁ-ଜିଏମ୍‌ୟୁ-୨୪, ତାରିଖ: ୧୦।୦୪।୨୦୨୪।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର ଡିଭିଜନ, ଦ.ପୂ. ରେଳପଥ, ଚକ୍ରଧରପୁର, ପିନ୍-୮୩୩୧୦୨, ଜିଲ୍ଲା: ସିଂହଭୂମ୍ (ପଶ୍ଚିମ), ଝାଡ଼ଖଣ୍ଡ, ଇମେଲ୍: srdcm@ckp.railnet.gov.inଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ଆକାରରେ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ରାଉରକେଲା ('ଏ' ବର୍ଗ) ଷ୍ଟେଶନଠାରେ ଜେନେରାଲ ମାଇନର୍ ୟୁନିଟ୍ ଉପରେ କ୍ୟାଟେରିଂ ସେବାର ବ୍ୟବସ୍ଥା। (୧) ସମ୍ପୂର୍ଣ୍ଣ ବିବରଣୀ ପାଇଁ ବିଡରମାନଙ୍କୁ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। (୨) ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବସାଇଟ୍ ରେ ଉପଲବ୍ଧ ହେବ। ବିଡରଦାତାମାନେ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। (୩) **ଟେଣ୍ଡର କାଗଜପତ୍ର ଇସ୍ୟୁ:** ୦୯।୦୪।୨୦୨୪। (୪) **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ: ୦୧।୦୫।୨୦୨୪, ୧୫.୩୦ ଘଟିକା ପର୍ଯ୍ୟନ୍ତ। (୫) ଟେଣ୍ଡର ଖୋଲିବା ତାରିଖ:** ୦୧।୦୫।୨୦୨୪ ୧୫.୩୦ ଘଟିକା। (PR-27)

**PUBLIC NOTICE**
This is to inform that M/s. Swami Resorts Private Limited has accorded the **Environmental Clearance** from the State Environmental Impact Assessment Authority (SEIAA), Odisha for their proposed **"Multistoried Hotel Building" Project (2B+G+7) at Plot No. P/1, 55, 56, 57 and 63, Nandankanana Road, Near Nalco Office, Jayadev Vihar, Bhubaneswar-751013** vide Environmental Clearance No. SIA/OR/MIS/295733/2022 dated 04/04/2024. The copy of the said clearance is available with the PARIVESH portal of MoEF & CC.
**M/S. SWAMI RESORTS PRIVATE LIMITED**

# ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି


ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ।

ଦଶପଲ୍ଲା,୧୦।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ୍ ନୂଆଗାଁ ପଞ୍ଚାୟତର କାଣିପୋଖରୀ ଗ୍ରାମରେ ବୁଧବାର କାଣିପୋଖରୀ, ପୁରୁଙ୍ଗୀ ,ଗୁଣ୍ଡୁରୀସାହି, ମୀନାଗାଡୁ ଆଦି ୱାର୍ଡ ଅଧୀନ ୧୪ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇଥିଲେ। ପୂର୍ବତନ ସମିତି ସଭ୍ୟ ଗିରିଧାରୀ ମଳିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନିଆଯାଇଛି ।

ଦୀର୍ଘ ୨୫ବର୍ଷ ବିଜେଡି ଶାସନରେ ଆମ ଅଞ୍ଚଳର କୌଣସି ବିକାଶ ମୂଳକ କାର୍ଯ୍ୟ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ବିଶେଷତଃ ରାସ୍ତା ଘାଟ ଏବଂ ପାନୀୟ ଜଳର ଅଭାବ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଏ ସମ୍ପର୍କରେ ଆମେ ଗତ ଜୁଲାଇରେ ଦଶପଲ୍ଲାଠାରେ ୫-ଟି ଅଧ୍ୟକ୍ଷଙ୍କୁ ଲିଖିତ ଆକାରରେ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆମେ ସାମୂହିକ ଭାବେ ନିଷ୍ପତ୍ତି ନେଉଛୁ ଆସନ୍ତା ନିର୍ବାଚନରେ ଆମେ ଭୋଟ ବର୍ଜନ କରିବୁ। ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କ ସମେତ ସମସ୍ତଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ସଭାରେ ଭଗବାନ ଭୋଇ, ରବିନ୍ଦ୍ର ମାଝୀ, ତ୍ରିନାଥ ମଳିକ, ପବିତ୍ର ଭୋଇ,ସେବତୀ ନାୟକ, ସଂଯୁକ୍ତା ମହାରଣା, ଶାନ୍ତିଲତା କହଁର,ଅକ୍ଷୟ ମଳିକ,ଗୁରୁଦେବ କହଁର, ସୁଶାନ୍ତି ନାୟକ, ଉମ୍ବରୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**BOARD OF REVENUE, ODISHA, CUTTACK**
No. II (A) - 01/2024 - 1571 / M.B. Niz, Dated : 10/04/2024
**QUOTATION / TENDER CALL NOTICE**
Quotations / Tenders are invited for supply of one vehicle on hiring basis for Pool use in Board of Revenue, Odisha, Cuttack.
2. For details of the tender please visit www.boardodisha.nic.in
3. The last date of submission of Tender is 22.04.2024 by 1.00 PM. The Tender shall be opened on 22.04.2024 at 4.00 PM.
**Sd./- Addl. Secretary (Niz.)**

**ODISHA PUBLIC SERVICE COMMISSION**
**NOTICE**
No : 1963/PSC. Dt.:10.04.2024
No.D-6 : It is for information of all concerned that, the Commission has decided to conduct the written examination of Inspector of Motor Vehicle / Additional R.T.O. (Enforcement) / Assistant Works Engineer, pursuant to Advt. No. 15 of 2023-24 on 05.05.2024 (Sunday). The detailed programme for the said examination shall be notified later.
2. The candidates are advised to visit the website of the Commission at http://opsc.gov.in for further information.
OIPR-12002/11/0006/2425 **Sd./-Secretary**

## ସଂକ୍ଷେପରେ

### ଝୁଲି ରହିଲା ହିମାଂଶୁଙ୍କ ଟିକେଟ ଆଶା

କାଏମା,୧୦।୪
(ଶିବ ପ୍ରସାଦ ମହାନ୍ତି):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ନେତା ହିମାଂଶୁ ସାହୁଙ୍କ ଟିକେଟ ଆଶା ଝୁଲି ରହିଛି। ତାଙ୍କର ହଜାରହଜାର ସଂଖ୍ୟାରେ ସମର୍ଥକ ମଙ୍ଗଳବାର ଧର୍ମଶାଳା ମହୋତ୍ସବ ପଡ଼ିଆରୁ ଏକ ବାଇକ ଶୋଭାଯାତ୍ରାରେ ଯାଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ହିମାଂଶୁଙ୍କୁ ଟିକେଟ ଦେବାକୁ ଦାବିକରି ଧାରଣା ଦେଇଥିଲେ। ରାତିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପହଞ୍ଚି ସେମାନଙ୍କୁ ବୁଝାଇଥିଲେ। ଉପରିସ୍ଥ ଦଳୀୟ କାର୍ଯ୍ୟକର୍ତ୍ତା ଏହା ଉପରେ ଆଲୋଚନା କରୁଛନ୍ତି। ତେଣୁ ଆଉ ଦୁଇ ତିନି ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ। ଏହାପରେ କର୍ମୀମାନେ ଫେରିଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଗୋଟିଏ ସ୍ଥାନରେ ବିଧାନସଭା ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ ହେବ ବୋଲି ସୋସିଆଲ ମିଡିଆରେ ଭାଇରାଲ ହେବାପରେ ହିମାଂଶୁଙ୍କ ସମର୍ଥକ ବେଶ ଖୁସି ଥିବା ଦେଖିବାକୁ ମିଳିଛି। ଏଠାରେ ହିମାଂଶୁ ଟକେଟ ଆଶାୟୀ ଥିବାବେଳେ ଦଳ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ନାମ ଘୋଷଣା ହେବାପରେ ସେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି।

# ନିମ୍ନମାନର କାମ, ପିସି ଆକାରରେ ଅର୍ଥ ଲୁଟ

**ରାହାଡ଼ପୁର-କମ୍ପାଲୁ ରାସ୍ତା ନିର୍ମାଣ**

- ଉଭୟ ପାର୍ଶ୍ୱ ନ ଖୋଳି ସୁଦୃଢ଼ୀକରଣରେ ଅନିୟମିତତା
- ଗ୍ରାମ୍ୟ ନିର୍ମାଣ ବିଭାଗ କର୍ତ୍ତୃପକ୍ଷ ଚୁପ୍

ଯାଜପୁର,୧୦।୪(ହର୍ଷବର୍ଦ୍ଧନ ବେହେରା):



କାଇଁଚମାଳିଆ-ତୋଟାକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତା।

ଯାଜପୁର ଜିଲା ଗଠନ ହେବା ପରେ ଲୋକଙ୍କ ଜୀବନ ଧାରଣ ମାନରେ ଆଶାନୁରୂପ ଉନ୍ନତି ଆସିନାହିଁ। ବିଶେଷକରି ଗମନାଗମନ କ୍ଷେତ୍ରରେ ଏହି ଜିଲା ବହୁ ପଛରେ ପଡ଼ି ରହିଛି। ଜିଲାର ସୀମାନ୍ତ ଅଞ୍ଚଳର ଏକାଧିକ ଗ୍ରାମକୁ ଏଯାଏ ସ୍ଥାୟୀ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଏଥିପାଇଁ ରାଜ୍ୟ ସରକାର ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ଅନେକ କୋଟି ଟଙ୍କା ମଞ୍ଜୁର କରୁଥିଲେ ହେଁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ଗ୍ରାମ୍ୟ ବିକାଶର ଧାରାକୁ ବହୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଏଠାରେ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅଧୀନସ୍ଥ ଜିଲାର ସୀମାନ୍ତବର୍ତ୍ତୀ ରାହାଡପୁରଠାରୁ କମ୍ପାଲୁ ଭାୟା କୁଦୁଆମାଗୁରା ଓ ତୋଟାକଣ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ନିର୍ମାଣ ପାଇଁ ୨୦୨୨-୨୩ରେ ସାଇ କ୍ରିଷ୍ଣା କନଷ୍ଟ୍ରକ୍ସନ ଠିକାସଂସ୍ଥା ସହ ଚୁକ୍ତି କରାଯାଇ ୫ କୋଟି ୧୩ ଲକ୍ଷ ୩୮ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ରାସ୍ତା କାର୍ଯ୍ୟ ୨୧।୪।୨୦୨୪ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିବାବେଳେ ଏହା ଏଯାଏ ମାତ୍ର ୭୦ ପ୍ରତିଶତ କାମ ସରିଛି। ପୁଣି ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ପୂର୍ବରୁ ଗ୍ରାମବାସୀ ଅଭିଯୋଗ କରିଥିଲେ ବି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସଂପୃକ୍ତ ଠିକାଦାରଙ୍କ ସହ ମିଶି ତଦନ୍ତକୁ ବାଟମଣା କରିଥିବା ମତପ୍ରକାଶ ପାଇଛି।

ଯାଜପୁର ଜିଲାର ଧର୍ମଶାଳା ତହସିଲ ରାହାଡ଼ପୁର ଅଞ୍ଚଳ କଳାପଥର ଖାଦାନରେ ଭରପୁର ରହିଛି। ଏଥିପାଇଁ ଭାରିଯାନ ଚଳାଚଳ ଯୋଗୁ ଏହାର ଆଖପାଖ ରାସ୍ତାଗୁଡିକ ଫାଟି ଖାଲଖମାରେ ଭର୍ତ୍ତି ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ରାହାଡ଼ପୁରଠାରୁ କମ୍ପାଲୁ ରାସ୍ତା ଦୀର୍ଘଦିନ ଧରି ସଙ୍କୁଚିତ ହେବା ସହ ଜରାଜୀର୍ଣ୍ଣ ହୋଇ ପଡି ରହିଥିଲା। ଏହାର ସମ୍ପ୍ରସାରଣ କରିବା ସହ ପକ୍କା ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଏହାପରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୨୦୨୨-୨୩ରେ ରାସ୍ତା ଓସରିଆ କରିବା ସହ ପିଚୁ ନିର୍ମାଣ କରିବାକୁ ସାଇ କ୍ରିଷ୍ଣା କନଷ୍ଟ୍ରକ୍ସନ ସହ ଚୁକ୍ତି ହୋଇଥିଲା। ଏହି ରାସ୍ତା ୨୨।୫।୨୦୨୩ରୁ ଆରମ୍ଭ ହୋଇ ୨୧।୪।୨୦୨୪ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଯାଏ ମଞ୍ଜୁର ଅନୁଦାନରୁ ୩ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ହେଁ ରାସ୍ତା କାର୍ଯ୍ୟ ଶେଷ ହୋଇ ପାରିନାହିଁ। ଏନେଇ ବିଭାଗ ପକ୍ଷରୁ ସଂପୃକ୍ତ ଠିକାସଂସ୍ଥାକୁ ଜବାବ୍ ତଲବ କରାଯାଇଛି। ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ଅଧୀକ୍ଷଣ ଯନ୍ତ୍ରୀ ନିର୍ଦ୍ଦେଶ ଜାରି କରିଛନ୍ତି।

କାଇଁଚମାଳିଆ-ତୋଟାକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତା ଏହି ପ୍ରକଳ୍ପ ଅଧୀନରେ ଆସୁଥିଲେ ହେଁ ସେଠାରେ ପାଣି ଜମି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଫଳରେ ସେହି ସ୍କୁଲରେ ଅଧ୍ୟୟନରତ କୁନି ପିଲାମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାବାଦ୍ ଏହି ରାସ୍ତା ଉପରେ କାଦୁଆମାଗୁରା, ତୋଟାକଣ, କାଇଁଚମାଳିଆ, କମ୍ପାଲୁ, ମହିଶରା, ରମ୍ଭେଇ, କୁରିକଣା, ତରଞ୍ଜିଆ ପ୍ରଭୃତି ଗ୍ରାମବାସୀ ନିର୍ଭର କରୁଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ଉଭୟ ପାର୍ଶ୍ୱ ଖୋଳା ଯାଇ ସେଥିରେ ଡଷ୍ଟ ଓ ମେଟାଲ ପକାଇବାର ନିୟମ ରହିଥିଲେ ହେଁ ସେଥିରେ ବ୍ୟତିକ୍ରମ ହୋଇଥିବା ଦେଖାଯାଇଛି। ଫଳରେ ଅଳ୍ପ ଦିନ ମଧ୍ୟରେ ରାସ୍ତା ପାର୍ଶ୍ୱ ଭୁଶୁଡି ପଡ଼ିବାର ସମ୍ଭାବନା ସୃଷ୍ଟି କରିଛି। ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହୋଇ କାମ ହୋଇଥିବାରୁ ବର୍ଷା ଦିନେ ରାସ୍ତା ଦବି ଯିବାର ଆଶଙ୍କା ସୃଷ୍ଟି ହୋଇଛି। ରାସ୍ତାର ପୂର୍ବ ଉଚ୍ଚତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଷ୍ଟିମେଟ ଅନୁସାରେ ପିଚୁ ମୋଟେଇରେ ଅନିୟମିତତା ହୋଇଛି। ରାଜନୈତିକ କର୍ମୀଙ୍କୁ ପୋଷିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଅର୍ଥକୁ ଏଠାରେ ମାଧ୍ୟମ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି। ଆବଣ୍ଟିତ ଅର୍ଥରୁ ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟରେ ଲାଗି ଥିବାବେଳେ ବାକି ବିଭାଗୀୟ ତଦନ୍ତକାରୀ ଯନ୍ତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ପିସି ଆକାରରେ ବଣ୍ଟନ ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଏଯାଏ କାମ ସରିନି। ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ହେବ। ଏଥିରେ କୌଣସି ଅନିୟମିତତା ହେଉନାହିଁ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ତରୁଣୋତ୍ସବ, ବ୍ରିଜ୍ ପାଠ୍ୟକ୍ରମ ଆରମ୍ଭ

ଯାଜପୁର ଟାଉନ,୧୦।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ପ୍ରଧାନମନ୍ତ୍ରୀ (ପିଏମ୍)ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଯାଜପୁରରେ ଏକାଦଶ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ତରୁଣୋତ୍ସବ ଏବଂ ବ୍ରିଜ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ବାହ୍ୟରେଖା ବର୍ଣ୍ଣନା କରି ପ୍ରିନ୍ସିପଲ୍ ଶ୍ରୀ ସଞ୍ଜୟ କହିଛନ୍ତି ଯେ, ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଆମେ ଛାତ୍ରୀଛାତ୍ରଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛୁ। ଯେପରି କି ଛାତ୍ରୀଛାତ୍ର ବିନା କିଛି ଅସୁବିଧାରେ ସେମାନଙ୍କ ପରବର୍ତ୍ତୀ ଅଧ୍ୟୟନ ଜାରି ରଖିପାରିବେ। ଦଶମ ଶ୍ରେଣୀର ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସମୟ ବ୍ୟବଧାନକୁ ସକରାତ୍ମକ ଭାବରେ ପରିପୂର୍ଣ୍ଣ କରିପାରିବେ। ଆଗାମୀ ଦିନରେ ବ୍ରିଜ ପାଠ୍ୟକ୍ରମ ଏବଂ ତରୁଣୋତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟ ବିଶେଷଜ୍ଞ ତଥା କ୍ୟାରିୟର ପରାମର୍ଶଦାତା ମାଧ୍ୟମରେ କ୍ୟାରିୟର ସମ୍ଭାବନା ବିଷୟରେ ଅବଗତ କରାଯିବ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ କହିଥିଲେ, ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମନରେ ସନ୍ଦେହ ଦୂର ହେବ। ସେମାନେ ଭବିଷ୍ୟତରେ ନିଜ କ୍ୟାରିୟରରେ ସମସ୍ୟାର ସମ୍ମୁଖୀନ ହେବେନାହିଁ। ଏନସି କଲେଜ ଜୀବବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଶ୍ରଦ୍ଧାଞ୍ଜଳି ସାହୁ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ବିଷୟ ଉପରେ କ୍ୟାରିୟର ସମ୍ଭାବନାକୁ ନେଇ ଥିବା ସନ୍ଦେହର ସମାଧାନ କରିଥିଲେ। ଅସୀମ ଗୋସ୍ୱାମୀ, ବିକାଶ ଦତ୍ତ, ଆଶିଷ କୁମାର ଓ ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ସାହିତ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକ



ବୈଠକରେ ଧର୍ମଶାଳା ସାହିତ୍ୟ ସମାଜର କାର୍ଯ୍ୟକାରୀ କମିଟି କର୍ମକର୍ତ୍ତା।

ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ସାହିତ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକ ସଭାପତି କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ ଗାର୍ଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ୫ ମୁଖ୍ୟ କାର୍ଯ୍ୟ ଓ ୭ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ସେହିପରି ଅନୁଷ୍ଠାନର ମୁଖପତ୍ର ଗଙ୍ଗଶିଉଳି ପତ୍ରିକା ଓ ଦୋଳ ସଂଖ୍ୟା ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଜୀବନ ସଭ୍ୟ ଚାନ୍ଦା ଓ ବାର୍ଷିକ ସଭ୍ୟ ଚାନ୍ଦା ଯଥାକ୍ରମେ ଏକହଜାର ଓ ଦୁଇ ଶହ ଟଙ୍କା ସ୍ଥିର କରାଯାଇଛି। ବୈଠକରେ ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ସଭ୍ୟ ସୁବାସ ସାହୁ ଯଥାକ୍ରମେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ କୁମରବର ନାୟକ, ପ୍ରଫୁଲ୍ଲ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ଦୀନବନ୍ଧୁ ତ୍ରିପାଠୀ, ଅର୍ଜୁନ ପୃଷ୍ଟି, ଗୋଲଖ ପଲେଇ, ଅଖିଳ ସ୍ୱାଇଁ, ରାଧାଶ୍ୟାମ ସାହୁ, ବେଣୁଧର ନାୟକ, ବେଣୁଧର ଦାସ, ଯୁଗଳ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁବାସ ସାହୁ ଧନ୍ୟବାଦ ଦେଇଥିଲେ।

## ଯାଜପୁର ଡିଆଇଇଟିରେ ବିଜ୍ଞାନ, ଶିକ୍ଷଣ ସାମଗ୍ରୀ ମେଳା

ରଗଡ଼ି,୧୦।୪(ଜତୀଶ କୁମାର ମଲ୍ଲିକ):



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଯାଜପୁର ଜିଲା କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଅନ୍ତର୍ଗତ ନଗୁଁଆଠାରେ ଅବସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ବିଜ୍ଞାନ ପ୍ରକଳ୍ପ ଓ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷା ନିବେଦିତା ଗୁରୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ବିଜ୍ଞାନ ପ୍ରକଳ୍ପ ଓ ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତିର ଉପଯୋଗିତା ଉପରେ ଦିଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୩୬ ବିଜ୍ଞାନ ପ୍ରକଳ୍ପ ଓ ୭୯ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ଦୃଷ୍ଟି ବାଧିତ ଛାତ୍ର କଳିଙ୍ଗ କିଶୋର ରାଉତ ଓ ଭିନ୍ନକ୍ଷମ ଛାତ୍ର ଅଶ୍ୱିନୀ କୁମାର ନାୟକଙ୍କ ଦ୍ୱାରା ପ୍ରସ୍ତୁତ ଦୁଇଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମେଳାରେ ଆଗରପଡ଼ାସ୍ଥିତ ଭଦ୍ରକ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡା. ପ୍ରଦୀପ କୁମାର ନାୟକ ଓ ପ୍ରଶିକ୍ଷକ ତ୍ରିଲୋଚନ ମହାଳିକ ବିଚାରକ ଭାବରେ ଯୋଗଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ବିଭିନ୍ନ ବିଭାଗର ୩ ପ୍ରକଳ୍ପକୁ ପ୍ରଥମ ସ୍ଥାନ, ୩ ପ୍ରକଳ୍ପକୁ ଦ୍ୱିତୀୟ ସ୍ଥାନ ଓ ୩ ପ୍ରକଳ୍ପକୁ ତୃତୀୟ ସ୍ଥାନରେ ରଖାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହିତ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ସସ୍ମିତା ସାହୁ ଓ ଲୋପାମୁଦ୍ରା ମିଶ୍ର ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ପ୍ରସ୍ତୁତିରେ ସହାୟତା କରିଥିଲେ। ଅନୁଷ୍ଠାନର ପ୍ରତାପ ଚନ୍ଦ୍ର ଜେନା, ଇତିଶ୍ରୀ ବିଶ୍ୱାଳ, ନୀଳିମା ପ୍ରିୟଦର୍ଶିନୀ ଦାଶ, କ୍ରିଷ୍ଣା ଗୌତମୀ ନାଥ, ଲିଲିମା ସାହୁ, ଜ୍ୟୋତିଶ୍ରୀ ମିଶ୍ର, ବିଜୟ କୁମାର ଧଳ, ପ୍ରଭାତ କୁମାର ନାୟକ, ସୁଶାନ୍ତ କୁମାର ନାୟକ, ଗୀତାଞ୍ଜଳି ସେଠୀ, ତପସ୍ୱିନୀ ନାୟକ, ଦିଲୀପ କୁମାର ରଣା, ଲିଙ୍ଗରାଜ ପ୍ରହରାଜ, ସ୍ୱରାଜ ପାଣି, ସିଦ୍ଧାର୍ଥ କୁମାର ସାହୁ, ପ୍ରତାପ କୁମାର ଦାସ, ସନ୍ତୋଷ ସାହୁ ଓ ଶିବ ମୁଖି ପ୍ରମୁଖ ସହଯୋଗ କରିଥିଲେ। ପ୍ରୟୋଗ ଶାଳା ବିଦ୍ୟାଳୟ ଶିକ୍ଷକ କ୍ଷୀରୋଦ ବରଣ ହୋତା ଓ ବ୍ରାହ୍ମଣୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କାକଜ୍ୟୋତ୍ସ୍ନା ନାୟକ ଛାତ୍ରୀଛାତ୍ରମାନଙ୍କୁ ଉକ୍ତ ମେଳାକୁ ପରିଭ୍ରମଣରେ ଆଣି ବିଭିନ୍ନ ପ୍ରକଳ୍ପର ପ୍ରସ୍ତୁତି ଓ ଶିକ୍ଷା କ୍ଷେତ୍ରରେ ବୁଝାଇଥିଲେ। ଶେଷରେ ଅଧ୍ୟକ୍ଷା ନିବେଦିତା ଗୁରୁ ଧନ୍ୟବାଦ ଦେଇଥିଲେ।

## ମା' ହିଙ୍ଗୁଳାଙ୍କ ଯଜ୍ଞ ପ୍ରସ୍ତୁତି ଆରମ୍ଭ

ରସୁଲପୁର,୧୦।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ଗନ୍ଧଣ ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳ ବଇଁଚ ପଡିଆ ମା'ହିଙ୍ଗୁଳାଙ୍କ ଯଜ୍ଞୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ମା' ହିଙ୍ଗୁଳା କମିଟି ସଭାପତି ରମାକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଯଜ୍ଞ ଉତ୍ସବ ପାଳନ ନିମିତ୍ତ ଆଲୋଚନା କରାଯାଇଛି। ଆଗାମୀ ଚୈତ୍ରପୂର୍ଣ୍ଣିମାରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ୫ଦିନ ଏପ୍ରିଲ ୨୨ରୁ ୨୬ ପର୍ଯ୍ୟନ୍ତ ଯଜ୍ଞ ଚାଲିବ। ଏହି ଅବସରରେ ମା'ଙ୍କୁ ବିଭିନ୍ନ ବେଶରେ ଭୂଷିତ କରାଯିବ। ଏହାପୂର୍ବରୁ ୩୨ ଖଣ୍ଡ ଗ୍ରାମର ଗ୍ରାମଦେବତୀଙ୍କ ନିକଟରେ ଯନ୍ତାଳ ଉତ୍ସବ ଅନୁଷ୍ଠିତ ହେବ।

ଭୋଟକାର ବଡରମ୍ଭେଇ, ସାନରମ୍ଭେଇ, ସେରପୁର, ଇଚ୍ଛାପୁର, ବଣ୍ଟରା, ମିର୍ଜାପୁର, ଏକତଲା, ଅରଡ଼ା, ବିଲପଡ଼ା, ସୁଆଁସାହି, ଖଣ୍ଡିତର, କେଉଟଲଗୁଆଁ, ବିଲିପଡା ମଠ, ବାହାଦଲାପୁର, ଚିନ୍ତାପଲ୍ଲୀ, ମହମ୍ମଦପୁର, କମାରପାଳ, ଓରାଳି, ରସୁଲପୁର, ଚଣ୍ଡିପୁର, କୋଳଥଳ, ଖୋସଲାପୁର, ସଦାନନ୍ଦପୁର, ରାହାମ୍ବା, ଗନ୍ଧଣ, ବରେଇ, ମଳପଡା, ମସୁଦପୁର, କୁଆଖିଆ ବଜାର, ରସୁଲପୁର ବ୍ଲକ, ନିମପାଟଣା, ସାହାପୁର, ଓଗାଳପୁର, ସାହାପୁର ଆଦି ଗ୍ରାମର ସହଯୋଗରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ। ଏସବୁ ଗ୍ରାମର ଗ୍ରାମଦେବତୀଙ୍କ ନିକଟରେ ଜନ୍ତାଳ ଉତ୍ସବରୁ ଯଜ୍ଞର ଆଭାଷ ମିଳିବ। ପ୍ରତ୍ୟେକ ଗାଁରେ ଥିବା ମାତୃଶକ୍ତିକୁ ସନ୍ତୁଷ୍ଟ କରିବା ପାଇଁ ଘୃତଯଜ୍ଞରୁ ଆରମ୍ଭ ହୋଇ ମା'ଙ୍କ ପୁର୍ଣ୍ଣାହୁତି ଯଜ୍ଞରେ ଶେଷ ହେବ। ଏହି ସମୟରେ ଗାଁ ଗୁଡିକରେ ଅରାନ୍ଧିଆ(ରାତ୍ରିକାଳରେ ରୋଷେଇ ବନ୍ଦ) ନୀତି ପାଳନ, ଆମିଷ ନିଷେଧ, ଗାଁ ଦାଣ୍ଡରେ ପଣାପାତି ଦେଇ ମା'ଙ୍କ ଆହ୍ୱାନ କରାଯିବା ଭଳି କେତେକ ବ୍ରତପାଳନ କରାଯିବ। ଗ୍ରାମବାସୀ ମା'ପୀଠରେ ଆୟୋଜିତ ଯଜ୍ଞ କାର୍ଯ୍ୟରେ ଯୋଗଦାନ କରି ଦାନଦକ୍ଷୀଣା ପ୍ରଦାନ କରିବା ସହ ମାନସିକ ଦ୍ରବ୍ୟ ପ୍ରଦାନ କରିବେ। ଏହି ସମସ୍ତ ଦାୟିତ୍ୱକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହାଛଡା ଯଜ୍ଞ ଅବସରରେ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କମିଟ ଗଠନ କରାଯାଇଛି। କମିଟି ସମ୍ପାଦକ ଶଶିଭୂଷଣ ରାଉତ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିବାବେଳେ ଉତ୍ସାହୀ ଗ୍ରାମର ମୁରବୀମାନେ ବୈଠକରେ ଯୋଗଦେଇ ବହୁ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ଉଜୁଡ଼ିଲା ମୁଗ ଚାଷ

**ଚିନ୍ତାରେ ଚାଷୀ, କ୍ଷତିପୂରଣ ଦାବି**

ପାଣିକୋଇଲି,୧୦।୪(ବିକାଶ ମଲ୍ଲିକ):

ମୁଗ ଚାଷ କରି କ୍ଷତିରେ ପଡ଼ୁଛନ୍ତି ଚାଷୀ। ନକଲି ବିହନ ଯୋଗାଇବାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଉଜୁଡ଼ା ଫସଲ ଦେଖି ଚିନ୍ତାରେ ଥିବା ଚାଷୀ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତରେ। ପଞ୍ଚାୟତ ଅଧୀନ ଗୋବିନ୍ଦପୁର, ରଣପାଳ, ଧନତ୍ରୀ ଓ ସରସଦା ଗ୍ରାମର ଚାଷୀମାନେ ସରକାରୀ ନିର୍ଦ୍ଦଶମତେ ଏକ ଏନଜିଓ ସଂସ୍ଥାର ପରାମର୍ଶକ୍ରମେ ଧାନ ଫସଲ ପରେ ମୁଗ ଚାଷ କରିବା ପାଇଁ ପ୍ରତିଶ୍ରୁତି ପାଇଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ପ୍ରତିଶ୍ରୁତି ମୁତାବକ ମୁଗ ବିହନ ମିଳିଲା ନାହିଁ। ଫଳରେ ଅଧିକାଂଶ ଜମି ଚାଷ ପରେ ଖାଲି ରହିଲା। ଚାଷୀଙ୍କୁ ୩୦ କୁଇଣ୍ଟାଲ ବିହନ ମିଳିବା ପରିବର୍ତ୍ତେ ମାତ୍ର ୭ କୁଇଣ୍ଟାଲ ୬୦କିଲୋ ମୁଗ ବିହନ, ଘାସମରା ୬ଲିଟର ୨୫୦ ଗ୍ରାମ ଏବଂ ଜିଙ୍କ୍ ୧୯୦କିଲୋ ମିଳିଲା। ଯେତିକି ମଳିଲା ସେତେକ ଚାଷ କରାଯାଇଥିଲା। ହେଲେ ଉକ୍ତ ବିହନରେ ସମ୍ପୂର୍ଣ୍ଣ ଭାବେ ଗଛ ଉଠିଲା ନାହିଁ। ଯେତେକି ଉଠିଲା ତାହା ଏବେ ସମ୍ପୂର୍ଣ୍ଣ ହଳଦିଆ ପଡିଯାଇଛି। ଏହାର ନିରାକାରଣ ପାଇଁ ଉକ୍ତ ସଂସ୍ଥାକୁ କହିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଲେନାହିଁ। କୃଷି ବିଭାଗ ପରାମର୍ଶ କ୍ରମେ କୀଟନାଶକ ବ୍ୟବହାର କଲେ ବି କୌଣସି ସୁଫଳ ମିଳିନାହିଁ। ଏବେ ଗଛରେ କୌଣସି ଫୁଲ ଫଳ ବାହାରିବା ଦେଖିବାକୁ ମିଳୁନାହିଁ। ଫଳରେ ଏହି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ଦେବାକୁ ଜିଲା କୃଷି ଅଧିକାରୀଙ୍କ ନିକଟରେ ଚାଷୀ ମନୋରଞ୍ଜନ କୁଣ୍ଡୁ, ମହେଶ୍ୱର ଦାସ, ଶ୍ରୀକାନ୍ତ ପାଳ, ବୈକୁଣ୍ଠ ଦତ୍ତ, ଚିତ୍ତରଞ୍ଜନ କୁଣ୍ଡୁ, ପୂର୍ଣ୍ଣ ଚନ୍ଦ୍ର ଜେନା ଓ ବାବୁରାମ ସମାଲ ପ୍ରମୁଖ ଦାବି କରିଛନ୍ତି।



କ୍ଷତିଗ୍ରସ୍ତ ମୁଗ ଚାଷୀମାନେ।

## ୫ ବର୍ଷ ପରେ ବି ସରିଲାନି ଦଉପୁର ସେତୁ କାର୍ଯ୍ୟ

ଝୁମ୍ପୁରୀ,୧୦।୪(ସରୋଜ ନାୟକ):



ଦଉପୁର ସେତୁ କାର୍ଯ୍ୟ ଅଧାପନ୍ତରିଆ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଶିଳାନ୍ୟାସ ହୋଇଥିଲା ବୈତରଣୀ ନଦୀରେ ଏକ ହାଇଲେଭଲ ସେତୁ। ଏହି ଶିଳାନ୍ୟାସକୁ ୫ ବର୍ଷ ଅତିକ୍ରମ କରିଥିଲେ ମଧ ଏବେବି କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହିପରି ଏକ ଅସମ୍ପୂର୍ଣ୍ଣ ସେତୁ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍ ଅଧୀନ ଦଉପୁର ପଞ୍ଚାୟତର ଦଉପୁର ଘାଟଠାରେ।

ଯାଜପୁର ଜିଲାର ଦଶରଥପୁର ଓ ଭଦ୍ରକ ଜିଲାର ଧାମନଗର ବ୍ଲକ୍‌ବାସୀଙ୍କ ଗମନାଗମନ ପାଇଁ ନିର୍ମାଣ କରାଯାଇଥିବା ଏହି ସେତୁ ଉପରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକ ନିର୍ଭର କରୁଛନ୍ତି। ସେତୁ ନିର୍ମାଣ କାର୍ଯ୍ୟ ଯାଜପୁରର ବିରଜା କନଷ୍ଟ୍ରକଶନ୍ କମ୍ପାନୀ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ନେଇ କାର୍ଯ୍ୟ କରୁଛି। ସେତୁର ବ୍ୟୟବରାଦ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସେତେବେଳେ ହୋଇଥିବାବେଳେ ଏବେ ଏହି ସେତୁ ନିର୍ମାଣ ପାଇଁ ପୁଣି ଡେଭିଏସନ୍ କରାଯାଇ ପ୍ରାୟ ୨ ଗୁଣ ଅର୍ଥ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ମାତ୍ର ୧୦୦ମିଟର ବ୍ୟବଧାନରେ ନିର୍ମିତ ଏହି ସେତୁର ଏପରି ବିଳମ୍ବ କାର୍ଯ୍ୟ କ'ଣ ପାଇଁ ହେଉଛି ତାହା ଅଞ୍ଚଳବାସୀ ବୁଝିପାରୁନାହାନ୍ତି। ସେତୁ ନିର୍ମାଣ ଅଞ୍ଚଳ ଦଉପୁର ପଞ୍ଚାୟତ ଅଧୀନରେ ରହିଛି। ଏହି ଅଞ୍ଚଳରେ ପ୍ରତିନିଧିତ୍ୱ କରୁଥିବା ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ କାହିଁକି ସେତୁ ନିର୍ମାଣ କାର୍ଯ୍ୟ କରାଯାଇପାରୁନାହିଁ ତାହାକୁ କେବେବି ସମୀକ୍ଷା କରିନାହାନ୍ତି। ସେତୁ ନିର୍ମାଣ ନ ହେବାରୁ ପ୍ରତିଦିନ ଶହଶହ ଲୋକ ଗମନାଗମନ ପାଇଁ ଏଠାରେ ବାଉଁଶଚାରା ଉପରେ ନିର୍ଭର କରୁଛନ୍ତି। ଅତି ବିପଦସଙ୍କୁଳ ଅବସ୍ଥାରେ ଏହି ବାଉଁଶଚାରାରେ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ସହ ରୋଗୀ, ବ୍ୟବସାୟୀ ଓ ସାଧାରଣ ଲୋକେ ନିଜ ଜୀବନକୁ ପାଣି ଛଡ଼ାଇ ଯିବାଆସିବା କରୁଛନ୍ତି। ଲୋକଙ୍କ ବାରମ୍ବାର ଦାବିପରେ ମଧ ଏହି ସେତୁର ନିର୍ମାଣ କାର୍ଯ୍ୟ ଅତି କଚ୍ଛପ ଗତିରେ ଚାଲିଥିବାରୁ ଲୋକେ କ୍ଷୋଭପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଏହି ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସୁଶାନ୍ତ କୁମାର ସାହୁ, କାଳନ୍ଦୀ ଚରଣ ମହାନ୍ତି, ଅର୍ଦ୍ଧାଉଳିଆ ଗ୍ରାମର ଭିକାରୀ ଚରଣ ସାହୁ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

# ଚାଷଜମି କିସମ ପରିବର୍ତ୍ତନ ପରେ ଘରବାଡ଼ି

**ପଟ୍ଟାମୁଣ୍ଡାଇ,୧୦।୪(କଳ୍ପତରୁ ନାୟକ)**


ଚାଷଜମି ଘରବାଡ଼ି ହେବା ପରେ ନିର୍ମାଣ କରାଯାଇଥିବା ରାସ୍ତା ।

■ ହ୍ରାସ ପାଉଛି ଚାଷଜମି
■ ୫ ବର୍ଷରେ ୪ହଜାର ହେକ୍ଟର ଚାଷଜମି ହ୍ରାସ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨୦୧୯ ରୁ ୨୦୨୪ ମଧ୍ୟରେ ପ୍ରାୟ ଶତାଧିକ ହେକ୍ଟର ଅମଳକ୍ଷମ ଉର୍ବର ଚାଷଜମି କିସମ ପରିବର୍ତ୍ତନ ହୋଇ ଘରବାଡ଼ି ହୋଇଥିବାରୁ ଚାଷଜମି ହ୍ରାସ ପାଇଚାଲିଛି । ଯଦି ଏଭଳି ଧାରାରେ ଚାଷଜମି ସଂଖ୍ୟା ହ୍ରାସ ପାଏ ତେବେ ଆସନ୍ତା ୨ ଦଶନ୍ଧି ମଧ୍ୟରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ଚାଷଜମି ଶେଷ ହୋଇ ଚାଷୀ ଜୀବିକା ହରାଇବା ସମ୍ଭାବନା ସୃଷ୍ଟି ହେବ ବୋଲି ଆକଳନ କରାଯାଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ସାମାଜିକ କର୍ମୀ ରଞ୍ଜିତ ପ୍ରଧାନ କୁହନ୍ତି, କୃଷି ବିଭାଗ ରିପୋର୍ଟ ଅନୁଯାୟୀ, ୨୦୧୭-୧୮ରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୫,୬୫୦ ହେକ୍ଟର ଜମିରେ ଚାଷ ହେଉଥିଲା । ୨୦୨୩-୨୪ରେ କୃଷି ବିଭାଗ ରିପୋର୍ଟରେ ୧୧, ୩୦୦ହେକ୍ଟର ଜମିରେ ଚାଷ ହେଉଛି । ଅର୍ଥାତ୍ ୫ ବର୍ଷ ମଧ୍ୟରେ ପାଖାପାଖି ୪,୦୦୦ ହେକ୍ଟର ଚାଷ ଜମି ହ୍ରାସ ପାଇଛି । ଅର୍ଥାତ୍ ବର୍ଷକୁ ପାଖାପାଖି ୮୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି କମୁଛି । ଯଦି ଏହି ଧାରାରେ ଜମି ହ୍ରାସ ପାଇ ଚାଲେ ତା'ହେଲେ ୫୦ରୁ୬୦ ବର୍ଷ ଭିତରେ ଚାଷ ଜମି ସମ୍ପୂର୍ଣ୍ଣ ଲୋପ ପାଇଯିବ । ଅପରପକ୍ଷେ, ପ୍ରତି ଦଶନ୍ଧିରେ ବର୍ଦ୍ଧିତ ଜନସଂଖ୍ୟା ଓ ଘର ପାଇଁ ଆବଶ୍ୟକ ଜମିକୁ ଅନୁଶୀଳନ କଲେ ଆଗାମୀ ୨୦ ରୁ୩୦ ବର୍ଷ ମଧ୍ୟରେ ଏହି ସ୍ଥିତି ଆସି ପହଞ୍ଚିବାର ସମ୍ଭାବନା ରହିଛି ।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ଚାଷଜମି ଯେଉଁଭଳି ଭାବେ ହ୍ରାସ ପାଉଛି ସେଥିରେ ପ୍ରଥମ ଚରଣରେ ନାମମାତ୍ର ଓ କ୍ଷୁଦ୍ରଚାଷୀଙ୍କ ଜମି ରହିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ଏହାର ଆଖପାଖରେ ଥିବା ଜମି ଦର ଆକାଶଛୁଆଁ ହୋଇଛି । ବିଶେଷକରି ପୌରାଞ୍ଚଳର ପୋଖରିଆପଡ଼ା, ବେଲତଳ, ପଟ୍ଟାମୁଣ୍ଡାଇ-ତାତନା ରାସ୍ତା, କଟକ-ଚାନ୍ଦବାଲି ରାସ୍ତାର ୧୪ ନଂ. କେନାଲଠାରୁ ପଟ୍ଟାମୁଣ୍ଡାଇ ବାଇପାସ୍ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଚାଷଜମିର କିସମ ପରିବର୍ତ୍ତନ ହୋଇ ଘର ସବୁ ଗଢ଼ି ଉଠୁଛି । ଏହାଦ୍ୱାରା ଚାଷଜମି ହ୍ରାସ ପାଉଛି।

ଆଇନଜୀବୀ ଭବାନୀ ପଣ୍ଡା କହିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ପୋଖରିଆପଡା ମାଇନର କେନାଲର ଚିହ୍ନବର୍ଣ୍ଣ ଆଉ ନାହିଁ । ଫଳରେ ଉକ୍ତ କେନାଲକୁ ଜଳ ସମ୍ପଦ ବିଭାଗ ମୃତ ଘୋଷଣାକଲା ପରେ ଏହାକୁ ଅନ୍ୟ ବିଭାଗକୁ ହସ୍ତାନ୍ତର କରି ଦିଆଯାଇଛି । ମାତ୍ର ବିଭାଗର ଅଗୋଚରରେ ଏହାର ଉଭୟ ପାର୍ଶ୍ୱରେ ଥିବା ଚାଷଜମି ସବୁ ଘରବାଡ଼ି କିସମରେ ପରିଣତ ହୋଇ କୋଠା ନିର୍ମାଣ ହୋଇ ସହରରେ ପରିଣତ ହୋଇଛି । ପୌରାଞ୍ଚଳରେ ପୋଖରିଆପଡ଼ା କେନାଲ ପାଖ ଜମି ସବୁ ଉପରେ କୋଠା ହୋଇଥିବା ବେଳେ ପଟ୍ଟାମୁଣ୍ଡାଇରୁ ତାତନା ରାସ୍ତାର ଦୁଇପାର୍ଶ୍ୱର ଜମି ସବୁ କୋଠା ହୋଇସାରିଛି । ପୁନଶ୍ଚ ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା, ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ଚଞ୍ଚକତାରେ ଘରଦ୍ୱାର କରି ଚାଲିଛନ୍ତି । ଏପରି ସ୍ଥିତିରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷଜମି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି । ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ଏମ୍‌ଏନ୍ ହାଇସ୍କୁଲଠାରୁ ବକ୍ତାରପୁର ଦେଇ କଖାରୁଣୀ ପୋଲଠାରୁ ମଦନପୁର କଲେଜ ପର୍ଯ୍ୟନ୍ତ ୨ ପାର୍ଶ୍ୱ ଜମିରେ କୋଠା ଗଢ଼ି ଉଠୁଛି । ଗ୍ରାମାଞ୍ଚଳରେ ମଧ୍ୟ ଏହି ଧାରାରେ ଜମିର କିସମ ପରିବର୍ତ୍ତନ ହୋଇ କୋଠାବାଡ଼ି ଗଢ଼ା ହୋଇଚାଲିଛି । ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି. ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡ଼ିଛି । ଏଥିସହ ପାଣି ଅଭାବ ଯୋଗୁ ହଜାରରୁ ଊର୍ଦ୍ଧ୍ୱ ଏକର ଉର୍ବର ଚାଷଜମି ପଡ଼ିଆ ପଡୁଛି । ଫଳରେ ଜମି ମାଲିକମାନେ ଜମିକୁ ପଡ଼ିଆ ରଖିବା ସହ ଘରବାଡ଼ି କରି ଦେଉଛନ୍ତି । ଯାହା ରାସ୍ତାକଡ଼ରେ ଥିବା ଏକ ଗୁଣ୍ଠ ଜମିର ଦାମ୍ ୧୫ ଲକ୍ଷରୁ ୩୦ ଲକ୍ଷ ମୂଲ୍ୟରେ ପହଁଚିଛି । ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ରାସ୍ତାଗୁଡିକର ୨ ପାର୍ଶ୍ୱରେ ଥିବା ନୟନଯୋରୀ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଫଳରେ ଉଭୟ ପାର୍ଶ୍ୱ ଜମିକୁ ଜଳସେଚନ ହୋଇପାରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଚାଷ ପ୍ରତି ବିମୁଖ ଭାବ ସୃଷ୍ଟି ହେବାରୁ ଜମି ପଡ଼ିଆ ରହୁଛି । ଏ ଦିଗରେ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ସରକାରୀ ନିୟମ ଆସିଲେ କର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ମା'କାଳୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ


ମା'କାଳୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ରାଜନଗର,୧୦।୪(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କୁରୁଣ୍ଟିସ୍ଥିତ ମା'କାଳୀ ସାଂସ୍କୃତିକ ପରିଷଦର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କମଳାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଏବଂ କାର୍ଯ୍ୟକାରୀ ସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା, ମୁଖ୍ୟବକ୍ତା ଖବରଦାତା ବସନ୍ତ କୁମାର ହାତି ପ୍ରମୁଖ ଯୋଗଦେଇ ଭଗବତ୍ ଚିଂାଧାରାରେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଞ୍ଚନେଶ୍ୱର ବାଳିକା ବିଦ୍ୟାଳୟର ଛାତ୍ରୀ ରଞ୍ଜିତା ବିଶ୍ୱାଳ, ସେଣ୍ଟ ଜାଭିୟର ପବ୍ଲିକ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ଆଇଆଇସି ଜେନା ମା'କାଳୀ ସମ୍ମାନରେ ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଷଦର ଅଶୋକ କୁମାର ବିଶ୍ୱାଳ, ନରେଶ କୁମାର କୁଅଁର, ପ୍ରତାପ ବିଶ୍ୱାଳ, ପ୍ରଶାନ୍ତ ନାୟକ, ମହିମା ମଙ୍ଗରାଜ, ଅକ୍ଷୟ କୁମାର ଜେନା, ଶିବ କୁମାର ନରେନ୍ଦ୍ର ପରିଚାଳନା କରିଥିବା ବେଳେ ପ୍ରଭାତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଳି ବାର୍ ଆସୋସିଏଶନର ଶପଥ ଗ୍ରହଣ ଉତ୍ସବ

**ଆଳି,୧୦।୪(ବନମାଳୀ ସେନାପତି)**

ଆଳି ବାର ଆସୋସିଏଶନର ନବ ନିର୍ବାଚିତ ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ଅପରାହ୍ନରେ ଆଳି କୋର୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଶରତ ମହାନ୍ତି ଆଳି ବାର ଆସୋସିଏଶନର ନବ ନିର୍ବାଚିତ ସଭାପତି ପ୍ରମୋଦ ରାୟ, ଉପ ସଭାପତି ସୁଶାନ୍ତ କୁମାର ଦୀକ୍ଷିତ, ସମ୍ପାଦକ ନୃସିଂହ ଚରଣ ଦୀକ୍ଷିତ,ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାମଲ,ସହ ସମ୍ପାଦକ ସୂର୍ଯ୍ୟମଣି ସାମଲ,ପାଠାଗାର ସମ୍ପାଦକ ପ୍ରମୋଦ ଦାସ, ଅଣାକର ବାରିକଙ୍କୁ ଶପଥ ପାଠ କରାଇଥିଲେ । ସହକାରୀ ନିର୍ବାଚନ ଅଧିକାରୀ ରାଧାକାନ୍ତ ବିଶ୍ୱାଳ ସହଯୋଗ କରିଥିଲେ । ସଭାପତି ପ୍ରମୋଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଳିକୋର୍ଟର ବିଚାରପତି ଦୀପ୍ତି ରଞ୍ଜନ ଦାସ,ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଗିରିଜା ଶଙ୍କର ମିଶ୍ର,ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ବାର ଆସୋସିଏଶନ ସଭାପତି ଧ୍ରୁବ ଚରଣ ଜେନା ଓ ଆନନ୍ଦପୁର ବାର ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଆଳି ବାର ଆସୋସିଏଶନର ଉନ୍ନତି ପାଇଁ ନବ ନିର୍ବାଚିତ ପ୍ରତିନିଧିଙ୍କ ଗୁରୁ ଦାୟିତ୍ୱ ବୋଲି ଅଭିଭାଷଣରେ ପ୍ରକାଶ କରିଥିଲେ । ଉଭୟ ସଭାପତି ଓ ସମ୍ପାଦକ ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ବାରର ପ୍ରଗତି ନିଶ୍ଚିତ ଭାବେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ ।


ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବା ବାର୍‌ର ନୂତନ କର୍ମକର୍ତ୍ତା ଓ ଅତିଥି ।

# ଭିତରକନିକା ମ୍ୟାନଗ୍ରୁଭପିଟା ପକ୍ଷୀ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

**ରାଜନଗର,୧୦।୪(ଭାସ୍କର ରାଉତରାୟ)**

ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଡବ୍ଲ୍ୟୁଆଇ ପକ୍ଷରୁ ଦିନିକିଆ ଭିତରକନିକା ମ୍ୟାନଗ୍ରୁଭ ପିଟା ବିରଳ ପକ୍ଷୀଙ୍କ ଜୀବନ ଶୈଳୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ପକ୍ଷୀ ବିଶାରଦ ପ୍ରଫେସର ପ୍ରମୋଦ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ପକ୍ଷୀ ଜଗତରେ ବିସ୍ମୟ କୌତୁକିଆ ନବରଙ୍ଗୀ ଚଢେଇ (ମ୍ୟାନଗ୍ରୁଭପିଟା)ର ଜୀବନ ଶୈଳୀ ଉପରେ ବିସ୍ତୃତ ଆଲୋଚନା କରିବା ସହିତ ହେନ୍ତାଳବଣ ଅଭିବୃଦ୍ଧି କ୍ଷେତ୍ରରେ ଏହି ଟିକି ଚଢେଇଙ୍କ ବିଶେଷ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ସେଞ୍ଚୁରିଆନ ୟୁନିଭରସିଟିରେ ଆସୋସିଏଟ ପ୍ରଫେସର ତଥା ପ୍ରାଣୀ ବୈଜ୍ଞାନିକ ଡ. ଶିବ ପ୍ରସାଦ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତିର ଅନନ୍ୟ ଉପହାର ଭିତରକନିକାରେ ବସବାସ କରୁଥିବା ବିରଳ ମ୍ୟାନଗ୍ରୁଭ ପିଟାର ସ୍ୱରୂପ ତାର ଭିନ୍ନ ଜୀବନୀଶୈଳୀ, ଖାଦ୍ୟପେୟ, ପ୍ରଜନନ ପ୍ରକ୍ରିୟା ଉପରେ ଆଲୋଚନା କରିବା ସହିତ ଏଥିରେ ଯୋଗଦେଇଥିବା ବିଜ୍ଞାନୀ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏସିଏଫ ମାନସ କୁମାର ଦାସ, ନିଳାଦ୍ରୀ ଭୂଷଣ କର, ଅରବିନ୍ଦ ସାମଲ ପ୍ରମୁଖ ଯୋଗଦେଇ ନବରଙ୍ଗୀ ଚଢେଇ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ସୁମନ ଦାସ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ବେଳେ ରିସୋର୍ସ ପର୍ସନ ଶୁଭଦର୍ଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ଏହି ବିରଳ ପକ୍ଷୀ ଭିତରକନିକା, ସୁନ୍ଦରବନ, ମିଆଁମାର ସମେତ ସିଙ୍ଗାପୁର, ମାଲେସିଆ, ଇଣ୍ଡୋନେସିଆ, ଆଇଲ୍ୟାଣ୍ଡ ଆଦି ଦେଶରେ ଦେଖାଯାଆନ୍ତି। ଛୋଟ ହେନ୍ତାଳ ଗଛ ମୂଳରେ ଏହି ଚଢେଇ ବସା ବାନ୍ଧି ଅଣ୍ଡା ଦେଇଥାଏ। ଏପ୍ରିଲରୁ ଅଗଷ୍ଟ ଭିତରେ ତାର ପ୍ରଜନନ ପ୍ରକ୍ରିୟା ଶେଷ କରିଥାଏ। ଏହି ଚଢେଇ ୨ ରୁ ୪ଟି ଅଣ୍ଡା ଦେଇଥାଏ। ୧୮ ରୁ ୨୦ ଦିନ ଭିତରେ ଅଣ୍ଡାରୁ ଛୁଆ ଫୁଟେ। ନିକଟ ଅତୀତରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଗଣନା ସମୟରେ ୧୦୦ ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଭିତରକନିକା ଜାତୀୟ ଉଦ୍ୟାନରେ ଦୃଶ୍ୟମାନ ହେଉଥିବା ଜଣାପଡ଼ିଛି। ୧୯୬୩ରେ ଜର୍ମାନୀର ପ୍ରସିଦ୍ଧ ପକ୍ଷୀ ବିଶାରଦ ହର୍ମାନ ସ୍ଲେଜର ପ୍ରଥମେ ଏହି ପକ୍ଷୀଙ୍କୁ ଆବିଷ୍କାର କରି ଇନ୍ଦ୍ରଧନୁର ରଙ୍ଗ ସହ ତୁଳନା କରିଥିଲେ।

# ବାସନ୍ତିକ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି

**ଡେରାବିଶ,୧୦।୪ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଚାଟରାଠାରେ ମା ବାସନ୍ତୀ ଦୁର୍ଗାଙ୍କ ପୀଠରେ ଆସନ୍ତା ଶନିବାରଠାରୁ ଆରମ୍ଭ ହେବ ମା' ବାସନ୍ତିକ ଦୁର୍ଗା ପୂଜା । ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ୧୭ ତାରିଖ ବୁଧବାର ସମାପନ ହେବ । ବ୍ଲକ ଅଞ୍ଚଳରେ ଏହି ପୂଜା ପ୍ରସିଦ୍ଧି ଲାଭ କରିଥିବାରୁ ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିବ । ଏ ନେଇ ବୁଧବାର ମା'ଙ୍କ ପୀଠରେ ପୂଜା କମିଟି ତରଫରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟିର ସଭାପତି ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି ଚଳିତ ପୂଜା ଉତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ କାର୍ଯ୍ୟସୂଚୀ ଉପରେ ସୂଚନା ଦେବା ପରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ସଂଖ୍ୟାରେ ପୋଲିସ ଓ ସ୍ୱେଚ୍ଛାସେବୀ କିପରି ନିୟୋଜିତ ହେବେ ସେ ନେଇ ସହ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଆଲୋଚନା କରିଥିଲେ । ସେହିପରି ମା'ଙ୍କ ମନ୍ଦିରରେ ହେବାକୁ ଥିବା ପଣାହାଣ୍ଡି ଭୋଗ ଏବଂ ମହାଷ୍ଟମୀରେ ବଳିଦାନ ପର୍ବ କିଭଳି ଶୃଙ୍ଖଳିତ ଭାବେ ହେବ ସେ ନେଇ କମିଟିର କୋଷାଧ୍ୟକ୍ଷ ଅରଜିତ ମିଶ୍ର ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପ୍ରଦର୍ଶନ ପାଇଁ ଏବଂ ପୂଜା ଉତ୍ସବରେ ଆସୁଥିବା ବିଭିନ୍ନ ବ୍ୟବସାୟୀଙ୍କ ପାଇଁ ସ୍ଥାନ ନିରୁପଣ ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜୟନ୍ତ କୁମାର ବଳ, ଯଶୋବନ୍ତ ପ୍ରଧାନ, ଗୋକୁଳାନନ୍ଦ ମହାନ୍ତି, ଶାନ୍ତି ଭୂଷଣ ମହାନ୍ତି, ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।


ବାସନ୍ତିକ ଦୁର୍ଗାପୂଜାର ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତା ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ରାଜକନିକା,୧୦।୪(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ସଦରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସୁଶ୍ରୀ ଦେବୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ତଥା ସାମାଜିକ କର୍ମୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ବାବାଜୀ ଚରଣ ବାରିକ, ମୁଖ୍ୟବକ୍ତା ଉତ୍ତରପୂର୍ବ ସମ୍ଭାଗ ଶିକ୍ଷା ବିକାଶ ସମିତି ଓଡ଼ିଶା ସମ୍ପାଦକ ମହେନ୍ଦ୍ର ଘଡାଇ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ବିକାଶ ସମିତି ପ୍ରମୁଖ କପିଳ ଚରଣ ମିଶ୍ର ଏବଂ ଶିକ୍ଷା ବିକାଶ ସମିତି ଆଳି ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ ଚନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହୁଅ ହେବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳ୍ପତରୁ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ବୈଷ୍ଣବ ଚରଣ ନାଥ ମଞ୍ଚ ପରିଚାଳନା କରିଥିଲେ । କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ସଭା

**ପଟ୍ଟାମୁଣ୍ଡାଇ,୧୦।୪(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସପ୍ତେଶ୍ୱର ନୋଡାଲ କ୍ଲଷ୍ଟର ପକ୍ଷରୁ କଜଳବନ୍ଧ କେ.ବି.ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆରସିସି ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ସିଆରସିସି ମଳୟ ଜେନା ମୁଖ୍ୟବକ୍ତା, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ବିଭୁରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ସାମଲ, ଶ୍ରୀରାମ ଜେନା କୁଳମଣି ନାୟକ, ନିଧିରାମ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଶିକ୍ଷାନୁଷ୍ଠାନ ଓ ଶିକ୍ଷା ବିକାଶ କ୍ଷେତ୍ରରେ ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକନେତା ପ୍ରେମାନନ୍ଦ ଜୀବନଦାଶ ସ୍ୱାଗତଭାଷଣ ଓ ପ୍ରଧାନଶିକ୍ଷକ ଦିଲୀପ ମଲିକ ଅତିଥିପରିଚୟ ପ୍ରଦାନ କରିଥିଲେ । ସିଆରସିସି ଲୋକନାଥ ନାୟକ ବିବରଣୀ ପାଠ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ ଉମାକାନ୍ତ ଖଟୁଆ, ଉତ୍ସବ ଚରଣ କୁଣ୍ଡ, ସ୍ନେହଲତା ନାୟକ, ଜଗଦାନନ୍ଦ ଦାଶ, କାହ୍ନୁ ଚରଣ ପ୍ରଧାନ, ଦ୍ରୌପଦୀ ନାୟକ, ହରିଶ୍ଚନ୍ଦ୍ର ଅଧିକାରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

# ୨୫ କୋଟି ବ୍ୟୟ, ଚାଷୀଙ୍କ କାମରେ ଲାଗୁନି

**କେନ୍ଦ୍ରାପଡ଼ା, ୧୦।୪ (ଜଗନ୍ନାଥ ଧଳ)**



■ ଦେଉଳତରାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ
■ ୨୦୧୯ରେ ହୋଇଥିଲା ଉଦ୍‌ଘାଟନ
■ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ୭ ପଞ୍ଚାୟତବାସୀଙ୍କ ଦାବି

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ଜଳସେଚନ ସୁବିଧା ନାହିଁ। ଉଠା ଜଳସେଚନ ଅଥବା ବର୍ଷାକୁ ଚାଷୀ ଭରସା କରିଥାନ୍ତି। ତେବେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ଏକ ବୃହତ୍ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଚାଷୀଙ୍କ କାର୍ଯ୍ୟରେ ନ ଲାଗିବା ପରି ଘଟଣା ଏବେ ଚାଷୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ଏହି ବ୍ଲକର ଦେଉଳତରାଠାରେ ୭ ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ପାଇଁ ୨୫ କୋଟିଟଙ୍କା ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ ପ୍ରାୟତଃ ଅକାମୀ ହୋଇପଡ଼ିଛି। ଏପରି କି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବାରମ୍ବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ସୁଫଳ ମିଳୁ ନ ଥିବା ଲୋକ ପ୍ରତିନିଧି ଓ ଚାଷୀମାନେ ପ୍ରକାଶ କରିଛନ୍ତି।

ଦେଉଳତରାର ଚାଷୀ ସୁବାସ ଚନ୍ଦ୍ର ପାଣ୍ଡବ, ଅଭିମନ୍ୟୁ ବାରିକ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁଚରଣ ବାରିକ, ବିଜୟ ନାୟକ ପ୍ରମୁଖ କହିଛନ୍ତି ଯେ, ଦେଉଳତରାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ଉଦ୍‌ଘାଟନର ପ୍ରାୟ ବର୍ଷେ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। ପ୍ରକଳ୍ପ ଅଧୀନରେ ଦେଉଳତରା ସମେତ ମୁରାଦପୁର, ଉଜାଙ୍ଗ, ସିହୋପଡ଼ା, ନମତରା, ପାରିନୂଆପଡ଼ା- ହାବଳଗଣ୍ଡ ଓ ନମତରା ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ହେବ ବୋଲି ସୂଚନା ଦିଆଯାଇଥିଲା। ଖରସ୍ରୋତା ନଦୀରୁ ପାଣି ଉଠାଇ କ୍ଷେତକୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରାୟ ୧୦ ହଜାର ଚାଷୀ ଏବେ ବର୍ଷାକୁ ଭରସା କରିଛନ୍ତି। ଚାଷୀ ଋଣ କରି ଚାଷ କରୁଥିବା ବେଳେ ଫସଲ ଗଜା ମରୁଡି ହେଲେ ଅର୍ଥ ଶୁଝିବା କଷ୍ଟକର ହେଉଛି। ଏ ନେଇ ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ। ପ୍ରକଳ୍ପର ତ୍ରୁଟିକୁ ସୁଧାରି ତୁରନ୍ତ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ କୃଷକ ନେତା ଗୟାଧର ଧଳ, ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ନିର୍ବାଚନ ସମୟରେ ରାଜନେତାମାନେ ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେବା ଓ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ପଛରେ ଅଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ବ୍ଲକ ଅଞ୍ଚଳର କ୍ଷେତକୁ ଅନ୍ୟୁନ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବ। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହା ସମ୍ଭବ ହେଉନାହିଁ। ଜିଲାର ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ଉଠାଜଳସେଚନ ଏଠାରେ ଚାଷୀଙ୍କ ପାଇଁ ଭରସା ପାଲଟିବା କଥା। ତେବେ ଏହି ଦୁଇ ବ୍ଲକ ଅଞ୍ଚଳରେ ଥିବା ୬୨୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇଗଲାଣି। ଏପରି କି ଉଦ୍‌ଘାଟିତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ପ୍ରଶାସକ ଓ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବଢୁଛି। ୨୦୨୦ରେ ଏହାର ଟ୍ରାଏଲ ରନ ହୋଇଥିଲେ ମଧ୍ୟ ଏହାର ତ୍ରୁଟିରେ ସୁଧାର ଆସୁନାହିଁ। ଏ ନେଇ ବହୁବାର ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତ । ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ କେଉଁ ଅସୁବିଧା ରହିଛି, ତାହାର ତନଖି ସହ ସୁଧାର କରାଯିବ ବୋଲି ସେ କହିଛନ୍ତି।

# କାମ ଯୋଗାଇବାରେ ଛତ୍ରପୁର ବ୍ଲକ ପଛୁଆ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦିଗହରା

ଛତ୍ରପୁର,୧୦।୪(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ ଚାଲିଥିବା ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କୁ କାମ ଯୋଗାଇବାରେ ଛତ୍ରପୁର ବ୍ଲକ ପ୍ରଶାସନ ପଛୁଆ ରହିଛି। ଜିଲାର ହେଡକ୍ୱାର୍ଟର ଛତ୍ରପୁର ହୋଇଥିବା ବେଳେ ଏଠାରେ ଜିଲାପାଳ ଓ ଜିଲା ପରିଷଦ ସିଇଓ ନିୟମିତ ଏହି ଯୋଜନାର ସମୀକ୍ଷା କରୁଛନ୍ତି। ହେଲେ ଛତ୍ରପୁର ବ୍ଲକରେ କିଛି ବର୍ଷ ହେଲା ଏହି ଯୋଜନା ଏକପ୍ରକାର ଦିଗହରା ହୋଇଛି। ଲୋକଙ୍କୁ ଏହି ଯୋଜନାରେ କାମ ମିଳୁ ନ ଥିବାରୁ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଦୈନିକ ଶ୍ରମିକମାନେ ଗାଁ ଛାଡୁଥିବା ଦେଖିବାକୁ ମିଳିଛି। ଜିଲାରେ ୨୨ ବ୍ଲକ ରହିଛି । ୨୦୨୩-୨୪ରେ ଏହି ଯୋଜନାରେ ଉଭୟ ଶ୍ରମିକଙ୍କ ପରିବାରଙ୍କୁ କାମ ଯୋଗାଇବା, ବର୍ଷକ ମଧ୍ୟରେ ୧୦୦ ଦିନର କାମ ଯୋଗାଇବା ଏବଂ ଶ୍ରମ ଦିବସ ସୃଷ୍ଟି କରିବାରେ ଛତ୍ରପୁର ବ୍ଲକ ସବୁଠାରୁ ଶେଷ ୨୨ ନମ୍ବରରେ ରହିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ଚଳିତ ମାସ ୯ ତାରିଖ ସୁଦ୍ଧା ଛତ୍ରପୁର ବ୍ଲକର ଗୋଟିଏ ବି ପରିବାରକୁ କାମ ମଧ୍ୟ ମିଳିନଥିବା ସରକାରୀ ରିପୋର୍ଟରୁ ଜଣାପଡିଛି। ଆହୁରି ଜଣାଯାଇଛି ଛତ୍ରପୁର ବ୍ଲକର ଶ୍ରମିକମାନଙ୍କୁ ଏହି ଯୋଜନାରେ ବର୍ଷକ ମଧ୍ୟରେ ୧୦୦ ଦିନର କାମ ଯୋଗାଇବାରେ ସ୍ଥିତି ନୈରାଶ୍ୟଜନକ ରହିଛି। ଛତ୍ରପୁର ବ୍ଲକରେ ୧୮ଟି ପଞ୍ଚାୟତ ରହିଛି। ଏହି ବ୍ଲକରେ ମାତ୍ର ୬୪୬ ପରିବାରଙ୍କୁ ଏହି ଯୋଜନାରେ ୧୦୦ ଦିନର କାମ ଯୋଗାଇବାରେ ବ୍ଲକ ପ୍ରଶାସନ ସକ୍ଷମ ହୋଇପାରିଛି। ମିଳିଥିବା ସୂଚନା ଅନୁସାରେ, ଅଗସ୍ତିନୂଆଗାଁ ପଞ୍ଚାୟତରେ ବର୍ଷକରେ ମାତ୍ର ୧୪ ପରିବାରଙ୍କୁ ୧୦୦ ଦିନର କାମ ମିଳିଥିବା ବେଳେ ବଡମାଧପୁରରେ ଜଣେ, ବଉଳଗାଁରେ ୨ଜଣ, ବିପୁଲିଙ୍ଗି ରେ ୨୬, କାଳିପଲ୍ଲୀରେ ୨, କଣମଣାରେ ୧୧, ମହାନାଦପୁର ଓ ନରେନ୍ଦ୍ରପୁରରେ ୫ ଜଣ ଲେଖାଏଁ, ପୋଟଲାମପୁରରେ ୮ ଜଣ, ଶ୍ରୀରାମଚନ୍ଦ୍ରପୁରରେ ୧୩ ଜଣ, ସୁନ୍ଦରପୁରରେ ୧୨ ଜଣ ଶ୍ରମିକଙ୍କୁ ୧୦୦ ଦିନର କାମ ମିଳିଛି। ଆହୁରି ଜଣାଯାଇଛି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୩-୨୪ ଆର୍ଥିକ ବର୍ଷରେ ଛତ୍ରପୁର ବ୍ଲକର ୯୫୦୬ ପରିବାରଙ୍କୁ କାମ ଯୋଗାଇ ୫ ଲକ୍ଷ ୧୫ ହଜାର ୧୫୯ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି। ଏହି ଯୋଜନାରେ ଅଗସ୍ତିନୂଆଗାଁରେ ୧୬୮୩୮ ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଆର୍ଯ୍ୟପଲ୍ଲୀରେ ୯୭୪୪, ବଡମାଧପୁରରେ୧୨୨୯୭, ବଉଳଗାଁରେ ୨୦୧୩୯, ଭିକାରୀପଲ୍ଲୀରେ ୪୮୩୭୧, ବିପୁଲିଙ୍ଗିରେ ୪୫୫୨୩, ଚମାଖଣ୍ଡିରେ ୪୬୫୦୫, ଚିକଲଖଣ୍ଡିରେ ୬୦୩୧୦, କାଳିପଲ୍ଲୀରେ ୧୫୫୫୩, କଣମଣାରେ ୧୭୮୬୨, ଲକ୍ଷ୍ମୀପୁରରେ ୪୮୭୬୬, ମହାନାଦପୁରରେ ୧୪୮୮୧, ନରେନ୍ଦ୍ରପୁରରେ ୧୧୮୮୯, ପୋଡାପଦରରେ ୨୪୫୫୮, ପୋଟଲାମପୁରରେ ୨୯୩୭୯, ଶ୍ରୀରାମଚନ୍ଦ୍ରପୁରରେ ୧୬୮୪୪, ସୁନ୍ଦରପୁରରେ ୩୩୯୬୬ ଓ ଟାଙ୍ଗଣାପଲୀ ପଞ୍ଚାୟତରେ ୪୦୭୩୪ ଶ୍ରମଦିବସ ସୃଷ୍ଟି କରିବାକୁ ଛତ୍ରପୁର ବ୍ଲକ ପ୍ରଶାସନ ସକ୍ଷମ ହୋଇପାରିଛି।

## ସଂକ୍ଷେପରେ

### ୧୨ରେ ସିଇଓ, ଏସ୍‌ପିଏନ୍‌ଓଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୧୦।୪(ସନ୍ତୋଷ ପାଢ଼ୀ): ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିକୁଞ୍ଜ ବିହାରୀ ଧଳ ଓ ରାଜ୍ୟ ପୋଲିସ ନୋଡାଲ୍ ଅଧିକାରୀ (ଏସ୍‌ପିଏନ୍‌ଓ) ସଂଜୟ କୁମାର ଆସନ୍ତା ୧୨ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ଏଥିସହ ତାଙ୍କ ଟିମ୍ ମଧ୍ୟ ଗଞ୍ଜାମକୁ ଆସିବେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ୨ ଅଧିକାରୀ ସାଧାରଣ ନିର୍ବାଚନ ୨୦୨୪ର ପ୍ରସ୍ତୁତି ନେଇ ୪ ଜିଲା ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାର ସମୀକ୍ଷା କରିବେ। ନିର୍ବାଚନ ପ୍ରସ୍ତୁତି ସହ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରାଯିବ। ଏହି ସମୀକ୍ଷା ବୈଠକରେ ଦକ୍ଷିଣାଞ୍ଚଳ ଆଇଜି, ଉକ୍ତ ୪ ଜିଲାର ଜିଲାପାଳ, ଏସ୍‌ପି ଓ ରିଟର୍ଣ୍ଣିଂ ଅଫିସର ଯୋଗଦେଇ ନିଜ ନିଜ ଜିଲାର ନିର୍ବାଚନ ପ୍ରସ୍ତୁତି ଓ ଆଇନଶୃଙ୍ଖଳା ସ୍ଥିତିର ଚିତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି।

### ହରେକୃଷ୍ଣ ଯୁବ ବିଜେଡି ରାଜ୍ୟ ସମ୍ପାଦକ



ଆସିକା,୧୦।୪ (ସୁରେନ୍ଦ୍ର ନାଥ ସାହୁ) ପୂର୍ବତନ ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ରାଜ୍ୟ ଯୁବ ବିଜେଡିର ସଂପାଦକ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିବା ଦଳର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରୁ ଜଣାପଡିଛି । ହରେକୃଷ୍ଣ ଏଥିପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଧାରଣ ସଂପାଦକ ପ୍ରଣବ ପ୍ରକାଶ ଦାଶ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ଜିଲାର ସମସ୍ତ ବିଧାୟକ ଓ ଏମପିଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଦଳ ପକ୍ଷରୁ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁ ରୂପେ ସଂପାଦନ କରି ଦଳର ଯୁବ ସଂଗଠନକୁ ଅଧିକ ସକ୍ରିୟ କରିବାକୁ ପ୍ରୟାସ କରିବେ ବୋଲି ହରେକୃଷ୍ଣ ପ୍ରକାଶ କରିଛନ୍ତି।

### ମନ୍ଦିର ପରିସରରୁ ୨ ଅହିରାଜ ଉଦ୍ଧାର

ପାତ୍ରପୁର, ୧୦।୪(ଉମାଚରଣ ନେପାକ): ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ଅଭୟପୁର ଗ୍ରାମରୁ ବୁଧବାର ୨ ଟି ଅହିରାଜ ସାପ ଉଦ୍ଧାର ହୋଇଛି। ବନ ବିଭାଗ ଓ ସ୍ନେକ ହେଲ୍ପଲାଇନର ଟିମ ମିଳିତ ଭାବେ ଏହି ଉଦ୍ଧାର କାର୍ଯ୍ୟ କରିଥିଲେ। ଗ୍ରାମରେ ଥିବା ବାଣେଶ୍ୱର ଶିବ ମନ୍ଦିର ପରିସରରେ ଦୁଇଟି ବିରାଟ ସାପ ଲଢେଇ କରୁଥିବା ଲୋକେ ଦେଖିଥିଲେ। ଏହାପରେ ସେମାନେ ସାମନ୍ତିଆପଲ୍ଲୀ ବନ ବିଭାଗକୁ ଯୋଗାଯୋଗ କରିଥିଲେ। ବନପାଳ ଅଭିନାଶ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏକଘଣ୍ଟାର ପରିଶ୍ରମ ପରେ କୌଶଳକ୍ରମେ ୨ ଟି ଅହିରାଜ ସାପକୁ ଉଦ୍ଧାର କରାଯାଇଥିଲା। ସାପକୁ ଜଙ୍ଗଲରେ ଛଡାଯାଇଥିବା ବନାଞ୍ଚଳ ଅଧିକାରୀ ମନୋଜ ପାତ୍ର କହିଛନ୍ତି।

# ବଡ଼ମାଧପୁରରେ ପଞ୍ଚୁଦଣ୍ଡ ମହାମିଳନ



ପଞ୍ଚୁଦଣ୍ଡ ମହାମିଳନ ପର୍ବରେ ଯୋଗଦେଇଥିବା ଦଣ୍ଡୁଆ ଓ ଶ୍ରଦ୍ଧାଳୁ।

ଛତ୍ରପୁର,୧୦।୪(ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଗ୍ରାମରେ ଦୀର୍ଘ ୨୩ ବର୍ଷ ଧରି ଏପ୍ରିଲ ୧୦ ତାରିଖରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଆସୁଅଛି। ଏଥିରେ ଶିକୁଳା (ସାନପୁଞ୍ଜା), କବିସୂର୍ଯ୍ୟନଗର (ପରିଡା ପାର୍ଟି), ଗୋଲିଆ, ଗୁଣ୍ଡପଡା ଓ ପୁରୁଷୋତ୍ତମପୁର (ତେଲି ପାର୍ଟି) ଆଦି ୫ଟି ଗ୍ରାମର ଦଣ୍ଡ ଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ। ଏହି ମହାମିଳନ ସମୟରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବା ବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା। ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପଞ୍ଚ ଦଣ୍ଡ ଯାତ୍ରା ଦଳର ସାମୂହିକ ଗ୍ରାମ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ବଢା ହେବା ସହ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଠାରେ ପଞ୍ଚଦଣ୍ଡ ଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସନ୍ଧ୍ୟା ଆଳତି ଓ ରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପଞ୍ଚୁଦଣ୍ଡ ଯାତ୍ରା କମିଟି ଓ ବଡମାଧପୁର ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା।

# ତେଲୁଗୁ ନବବର୍ଷ ଉଗାଦି ପାଳିତ



ଛତ୍ରପୁର,୧୦।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁରସ୍ଥିତ ଶିବ କୁମାର ପଟ୍ଟନାୟକ ରିଡ଼ିଙ୍ଗରୁମ୍‌ରେ ତେଲୁଗୁ ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ତେଲୁଗୁ ନବବର୍ଷ ଉଗାଦି ବର୍ଣ୍ଣାଢ଼୍ୟ ସମାରୋହରେ ପାଳିତ ହୋଇଯାଇଛି । ବିଧିବଦ୍ଧ ଭାବେ ଯଥାରୀତି ରୀତିରେ ପୂଜାର୍ଚ୍ଚନା ସହ ନୂତନ ତେଲୁଗୁ ପଞ୍ଜିକା ୨୦୨୪ର ଫଳାଫଳ ଦେଶ ପାଇଁ କ'ଣ ଶୁଭାଶୁଭ ରହିଛି । ସେ ସମ୍ପର୍କରେ ତେଲୁଗୁ ପାଲୁଗାରୁ ବିସ୍ତୃତ ବ୍ୟାଖ୍ୟା କରି ସୁଧିଜନଙ୍କୁ ଆଲୋକପାତ କରିଥିଲେ। ପରେ ତେଲୁଗୁ ମହିଳା ଗୋଷ୍ଠୀଙ୍କ ଦ୍ୱାରା ସାମୂହିକ ସ୍ତୋତ୍ର ପାଠ, ବେଦ ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆନୁଷ୍ଠାନିକ ସଭା, ବରେଣ୍ୟ ବ୍ୟକ୍ତି ବିଶେଷଙ୍କୁ ଏବଂ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଙ୍ଗା ଭାଙ୍ଗାଲା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଏବଂ ରମଣୀ ରାଓ, ଆର୍ ସୁମତୀ ରେଡ୍ଡୀ ପ୍ରମୁଖ ଛତ୍ରପୁର ତେଲୁଗୁ ସାଂସ୍କୃତିକ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଯୋଗଦେଇ ତେଲୁଗୁ ନବବର୍ଷ ଉଗାଦି ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ବି.ଶ୍ରୀନିବାସ ରାଓ ସଂଯୋଜନା କରିଥିଲେ।

# ଭାଜପାରେ ମିଶିଲେ ୧୦ରୁ ଉର୍ଦ୍ଧ୍ୱ ଆଇନଜୀବୀ

ବ୍ରହ୍ମପୁର,୧୦।୪(ନରସିଂହ ସାହୁ) ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା ଓ ଗଞ୍ଜାମ ବାର ଆସୋସିଏଶନ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଓକିଲ ବୁଧବାର ଭାଜପାରେ ମିଶିଛନ୍ତି। ସେମାନଙ୍କର ଆଉ କେତେଜଣ ଜଣାଶୁଣା ବ୍ୟକ୍ତି ଓ ବିଜେଡି ସମର୍ଥକ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ପ୍ରଭାରୀ ନରେନ୍ଦ୍ର ସିଂ ତୋମାର, ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଅନ୍ୟମାନଙ୍କ ଗହଣରେ ସମସ୍ତେ ଉତ୍ତରୀୟ ଓ ପଦ୍ମ ଟୋପି ପିନ୍ଧି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ।



ଏହି ମିଶ୍ରଣ ବ୍ରହ୍ମପୁର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ସୁହାଇବ ବୋଲି ଚର୍ଚ୍ଚା ହେଉଛି। ମିଶ୍ରଣ ପର୍ବ ବେଳେ ବିଧାନସଭା ପ୍ରାର୍ଥୀ କେ. ଅନିଲ କୁମାରଙ୍କ ସମେତ ଗତ ଫେବୃୟାରୀରେ ଭାଜପାରେ ଯୋଗ ଦେଇଥିବା ବରିଷ୍ଠ ଆଇନଜୀବୀ ଅଶୋକ ଶୁକ୍ଳା ଉପସ୍ଥିତ ଥିଲେ। ପୂର୍ବତନ ବିଜେଡି କର୍ପୋରେଟର ବିରେନ ପଟ୍ଟନାୟକ, ଆଇନଜୀବୀ ସନ୍ତୋଷ ସାହୁ, ସଂଜିବ ମିଶ୍ର, ବିଶ୍ୱଜିତ ସେଠୀ, ଲଡୁ କିଶୋର ସାହୁ, ବବୁଲ ନାୟକ, ପ୍ରକାଶ ସାହୁ ପ୍ରମୁଖ ଭାଜପାରେ ମିଶିଛନ୍ତି। କାର୍ଯ୍ୟକ୍ରମରେ ଗୋପାଳପୁର ସେଗମେଣ୍ଟ ପ୍ରାର୍ଥୀ ବିଭୂତି ଜେନା ଓ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ ଉପସ୍ଥିତ ଥିଲେ।

# ଖାଦ୍ୟରେ ମିଶୁଛି ରାସାୟନିକ ଦ୍ରବ୍ୟ

### ଯାଞ୍ଚ ହେଉନି ଖାଦ୍ୟର ମାନ, ଚର୍ଚ୍ଚାରେ ପ୍ରଶାସନିକ ଉଦାସୀନତା

ବୁଗୁଡା,୧୦।୪(କାଳିଚରଣ ଦାଶ) ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ। ଖୋଲା ମେଲାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳରେ ନୁହେଁ, ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତା କଡ଼ରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖା ଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି। ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡକୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରଚାର ଜୋର୍‌ଦାର କଲେ ସଂଘମିତ୍ରା



ବେଲଗୁଣ୍ଠା, ୧୦।୪ (କୃଷ୍ଣଚନ୍ଦ୍ର ପଟ୍ଟନାୟକ): ସୋରଡ଼ା ନିର୍ବଚନ ମଣ୍ଡଳୀର ବେଲଗୁଣ୍ଠା ବ୍ଲକରେ ବିଜେଡି ତାର ଶକ୍ତି ପ୍ରଦର୍ଶନ ଜାରିରଖିଛି । ବିଜେଡି ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। ବେଲଗୁଣ୍ଠା ବ୍ଲକର ନାଟେଙ୍ଗା, ଇଙ୍ଗିନାଠି ଏବଂ ଧୁମୁଛାଇ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରା କରିବା ସହିତ ପଥପ୍ରାନ୍ତ ସଭା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ଶଙ୍ଖ ଚିହ୍ନରେ ମୋହର ମାରି ତାଙ୍କୁ ଜିତାଇବା ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରାମେଶର ପାତ୍ର, ବ୍ଲକ ମହିଳା ବିଜେଡି ସଭାପତି ମମତା ଭୋଳ, ଜିଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ସରପଞ୍ଚ ସୁପ୍ରଭା ଗୌଡ଼, ସମିତିସଭ୍ୟ ରଜୀବ ଲୋଚନ ନାଇକ, ବରିଷ୍ଠ ନେତା ଦେବେନ୍ଦ୍ର ଗୌଡ଼, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନିକୁଞ୍ଜ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଇଙ୍ଗିନାଠି ପଞ୍ଚାୟତରେ ପୂର୍ବତନ ସରପଞ୍ଚ ତ୍ରିନାଥ ଗୋଛାୟତ, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧୁମୁଛାଇ ପଞ୍ଚାୟତର ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଗଗନ ଲେଙ୍କା, କୃତ୍ତିବାସ ବିଶ୍ୱାଳ, ଅନୁପମ ବାନାର୍ଜୀ, ବିପ୍ରଚରଣ ରାଉତ, ସତ୍ୟେନ୍ଦ୍ର ଲେଙ୍କା ମଞ୍ଚାସୀନ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଦୁର୍ଗାମାଧବ ନାୟକ, ସମିତିସଭ୍ୟ ସୁଧାଂଶୁ ପଲାଇ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼, ଯୁବନେତା ପଞ୍ଚାନନ ନାଇକ, ଏମପି ପ୍ରତିନିଧି ସନ୍ତୋଷ ସ୍ୱାଇଁ, ସନ୍ତୋଷ ସାହୁ, ଆସିକା କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ସୁମନ୍ତ ବିଷୋୟୀ, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆର୍‌ଇଏଲ୍‌ରେ ଠିକା କର୍ମଚାରୀଙ୍କ ମୃତ୍ୟୁ

ଛତ୍ରପୁର, ୧୦।୪ (ଦିଲୀପ ସାମଲ): ଛତ୍ରପୁର ଉପକଣ୍ଠରେ ଥିବା ଭାରତୀୟ ବିରଳ ମୃତ୍ତିକା କମ୍ପାନୀ ପରିସରରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ କେନ୍ଦ୍ରାପଡା ଅଞ୍ଚଳର ରଘୁନାଥ ସ୍ୱାଇଁ (୪୨) ବୋଲି ଜଣାପଡିଛି। ରଘୁନାଥ ଆଜିକୁ ଦୀର୍ଘ ୬ ମାସ ହେଲା କେନ୍ଦ୍ରାପଡାରୁ ଆସି ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ) କମ୍ପାନୀ ପରିସରରେ ଜଣେ ଠିକାଦାରଙ୍କ ପାଖରେ କାର୍ଯ୍ୟ କରୁଥିଲେ। ବୁଧବାର ମେସିନ ବେଲ୍ଟରେ ତାଙ୍କ ମୁଣ୍ଡ ପଶିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ପଦାଦିଗିରୁ ଭାଜପାର ପ୍ରଚାର ଆରମ୍ଭ



ପାତ୍ରପୁର,୧୦।୪(ଉମା ଚରଣ ନେପାକ): ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବୁଧବାରଠାରୁ ପ୍ରଚାର ଆରମ୍ଭ ହୋଇଛି। ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟନ ସାମନ୍ତରା ପାତ୍ରପୁରସ୍ଥିତ କୁଠାରି ମନ୍ଦିରରେ ପୂଜାର୍ଚ୍ଚନା ସାରି ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ଦାମୋଦରପଲ୍ଲି ଗ୍ରାମଠାରୁ ଶୋଭାଯାତ୍ରା ଯାଇ ସମସ୍ତ ଗ୍ରାମ ବୁଲି ଭୋଟ ଭିକ୍ଷା କରିଥିଲେ। ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ବରିଷ୍ଠ ନେତା ସନ୍ତୋଷ କୁମାର ପାତ୍ର, ଆପନ୍ନା ପ୍ରଧାନ, ପ୍ରକାଶ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହି, ବାଲାଜୀ ପାଢ଼ୀ, ସନ୍ତୋଷ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଭାଜପାରେ ଯୋଗଦେଲେ ବିଜେଡିର ବହୁ ନେତା, କର୍ମୀ

ବୁଗୁଡ଼ା/କବିସୂର୍ଯ୍ୟନଗର/ଖଲ୍ଲିକୋଟ, ୧୦।୪ (କାଳିଚରଣ ଦାଶ/ କୃପାସିନ୍ଧୁ ସ୍ୱାଇଁ/ପ୍ରଶାନ୍ତ ମିଶ୍ର) ବୁଗୁଡା ବ୍ଲକ ଉଦୟପୁର କପିଳେଶ୍ୱର ମନ୍ଦିର ପରିସରରେ ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ତଥା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ହୋଇଥିଲା। ଏହି ସଭାକୁ ତାକରଡା ସରପଞ୍ଚ ତଥା ମଣ୍ଡଳ ସଭାପତି ଦିଲୀପ ପ୍ରଧାନ ପରିଚାଳନା କରିଥିଲେ। କରଚୁଲି ପୂର୍ବତନ ସରପଞ୍ଚ ଧୋବା ପ୍ରଧାନଙ୍କ ନେତୃତ୍ୱରେ କରଚୁଲି ଓ କରସିଙ୍ଗି ପଞ୍ଚାୟତର ଅନେକ ପରିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ନେତା ଓ କର୍ମକର୍ତ୍ତାମାନେ ଅଣଦେଖା କରୁଥିବା ଯୋଗୁ ସେମାନେ ବାଧ୍ୟ ହୋଇ ଦଳ ପରିବର୍ତ୍ତନ କରିଥିବା କହିଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ବିଧାୟକ ପ୍ରାର୍ଥୀ ମଲ୍ଲିକ ଓ ଉପସଭାପତି ପ୍ରଭାକର ପଣ୍ଡା ଭାଜପାର ଟୋପି ଓ ଉତ୍ତରୀୟ ଦେଇ ଦଳରେ ସାମିଲ କରାଇଥିଲେ। ଏହାସହିତ ବୁଗୁଡ଼ା ସହରର ରାଜେଶ ବିଶ୍ୱାଳଙ୍କୁ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ଭାବେ ଘୋଷଣା କରିବା ସହିତ ଦଳର ଗୁରୁ ଦାୟିତ୍ୱ ଦେଇଥିଲେ। ମିଶ୍ରଣ ପର୍ବରେ ନାରୀନେତ୍ରୀ ଆରତୀ ଦେବୀ, ଯୁବନେତା ଧର୍ମେନ୍ଦ୍ର ପାଢ଼ୀ, ସୁନୀଲ ପାଢ଼ୀ, ବୀର ବିକ୍ରମାଦିତ୍ୟ ଆରୁଖ, ବାବୁଲ ନାୟକ, ପବିତ୍ର ନାୟକ, ଶ୍ରୀହର୍ଷ ପ୍ରଧାନ, କୃଷ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ବିଶ୍ୱାଳଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ସେହିପରି କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁ ଆଗଧାଡିର ବିଜେଡି ନେତା, କର୍ମୀ ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ, କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ପ୍ରତାପ ନାୟକ ଓ ସାଂସଦ ପ୍ରାର୍ଥୀ ଅନୀତା ପ୍ରିୟଦର୍ଶିନୀ ପଟ୍ଟନାୟକ, ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ । କବିସୂର୍ଯ୍ୟନଗର ପ୍ରାକ୍ତନ କଂଗ୍ରେସ ପ୍ରାର୍ଥୀ ସୀତାରାମ ପାଣିଗ୍ରାହୀ, କବିସୂର୍ଯ୍ୟନଗର ପ୍ରାକ୍ତନ ବ୍ଲକ ସଭାପତି ପିତାମ୍ବର ସେଠି, ଆଠଗଡ ପ୍ରାକ୍ତନ ସମିତି ସଭ୍ୟ କୁନା ପାଇକରାୟ, ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଗୌଡ଼, ରାଧାକୃଷ୍ଣ ପାଣିଗ୍ରାହୀ, ଶଙ୍କର ଗୌଡ଼, ବାମ ବିଷୋୟୀ, ପ୍ରଭାକର ପ୍ରଧାନ, ନରେନ୍ଦ୍ର ଗୌଡ଼, ରାଜୀବ ପୋଲାଇ, ମିଟୁ ପୋଲାଇ, ଛାୟାବତୀ ବେହେରା, ପିଙ୍କି ରାଉତ, ମନୋଜ ରାଉତ, ଚୁନା ଦୋରା, ନାନୋଜ ରାଉତ, ମିସ୍ତାର ବେହେରା, ସୀମାଞ୍ଚଳ ବେହେରା, ହରପ୍ରସାଦ ପୋଲାଇ, ସୁମନ୍ତ ଦାସ, ପ୍ରଭାକର ରେଡି, ନିରଞ୍ଜନ ବେହେରା, ଚିତ୍ରସେନ ଜେନା, ଶଙ୍କର ଗୌଡ଼, ପୁଷ୍ପାଞ୍ଜଳି ସେଠି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର କେତେକ ସରପଞ୍ଚ ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଧାଶ୍ୟାମ ଦୋରା ଏବଂ ତାଙ୍କର ବହୁ ସମର୍ଥକ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି।



ବୁଗୁଡ଼ାଠାରେ ଆୟୋଜିତ ଭାଜପାର ମିଶ୍ରଣ ପର୍ବ ।



ରାଜ୍ୟ କାର୍ଯ୍ୟାଳୟରେ ଭାଜପାରେ ସାମିଲ ହେଉଛନ୍ତି ଖଲ୍ଲିକୋଟର ନେତା, ଓ କର୍ମୀ

# କଳିଙ୍ଗନଗରରେ ବିଦ୍ରୋହ ମୁଣ୍ଡ ଟେକିଲା




କଳିଙ୍ଗନଗରରେ ଆନ୍ଦୋଳନ ପାଇଁ ଏକାଠି ହୋଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସଦସ୍ୟା ସଦସ୍ୟ।

**କଳିଙ୍ଗନଗର,୧୦।୪(ଶୁଭାଶିଷ ରାଉତ) :**

- ବିସ୍ଥାପିତଙ୍କୁ ଥଇଥାନ, ସ୍ଥାନୀୟ ନିଯୁକ୍ତି ଦାବି ଜୋରଦାର
- ୧୩ ସଙ୍ଗଠନ କର୍ମକର୍ତ୍ତାଙ୍କ ମିଳିତ ସମ୍ମିଳନୀ

କଳିଙ୍ଗନଗର ଶିଳ୍ପାଞ୍ଚଳରେ ପୁଣି ଏକ ବିଦ୍ରୋହ ମୁଣ୍ଡ ଟେକିଛି। ବିସ୍ଥାପିତମାନଙ୍କୁ ନିଯୁକ୍ତି ଦାବିରେ ୧୩ଟି ସଙ୍ଗଠନ ମିଳିତ ଭାବେ ଆନ୍ଦୋଳନ କରିବାକୁ ବୁଧବାର ଆମ୍ବଗାଡିଆ ବୀରଭୂମିଠାରେ ଏକତ୍ରିତ ହୋଇଛନ୍ତି। ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତ କାରଖାନା ସମ୍ମୁଖରେ ପ୍ରାୟ ୨ ମାସ ହେଲା ବିସ୍ଥାପିତ ପରିବାର ଧାରଣାରେ ବସିଥିଲେ ହେଁ ରାଜ୍ୟ ସରକାର କିମ୍ବା ପ୍ରଶାସନ କେହି ତାଙ୍କ ଦୁଃଖ ବୁଝିନାହାନ୍ତି। ତେଣୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ମିଳିତ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଛୋଟ ବଡ଼ ୨୦ଟି ଇସ୍ପାତ୍ କାରଖାନା ଗଢିଉଠିଛି । ଏଥିପାଇଁ ଏହି ଅଞ୍ଚଳର ଉର୍ବର ଚାଷଜମି, ଚିର ସ୍ରୋତା ଝରଣା, ଜଙ୍ଗଲ ସଫା କରି ଶିଳ୍ପ ଆରମ୍ଭ କରାଗଲା। ଇଡ୍‌କୋ ଜରିଆରେ ଜୋରଜବରଦସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରୁଥିବା ଆଦିବାସୀମାନଙ୍କୁ ଅତି ଅମାନୁଷିକ ଭାବେ ହତ୍ୟା କରାଗଲା। ଅଧିଗ୍ରହଣ ନୀତି, ଥଇଥାନ ନୀତି, ସାମାଜିକ ସର୍ବେକ୍ଷଣ ଅନୁସାରେ ଜମି ଅଧିଗ୍ରହଣ ହୋଇ ନାହିଁ ବୋଲି ଅଭିଯୋଗ ହେଉଛି । ଅଞ୍ଚଳବାସୀଙ୍କୁ ତରବରିଆଭାବେ ବିସ୍ଥାପିତ କରାଯାଇଛି। ଏହି ଅଞ୍ଚଳର ଚାଷୀକୁଳ, ଶିକ୍ଷିତ ଯୁବତୀଯୁବକ, କାରିଗର, କୁଶଳୀ ଶ୍ରମିକ, ଜମିହରା, ବାସହରା ବିସ୍ଥାପିତ କାଙ୍ଗାଳ ହେବାକୁ ବସିଲେଣି । ଯେଉଁ ଉର୍ବର ଜମି ଟିକକ ଅଛି କାରଖାନାଜନିତ ପ୍ରଦୂଷଣରେ ମରୁଭୂମିରେ ପରିଣତ ହେବାକୁ ବସିଲାଣି । ସ୍ଥାନୀୟ ନିଯୁକ୍ତି ନ ପାଇ ଶିକ୍ଷିତ ଯୁବତୀଯୁବକ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ପ୍ରାୟ ସମସ୍ତ ଶିଳ୍ପସଂସ୍ଥାରେ ଅଣଓଡିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି କମ୍ପାନୀର ସମ୍ପୃକ୍ତ କେତେଜଣ ଓଡିଆ ଅଧିକାରୀ ଅଣଓଡ଼ିଆ ଠିକାସଂସ୍ଥାଙ୍କୁ ନିୟୋଜିତ କରିବାରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି କାରବାରରେ ଉଭୟ କମ୍ପାନୀ ଅଧିକାରୀ ଓ ଅଣଓଡ଼ିଆ ଠିକାସଂସ୍ଥା ମଧ୍ୟରେ ଲକ୍ଷାଧିକ ଟଙ୍କାର ମୂଲଚାଲ ହେଉଛି। ସେମାନଙ୍କ ଜରିଆରେ ରାଜ୍ୟ ବାହାରର କର୍ମଚାରୀ ଓ ଶ୍ରମିକଙ୍କୁ ଅଧିକ ନିଯୁକ୍ତି ମିଳୁଛି, ହେଲେ ବିସ୍ଥାପିତ ଏବଂ ଶିଳ୍ପ ପ୍ରଭାବିତ ଯୁବତୀଯୁବକ ଶିକ୍ଷାଗତ ପ୍ରମାଣପତ୍ର ଧରି ଘୂରି ବୁଲୁଛନ୍ତି। ସରକାରଙ୍କ ଏଥିପ୍ରତି ଟିକେହେଲେ ନିଘା ନାହିଁ । କଳିଙ୍ଗନଗର ଅଞ୍ଚଳର ବିସ୍ଥାପିତମାନଙ୍କୁ ଥଇଥାନ ; କରିବାରେ ବି ପ୍ରଶାସନ ବିଫଳ ହୋଇଛି। ଏପରି କି ବିସ୍ଥାପିତମାନେ ଆଇନ ଅନୁସାରେ ବିଭିନ୍ନ ସୁବିଧାରୁ କି ଭଳି ଭାବେ ବଞ୍ଚିତ ହେବେ ସେଥିପାଇଁ ଚେଷ୍ଟା ଚଳାଇଛନ୍ତି । କୁଟିର ଶିଳ୍ପ ଜରିଆରେ ଆତ୍ମ ନିର୍ଭରଶୀଳ କରାଇବା ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି । କଳିଙ୍ଗନଗର ହେଉ ବା ଖଣି ଅଞ୍ଚଳ, ଅଞ୍ଚଳବାସୀଙ୍କୁ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କାର୍ଯ୍ୟ କ୍ଷେତ୍ରରେ ସତ୍ୟଠାରୁ ବହୁ ଦୂରରେ । ସୁକିନ୍ଦା ଅଞ୍ଚଳର ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁସାରେ ପଟ୍ଟା ନ ଦେଇ, ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମି କରି ସରକାର ଖଣି ମାଲିକମାନଙ୍କୁ ଟେକି ଦେଇଛନ୍ତି । ବିକାଶ ନାମରେ ମହାଗିରି ପର୍ବତକୁ ଧ୍ୱଂସ କରି ପରିବେଶକୁ ନଷ୍ଟ କରୁଛନ୍ତି । ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଉଲ୍ଲଂଘନ କରି କଳିଙ୍ଗନଗର ଅଧୀନ ୨୯ ମୌଜାକୁ କମ୍ପାନୀ ସ୍ୱାର୍ଥରେ ବନ୍ଦୋବସ୍ତ କରୁନାହାନ୍ତି । ବରଂ ଖଣି କମ୍ପାନୀଗୁଡିକ ପାଇଁ ଏକ ବଡ ସାମ୍ରାଜ୍ୟ ପ୍ରତିଷ୍ଠା ଲାଗି ଚକ୍ରାନ୍ତ ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିରେ ବିସ୍ଥାପନ ବିରୋଧୀ ଜନମଞ୍ଚ, ସୁକିନ୍ଦା ନାଗରିକ ସୁରକ୍ଷା ମଞ୍ଚ, ସୁକିନ୍ଦା ଭୂମିମୁକ୍ତି କୃଷକ ମଞ୍ଚ, ବିସ୍ଥାପିତ ଜମିହରା କମିଟି, ଓଡ଼ିଶା ମାନବିକ ଅଧିକାର ମଞ୍ଚ, କଳିଙ୍ଗନଗର ଶ୍ରମିକ ସଂଗଠନ, କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟ, ସବୁଜ ଶସ୍ୟକ୍ଷେତ୍ର ବଞ୍ଚାଅ ଅଭିଯାନ, ଭୀମ ଆର୍ମି ମୂଳନିବାସୀ ୟୁନାଇଟେଡ ଫୋରମ, ଅଲ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକଶନ କମିଟି ଓ କଳିଙ୍ଗନଗର ଜିନ୍ଦଲ ବିସ୍ଥାପିତ ପରିବାର ସହଯୋଗରେ ଏକ ବିରାଟ ବିଚାର ମଞ୍ଚର ଆୟୋଜନ କରାଯାଇଛି। ଏଥିରେ ସୁଦର୍ଶନ ଜାମୁଡା, ସିନି ସଏ, ରୀନା ହାଇବ୍ରୁ, ବିଶ୍ୱରଞ୍ଜନ ସ୍ୱାଇଁ, କ୍ଷୀରୋଦ ଜେନା, ବିନୋଦ ହେମ୍ବ୍ରମ, ସାଧୁଚରଣ ହନହାଗା, ବାବୁଲି ପୂର୍ତ୍ତି, ସୁଧାଂଶୁ ଶେଖର ସାହୁ, ସାଧୁଚରଣ ତିୟୁ ପ୍ରମୁଖ ବିସ୍ଥାପିତ ଓ ଅଞ୍ଚଳବାସୀଙ୍କୁ ଅଣଦେଖା ଉପରେ ଉଦ୍‌ବେଗ ପ୍ରକାଶ କରି ଆନ୍ଦୋଳନ ଚେତାବନୀ ଦେଇଥିଲେ।

# ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅରୁଣ



@ ଚିତ୍ତରଞ୍ଜନ



@ ଦେବେନ୍ଦ୍ର



@ ସୁକନ୍ୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୃତ୍ୟ, ଗୀତରେ ମସ୍‌ଗୁଲ ହେଲେ ଦର୍ଶକ



ଇନ୍ଦୁପୁର ବାରୁଣୀ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ଡେରାବିଶ,୧୦।୪ (ବେବର୍ତ୍ତା ଅଜୟ ଦାସ)**

**ଇନ୍ଦୁପୁର ବାରୁଣୀ ମହୋତ୍ସବ ଉଦ୍‌ଯାପିତ**

- ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ସମୃଦ୍ଧ କରିଛି ମହୋତ୍ସବ

କେନ୍ଦ୍ରାପଡ଼ା ବ୍ଲକ୍ ଅଧୀନ ବିରୁପା ନଦୀପଠାରେ ଗତ ରବିବାରଠାରୁ ଚାଲିଥିବା ଇନ୍ଦୁପୁର ବାରୁଣୀ ମହୋତ୍ସବର ବୁଧବାର ଥିଲା ଶେଷ ସନ୍ଧ୍ୟା । ଗତ ୪ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଲୋକନୃତ୍ୟ, ସମ୍ବଲପୁରୀ ନୃତ୍ୟ ସହ ଦେଶାତ୍ମବୋଧକ ସଙ୍ଗୀତ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ବୁଧବାର ସନ୍ଧ୍ୟାରେ ଇନ୍ଦୁପୁର ସ୍ଥିତ ପାୟଲ ମ୍ୟୁଜିକ ସ୍କୁଲର କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ଅନନ୍ଦର ଖୋରାକ ଯୋଗାଇଥିଲା । ଦେବାଶିଷ ସାମଲଙ୍କ ଦ୍ୱାରା ପରିଚାଳିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ ସହ କମେଡ଼ି ଓ ସଙ୍ଗୀତ ପରିବେଷଣ କରିଥିଲେ ।

ପ୍ରାରମ୍ଭରେ ଆୟୋଜିତ ସଭାରେ ପ୍ରାଧାପକ ଦେବପ୍ରସାଦ ସାମଲ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ମୁଖ୍ୟବକ୍ତା ଭାବେ ସମବାୟବିତ୍ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନୌସେନା ଅଧିକାରୀ ସଚ୍ଚିକାନ୍ତ ନାଥ, ଗାଳ୍ପିକ ମାନସ କୁମାର ପଣ୍ଡା ଯୋଗଦେଇ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ମିଳନସ୍ଥଳୀ ଭାବେ ପରିଚିତ ମା' ଚଣ୍ଡୀ ଦେବୀଙ୍କ ପୀଠ ଉଭୟ ଜିଲା ଅଞ୍ଚଳବାସୀଙ୍କ ପାଇଁ ଭକ୍ତି ଓ ବିଶ୍ୱାସର ପୀଠ ଭାବେ ଇନ୍ଦୁପୁର ପ୍ରତିଷ୍ଠା ଲାଭ କରିଥିବା ଉପରେ ଆଲୋକପାତ କରିଥିଲେ । ସେହିପରି କେନ୍ଦ୍ରାପଡ଼ା ଜିଲାକୁ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା ସମୟରେ ଇନ୍ଦୁପୁର ଓ ଯାଜପୁର ଜିଲାର ବରୀ ଅଞ୍ଚଳକୁ ଗ୍ରସ୍ତ ଏବେ ବି ସ୍ୱାଧୀନତା ସଂଗ୍ରାମର ଐତିହାସିକ ସ୍ମାରକୀ ଭାବେ ପରିଚିତ ରହିଛି । ସଂସ୍କୃତି ସମ୍ପନ୍ନ ଇନ୍ଦୁପୁର ଓ ଉଭୟ ଜିଲାରେ ଭାଇଚାରା ସୁଦୃଢ଼ କରିବାରେ ଏହି ମହୋତ୍ସବ ସହାୟକ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ତେବେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହୋତ୍ସବ କମିଟିର ଉପଦେଷ୍ଟା ଓ ମାର୍ଗଦର୍ଶକ ପ୍ରଣବ କୁମାର ଜେନାଙ୍କ ସମେତ ବହୁ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଆଜିର ଏହି ସଭାରେ ମହୋତ୍ସବ କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥି ପରିଚୟ କବି ଶୈଳଜା ଶଙ୍କର ସାମଲ କରିଥିଲେ । ମହୋତ୍ସବ କମିଟି ସମ୍ପାଦକ ଦୁଷ୍ମନ୍ତ କୁମାର ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂର୍ବତନ ସରପଞ୍ଚ ବିଜନ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଠିପୁର ଗ୍ରାମରେ ଅଗ୍ନିକାଣ୍ଡ

**ପାଣିକୋଇଲି,୧୦।୪(ବିକାଶମଲ୍ଲିକ):**

ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତ ସଠିପୁର ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ପରିବାରର ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଗ୍ରାମର ସୁଦର୍ଶନ ବେହେରାଙ୍କ ଘରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିବାବେଳେ ଖବର ପାଇ ବୈତରଣୀ ରୋଡ ଦମକଳ ବାହିନୀ ପହଞ୍ଚିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ବାଇକ୍ ଚୋରି ଅଭିଯୋଗ

**ପାଣିକୋଇଲି,୧୦।୪(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସାହାପୁର ସାପ୍ତାହିକ ହାଟରୁ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏଠାରେ ସୁବ୍ରତ ସାହୁ ନାମକ ଯୁବକ ମିଠା ଦୋକାନ କରିଛନ୍ତି। ସବୁ ଦିନ ପରି ସେ ତାଙ୍କ ଦୋକାନ ଆଗରେ ବାଇକ୍ ନଂ.(ଓଡି-୦୫-ଜି-୧୩୯୭) ରଖିଥିଲେ। ମଙ୍ଗଳବାର ହାଟପାଳି ଭିଡ଼ର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ନେଇ ପଳାଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି।

# ଇଦ୍ ପାଇଁ ସଜେଇ ହୋଇଛି ବ୍ରହ୍ମବରଦା

**ବ୍ରହ୍ମବରଦା,୧୦।୪(ଯଯାତି କେଶରୀ ବେହେରା):**

ଇଦ ପର୍ବ ଗୁରୁବାର ପାଳନ କରାଯିବ। ଏହାକୁ ନେଇ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅବିଭକ୍ତ ବ୍ରହ୍ମବରଦା ପଞ୍ଚାୟତ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଗ୍ରାମରେ ଥିବା ସମସ୍ତ ମସଜିଦ, ରାସ୍ତାଘାଟଠାରୁ ଆରମ୍ଭ କରି ବାସଗୃହ ପର୍ଯ୍ୟନ୍ତ ଆକର୍ଷଣୀୟ ତୋରଣରେ ସଜାଯାଇଛି। ସେସବୁ ରଙ୍ଗୀନ ଆଲୋକ ମାଳାରେ ଝଟକୁଛି। ସନ୍ଧ୍ୟାହେଲେ ହାଟବଜାର ଜନଗହଳିପୂର୍ଣ୍ଣ ହେବାସହ ନୂଆନୂଆ ଜିନିଷ କିଣାରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ରୋଜା(ଉପବାସ) ଫିଟେଇବା ପରେ ନିଜ ପରିବାର, ବନ୍ଧୁ ଓ ସମ୍ପର୍କୀୟ ଲୋକମାନଙ୍କୁ ନେଇ ଇଫତାର ପାର୍ଟିର ଆସର ଜମୁଛି। ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଯାହାକି ଅବିଭକ୍ତ ବ୍ରହ୍ମବରଦାର ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନଙ୍କ ପାଇଁ ଏହି ଇଦ ଏକ ମିଳିତ ଗଣପର୍ବ ଭାବେ ପରିଲକ୍ଷିତ ହେଉଛି। ଅବିଭକ୍ତ ବ୍ରହ୍ମବରଦା ଏକ ମୁସଲିମ୍ ବହୁଳ ଅଞ୍ଚଳ ହୋଇଥିଲେ ହେଁ ଏହା ହିନ୍ଦୁ ଓ ମୁସଲମାନ ଭାଇଚାରାର ଶ୍ରେଷ୍ଠ ଭୂଇଁ ଭାବେ ରାଜ୍ୟରେ ପରିଚିତ ହୋଇଛି।



ଇଦ୍ ପାଇଁ ମସଜିଦ୍‌କୁ ଆଲୋକରେ ସଜ୍ଜିତ କରାଯାଇଛି ।

# ବାଲି ଚୋରାଚାଲାଣରେ ଲାଗୁନି ଅଙ୍କୁଶ

**ଜଗତ୍‌ସିଂହପୁର, ୧୦।୪ (ପ୍ରମୋଦ କୁମାର ନାୟକ)**

- ଦେବୀ ନଦୀର ମଧଶାସନରେ ଚଢ଼ାଉ
- ଜବତ ଏସ୍କାଭେଟର ଉପରେ ୨.୫ ଲକ୍ଷ ଜରିମାନା
- ଖସିଗଲା ଏକାଧିକ ଟ୍ରାକ୍ଟର

ଜଗତ୍‌ସିଂହପୁର ଜିଲା ବିରିଡ଼ି ତହସିଲ ଅଞ୍ଚଳରେ ବାଲି ଚୋରା ଚାଲାଣ ଏକ ପ୍ରକାର ବେକାବୁ ଅବସ୍ଥାକୁ ଚାଲିଆସିଛି। ବାଲି ବ୍ୟବସାୟୀମାନଙ୍କ ଉପରେ ଅଙ୍କୁଶ ଲଗାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବ୍ୟବସାୟୀ ଓ ସେମାନଙ୍କ ପିଲାମାନେ ଦିନ ଦି ପ୍ରହରରେ ମାରଣାସ୍ତ୍ର ଧରି ବୁଲୁଥିବାରୁ ଲୋକେ ସେମାନଙ୍କ ବିଷୟରେ ସ୍ୱର ଉଠାଇବାକୁ ଡରୁଛନ୍ତି। ଗୋପନ ଭାବେ ମୋବାଇଲରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ସୌଭାଗ୍ୟବଶତଃ ମଙ୍ଗଳବାର କୌଣସି ସୂତ୍ରରୁ ଖବରପାଇ ଜଗତ୍‌ସିଂହପୁର ଖଣି ଅଧିକାରୀ ସତୀଶ କୁମାର ତରାଇ ବିରିଡ଼ି ପୋଲିସ ସହାୟତାରେ ମଧଶାସନ ଦେବୀ ନଦୀ ଘାଟରେ ଚଢାଉ କରି ଏକ ଏସ୍କାଭେଟର ଜବତ କରିବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଖଣି ଓ ପୋଲିସ ବିଭାଗ ଗାଡି ଦେଖି କେତୋଟି ବାଲି ବୋଝେଇ ଟ୍ରାକ୍ଟର ଏହା ଢାଳି ଇତସ୍ତତଃ ଭାବେ ଖସି ଯାଇଛି। ଯେହେତୁ ଏହି ବେଆଇନ ଘାଟକୁ ଯିବାରେ ଯାତାୟାତରେ ଅସୁବିଧା ଥିଲା ତେଣୁ ଟ୍ରାକ୍ଟରଗୁଡିକୁ ଧରିବା ସମ୍ଭବ ହୋଇ ନ ଥିଲା। ତେବେ ବେଆଇନ ଭାବେ ଏସ୍କାଭେଟର ବ୍ୟବହାର କରାଯାଇଥିବାରୁ ଏହାକୁ ପୋଲିସକୁ ହସ୍ତାନ୍ତର ସହ ରେକର୍ଡ ପରିମାଣର ଅର୍ଥାତ୍ ୨.୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ଜରିମାନା ରାଶିକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଖଣି ବିଭାଗ ଏଭଳି ଚଢ଼ାଉ ଜାରି ରଖିବା ସହ ଜରିମାନା ଧାର୍ଯ୍ୟ କଲେ ବାଲି ଚୋରା ଚାଲାଣ ସହ ସରକାରଙ୍କ ରାଜସ୍ୱହାନି ରୋକା ଯାଇପାରିବ ବୋଲି ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ମଧଶାସନ ସମେତ ଏହି ବ୍ଲକର ଅନ୍ୟ ସ୍ଥାନରୁ ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ପୂର୍ବାପେକ୍ଷା ତହସିଲ ପ୍ରଶାସନ ଚୋରା ବାଲି ମାଫିଆଙ୍କ ଉପରେ ନରମ ମନୋଭାବ ପୋଷଣ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ତେବେ ଗୋଟିଏ ବେଆଇନ ଏସ୍କାଭେଟର ବ୍ୟବହାରକାରୀଙ୍କ ଉପରେ ଏତେ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିବାରୁ ବାଲି ବ୍ୟବସାୟୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ସୂଚନାଯୋଗ୍ୟ, କିଛିଦିନ ହେଲା ଧରିତ୍ରୀରେ ବାଲି ଚୋରା ଚାଲାଣ, ଅପରାଧ ଓ ରାଜସ୍ୱହାନି ଉପରେ ଗୁରୁତ୍ୱ ଦେଇ ଖବର ପରିବେଷଣ କରି ଚାଲିଛି। ଗତ ୧ ତାରିଖରେ ଆଳିପିଙ୍ଗଳ ନିକଟରେ ୪ ବେଆଇନ ବାଲି ଘାଟ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଥିଲା, ଦେବୀ ନଦୀର ଏକ ପାର୍ଶ୍ୱରେ ଆଳିପିଙ୍ଗଳ ଓ ପଟସରା ଘାଟ ରହିଛି। ଅପରପାର୍ଶ୍ୱରେ କଟକ ଜିଲା ନିଆଳି ତହସିଲ ଅନ୍ତର୍ଗତ କେତକିଶ୍ୱର ଓ ଏହା ପାଖ ଶାସନପଦା ବାଲି ଘାଟ ଚାଲିଛି। ବଡ଼ କଥା ହେଲା ଏହି ଘାଟଗୁଡିକରୁ ବିଶେଷକରି ରାତିରେ ବେଆଇନ ବାଲି ଚାଲାଣ ହେଉଛି। ପଟସରା ନିକଟ ଦେବୀ ନଦୀରୁ ଏକ କମ୍ପାନୀ ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ଚୋରାରେ ବୋହି ନେଉଥିବା ଗୁରୁତର ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଅଭିଯୋଗରେ କହିଛନ୍ତି, ୫୫ନଂ. ଜାତୀୟ ରାଜପଥର କନ୍ଦରପୁର-ଜଗତ୍‌ସିଂହପୁର ରାସ୍ତା କାମ ଚାଲିଛି। ଏଥିରେ ବହୁ ପରିମାଣର ବାଲି ଆବଶ୍ୟକ ହେଉଛି। ଠିକାଦାର ବିରିଡ଼ିଠାରୁ ଜଗତ୍‌ସିଂହପୁର ମଧ୍ୟରେ ଏକାଧିକ ବ୍ୟବସାୟୀଙ୍କ ସହଯୋଗରେ ନଦୀରୁ ବାଲି ନେଉଛି। ତେବେ ଏ ସମ୍ପର୍କିତ ଖବର ପ୍ରକାଶ ପରେ ଚଢ଼ାଉ କରାଯାଇ ବାଲି ବୋଝେଇ ୨ଟି ହାଇୱା ଜବତ ସହ ପାଖାପାଖି ଦେଢ ଲକ୍ଷ ଟଙ୍କା ଜରିମାନା ର୍ଧାୟ କରାଯାଇଥିବା ଜଣାଯାଇଛି। ଏହାସତ୍ତ୍ୱେ ଚୋରା ବାଲି ଚାଲାଣ ଶତ ପ୍ରତିଶତ ବନ୍ଦ ହୋଇନାହିଁ। ଏହା ପଛରେ ରାଜନେତାଙ୍କ ହାତ ଥିବା କୁହାଯାଉଛି। ଯଦି କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଲୋକେ ଆସନ୍ତା ନିର୍ବାଚନରେ ଜବାବ ଦେବେ ବୋଲି କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି।




ବାଲି ଚୋରାଚାଲାଣବେଳେ ଜବତ ହୋଇଥିବା ଏସ୍କାଭେଟର ।

# ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଲା ନାହିଁ

## ଆଜି ବିଶ୍ୱ ଛେନାପୋଡ଼ ଦିବସ

- ଜିଲା ପ୍ରଶାସନ ତରଫରୁ ଦିବସ ପାଳନ ହୋଇ ନ ପାରେ
- ଗୁଣବତ୍ତା ହରାଉଛି ଛେନାପୋଡ଼

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)



ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ଛେନାପୋଡ଼ର ନାଁ ଶୁଣିଲେ ମନକୁ ଆସେ ନୟାଗଡ଼ର କଥା । ଜଗନ୍ନାଥଙ୍କ ପାଖରେ ଲାଗି ହୋଇଥାଏ ନୟାଗଡ଼ର ଏହି ସ୍ୱାଦିଷ୍ଟ ମିଠା । ତେବେ ଏହି ମିଠାକୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ହେଲେ ସେହି ମାନ୍ୟତା ନ ମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ବିଭିନ୍ନ ଅନୁଷ୍ଠାନ ନୟାଗଡ଼ ଜିଲାପାଳ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ, ଶିଳ୍ପ, ଶକ୍ତି ବିଭାଗ ମନ୍ତ୍ରୀଙ୍କୁ ଭେଟି ମାନ୍ୟତା ଦାବି କରି ଆସୁଛନ୍ତି। ରାତି ପାହିଲେ ଏପ୍ରିଲ ୧୧ ତାରିଖ । ଅର୍ଥାତ୍ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେବ । ନୟାଗଡ଼ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି।

୨୦୨୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହୋଇଥିଲା । ଚଳିତ ବର୍ଷ ଛେନାପୋଡ଼ ଦିବସ ପାଳନ ହେବ କି ନାହିଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳୁନି । ନିର୍ବାଚନ, ଇଦ୍ ଉଲ୍ ଫିତର ପରି ଛୁଟି ଦିବସରେ ବିଶ୍ୱ ଛେନାପୋଡ଼ ଦିବସ ପଡୁଛି । ଚଳିତ ବର୍ଷ ଜିଲା ପ୍ରଶାସନ ଜିଲା ପ୍ରତିଷ୍ଠା ଦିବସ ପାଳନ କରି ନ ଥିବାରୁ ଛେନାପୋଡ଼ ଦିବସ ପାଳନ କରି ନ ପାରେ ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବାରେ ସମୟ ଗଡ଼ିଚାଲିଛି। କଣ୍ଟିଲୋରେ କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ପରେ ଛେନାପୋଡ଼କୁ ଶୀଘ୍ର ମାନ୍ୟତା ମିଳିବ ବୋଲି ଆଶା ସଞ୍ଚାର ହୋଇଛି । ହେଲେ ଜିଆଇ ଟ୍ୟାଗ୍ ମାନ୍ୟତାର ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଅପରପକ୍ଷେ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍‌ର ଚେନ୍ନାଇ ଅଫିସକୁ ପ୍ରସ୍ତାବ ଦିଆଯାଇଛି । ଛେନାପୋଡ଼ ପ୍ରସ୍ତୁତ କରୁଥିବା ମାଛିପଡ଼ାର କ୍ରିଷ୍ଣା ପ୍ରତ୍ୟୁଷର ଅନୁଷ୍ଠାନ ପକ୍ଷରୁ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ଓର୍‌ମାସ ଜରିଆରେ ଆବେଦନ କରିବା ପରେ ଆବେଦନକୁ ଚେନ୍ନାଇ ପଠାଇ ଦିଆଯାଇଛି । ମଧୁ ବୈଶ୍ୟ ସମାଜ ପକ୍ଷରୁ ମିଳିଥିବା ପ୍ରସ୍ତାବ ମଧ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ, ଶିଳ୍ପ, ଶକ୍ତି ବିଭାଗ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ପଠାଇ ଦିଆଯାଇଥିବା ଜିଲା ପ୍ରଶାସନରୁ ସୂଚନା ମିଳିଛି।

### ଛେନାପୋଡ଼ର ସ୍ରଷ୍ଟାଙ୍କୁ ନେଇ ବିବାଦ

ଛେନାପୋଡ଼ ପାଇଁ ନୟାଗଡ଼ ସ୍ୱତନ୍ତ୍ର ପରିଚୟ ପାଇଛି। ପୋଡ଼ପିଠାକୁ ଆଖି ଆଗରେ ରଖି ଛେନାପୋଡ଼ ପରି ସ୍ୱାଦିଷ୍ଟ ଖାଦ୍ୟ ନୟାଗଡ଼ରେ ତିଆରି ହୋଇଥିଲା। ଏଥିପାଇଁ ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣା ଗ୍ରାମର ସ୍ୱର୍ଗତ ସୁଦର୍ଶନ ସାହୁ ଚର୍ଚ୍ଚାକୁ ଆସିଥିଲେ । ସୁଦର୍ଶନଙ୍କ ବାପା ବିଦ୍ୟାଧର ଦଶପଲ୍ଲା ହାଟଛକରେ ଏକ ଜଳଖିଆ ଦୋକାନ କରିଥିଲେ । ବିଦ୍ୟାଧରଙ୍କୁ ପୁଅ ସୁଦର୍ଶନ ସହଯୋଗ କରୁଥିଲେ । ଦୋକାନରେ ପ୍ରତିଦିନ କିଛି ନା କିଛି ଛେନା ବଳି ନଷ୍ଟ ହେଉଥିଲା । ବଳି ପଡୁଥିବା ଛେନାକୁ ନଷ୍ଟ ହେବାକୁ ନ ଦେବାକୁ ଯାଇ ପରିବାର ଲୋକେ ଛେନାପୋଡ଼ ତିଆରି କରିଥିଲେ । ତେବେ ସୁଦର୍ଶନଙ୍କ ପରଲୋକର ୬ ବର୍ଷ ପରେ ଅର୍ଥାତ୍ ୨୦୨୨ ତାଙ୍କ ଜନ୍ମ ଦିବସରେ ନୟାଗଡ଼ ଜିଲାବାସୀ ତାଙ୍କୁ ମନେପକାଇ ଛେନାପୋଡ଼ ଦିବସ ପାଳନ କରିଥିଲେ । ଚଳିତବର୍ଷ ନୟାଗଡ଼, ଭୁବନେଶ୍ୱର ଓ ବିଭିନ୍ନ ଅଞ୍ଚଳରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେବାକୁ ଯାଉଥିବାରୁ ଧୀରେ ଧୀରେ ନୟାଗଡ଼ ଛେନାପୋଡ଼ ଲୋକପ୍ରିୟ ହେବାରେ ଲାଗିଛି। ଏଭଳିସ୍ଥଳେ ଛେନାପୋଡ଼ର ସ୍ରଷ୍ଟାକୁ ନେଇ ବିବାଦ ବଢ଼ିବା ଆରମ୍ଭ ହୋଇଛି । ୨୦୨୩ରେ ଜିଲା ପ୍ରଶାସନ ଛେନାପୋଡ଼ ଦିବସ ପାଳନ କରିବା ପରେ ଏହି ମିଠାର ସ୍ରଷ୍ଟାଙ୍କୁ ନେଇ ବିବାଦ ଘନୀଭୂତ ହୋଇଛି । ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ନୁହନ୍ତି, ତାଙ୍କ ବାପା ବିଦ୍ୟାଧର ସାହୁ ବୋଲି ପରିବାର ପକ୍ଷରୁ ଦାବି କରାଯାଉଛି।

### ଗୁଣବତ୍ତାକୁ ନାହିଁ ପ୍ରାଧାନ୍ୟ

ଛେନାର ଦାମ ଅଧିକ, ଛେନାପୋଡ଼ର ଦାମ କମ୍ ହେବା ପରେ ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ତିଆରି ହେବା ସହ ବିକ୍ରି ହେଉଛି । ହେଲେ ଗୁଣବତ୍ତା ଭଲ ରହୁ ନ ଥିବାରୁ ରାଜ୍ୟ, ଦେଶବିଦେଶରେ ସମାଲୋଚନା ଶୁଣିବାକୁ ମିଳୁଛି । ହେଲେ ଛେନାପୋଡ଼ର ଗୁଣବତ୍ତା ଉପରେ ପଦକ୍ଷେପ ନିଆଯାଉ ନାହିଁ । ଛେନା କେଜି ପିଛା ଦର ୧୩୦ରୁ ୨୫୦ ଟଙ୍କା ରହିଥିବାବେଳେ ଛେନାପୋଡ଼ କେଜି ୯୦ରୁ ଆରମ୍ଭ ହୋଇ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଛେନାର ଦର ଅଧିକ ଥିବାବେଳେ ଛେନାପୋଡ଼ର ଦର କମ ଥିବାରୁ ଏହାର ଗୁଣବତ୍ତା ରହୁ ନ ଥିବା କୁହାଯାଉଛି । ଛେନାପୋଡ଼ ନୟାଗଡ଼ ବ୍ଲକର ମାଛିପଡ଼ାରେ ୧୧୦ ପରିବାର ତିଆରି କରୁଛନ୍ତି । ମାଛିପଡା ଅଞ୍ଚଳକୁ ଛେନାପୋଡ଼ର ପେଣ୍ଠସ୍ଥଳ କୁହାଯାଇପାରେ । ସେହିପରି ଓଡ଼ଗାଁ ବ୍ଲକର ସୋଲପଟାରେ ୯୦, ଦରପଦା ଗାଁରେ ୩୦, ନୟାଗଡ଼ ସହରରେ ୧୫, ନବଘନପୁରରେ ୫ରୁ ଊର୍ଦ୍ଧ୍ୱ ପରିବାର ଛେନାପୋଡ଼ ପ୍ରସ୍ତୁତି କରି ଆସୁଛନ୍ତି । ଅନ୍ୟପକ୍ଷେ ଭାପୁର ବ୍ଲକ୍‌ର ଫତେଗଡ଼ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଛେନାପୋଡ଼ ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଛେନାପୋଡ଼ ଭାଟି କରି କେତେଜଣ କାରିଗର ସହଯୋଗୀଙ୍କୁ ନିଯୁକ୍ତି ଦେଇଛନ୍ତି । ପ୍ରତ୍ୟହ ଛେନାପୋଡ଼ ଝାରସୁଗୁଡ଼ା,ରାଉରକେଲା, ସୁନ୍ଦରଗଡ଼, ବ୍ରହ୍ମପୁର, କେନ୍ଦୁଝର, ସମ୍ବଲପୁର, କୋରାପୁଟ, ରାୟଗଡ଼ା, ବାଲିଗୁଡ଼ା, ଯୋଡ଼ା, ବଡ଼ବିଲ ଓ ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସରେ ଯାଉଛି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡା,୧୦।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ଅଧୀନ ସିଂଘାପଡ଼ା ଓ ଖଲିସାହି ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ବିଜେଡି ପର୍ଯ୍ୟବେକ୍ଷକ ଅମିତ୍ କୁମାର ମଲିକଙ୍କ ସହ ଶତାଧିକ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ବରିଷ୍ଠ ନେତା ଅଖିଳ କୁମାର ମହାରଣା, ପ୍ରସନ୍ନ କୁମାର ମିଶ୍ର, ମାୟାଧର ସାଥୁଆ, ବିଜୟ କୁମାର ଖୁଣ୍ଟିଆଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ସନ୍ଧ୍ୟାରେ ଖଣ୍ଡପଡ଼ା ଅରୁଣ ନିବାସ ପରିସରରେ ଆୟୋଜିତ ଏକ ବୈଠକରେ ପର୍ଯ୍ୟବେକ୍ଷକ ମଲିକ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।




# ଖଣ୍ଡପଡ଼ା ସହରରେ ଦଣ୍ଡକାମନାଙ୍କ ମହାମିଳନ ଉତ୍ସବ



ମହା ମିଳନ ଉତ୍ସବରେ ଯୋଗଦେଇଥିବା ବିମାନ ସହ ଶ୍ରଦ୍ଧାଳୁ।

ଖଣ୍ଡପଡ଼ା,୧୦।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରାଞ୍ଚଳର ଆରାଧ୍ୟ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଅବସ୍ଥିତ ଦଣ୍ଡକାମନାଙ୍କ ଆମନ୍ତ୍ରଣ କ୍ରମେ ଦ୍ୱିତୀୟ ବାର୍ଷିକ ଷଷ୍ଠ ଦଣ୍ଡକାମନାଙ୍କ ମହାମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରାଞ୍ଚଳରେ ଅବସ୍ଥିତ ନୀଳକଣ୍ଠେଶ୍ୱର ଦେବ ଦଣ୍ଡକାମନା ପୀଠର ମାନସିକଧାରୀ ଦଣ୍ଡୁଆମାନଙ୍କ ଦ୍ୱାରା ନିମନ୍ତ୍ରଣ କ୍ରମେ ଏହି ଉତ୍ସବରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ମଙ୍ଗଳପୁରର ବାଲୁଙ୍କେଶ୍ୱର ଦେବ ଦଣ୍ଡକାମନା, ବେଣାଗାଡ଼ିଆର ନୀଳକଣ୍ଠେଶ୍ୱର ଦେବ ଦଣ୍ଡକାମନା, ଖପରମଲର ଚନ୍ଦ୍ରଶେଖର ଦେବ ଦଣ୍ଡକାମନା, ବରପଲ୍ଲୀର କପିଳେଶ୍ୱର ଦେବ ଦଣ୍ଡକାମନା ଓ ଗୁଣ୍ଡୁଣୀର ନୀଳକଣ୍ଠେଶ୍ୱର ଦେବ ଦଣ୍ଡକାମନାର ମାନସିକଧାରୀ ଦଣ୍ଡୁଆମାନେ ନିଜ ନିଜ ପୀଠର ଶକ୍ତି, ବିଗ୍ରହ, ପ୍ରଭା ଓ ଦଣ୍ଡଧରି ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରୁ ସ୍ନାନ ପାଇଁ ଚାପ ପୁଷ୍କରିଣୀକୁ ଯାଇ ସେଠାରେ ଆନୁଷଙ୍ଗିକ ନୀତିକାନ୍ତି ପରେ ବାଜା, ରୋଷଣୀ, ଘଣ୍ଟ, ମୃଦଙ୍ଗ, ଢୋଲ, ବାଣ ଓ ସଂକୀର୍ତ୍ତନରେ ନଗର ପରିକ୍ରମା କରିଥିବା ବେଳେ ସ୍ଥାନୀୟ ମଧୁବନ କ୍ରୀଡ଼ାଙ୍ଗନରେ ପ୍ରସ୍ତୁତ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଷଷ୍ଠ ଶମ୍ଭୁଙ୍କର ମହାମିଳନ ଅନୁଷ୍ଠିତ ହୋଇଥିବା ବେଳେ ରୀତିନୀତି ଅନୁଯାୟୀ ଭୋଗଲାଗି ଓ ଆନୁଷଙ୍ଗିକ କାର୍ଯ୍ୟ ପରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ଯୁବରାଜ ସିଦ୍ଧାର୍ଥଶେଖର ସିଂହ ସେଠାରେ ଉପସ୍ଥିତ ରହି ଆଳତୀ ଲାଗି କରିଥିଲେ। ଏହି ମହାମିଳନ ଉତ୍ସବ କମିଟିର ଆୟୋଜକ ମନୋଜ କୁମାର ପାଲ, ସରୋଜ କୁମାର ପାଲଙ୍କ ସହ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅରୁଣ



@ ଚିତ୍ତରଞ୍ଜନ



@ ଦେବେନ୍ଦ୍ର



@ ସୁକନ୍ୟା।

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ରେ ଡ.ହ୍ୟାନିମାନ୍‌ଙ୍କ ଜୟନ୍ତୀ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ କଲ୍ୟାଣୀ ମଣ୍ଡପରେ ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ନୟାଗଡ଼ ଜିଲା ତରଫରୁ ହୋମିଓପାଥିକର ଜନକ ଡ.ସାମୁଏଲ ହ୍ୟାନିମ୍ୟାନଙ୍କ ୨୭୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘର ସଭାପତି ପିତାମ୍ବର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ସରକାରୀ ହୋମିଓପାଥିକ ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଡାକ୍ତର ମନ୍ମଥ କୁମାର ଗଜେନ୍ଦ୍ର ସିଂହ, ସମ୍ମାନିତ ଅତିଥି ଖୋର୍ଦ୍ଧା ଜିଲା ଭୁଷଣ୍ଡପୁରର ଡାକ୍ତର ମିନୁରାଣି ପାତ୍ର , ଡାକ୍ତର ହରିହର ଦାସ ପ୍ରମୁଖ ଯୋଗଦାନ କରି ହ୍ୟାନିମ୍ୟାନ୍‌ଙ୍କ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଏବଂ ତାଙ୍କର ଜୀବନୀ ଉପରେ ଆଲୋକ ପାତ କରିଥିଲେ। ଅନ୍ୟପକ୍ଷେ ହୋମିଓପାଥିକ ଚିକିତ୍ସା ପଦ୍ଧତି ଦ୍ୱାରା କିପରି ବହୁ ଅସାଧ୍ୟ ରୋଗ ସବୁ ଆରୋଗ୍ୟ ହୋଇ ପାରୁଛି ଏବଂ ଏହି ପାର୍ଶ୍ୱ ପ୍ରତିକ୍ରିୟା ବିହିନ ହୋମିଓପାଥିକ ଔଷଧକୁ ସମସ୍ତେ କିପରି ବ୍ୟବହାର କରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ସଭାପତି ପିତାମ୍ବର ଡାକୁଆ ତାଙ୍କର ଭାଷଣରେ କହିଥିଲେ, ହୋମିଓପାଥିକ ଔଷଧର ଦାମ କମ୍ ରହୁଥିବାରୁ ଏହାର ବ୍ୟବହାର ସମସ୍ତ ଜନସାଧାରଣ କରିବା ଉଚିତ୍ । ସେହିପରି ସଂଘର ଉପ ସଭାପତି ରମେଶ ଚନ୍ଦ୍ର ସାହୁ , କୋଷାଧ୍ୟକ୍ଷ ହରେକୃଷ୍ଣ ମୁଦୁଲି, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଜୟନ୍ତୀ ଅବସରରେରେ ସେଠାରେ ଗୋଟିଏ ମାଗଣା ହୋମିଓପାଥିକ ଚିକିତ୍ସା ଶିବିର ଆୟୋଜନ କରାଯାଇ ଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ୭୫୪ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ନୟାଗଡ଼ ଜିଲାର ସମସ୍ତ ହୋମିଓପାଥିକ ଚିକିତ୍ସକଙ୍କ ସହିତ ଜିଲାର ୮ ବ୍ଲକର ସଂଯୋଜକ ଉପସ୍ଥିତ ଥିଲେ । ସଂଘର ସଭାପତି ଭିକାରୀ ଡାକୁଆ ସଭପତିତ୍ୱ କରିଥିବାବେଳେ ସମ୍ପାଦକ ବାଳକୃଷ୍ଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




ହାନିମାନଙ୍କ ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥି।

# ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଖଣ୍ଡପଡ଼ା,୧୦।୪ (ଅଜୟ କୁମାର ମହାରଣା)

### ୩ ଗ୍ରାମ୍ୟ ସମସ୍ୟାକୁ ନେଇ ଚିନ୍ତା

ଭାରତୀୟ ବିକାଶ ପରିଷଦ ପକ୍ଷରୁ ୩ ଗାଁର ବିଭିନ୍ନ ସମସ୍ୟା ନେଇ ବୁଧବାର ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା । ତେବେ ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା ପଞ୍ଚାୟତର ଖୁଣ୍ଟବନ୍ଧ, ଗଡିଆସାହି ପଞ୍ଚାୟତ ଅଧୀନ ସାଧୁଆପଲ୍ଲୀ ଓ ସିଧାମୂଳା ପଞ୍ଚାୟତ ଅଧୀନ ଘୋଡାମାରୀଦ୍ୱାର ଗ୍ରାମର ପାନୀୟ ଜଳ, ରାସ୍ତାଘାଟ ଓ ଶିକ୍ଷା ସମ୍ପର୍କୀତ ବିଭିନ୍ନ ସମସ୍ୟାର ସମାଧନ ନିମନ୍ତେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବ୍ଲକ୍ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ସମସ୍ୟାର ସମାଧାନ ନ ହେବା ଯୋଗୁ ବୁଧବାର ଖଣ୍ଡପଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା । ଭାରତୀୟ ବିକାଶ ପରିଷଦର ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଉପରୋକ୍ତ ୩ଟି ଗ୍ରାମରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିଥିଲେ। ସାଧୁଆପଲ୍ଲୀ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ସହ ପାଇପ୍ ଲାଇନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଖୁଣ୍ଟବନ୍ଧ ଗ୍ରାମବାସୀଙ୍କୁ ପାଇପ୍ ଲାଇନ ଯୋଗେ ପାନୀୟ ଜଳ ଯୋଗାଣ, ଗ୍ରାମରେ ବନ୍ଦ ଥିବା ପ୍ରାଥମିକ ବିଦ୍ୟାଳୟକୁ ଚାଲୁ କରିବା ସହ ଘୋଡାମାରୀ ଦ୍ୱାର ଗ୍ରାମର ପାନୀୟ ଜଳ ଓ ଶିକ୍ଷା ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆଦି ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା । ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ ଧାରଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସାଧୁଆପଲ୍ଲୀ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିବା ସମ୍ପର୍କରେ ବିଡିଓ ସୂଚନା ଦେଇଥିଲେ । ନୟାଗଡ଼ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ବନ୍ଦ ଥିବା ବିଦ୍ୟାଳୟ ଗୁଡିକୁ ପୁନଃ ଚାଲୁ କରିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ସୂତାଖିଅରେ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀଙ୍କ ଭାଗ୍ୟ

ଭୁବନେଶ୍ୱର,୧୦।୪(ଅନିଲ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଘୋଷଣା ହୋଇ ନ ଥିବା ୩୯ ଆସନ ପାଇଁ ବିଜେଡି ଆଶାୟୀ ଓ ବିଧାୟକଙ୍କ ମଧ୍ୟରେ ଛନକା ବଢ଼ିବାରେ ଲାଗିଛି। ସେମାନଙ୍କ ମଧ୍ୟରେ ୨ ଜଣ ମନ୍ତ୍ରୀଙ୍କ ଭାଗ୍ୟ ସୂତାଖିଅରେ ଝୁଲିରହିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆରୁ ପ୍ରଥମ ଥର ପାଇଁ ବିଧାୟିକାରୁ ମନ୍ତ୍ରୀ ହୋଇଥିବା ବାସନ୍ତୀ ହେମ୍ବ୍ରମ ଏବଂ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା। ଉଭୟ ଯୁବ ମନ୍ତ୍ରୀ। ୨୦୧୯ରେ କରଞ୍ଜିଆ ବିଧାୟକ ବିଜୟ କୁମାର ନାଏକଙ୍କୁ ହଟାଇ ବାସନ୍ତୀ ହେମ୍ବ୍ରମଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ସେ ପ୍ରଥମ ଥର ବିଧାୟକ ହୋଇଥିଲେ ମଧ୍ୟ ତାଙ୍କୁ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ବିଜେଡି ତାଙ୍କୁ ପୁଣି ଟିକେଟ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଉଛି କି ନାହିଁ ସେ ନେଇ ହେମ୍ବ୍ରମ ଆଶା ଓ ଆଶଙ୍କାରେ ରହିଛନ୍ତି। ଟିକେଟ ପାଇଁ ସେ ଗତ କିଛିଦିନ ହେବ ଲବି ଚଳାଇଛନ୍ତି। ତେବେ ତାଙ୍କ ପାଇଁ ପୂର୍ବତନ ବିଧାୟକ ବିଜୟ ନାୟକ, ବାସନ୍ତୀଙ୍କ ଯାଆ ରୁକ୍ମିଣୀ ହେମ୍ବ୍ରମ ପ୍ରତିବନ୍ଧକ ସାଜିଛନ୍ତି। ମନ୍ତ୍ରୀ ଥିବା ସମୟରେ ସେ ନିର୍ବାଚନମଣ୍ଡଳୀ ପାଇଁ ସେପରି କିଛି କରି ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ବିଜେଡି କରଞ୍ଜିଆରେ ବିଜୟୀ ସମ୍ଭାବନା ଥିବା ପ୍ରାର୍ଥୀ ଖୋଜାରେ ଲାଗିଛି। ସେ ନେଇ ଗତ କିଛିଦିନ ହେବ ଜିଲାର ବରିଷ୍ଠ ନେତା ଓ ପର୍ଯ୍ୟବେକ୍ଷକ ମାନସମନ୍ଥନ ଚଳାଇଛନ୍ତି।

ଅନୁରୂପଭାବେ କାକଟପୁରର ଯୁବ ବିଜେଡି ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଆସନ ମଧ୍ୟ ଟଳମଳ। ମନ୍ତ୍ରୀ ଥାଇ ମଧ୍ୟ କୌଣସି ଆଖିଦୃଶିଆ କାମ କରି ନ ଥିବା ଅଭିଯୋଗରେ ନିକଟରେ ନିଜ ନିର୍ବାଚନମଣ୍ଡଳୀରେ ତାଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରିକି ସେ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ନ ପାରି ଫେରି ଯାଇଥିଲେ। ମନ୍ତ୍ରୀ ତୁଷାରକାନ୍ତିଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଉଛନ୍ତି ୨୦୧୪ରେ ବିଧାୟକ ଥିବା ସୁରେନ୍ଦ୍ର ସେଠୀ। ସେ ମଧ୍ୟ ଟିକେଟ ପାଇଁ ଜୋରସୋର ଲବି ଚଳାଇଛନ୍ତି। ଏଭଳି ସ୍ଥିତିରେ ବିଜେଡି କାହାକୁ ଟିକେଟ ଦେବ ସେ ନେଇ ଗତ କିଛିଦିନ ହେବ ଦ୍ୱନ୍ଦ୍ୱ ଜାରିରହିଛି। ଏପରି ସ୍ଥଳେ ତୁଷାରକାନ୍ତି ନିଜ ପ୍ରାର୍ଥିତ୍ୱ ପୁଣି ଥରେ ବଜାୟ ରଖିବାରେ ସଫଳ ହେଉଛନ୍ତି କିମ୍ବା ନିରାଶ ହେବାକୁ ପଡୁଛି ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହୋଇଯିବ।

ଗତ ମନ୍ତ୍ରିମଣ୍ଡଳରେ ଥିବା ଅଧିକାଂଶ ମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀଙ୍କୁ ଦଳ ପୁଣିଥରେ ବିଜେଡି ମଇଦାନକୁ ଓହ୍ଲାଇଛି। ପୂର୍ବତନ ହସ୍ତତନ୍ତ ମନ୍ତ୍ରୀ ତଥା କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆଁନଙ୍କ ଟିକେଟ କଟିଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ପ୍ରତାପ ଜେନାଙ୍କୁ ମାହାଙ୍ଗା ଏବଂ ମନ୍ତ୍ରୀ ଉଷାଦେବୀଙ୍କ ବଦଳରେ ତାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କୁ ବିଜେଡି ଚିକିଟିରୁ ଟିକେଟ ଦେଇଛି। ପଦ୍ମିନୀଙ୍କ ବିଜୟ ସମ୍ଭାବନା କମ୍ ଥିବାରୁ ତାଙ୍କ ବଦଳରେ ଦଳ କୋଟପାଡ଼ରୁ ଚନ୍ଦ୍ରଶେଖର ମାଝିଙ୍କୁ ପ୍ରାର୍ଥୀ କରିଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ଡବଲ ମର୍ଡର ମାମଲାରେ ଛନ୍ଦିହୋଇ ପଡିଥିବାରୁ ସେ ଚଳିତ ନିର୍ବାଚନରୁ ଆଗୁଆ ଓହରିଯାଇଛନ୍ତି। ତେବେ ନିଜ ସ୍ଥାନରେ ପୁଅକୁ ଟିକେଟ କରାଇ ନିର୍ବାଚନମଣ୍ଡଳୀକୁ ଉତ୍ତରାଧିକାରୀ ସୂତ୍ରରେ ନିଜ କବ୍‌ଜାରେ ରଖିବାରେ ଏକପ୍ରକାର ସଫଳ ହେବାକୁ ଲକ୍ଷ୍ୟ ରଖିଛନ୍ତି।

ସେହିପରି କେନ୍ଦୁଝର ଜିଲାର ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଟିକେଟ ନ ପାଇବା ଆଶଙ୍କା କରି ନିକଟରେ ଭାଜପାରେ ସାମିଲ ହୋଇଛନ୍ତି। ସେହି ଆସନରେ ବିଜେଡି ଟିକେଟରେ ଲଢ଼ିବା ପାଇଁ ପୂର୍ବତନ ବିଧାୟକ ଦେବବ୍ୟାସ ନାୟକ ଏବଂ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର ଜୋରସୋର ଲବି ଚଳାଇଛନ୍ତି। ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଟିକେଟ ଝୁଲିରହିଛି। ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ହତ୍ୟାକାଣ୍ଡ ଘଟଣାରେ ବିବାଦୀୟ ହେବା ପରେ ତାଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ଏହାକୁ ନେଇ ନିମାପଡ଼ାରେ ତାଙ୍କର ଜନସମର୍ଥନ ହ୍ରାସ ପାଇଥିବା କୁହାଯାଉଛି। ତାଙ୍କୁ ଟିକେଟ ନ ଦେବା ଲାଗି ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ବିଜେଡି ସମୀରଙ୍କ ବଦଳରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତାଙ୍କୁ ଯଦି ଟିକେଟ ନ ମିଳେ ତେବେ ସେ ତାଙ୍କ ସ୍ତ୍ରୀଙ୍କ ପାଇଁ ଟିକେଟ ଯୋଗାଡ଼ କରାଇବାରେ ଜୋରସୋର ଲାଗିଥିବା କୁହାଯାଉଛି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଟିକେଟ ମଧ୍ୟ ଝୁଲିରହିଛି। ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରଠାରୁ ନିର୍ବାଚନମଣ୍ଡଳୀରେ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ ତାଙ୍କୁ କଡ଼ା ଟକ୍କର ଦେଉଛନ୍ତି। ଶଶି ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ୨୮ ହଜାର ଭୋଟ ହାତେଇ ଭାଜପାକୁ ସୁଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ୨୦୧୯ରେ ସେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ତେବେ ସେତେବେଳେ ଦଳ ତାଙ୍କ ଉପରେ ଭରସା କରିପାରି ନ ଥିଲା। ସେବେଠାରୁ ସେ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନସମର୍ଥନ ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ଗୋଟିଏ ଗୋଷ୍ଠୀ ଭୁବନେଶ୍ୱର ଯାଇ ତାଙ୍କ ପାଇଁ ଟିକେଟ ଲବି ଚଳାଇଥିବା କୁହାଯାଉଛି।

ସେହିପରି ପୂର୍ବତନ ମନ୍ତ୍ରୀ ତଥା ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ ମଧ୍ୟ ଟିକେଟକୁ ନେଇ ଚିନ୍ତାରେ ରହିଛନ୍ତି। ନିକଟରେ କଂଗ୍ରେସରୁ ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳ ସେଠାରେ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି।

# ଗୁଲମକ୍କୀ ନା ଅସିତ ପ୍ରଭାବ ନିର୍ଣ୍ଣାୟକ

**ଭଦ୍ରକ ବିଧାନସଭା କ୍ଷେତ୍ର**

ଭଦ୍ରକ,୧୦।୪(ସନାତନ ରାଉତ)

୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜେଡିକୁ ପଛରେ ପକାଇ ଭଦ୍ରକ ପୌରାଧ୍ୟକ୍ଷା ହୋଇଥିଲେ ଗୁଲମକ୍କୀ ଦଲାୱାଜି ହବିବ୍। ହେଲେ ମଙ୍ଗଳବାର ସ୍ୱାମୀ ଜାହିଦ ହବିବ୍‌ଙ୍କ ସହିତ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ଯାଇ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କର ଏହି ମିଶ୍ରଣ ପରେ ଭଦ୍ରକ ରାଜନୀତି ଭିନ୍ନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଉଛି।

ଭଦ୍ରକ ବିଧାନସଭା ଆସନକୁ ନେଇ ରାଜନୀତି ସମୀକ୍ଷକଙ୍କ ସମୀକରଣ ଏବେ ଓଲଟ ପାଲଟ ହୋଇଯାଇଛି। ପୌର ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସମିତା ମିଶ୍ରଙ୍କୁ ୩,୨୫୬ ଭୋଟରେ ପରାସ୍ତ କରି ଜଣେ ସଂଖ୍ୟାଲଘୁ ମହିଳା ଭାବେ ଗୁଲମକ୍କୀ ପ୍ରଥମ ଥର ପାଇଁ ଭଦ୍ରକ ପୌରାଧ୍ୟକ୍ଷା ଆସନକୁ ଦଖଲ କରିଥିଲେ। ତାଙ୍କୁ ଆଶାତୀତ ସମର୍ଥନ ମିଳିବା ସହ ପୌରପାଳିକାର ୩୦ଟି ୱାର୍ଡରୁ ସେ ୨୮ହଜାର୧୧୫ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନରେ ଯୁବନେତା ଅସିତ୍ ପଟ୍ଟନାୟକ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସ୍ୱାଧୀନ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଅସିତଙ୍କ ସହ ମିଶି କାର୍ଯ୍ୟ କରିଥିଲେ। ଫଳରେ ସେମାନଙ୍କର ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଛକାପଞ୍ଝା ଲାଗି ରହିଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାଂଶ ଭୋଟ ତାଙ୍କ ଅକ୍ତିଆରରେ ଥିବାରୁ ଅସିତ ଓ ଗୁଲମକ୍କୀଙ୍କ ଗୋଟିଚାଳନା ୨୦୨୪ ନିର୍ବାଚନରେ ଭଦ୍ରକ ଆସନରେ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆକଳନ କରାଯାଉଥିଲା। କିନ୍ତୁ ବିଜେଡି ସବୁ ସମୀକରଣକୁ ଓଲଟ ପାଲଟ କରି ଭଦ୍ରକ ଓ ଭଣ୍ଡାରିପୋଖରୀରେ ପ୍ରାର୍ଥୀ ବଦଳାଇ ଦେଲା। ପ୍ରଫୁଲ୍ଲ ତାଙ୍କ ପୁରୁଣା ନିର୍ବାଚନମଣ୍ଡଳୀ ଭଦ୍ରକକୁ ଆସିବା ପରେ ଗୁଲମକ୍କୀ ଓ ଜାହିଦ୍‌ଙ୍କୁ ବିଜେଡିକୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି। ଏବେ ଅସିତ ଓ ଜାହିଦ୍‌ଙ୍କ ମଧ୍ୟରେ ରାଜନୈତିକ ସମ୍ପର୍କ ଛିନ୍ନ ହେବା ସହ ରାସ୍ତା ମଧ୍ୟ ଅଲଗା ହୋଇଗଲା। ଅସିତ କଂଗ୍ରେସରେ ଯୋଗ ଦେବା ଏକପ୍ରକାର ନିଶ୍ଚିତ ହୋଇଥିବା ବେଳେ ବିଜେଡି ପାଇଁ ପୂରା ଦମ୍‌ରେ ଜାହିଦ୍ ଓ ଗୁଲମକ୍କୀ ଭୋଟ ସଂଗ୍ରହ କରିବେ ବୋଲି କହିଲେଣି। ଏହି ମିଶ୍ରଣ ପରେ ବିଜେଡିର ସ୍ଥିତି ଭଦ୍ରକ ବିଧାନସଭାରେ ସୁଦୃଢ଼ ହୋଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅସିତଙ୍କ ପିତା ଯୁଗଳ କିଶୋର ପଟ୍ଟନାୟକ ପୋଖତ ରାଜନେତା ହୋଇଥିବା ବେଳେ ସଂଖ୍ୟାଲଘୁ ଭୋଟ ସହ ନିର୍ବାଚନମଣ୍ଡଳୀରେ ତାଙ୍କର ଗୋଟେ ଖାଦି ଥିବାରୁ ଏହି କ୍ଷେତ୍ରରେ ନିର୍ବାଚନ ସମୀକରଣ ବଦଳିବ ବୋଲି କୁହାଗଲାଣି। ତେବେ ଏଠାରେ ଅସିତ ଓ ଗୁଲମକ୍କୀଙ୍କ ପ୍ରଭାବ ଫଳାଫଳ ଉପରେ କେଉଁ ଚିହ୍ନ ଲଗାଉଛି, ତାହା ଦେଖିବାକୁ ଅଛି।



ଜଟଣୀ ବିଧାନସଭା ଆସନ ଲାଗି ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କୁ ହଟାଇବା ଦାବିରେ ବୁଧବାର ଶଙ୍ଖଭବନ ସମ୍ମୁଖରେ କର୍ମୀମାନଙ୍କ ପକ୍ଷରୁ 'ବିଭୂତି ହଟାଓ, ବିଜେଡି ବଞ୍ଚାଓ' ସ୍ଲୋଗାନ ଦିଆଯାଉଛି।

# ସିମୁଳିଆ ବିଜେଡିରେ ଛିଡୁନି ଅଙ୍କ

**ସାମାଜିକ ଗଣମାଧ୍ୟମରେ ତୀବ୍ର ହେଉଛି ଆକ୍ଷେପ ପ୍ରତିଆକ୍ଷେପ**

ଖଇରା, ୧୦।୪
(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଘୋଷଣା କରି ସାରିଥିବା ବେଳେ ବିଜେଡିରେ ଆଶାୟୀ ପ୍ରାର୍ଥୀ ତାଲିକା ଝୁଲି ରହିଛି । ଘୋଷଣା ବିଳମ୍ବ ହେଉଥିବାରୁ ସମର୍ଥକଙ୍କ ଉତ୍କଣ୍ଠା ବଢ଼ିଚାଲିଛି। ଏବେ ଫେସବୁକ, ହ୍ୱାଟ୍ସଆପ୍ ଭଳି ସାମାଜିକ ଗଣମାଧ୍ୟମରେ ଏଠାକାର ସମର୍ଥକଙ୍କ କମେଣ୍ଟ ଓ ପୋଷ୍ଟ ଯୁଦ୍ଧ ଉଗ୍ରରୂପ ଧାରଣ କରିଛି। ଆଶାୟୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ଓଡିଶା ସରକାରଙ୍କ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ରାଜ୍ୟ ସମ୍ପାଦକ ଶଶିକୁମାର ସାହୁ।

ସିମୁଳିଆ-ଖଇରାର ଜଣାଶୁଣା ଚେହେରା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଦାବିଦାର ଥିବା ବେଳେ ଏଥର ଟିକେଟ ମିଳିଲେ ହ୍ୟାଟ୍ରିକ ବିଜୟ ଲାଭ କରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଜ୍ୟୋତି ୨୦୧୪ରେ ୭ ହଜାର ୯୩୭ ଭୋଟ ଏବଂ ୨୦୧୯ରେ ୧୪, ୯୫୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୨୪ରେ ଏହି ବ୍ୟବଧାନ ୨୫ ହଜାର ରହିବ ବୋଲି ବିଜେଡି କର୍ମୀମାନେ ଦୃଢତାର ସହ କହିଲେଣି । ଯଦି ଜ୍ୟୋତିଙ୍କ ବ୍ୟତୀତ ଦଳ ଅନ୍ୟ କାହା ଉପରେ ଭରସା କରେ ତେବେ ସିଟ୍ ହାତଛଡା ହେବ ବୋଲି ବହୁ ଦଳୀୟ କାର୍ଯ୍ୟକର୍ତ୍ତା କହୁଥିବାର ଶୁଣିବାକୁ ମିଳୁଛି ।

ଜ୍ୟୋତି ବିଧାୟକ ଭାବେ ୧୦ବର୍ଷ ଧରି ସିମୁଳିଆ ଖଇରାରେ ଶାନ୍ତି ଓ ପ୍ରଗତିକୁ ଗୁରୁତ୍ୱ ଦେଇ ଆସିଥିବା ବେଳେ ବିଜେଡି ସୁପ୍ରିମୋ ଜ୍ୟୋତି ପ୍ରକାଶଙ୍କୁ ସୁଯୋଗ ଦେବା ଆବଶ୍ୟକ ବୋଲି ଗୋଳିହା ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ଘଡେଇ, ନନ୍ଦୁର ସରପଞ୍ଚ



ଜ୍ୟୋତିପ୍ରକାଶ ପାଣିଗ୍ରାହୀ



ଶଶୀ କୁମାର ସାହୁ

ଜୟନ୍ତୀ ପତି, ଶ୍ୟାମସୁନ୍ଦରପୁର ସରପଞ୍ଚ ବନିତା ପ୍ରଧାନଓ ସମିତିସଭ୍ୟ ବାସନ୍ତୀ ମହାନ୍ତି, ଗଗନଧୂଳି ପଞ୍ଚାୟତ ସରପଞ୍ଚ ମଦନମୋହନ ସାନ୍ତରା, ଖଇରା ସରପଞ୍ଚ ମାଳତୀ ସେଠୀ ଓ ସମିତିସଭ୍ୟ ନର୍ମଦା ଦେଓଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ୫ ଜୋନର ଜିଲା ପରିଷଦ ସଭ୍ୟ, ଛାମୁଆ ସଙ୍ଗଠନର କର୍ମକର୍ତ୍ତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ଅପରପକ୍ଷେ ଅନ୍ୟତମ ଆଶାୟୀ ଶଶିକୁମାର ସାହୁ ୨୦୧୪ରେ ଭାଜପା ଟିକେଟରେ ନିର୍ବାଚନ ଲଢି ୨୮ହଜାର ଭୋଟ ହାତେଇ ଭାଜପାକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ୨୦୧୯ରେ ସେ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ । ହେଲେ ସେତେବେଳେ ଦଳ ତାଙ୍କୁ ଭରସା କରିପାରି ନ ଥିଲା । ମାତ୍ର ସେବେଠାରୁ ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ତାଙ୍କ ସମର୍ଥନରେ ଏକ (ଅଧିକାଂଶ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିରେ ଥିବା) ଗୋଷ୍ଠୀ ଭୁବନେଶ୍ୱର ଯାଇ ଟିକେଟ ପାଇଁ ଲବି ଚଳାଇଥିବା ବେଳେ ତାଙ୍କ ସମର୍ଥନରେ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ବିଜେଡି ୫ବର୍ଷ ମଧ୍ୟରେ ଲୋକପ୍ରିୟତା ହରାଇଛି ଯେଉଁଥିପାଇଁ ପଞ୍ଚାୟତ ସମିତି ହାତରୁ ଖସିଛି। ଯଦି ଶଶି ସାହୁଙ୍କୁ ପ୍ରାର୍ଥୀ କରାଯାଏ ଦଳ ଛାଡିଥିବା ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ପୁଣିଥରେ ସମର୍ଥକଙ୍କ ସହ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ୩ ନମ୍ବର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ କହିଛନ୍ତି । ତେବେ ପିତାଙ୍କ ସମୟରୁ ବିଜେଡିରେ ନିଜର ବିଶ୍ୱସନୀୟତା ପ୍ରତିପାଦିତ କରିଥିବା ବ୍ୟକ୍ତିଙ୍କୁ ଦଳ ଭରସା କରିବ କି ଭାଜପାରୁ ଆସି ବିଜେଡିରେ ଯୋଡି ହୋଇଥିବା ବ୍ୟକ୍ତିଙ୍କୁ ଦଳ ଟିକେଟ ଦେବ, ତାହାକୁ ନେଇ ଏଠାରେ ଆକ୍ଷେପ ପ୍ରତିଆକ୍ଷେପ ବଢିଚାଲିଛି ।

# ନବୀନ ଓଡ଼ିଶା ଗଠନ ପାଇଁ ପ୍ରସ୍ତୁତ ହେବ ଇସ୍ତାହାର

**ବିଜେଡି ଗଠନ କଲା ୩୮ ଜଣିଆ କମିଟି**

ଭୁବନେଶ୍ୱର,୧୦।୪(ଅନିଲ ଦାସ)

ଆସନ୍ତା ବିଧାନସଭା ଓ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ବୁଧବାର ୩୮ ଜଣିଆ ଇସ୍ତାହାର କମିଟି ଗଠନ କରିଛି। କମିଟିରେ ୬ ସହ ଅଧ୍ୟକ୍ଷ ଓ ୩ ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାମିଲ କରାଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କମିଟିର ଅଧ୍ୟକ୍ଷ ଥିବାବେଳେ ଅମର ପଟ୍ଟନାୟକ ଆବାହକ ରହିଛନ୍ତି।

ଏହି କମିଟିରେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ର ସହ ଅଧ୍ୟକ୍ଷ ରହିଥିବା ବେଳେ ଅମର ପଟ୍ଟନାୟକ ଆବାହକ ଏବଂ ସସ୍ମିତ ପାତ୍ର ସହ-ଆବାହକ ଅଛନ୍ତି। ସେହିପରି ସୁକାନ୍ତ ମହାପାତ୍ର, ସ୍ୱପ୍ନେନ୍ଦୁ ମହାନ୍ତି ଏବଂ ଅମିୟ ମିଶ୍ର ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ ରହିଛନ୍ତି। କମିଟିରେ ଅତନୁ ସବ୍ୟସାଚୀ ନାୟକ, ଅଚ୍ୟୁତାନନ୍ଦ ସାମନ୍ତ, ଅରୁଣ କୁମାର ସାହୁ, ସଂତୃପ୍ତ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ, କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର,ଚିନ୍ମୟ ସାହୁ,ଚିରଞ୍ଜୀବ ବିଶ୍ୱାଳ, ସୁବାସ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ରମେଶ ଚନ୍ଦ୍ର ମାଝି, ଦିଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଅମରେଶ ପତ୍ରୀ,ଏସ୍. କେ. ନିଜାମୁଦ୍ଦିନ, ତନ୍ମୟ ସ୍ୱାଇଁ,ଜ୍ୟୋତ୍ସ୍ନାରାଣୀ ପରିଡ଼ା, ବିଷ୍ଣୁପ୍ରିୟା ଦାସ, ସଞ୍ଜିତ ମହାନ୍ତି, ପଙ୍କଜିନୀ ମଙ୍ଗରାଜ, ମାମିନା ନାୟକ ଏବଂ କିଶୋର ଦେବତା ସଦସ୍ୟ ରହିଛନ୍ତି। କମିଟିର ସଦସ୍ୟମାନେ ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଗଠନ ପାଇଁ ବିଭିନ୍ନ ବର୍ଗର ଲୋକ, ଅଞ୍ଚଳବାସୀ ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବେ ।

# ୧୬ ବିଧାନସଭା, ମୟୂରଭଞ୍ଜ ଲୋକ ସଭା ଆସନରେ ଲଢ଼ିବ ଜେଏମ୍‌ଏମ୍

ବାରିପଦା,୧୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ରାଜ୍ୟର ମୟୂରଭଞ୍ଜ ଲୋକ ସଭା ସମେତ ୧୬ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି। ଏନେଇ ବୁଧବାର ରାଇରଙ୍ଗପୁରଠାରେ ଏକ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତୃବୃନ୍ଦମାନେ ସୂଚନା ଦେଇଛନ୍ତି। ଏଥିରେ ଜେଏମ୍‌ଏମ୍ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ, ଝାଡ଼ଖଣ୍ଡ ସରକାରଙ୍କ ଆଦିବାସୀ ଉନ୍ନୟନ ଓ ପରିବହନ ବିଭାଗ ମନ୍ତ୍ରୀ ଦୀପକ ବିରୁଆ, ବାହଡ଼ାଗୁଡା ବିଧାୟକ ସମୀର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଛନ୍ତି।

ମୟୂରଭଞ୍ଜ ଲୋକ ସଭା ଆସନ ସହ ସାରସକଣା, ବାଙ୍ଗରିପୋଷି, ମୋରଡ଼ା, ରାଇରଙ୍ଗପୁର, ଯଶିପୁର, ବାରିପଦା, ଉଦଳା ଓ କରଞ୍ଜିଆ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବାକୁ ସ୍ଥିର କରିଛି। ସେହିପରି ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର, ବଣାଇ, ରାଜଗାଙ୍ଗପୁର, ରଘୁନାଥପାଲି ଏବଂ ବାଲେଶ୍ୱର ଜିଲାର ବସ୍ତା, ଯାଜପୁର ଜିଲାର ସୁକିନ୍ଦା, ଢେଙ୍କାନାଳ ଜିଲାର ପରଜଙ୍ଗ ଓ କେନ୍ଦୁଝର ଜିଲାର ଚମ୍ପୁଆ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛି। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୋରଡ଼ା ଆସନର ଆଶାୟୀ ପ୍ରାର୍ଥୀ ତଥା ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ନିଜ ସମର୍ଥକଙ୍କ ସହ ଜେଏମ୍‌ଏମ୍‌ରେ ଯୋଗଦେଇଥିଲେ। ଦଳ ତାଙ୍କୁ ମୋରଡ଼ା ଆସନରୁ ପ୍ରାର୍ଥୀ ଘୋଷଣା କରିପାରେ ବୋଲି ସୂଚନା ମିଳିଛି। ତେବେ ଚଳିତ ନିର୍ବାଚନରେ ଦଳ ଦୃଢ଼ତାର ସହ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ବିଜୟୀ ହେବ ବୋଲି ଦଳର ବରିଷ୍ଠ ନେତା ଦୀପକ ବିରୁଆ କହିଛନ୍ତି।

# ଲଢ଼େଇରେ ୩ ଦଳର ନୂଆ ମୁହଁ

**କଳାହାଣ୍ଡି ଲୋକ ସଭା କ୍ଷେତ୍ର**

ଭବାନୀପାଟଣା,୧୦।୪
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଲୋକ ସଭା ଆସନ ହାତେଇବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଲୋକ ସମ୍ପର୍କରେ ବାହାରିଛନ୍ତି। ଅବଶ୍ୟ ଏଥର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ଦଳର ପ୍ରାର୍ଥୀ ସମ୍ପୂର୍ଣ୍ଣ ନୂଆ। ବିଜେଡି ପ୍ରାର୍ଥୀ ଲମ୍ବୋଦର ନିଆଲ, ଭାଜପାର ମାଳବିକା କେଶରୀ ଦେଓ ଏବଂ କଂଗ୍ରେସରୁ ଦ୍ରୌପଦୀ ମାଝି ନିଜର ଶକ୍ତି ପ୍ରଦର୍ଶନ ପାଇଁ ଅଣ୍ଟା ଭିଡ଼ିଲେଣି। ବିଜେଡି ପ୍ରାର୍ଥୀ ଯାଦବ ଭୋଟ ଉପରେ ଭରସା କରିଥିବା ବେଳେ କଳାହାଣ୍ଡି ରାଜ ପରିବାରର ବୋହୂ ମାଳବିକା ଭାଜପାର ଦଳୀୟ ଭୋଟ ସହିତ ଜିଲାରେ ଥିବା ରାଜାଘରିଆ ଭୋଟ ନିଜ ଆଡ଼କୁ ଯିବ ବୋଲି ଭାବୁଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦ୍ରୌପଦୀ ଆଦିବାସୀଙ୍କ



ମାଳବିକା କେଶରୀ ଦେଓ



ଦ୍ରୌପଦୀ ମାଝି



ଲମ୍ବୋଦର ନିଆଲ।

ଭୋଟକୁ ନେଇ ଆଶା ବାନ୍ଧିଛନ୍ତି।

କଳାହାଣ୍ଡି ଲୋକ ସଭା ଆସନରେ ବିଶେଷ ଭାବେ ଆଦିବାସୀ ଓ ଯାଦବ ଭୋଟ ହାର ଅଧିକ। ରାଜାଘରିଆ ଭୋଟ ସେ ତୁଳନାରେ ଯଥେଷ୍ଟ ନୁହେଁ । ତଥାପି ମାଳବିକାଙ୍କ ସ୍ୱାମୀ ଅର୍କକେଶରୀ ଦେଓ ୨୦୧୪ରେ ବିଜେଡିରୁ ଟିକେଟ ପାଇ ପ୍ରଥମ ଥର ପାଇଁ ଏମ୍‌ପି ହୋଇଥିଲେ। ପୂର୍ବରୁ ସେହି ପରିବାରର ବିକ୍ରମ କେଶରୀ ଦେଓ ୩ ଥର ଓ ପ୍ରତାପ କେଶରୀ ଦେଓ ୬ ଥର ଏମ୍‌ପି ହୋଇଥିଲେ। ୨୦୧୪ ନିର୍ବାଚନରେ ଅର୍କକେଶରୀ ଦେଓ ନିର୍ବାଚିତ ହୋଇଥିଲେ ମଧ୍ୟ ୫ବର୍ଷ ଲୋକଙ୍କ ସହିତ ଜଡ଼ିତ ହୋଇ ରହିବା କଳା କୌଶଳକୁ ଆପଣେଇ ପାରି ନ ଥିଲେ। ଫଳରେ ୨୦୧୯ ନିର୍ବାଚନରେ ବିଜେଡି ତାଙ୍କୁ ଆଉ ଟିକେଟ ଦେଇ ନ ଥିଲା। ଅର୍କ କେଶରୀ ବିଜେଡିରେ ଥାଇ ବି ନିଜ ଉପସ୍ଥିତି ଜାହିର କରିବାରେ ପ୍ରୟାସ କଲେନାହିଁ। ଶେଷରେ ନିର୍ବାଚନ ସମୟରେ ସେ ଭାଜପାରେ ଯୋଗଦେଇ ଟିକେଟ ପାଇବା ଅପେକ୍ଷାରେ ରହିଥିଲେ। କିନ୍ତୁ ଭାଜପା ଏଥର ମହିଳା କାର୍ଡ ଖେଳି ତାଙ୍କ ପତ୍ନୀ ମାଳବିକାଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଲା। ରାଜାଘରିଆ ଭୋଟ ସମେତ ମୋଦି ହାୱାରେ ସେ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଆଶା ବାନ୍ଧିଥିବା କୁହାଯାଉଛି। ୨୦୧୯ରେ ଭାଜପାର ବସନ୍ତ କୁମାର ପଣ୍ଡା ଏହି ଆସନରୁ ବିଜୟୀ ହୋଇଥିଲେ। ଏଠାରେ ଭାଜପାର ଗୋଟେ ଭଲ ଭୋଟ ବ୍ୟାଙ୍କ ଅଛି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀଙ୍କ କ୍ଷେତ୍ରରେ ନିର୍ବାଚନ ପାଇଁ ପ୍ରସ୍ତୁତିରେ ଏତେଟା କଷ୍ଟ ଉଠାଇବାକୁ ପଡୁନାହିଁ ବୋଲି ପ୍ରାର୍ଥୀ ଲମ୍ବୋଦର ନିଆଲ ପ୍ରକାଶ କରିଛନ୍ତି। କାରଣ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ସଂସଦୀୟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଆଉ ୪ ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଯାଦବ ଭୋଟ ତାଙ୍କ ପାଇଁ ସବୁଠାରୁ ବଡ଼ ଭରସା ବୋଲି ସେ କହିଛନ୍ତି। ଲମ୍ବୋଦର ଉତ୍କଳ ଯାଦବ ମହାସଭାର ମହାସଚିବ ଓ ନୂଆପଡ଼ା ଜିଲା ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ମୁଣ୍ଡାଇଛନ୍ତି। ବିପୁଳ ଜନ ସମର୍ଥନ ପାଇବା ଆଶା ରଖି ନିର୍ବାଚନ ପ୍ରଚାରରେ ସେ ଲାଗିପଡ଼ିଛନ୍ତି।

କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଦ୍ରୌପଦୀ ମାଝୀ ୧୯୯୭ରୁ ରାଜନୈତିକ ଜୀବନ ଆରମ୍ଭ କରିବା ଓ ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟା, ସରପଞ୍ଚ ହେବା ସହିତ ବ୍ଲକ ଅଧ୍ୟକ୍ଷା ରୂପେ ନିଜର ଦକ୍ଷତା ପ୍ରଦର୍ଶିତ କରିଛନ୍ତି। ତେବେ ତାଙ୍କ ପଛରେ ପୂର୍ବତନ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ସମର୍ଥନ ରହିଛି। ଯଦି ଆଦିବାସୀଙ୍କ ଭୋଟ ଦ୍ରୌପଦୀ ହାତେଇପାରନ୍ତି, ତେବେ କଂଗ୍ରେସ ପୂର୍ବାପେକ୍ଷା ଭଲ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

# ସର୍ବୋଚ୍ଚସ୍ତରରେ ସେନ୍‌ସେକ୍ସ

■ସେନ୍‌ସେକ୍ସ ୭୫,୦୦୦ପାର
■୨୩,୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦



ନୂଆଦିଲ୍ଲୀ,୧୦।୪

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ସପ୍ତାହ କାରବାରର ୩ୟ ଦିନରେ ଘରୋଇ ଶେୟାର ବଜାର ଏକ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଶେୟାର ବଜାରର କାରବାର ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ୭୫,୦୦୦(୭୫,୦୩୮.୧୫) ଅଙ୍କ ଅତିକ୍ରମ କରିଥିଲାବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାର ମଧ୍ୟ ୨୩,୦୦୦ (୨୨,୭୫୩.୮୦)ଅଙ୍କର ନିକଟବର୍ତ୍ତୀ ହୋଇଛି। ବିଶେଷକରି ଘରୋଇ ଶେୟାର ବଜାର କାରବାର ମଙ୍ଗଳବାର ସକାଳ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଚ୍ଚା ରହିଥିଲା ବେଳେ ବିଏସ୍‌ଇର ଶ୍ରେଷ୍ଠ ୩୦ ନିବେଶକ ବିଶିଷ୍ଟ ସେନ୍‌ସେକ୍ସ (୩୦-ସେନ୍‌ସେକ୍ସ) ର କାରବାର ଏବଂ ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାରରେ ମଧ୍ୟ ଅଭିବୃଦ୍ଧି ଘଟିଥିଲା। ଏପରିକି ବିଏସ୍‌ଇ ସେନ୍‌ସେକ୍ସର ଆଇଟିସି, କୋଟାକ ବ୍ୟାଙ୍କ, ଏସ୍‌ବିଆଇ,ଟେକ ମହିନ୍ଦ୍ରା,ଭାରତୀ ଏୟାରଟେଲ,ଏସିଆନ ପେଣ୍ଟସ, ଜେଏସଡବ୍ଲ୍ୟୁ ଷ୍ଟିଲ,ଇନ୍‌ଫୋସିସ ଏବଂ ରିଲାଏନ୍ସ ଭଳି ଅଗ୍ରଣୀ ନିବେଶକଙ୍କ ପୁଞ୍ଜି ୧ର୨% ବୃଦ୍ଧି ଘଟିଥିଲାବେଳେ ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ନିବେଶକମାନେ ପୂର୍ବ ଦିନର କାରବାର ଠାରୁ ଅଧିକ ଲାଭ ହାସଲ କରିଥିବାରୁ ବଜାରରେ ଉତ୍ସାହ ବଢିଥିଲା। ସେହିପରି ଏନ୍‌ଏସ୍‌ଇ ନିଫ୍ଟିରେ ମଧ୍ୟ ଉଚ୍ଚ ଅଭିବୃଦ୍ଧି ସହ ନିଫ୍ଟି ମିଡକ୍ୟାପ ୪୮୫.୭୦ ପଏଣ୍ଟ ବଢି ୫୦,୬୮୦.୪୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୬୮.୮୫ ପଏଣ୍ଟ ବଢି ୭୬୫୭.୪୦ ଅଙ୍କ ଏବଂ ନିଫି ବ୍ୟାଙ୍କିଙ୍ଗ୍‌ରେ ୨୫୬.୦୫ ପଏଣ୍ଟ ବୃଦ୍ଧି ଘଟି ୪୮,୯୮୬.୬୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଫଳରେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇରେ କାରବାର ବୃଦ୍ଧି ଯୋଗୁ ପୁଞ୍ଜିବଜାରରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇବା ସହ ଷ୍ଟକ ମାର୍କେଟ ଏକ ଐତିହାସିକ ସଫଳତା ଅତିକ୍ରମ କରିପାରିଥିଲା ବୋଲି ପୁଞ୍ଜି ବଜାରର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପୁଞ୍ଜିବଜାରର ସୂଚନା ଅନୁଯାୟୀ, ୨୦୨୦ ମାର୍ଚ୍ଚରେ ଷ୍ଟକ୍ ମାର୍କେଟ ପ୍ରଥମ ଥର ପାଇଁ ବିଏସ୍‌ଇ ସେନ୍‌ସେକ୍ସ ୭୫,୦୦୦ ଅଙ୍କ ଅତିକ୍ରମ କରିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ୨୫,୦୦୦ ନିକଟବର୍ତ୍ତୀ ହୋଇଥିଲା। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୨ୟ ସପ୍ତାହର ପ୍ରଥମ (ସୋମବାର) କାରବାରରେ ଘରୋଇ ଶେୟାର ବଜାରର କାରବାର ୪୦୦ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି।ବିଶେଷକରିବୁଧବାରବମ୍ବେଷ୍ଟକ୍‌ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୫୪(୩୫୪.୪୫) ପଏଣ୍ଟ ବଢି ୭୫,୦୩୮(୭୫,୦୩୮.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୧ (୧୧୧.୦୫) ପଏଣ୍ଟ ବୃଦ୍ଧି ଘଟି ୨୨,୭୫୪ (୨୨,୭୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଜିଓର ନୂତନ ମାଇଲଖୁଣ୍ଟି

**ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟରେ ୧.୫ କୋଟିରୁ ଅଧିକ ମୋବାଇଲ ଉପଭୋକ୍ତା**




ଭୁବନେଶ୍ୱର, ୧୦।୪(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜୟଯାତ୍ରା ଜାରି ରଖିଥିବାବେଳେ ରିଲାଏନ୍ସ ଜିଓ ରାଜ୍ୟରେ ସଫଳତାର ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଜିଓର ମୋବାଇଲ ଗ୍ରାହକ ସଂଖ୍ୟା ୨୦୨୪ ଫେବୃୟାରୀ ଶେଷ ସୁଦ୍ଧା ୧.୫କୋଟି ଅତିକ୍ରମ କରିଛି। ଟ୍ରାଇର ସୂଚନା ଅନୁଯାୟୀ,୨୦୨୪ ଫେବୃଆରୀରେ ସର୍ବାଧିକ ୮୭,୦୦୦ରୁ ଅଧିକ ନୂଆ ମୋବାଇଲ ଉପଭୋକ୍ତା ଜିଓ ସହ ଯୋଡ଼ି ହୋଇଥିଲାବେଳେ ଓଡ଼ିଶାରେ ଜିଓ ନେଟ୍‌ୱର୍କର ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ଦେଢ଼ କୋଟିରୁ ଅଧିକ ହୋଇଛି। ଚଳିତ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଓଡ଼ିଶାରେ ଏୟାରଟେଲର ୧.୧୫କୋଟି ମୋବାଇଲ ଉପଭୋକ୍ତା ରହିଥିବା ବେଳେ ବିଏସ୍‌ଏନ୍‌ଏଲ୍‌ର ୫୪.୪୭ ଲକ୍ଷ ଏବଂ ଭି (ଭୋଡାଫୋନ୍ ଆଇଡିଆ) ର ୧୪.୫୩ ଲକ୍ଷ ମୋବାଇଲ ଉପଭୋକ୍ତା ରହିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରୁ ଜଣାପଡିଛି । ସେହିଭଳି ଜାତୀୟସ୍ତରରେ ମଧ୍ୟ ଜିଓ ସର୍ବାଧିକ ୩୬ ଲକ୍ଷ ଉପଭୋକ୍ତା ୨୦୨୪ ଫେବୃଆରୀରେ ଯୋଡ଼ିଛି। ଏଥିସହ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୪୬.୭୫ କୋଟିରୁ ଅଧିକ ସହ ଜିଓ ଭାରତରେ ୪୦% ରୁ ଅଧିକ ମୋବାଇଲ ଉପଭୋକ୍ତା ବଜାର ଅଂଶ ହାସଲ କରିଛି। ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ଓଡ଼ିଶାର ପ୍ରାୟ ୪୫% ଉପଭୋକ୍ତା ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ସହିତ ରାଜ୍ୟର ୧ ନମ୍ବର ଏବଂ ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ହୋଇରହିଛି।

# ଖୁବ୍‌ଶୀଘ୍ର ଅନୁଗୋଳରେ କଲ୍ୟାଣ ଜୁଏଲର୍ସ

KALYAN JEWELLERS

**ଏପ୍ରିଲ ୧୨ରେ ସୋନାକ୍ଷୀ ସିହ୍ନା କରିବେ ଉଦ୍‌ଘାଟନ**

ଭୁବନେଶ୍ୱର, ୧୦।୪

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ବା ଗହଣା ବ୍ରାଣ୍ଡ୍ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଖୁବ୍‌ଶୀଘ୍ର ଅନୁଗୋଳର ଶଙ୍କର ସିନେମା ରୋଡ୍‌ଠାରେ ଖୋଲିବାକୁ ଯାଉଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡର ଉପସ୍ଥିତି ଓ ସମ୍ପ୍ରସାରଣ ବିଷୟରେ ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲ ୧୨ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ବଲିଉଡ୍ ତାରକା ସୋନାକ୍ଷୀ ସିହ୍ନା ଉକ୍ତ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିଭଳି ଅନୁଗୋଳ ଟାଉନରେ ବ୍ରାଣ୍ଡର ଏହା ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର (ଶୋ'ରୁମ୍) ହୋଇଥିବାବେଳେ ରାଜ୍ୟ (ଓଡ଼ିଶା)ରେ ମୋଟ ୬ଷ୍ଠ ଶୋ'ରୁମ୍ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏପରିକି ଓଡ଼ିଶାର ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ଭଳି ରାଜ୍ୟର ପ୍ରମୁଖ ସହରରେ ବ୍ରାଣ୍ଡର ଷ୍ଟୋର ଉପଲବ୍ଧ ରହିଛି।

# ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ସହ କାବିଲର ବୁଝାମଣା




ଭୁବନେଶ୍ୱର, ୧୦।୪

କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍)ର ଅଗ୍ରଣୀ ଅନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ବା ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଏବଂ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ ବା କାବିଲ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି କ୍ରିଟିକାଲ୍ ମିନେରାଲ କ୍ଷେତ୍ରରେ ଜ୍ଞାନ ଏବଂ ବୈଷୟିକ ସହଯୋଗ ନିମନ୍ତେ କାବିଲ୍ ଓ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର କର୍ପୋରେଟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ନାଲ୍‌କୋର ସିଏମ୍‌ଡି ତଥା କାବିଲ୍‌ର ଚେୟାରମ୍ୟାନ୍ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣା ନାଲ୍‌କୋ ନିର୍ଦ୍ଦେଶକ(ବାଣିଜ୍ୟିକ) ତଥା କାବିଲ୍ ସିଇଓ ସଦାଶିବ ସାମନ୍ତରାୟ ଏବଂ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ନାଲ୍‌କୋର ସିଏମ୍‌ଡି ତଥା କାବିଲ୍‌ର ଚେୟାରମ୍ୟାନ ପାତ୍ର କହିଛନ୍ତି, ଏହି ସହଯୋଗ କ୍ରିଟିକାଲ୍ ମିନେରାଲ ଅନୁସନ୍ଧାନ ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିବ। ଏପରିକି ଖଣିଜ ଏବଂ ଧାତବ କ୍ଷେତ୍ରଗୁଡ଼ିକରେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହ ଭାରତୀୟ ଖଣି ଶିଳ୍ପର ଅଭିବୃଦ୍ଧି ତଥା ସ୍ଥିରତା ପାଇଁ ଅତ୍ୟନ୍ତ ଜରୁରୀ ଏବଂ ଦେଶର ଖଣିଜ ସୁରକ୍ଷା ତଥା ଘରୋଇ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ସିୟୁରେ ଦିନିକିଆ ଜାତୀୟ କର୍ମଶାଳା




ଭୁବନେଶ୍ୱର, ୧୦।୪

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସେଞ୍ଚୁରିଅନ ୟୁନିଭର୍ସିଟ୍ (ସିୟୁ)ର ଅଗ୍ରଣୀ ଅନୁଷ୍ଠାନ ସ୍କୁଲ ଅଫ୍ ପାରାମେଡିକ୍ସ ଆଣ୍ଡ ଆଲିଏଡ୍ ହେଲ୍‌ଥ ସାଇନ୍ସ ପକ୍ଷରୁ ଏକ ଦିନିକିଆ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ୱାର୍ଲଡ ହେଲ୍‌ଥ ଡେ-୨୦୨୪ର ଥିମ୍ 'ମୋ ସ୍ୱାସ୍ଥ୍ୟ,ମୋର ଅଧିକାର ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ ସେମିନାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାର ଅଧୀନ ଏନ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁର ମୁଖ୍ୟ ପ୍ରଫେସର ମିହିର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ସରକାରଙ୍କ ଅଧୀନ ଡିଏଚ୍‌ଏସ୍‌ର ଡାଇରେକ୍ଟର ଡା.ବିଜୟ କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଡା. ନୀଳାଞ୍ଜନା ମୁଖାର୍ଜୀ ଓ ୱାଇପିଏସଓଏମ୍‌ଇଡିର ପ୍ରଫେସର ସଞ୍ଜୟ ରାଜପାଲ ପ୍ରମୁଖ ଯୋଗ ଦେଇଥିଲେ।

**ନୀତି ରାଜନୀତି**

# ବାହାରିଆ ପ୍ରାର୍ଥୀ ଚର୍ଚ୍ଚାରେ ହେଭିୱେଟ ଲଢ଼େଇ ପାଇଁ ପ୍ରସ୍ତୁତି

ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକସଭା ଆସନରେ ଏଥର ହେଭିୱେଟ ଲଢେଇ ହେବ। ଏହି ଆସନ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏହାକୁ ଦଖଲ ପାଇଁ ଉଭୟ ବିଜେଡି ଓ ଭାଜପା ପ୍ରାଣପଣେ ଉଦ୍ୟମ କରିବେ। ଏଠାରେ ବିଜେଡିରୁ ଦଳର ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଓ ଭାଜପାରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହାଁମୁହିଁ ହେବାକୁ ଯାଉଛନ୍ତି। ନିଜନିଜ ଦଳରେ ଉଭୟଙ୍କ ବେଶ ପତିଆରା ରହିଛି। ମାତ୍ର ସମ୍ବଲପୁର ଭୋଟରଙ୍କୁ କିଏ ଅଧିକ ପ୍ରଭାବିତ କରି ଗ୍ରହଣୀୟ ହୋଇ ପାରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ। ଅପରପକ୍ଷେ କଂଗ୍ରେସ ଏପର୍ଯ୍ୟନ୍ତ ଏଠାରେ ପ୍ରାର୍ଥୀ ଘୋଷଣା କରିନାହିଁ। ଧର୍ମେନ୍ଦ୍ର ଗତ ଦେଢ଼ବର୍ଷ ହେଲା ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ଭୋଟରଙ୍କ ନିକଟତର ହେବା ଅଭିଯାନ ଆରମ୍ଭ କରି ଦେଇଛନ୍ତି। ନିୟମିତ ଭାବେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଧାନସଭା କ୍ଷେତ୍ର ଗସ୍ତ କରିସଭା ସମିତିରେ ଯୋଗଦେଇ ଆସିଛନ୍ତି। ଚଳିତମାସ ୩ରେ ସେ ଅନୁଗୋଳ ଜିଲ୍ଲା ବ୍ରାହ୍ମଣବିଲ ଗ୍ରାମରୁ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ମୋଦିଙ୍କ ବିକାଶକୁ ପାଥେୟ କରି ସାଧାରଣ ଜନତାଙ୍କ ନିକଟତର ହେବାକୁ ପ୍ରୟାସ କରୁଛନ୍ତି। ଅପରପକ୍ଷେ ପ୍ରଣବ(ବବି) ରାଜ୍ୟରେ ବିଜେଡି ସଂଗଠନକୁ ତୃଣମୂଳ ସ୍ତରରୁ ଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛନ୍ତି। ସେ ମଧ୍ୟ ଚଳିତ ମାସ ୪ ରେ ଦେବଗଡ଼ରୁ ପ୍ରଚାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇ ଭୋଟରଙ୍କ ନିକଟତର ହୋଇଛନ୍ତି। ତେବେ ଉଭୟ ପ୍ରାର୍ଥୀ ସମ୍ବଲପୁର ନର୍ବାଚନମଣ୍ଡଳୀ ବାହାରୁ ଆସିଥିବା ପ୍ରସଙ୍ଗକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି। ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ବହୁ ଗାଁର ଜନସାଧାରଣଙ୍କ ମଧ୍ୟରେ ବିଜେଡି, ଶଙ୍ଖଚିହ୍ନ ଓ ନବୀନ ପଟ୍ଟନାୟକ ବେଶ ପରିଚିତ। ଆଉ ବବିଙ୍କ ପଛରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିର ଛାପ ଏଠାରେ ତାଙ୍କ ବିଜୟ ପଥକୁ ସୁଗମ କରିପାରେ ବୋଲି ଚର୍ଚ୍ଚା ହେଉଛି। ଗୋଟିଏ ପଟେ ମୋଦିଙ୍କ ବିକାଶ ଓ ଅନପଟେ ନବୀନଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିକୁ ପାଥେୟ କରି ଉଭୟ ହେଭିୱେଟ୍ ନେତା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଉଭୟଙ୍କ ପ୍ରାର୍ଥିତ୍ୱକୁ ନେଇ ସମ୍ବଲପୁର ଜନସାଧାରଣ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି।

## ସମ୍ବଲପୁର:ବିଜେଡି-ଭାଜପା ପ୍ରାର୍ଥୀଙ୍କୁ ନେଇ ଭୋଟରଙ୍କ ପ୍ରତିକ୍ରିୟା

**ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଭାଜପା ପାଇଁ ଅଡୁଆ ସୃଷ୍ଟି କରିପାରେ**



ସମ୍ବଲପୁରରେ ଆଞ୍ଚଳିକ ବୈଷମ୍ୟ ନାହିଁ ବୋଲି କୁହାଯାଇ ପାରିବନାହିଁ। ମାତ୍ର ତାହା ଅତ୍ୟନ୍ତ ନଗଣ୍ୟ। ସମ୍ବଲପୁରବାସୀ ସହଜରେ ବାହାର ଲୋକଙ୍କୁ ଆପଣେଇ ନେଇଥାଆନ୍ତି। ତେଣୁ ବିଜେଡି ପ୍ରାର୍ଥୀ ବା ଭାଜପା ପ୍ରାର୍ଥୀଙ୍କୁ ନିର୍ବାଚନୀ ରଣାଙ୍ଗନରେ କୌଣସି ଅସୁବିଧା ହେବ ନାହିଁ। ବବି ଦାସ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ଘୋଷିତ ହୋଇଛନ୍ତି। ଫଳରେ ଏପର୍ଯ୍ୟନ୍ତ ସେ ଠିକ୍‌ଭାବେ ଏହି ଲୋକସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ନିକଟତର ହୋଇ ପାରିନାହାନ୍ତି। ଅପରପକ୍ଷରେ ଧର୍ମେନ୍ଦ ଦେଢ଼ ବର୍ଷ ପୂର୍ବରୁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ହେବା ନେଇ ପରୋକ୍ଷ ସୂଚନା ଦେବା ସହ ବିଭିନ୍ନ ଅଞ୍ଚଳ ଗସ୍ତ କରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି। ତେଣୁ ଆଜିର ଦିନରେ ଧର୍ମେନ୍ଦ୍ରଙ୍କ ପଲା ଭାରି ମନେ ହୁଏ। ମାତ୍ର ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଭାଜପା ପାଇଁ ଅଡୁଆ ସୃଷ୍ଟି କରିବାର ଆଶଙ୍କା ରହିଛି।

**-ଭକ୍ତପ୍ରସାଦ ନନ୍ଦ, ବରିଷ୍ଠ ନାଗରିକ**

**ବାହାର ପ୍ରାର୍ଥିତ୍ୱ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇପାରେ**



ସମ୍ମାନଜନକ ସମ୍ବଲପୁର ଲୋକସଭା ଆସନରେ ବାହାର ପ୍ରାର୍ଥିତ୍ୱ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇପାରେ। ଯାହା ବିଜେଡିକୁ ପ୍ରଭାବିତ କରିବ। ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ଅବିଭକ୍ତ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଦେବଗଡ଼ ଏମ୍‌ପି ରହି ସାରିଛନ୍ତି। ଯାହାର ୪ଟି ବିଧାନସଭା କ୍ଷେତ୍ର ବର୍ତ୍ତମାନ ସମ୍ବଲପୁର ନିର୍ବାଚନମଣ୍ଡଳୀରେ ରହିଛି। ତେଣୁ ସେ ଏଠାରେ ନୂଆ ନୁହନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ବବି ଦାସ ଉପକୂଳ ଅଞ୍ଚଳ ଯାଜପୁର ଜିଲ୍ଲାରୁ ଆସିଛନ୍ତି। ଏଠାରେ ରହିଥିବା ପଶ୍ଚିମାଞ୍ଚଳ ଓ ଉପକୂଳ ବୈଷମ୍ୟ ନିର୍ବାଚନରେ ପ୍ରତିଫଳିତ ହେବା ଆଶଙ୍କା ରହିଛି।

**-ଡ. ଦିଲୀପ ପଣ୍ଡା, ଶିକ୍ଷାବିତ୍**

**ଚାଷୀଙ୍କ ବିକାଶକୁ ଗୁରୁତ୍ୱ ଦେଉଥିବା ଦଳ ଗ୍ରହଣୀୟ ହେବ**



ଯେକୌଣସି ରାଜନୈତିକ ଦଳର ହେଭିୱେଟ୍ ନେତା ସମ୍ବଲପୁର ଲୋକସଭା ଆସନ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ବରଂ ନିଜ ନିଜ ଦଳର ଆଭିମୁଖ୍ୟରୁ ଊର୍ଦ୍ଧ୍ୱକୁ ଉଠି ସମସ୍ୟା ବହୁଳ ସମ୍ବଲପୁରର ବିକାଶକୁ ତ୍ୱରାନ୍ୱିତ କରିବା ଦଳହିଁ ଏଥର ନିର୍ବାଚନରେ ବାଜିମାତ କରିବ। ସମ୍ବଲପୁର ବିଶେଷ କରି କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭରଶୀଳ। ତେଣୁ ଚାଷ ବା ଚାଷୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଦଳ ସେ ବିଜେଡି ହେଉ ବା ଭାଜପା ପ୍ରାର୍ଥୀ ଏଠାରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବେ।

**- ଅଶୋକ ପ୍ରଧାନ,ଚାଷୀନେତା**

# ମାଟିର ସ୍ୱାଭିମାନ ପାଇଁ ନିର୍ବାଚନ ଲଢ଼ିବି: ଦିଲୀପ ରାୟ

ରାଉରକେଲା,୧୦।୪(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ବିମାନବନ୍ଦରରେ ଦିଲୀପଙ୍କୁ ଭବ୍ୟ ସମ୍ବର୍ଦ୍ଧନା**



ରାଉରକେଲାରେ ଦିଲୀପ ରାୟଙ୍କୁ ସ୍ୱାଗତ କରାଯାଉଛି।

ଭାଜପାର ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍ ରାଉରକେଲା ବିଧାନସଭା ଆସନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ନେଇ ସୂଚନା ଦେବାର ୨୪ ଘଣ୍ଟା ନ ପୂରୁଣୁ ବୁଧବାର ଏହାର ବାସ୍ତବ ରୂପ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରୁ ବୁଧବାର ଅପରାହ୍ନରେ ଦିଲୀପ ନିଜ ଚାର୍ଟାର୍ଡ ଫ୍ଲାଇଟ୍‌ରେ ସ୍ତ୍ରୀ ପୂଜା ରାୟଙ୍କ ସହ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍, ହରି ରାଉତରାୟ, ସୁବ୍ରତ ପଟ୍ଟନାୟକ, ରଘୁନାଥପାଲ୍ଲୀ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତି, ପିପି ରାୟ ଓ ସୁମନ ଦତ୍ତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଦିଲୀପଙ୍କୁ ସ୍ୱାଗତ କରିଥିଲେ। ଭାଜପା କର୍ମୀ, ସମର୍ଥକ, ବଜରଙ୍ଗ ଦଳ, ଭିଏଚ୍‌ପି କର୍ମୀ, ସହରର ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନର ବ୍ୟକ୍ତିବିଶେଷ ହାତରେ ଭାଜପା ପତାକା ଓ ବଜରଙ୍ଗ ଦଳ ପତାକା ଧରି ଦିଲୀପଙ୍କ ସମର୍ଥନରେ ନାରା ଦେଇଥିଲେ। ବିଭିନ୍ନ ବାଜା ବଜାଇ, ବାଣ ଫୁଟାଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ହଜାର ହଜାର ସମର୍ଥକଙ୍କ ଗହଣରେ ଦିଲୀପ ନିଜ ହକି ଗ୍ରାମ ଆଡ଼କୁ ପଦଯାତ୍ରା କରିଥିଲେ। ଏହାପରେ ସେ ରାଉରକେଲା ସହରର ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମୋ ପ୍ରତି ରାଉରକେଲାବାସୀଙ୍କ ଥିବା ବିପୁଳ ଆସ୍ଥାର ଆଜି ପରିପ୍ରକାଶ ହୋଇଛି। ମୁଁ କୌଣସି ଭୁଲ୍ ନିଷ୍ପତ୍ତି ନେଇନି। ମାଟିର ବିକାଶ ଓ ସ୍ୱାଭିମାନ ନିମନ୍ତେ ଏଥର ନିର୍ବାଚନ ଲଢ଼ିବି। ଏନେଇ ଦିଲୀପଙ୍କ ଦୃଢ଼ ସମର୍ଥକ ସୁବ୍ରତ ପଟ୍ଟନାୟକ ଏବଂ ମିଡିଆ ପର୍ସନ ହରି ରାଉତରାୟ କହିଥିଲେ ଯେ, ଦିଲୀପଙ୍କ ପ୍ରତି ଥିବା ଅଗାଧ ଲୋକପ୍ରିୟତା ତାଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବ। ଆଗାମୀ ଦିନରେ ବିଜେଡି ଏବଂ ଅନ୍ୟ ଦଳରୁ ବହୁ ଅସନ୍ତୁଷ୍ଟ କର୍ମୀ ଦିଲୀପଙ୍କ ସମର୍ଥନରେ ସାମିଲ ହେବେ ବୋଲି କହିଥିଲେ। ୨/୩ ଦିନ ଭିତରେ ଦିଲୀପଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରାଯିବ ବୋଲି କହିଥିଲେ। ଦିଲୀପଙ୍କୁ ସ୍ୱାଗତ ଅବସରରେ ବିଜେଡିର କେତେଜଣ କର୍ମୀ ମଧ୍ୟ ରହିଥିବା ଦେଖିବାକୁ ମିଳିଥିଲା।

# ୫୯ ଜଣିଆ ପ୍ରଚାର କମିଟି ତାଲିକା ପ୍ରକାଶକଲା କଂଗ୍ରେସ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

କଂଗ୍ରେସ ବୁଧବାର ନିଜର ୫୯ ଜଣିଆ ପ୍ରଚାର କମିଟି ତାଲିକା ଘୋଷଣା କରିଛି। କମିଟିରେ ଅଧ୍ୟକ୍ଷ ଦାୟିତ୍ୱରେ ଭକ୍ତଚରଣ ଦାସ ଓ ଉପାଧ୍ୟକ୍ଷ ଭାବେ ନବଜ୍ୟୋତି ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। କମିଟିରେ ଆବାହକ ଭାବେ ସୁଧାଂଶୁ ଶେଖର ଦେଓଙ୍କୁ ନିଯୁକ୍ତ କରାଯାଇଛି। ତେବେ କଂଗ୍ରେସକୁ ଫେରିଥିବା ନେତା ଶ୍ରୀକାନ୍ତ ଜେନା ଓ ଗିରିଧର ଗମାଙ୍ଗଙ୍କୁ କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଦ୍ୱାରା ବୁଧବାର ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ପ୍ରଦେଶ କଂଗ୍ରେସର ଓଡ଼ିଶା ପାଇଁ ପ୍ରଚାର କମିଟିର ଅନ୍ୟ ସଦସ୍ୟ ଭାବେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଲେଙ୍କା, କେ.ପି. ସିଂହଦେଓ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ପଞ୍ଚାନନ କାନୁନ୍‌ଗୋ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ପଦ୍ମାକର ଗୁରୁ, କୃଷ୍ଣଚନ୍ଦ୍ର ଶଗରିଆ, ଶରତ ରାଉତ, ହମିଦ୍ ହୁସେନ, ଜଗନ୍ନାଥ ପଟ୍ଟନାୟକ, ସପ୍ତଗିରି ଉଲାକା, ହଳଧର କାର୍ଜି ପ୍ରମୁଖ ରହିଛନ୍ତି।

ପୂର୍ବତନ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବିଜୟ କୁମାର ପଟ୍ଟନାୟକଙ୍କୁ ମଧ୍ୟ ପ୍ରଚାର କମିଟିରେ ସଦସ୍ୟ ଭାବେ ତାଲିକାରେ ସ୍ଥାନ ମିଳିଛି। ବିଜୟଙ୍କୁ ଗତ ମାର୍ଚ୍ଚ ଶେଷ ସପ୍ତାହରେ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ହଟାଇ ପ୍ରଚାର ସମନ୍ୱୟ କମିଟିରେ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ତାଙ୍କୁ କେବଳ ପ୍ରଚାର କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଛି। ଏମାନଙ୍କ ବ୍ୟତୀତ ସଦନ ନାଏକ, ମନୋରଞ୍ଜନ ତ୍ରିପାଠୀ, ଜାକବ ପ୍ରଧାନ, ଲିପିକା ମାଝି, ବନ୍ଦିତା ପରିଡ଼ା, ମନୋଜ ବିଶ୍ୱାଳ, ବିଦ୍ୟୁଭୂଷଣ ମହାପାତ୍ର, ପଞ୍ଚାନନ ଦାଶ,ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିସ୍ମୟ ମହାପାତ୍ର, ରଞ୍ଜିତା ରାଉତ, ଅଜିତ୍ ଦାସ, ଗଣେଶ ସାହୁ, ସନ୍ତୋଷ ମାଣ୍ଡେଲା, ହେମନ୍ତ ପଣ୍ଡା, ତୁଷାର ରଞ୍ଜନ ପାଇଯୋଶୀ, ଅଙ୍କିତ ସିଘାଂରୀ, ମନସା ତ୍ରିପାଠୀ, ବିଷ୍ଣୁଚରଣ ବାରିକ, ଆକବର ଖାନ, ଅଶୋକ ମହାନ୍ତି, ସରୋଜ ପ୍ରଧାନ, ଦେବେନ୍ଦ୍ର ସାହୁ, ଆକାଶ ଭୂୟାଁ, ଗିରିବାଳା ବେହେରା, ସସ୍ମିତା ବେହେରା, ହରେକୃଷ୍ଣ ସାହୁ, ଗୀତାଞ୍ଜଳି ମହାନ୍ତ, ଶଶୀକାନ୍ତ ଲେଙ୍କା, ସୁଦାମ ବାରିକ, ସତ୍ୟ ନାଏକ, ଫକିରା ଜଗତ ସଦସ୍ୟ ଭାବେ ସାମିଲ ହୋଇଛନ୍ତି। ଏହି ନେତାଙ୍କ ସମେତ ପ୍ରଚାର କମିଟିରେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ଦଳର ସମସ୍ତ ବିଧାୟକ, ଓଡ଼ିଶା ପିସିସିର ସବୁ ଛାମୁଆ ସଙ୍ଗଠନର ମୁଖ୍ୟ ଏବଂ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ମଧ୍ୟ କାର୍ଯ୍ୟ କରିବାକୁ କୁହାଯାଇଛି।

# ଭାଜପାରେ ଖୋର୍ଦ୍ଧା ଜିଲାର କିଛି ବିଜେଡି ନେତା, କର୍ମୀ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ଖୋର୍ଦ୍ଧା ଜିଲା ବିଜେଡି ସାଧାରଣ ସମ୍ପାଦକ କାଳନ୍ଦି ପ୍ରଧାନ ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। କାଳନ୍ଦିଙ୍କ ସମେତ ପୁରୁଣା ସାଲିଆ ସାହି ବସ୍ତି ସଭାପତି ରମେଶ ପାତ୍ର, ଶକ୍ତି ବିହାର ଉପଦେଷ୍ଟା ସର୍ବେଶ୍ୱର ବିଶୋଇ, ଶ୍ରୀକୃଷ୍ଣନଗର ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ, ବସ୍ତି ବିକାଶ ପରିଷଦ ସଭ୍ୟ ଟୁକୁନା ମହାରଣା ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି ଯେ, ଦେଶର ଗରୀବ, ଯୁବକ, କୃଷକ ଏବଂ ମହିଳାମାନଙ୍କ ବିକାଶ ଓ କଲ୍ୟାଣ ପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ । ଓଡିଶାରେ ମୋଦିଙ୍କ ଲୋକପ୍ରିୟତା ସବୁଠୁ ଅଧିକ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଭୋ ନୁର୍ମି ଗେମ୍ସରେ ଭାଗନେବେ ନୀରଜ



ନୂଆଦିଲ୍ଲୀ,୧୦।୪(ପି.ଟି.)

ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ସମ୍ମାନଜନକ ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ। ଫିନ୍‌ଲାଣ୍ଡର ଟୁର୍କୁରେ ଏହି ଟୁର୍ନାମେଣ୍ଟ ଜୁନ୍ ୧୮ରେ ଅନୁଷ୍ଠିତ ହେବ। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ନୀରଜଙ୍କ ବ୍ୟତୀତ ଜର୍ମାନୀର ୧୯ ବର୍ଷୀୟ ସେନସେସନ ମାକ୍ସ ଦେହନିଙ୍ଗ ମଧ୍ୟ ଏଥିରେ ଅଂଶଗ୍ରହଣ କରୁଥିବା ନେଇ ଆୟୋଜକମାନେ ପ୍ରକାଶ କରିଛନ୍ତି। ନିକଟରେ ମାକ୍ସ ୯୦ ମିଟର କ୍ଲବରେ ପ୍ରବେଶ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସର ପ୍ରସ୍ତୁତି ପାଇଁ ନୀରଜ ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ।

୨୬ ବର୍ଷୀୟ ନୀରଜ ଚୋପ୍ରା ମେ' ୧୦ ତାରିଖରେ ଦୋହା ଡାଇମଣ୍ଡ ଲିଗ୍‌ରେ ନିଜର ଅଭିଯାନ ଆରମ୍ଭ କରିବେ। ଚୋପ୍ରାଙ୍କ କ୍ୟାରିୟର ଶ୍ରେଷ୍ଠ ଥ୍ରୋ ୮୯.୯୪ ମିଟର ରହିଥିବା ବେଳେ ୨୦୨୨ ସଂସ୍କରଣର ପାଭୋ ନୁର୍ମି ଗେମ୍ସରେ ସେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। କ୍ୟାରିୟରର ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ ସହ ୮୯.୩୦ ମିଟର ଥ୍ରୋ କରିଥିଲେ ନୀରଜ। ତେବେ ୨୦୨୩ରେ ଆହତ ଥିବା କାରଣରୁ ଓହରି ଯାଇଥିଲେ। ଫିନଲାଣ୍ଡର କିମ୍ବଦନ୍ତୀ ଧାବକ ପାଭୋ ନୁର୍ମିଙ୍କ ନାମରେ ନାମିତ ଏହି ଟୁର୍ନାମେଣ୍ଟ ଡାଇମଣ୍ଡ ଲିଗ୍ ପରେ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନ ନୀରଜ ଚୋପ୍ରା ଏକ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଟୁର୍ନାମେଣ୍ଟ ହେବାକୁ ଯାଉଛି ବୋଲି କହିଛନ୍ତି ଆର୍ଟୁ ସାଲୋନେନ୍। ନୀରଜଙ୍କ ବ୍ୟତୀତ ଜର୍ମାନୀର ଜୁଲିଆନ୍ ୱେବର ଓ ମାକ୍ସ ଦେହନିଙ୍ଗଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡିଛି।

୧୯ ବର୍ଷୀୟ ମାକ୍ସ ଫେବୃଆରୀ ମାସରେ ୯୦.୨୦ ମିଟର ଥ୍ରୋ କରିଥିଲେ। ତେବେ ମାର୍ଚ୍ଚରେ ତାଙ୍କର ଥ୍ରୋ ୮୦.୩୦ ମିଟର ରହିଥିଲା। ଅନ୍ୟପକ୍ଷରେ ୟୁରୋପିଆନ ଚାମ୍ପିୟନ ଜୁଲିଆନ୍ ୱେବର ଚଳିତ ସିଜନରେ ୮୮.୭୨ ମିଟରର ସର୍ବାଧିକ ଦୂରତା ହାସଲ କରିଛନ୍ତି। ୨୦୨୩ ବିଶ୍ୱ ଚାମ୍ପିୟନଶିପରେ ୱେବର ୮୯.୫୪ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ସେହିପରି ପାଭୋ ନୁର୍ମି ଗେମ୍ସରେ ନୀରଜ ୯୦ ମିଟର ଥ୍ରୋର ଲକ୍ଷ୍ୟ ରଖିଥିବା କହିଛନ୍ତି କୋଚ୍ କ୍ଲାଉସ ବାର୍ଟୋନିଏଜ୍। ଅଭ୍ୟାସରେ ନୀରଜ ୯୦.୪୦ ମିଟର ଥ୍ରୋ କରିଥିବା ନେଇ ପ୍ରକାଶ କରିଛନ୍ତି କ୍ଲାଉସ୍।

# ଗୁଜରାଟର ରୋମାଞ୍ଚକ ବିଜୟ

ଜୟପୁର, ୧୦।୪

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ବୁଧବାର ରାଜସ୍ଥାନ ରୟାଲ୍ସକୁ ୩ ଉଇକେଟରେ ହରାଇ ରୋମାଞ୍ଚକ ବିଜୟ ହାସଲ କରିଛି ଗୁଜରାଟ ଟାଇଟନ୍ସ। ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୨୦ ଓଭରରେ ୩ ଉଇକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୭ ଉଇକେଟ ହରାଇ ଅନ୍ତିମ ବଲରେ ବିଜୟ ହାସଲ କରିଥିଲା। ପଞ୍ଚମ ମ୍ୟାଚରୁ ରାଜସ୍ଥାନ ପ୍ରଥମ ପରାଜୟ ବରଣ କରିଥିବା ବେଳେ ଷଷ୍ଠ ମ୍ୟାଚ୍‌ରୁ ଗୁଜରାଟର ଏହା ତୃତୀୟ ବିଜୟ।

ବୁଧବାର ବର୍ଷା କାରଣରୁ ମ୍ୟାଚ୍ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଗୁଜରାଟ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ (୨୪) ଓ ଜୋଶ ବଟଲର(୮) ପ୍ରଥମ ଉଇକେଟରେ ୩୨ ରନ୍ ଯୋଡିଥିଲେ। ଜୟସ୍ୱାଲ ୫ ଚୌକା ସହ ୨୪ ରନ୍ କରି ଉମେଶ ଯାଦବଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବ ମ୍ୟାଚ୍‌ର ଶତକ ହାସଲକାରୀ ଜୋଶ ବଟଲର ମାତ୍ର ୮ ରନ୍ କରିଥିବା ବେଳେ ରଶିଦ୍ ଖାଁଙ୍କ ବଲରେ ଆଉଟ ହୋଇଥିଲେ। ୪୨ ରନ୍‌ରେ ଦ୍ୱିତୀୟ ଉଇକେଟର ପତନ ପରେ ସଞ୍ଜୁ ସାମସନଙ୍କ ସହ ଯୋଗ ଦେଇଥିଲେ ରିୟାନ ପରାଗ। ଉଭୟ ଖେଳାଳି ଚଳିତ ଟୁର୍ନାମେଣ୍ଟରେ ନିଜର ତୃତୀୟ ଅର୍ଦ୍ଧଶତକ ପୂରଣ କରିବା ସହ ୧୩୦ ରନ୍ ଯୋଡି ରୟାଲ୍ସକୁ ୧୯୬ ରନ୍‌ରେ ପହଞ୍ଚାଇଥିଲେ। ସାମସନ୍ ୬୮ ରନ୍‌ରେ ଶେଷ ଯାଏ ଅପରାଜିତ ରହିଥିବା ବେଳେ ପରାଗ ୭୬ ରନ୍ କରି ୧୯ତମ ଓଭରରେ ଆଉଟ ହୋଇଥିଲେ। ସାମସନ୍ ୩୮ ବଲ୍ ଖେଳି ୭ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୧୯ ତମ ଓଭରରେ ଆଉଟ ହୋଇଥିବା ପରାଗ ୪୮ ବଲ୍ ଖେଳି ୩ ଚୌକା ଓ ୫ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ଉମେଶ ଯାଦବ, ରଶିଦ୍ ଖାଁ ଓ ମୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗୁଜରାଟ ପକ୍ଷରୁ ଶୁବମନ୍ ଗିଲ୍(୭୨) ଓ ସାଇ ସୁଦର୍ଶନ(୩୫) ପ୍ରଥମ ଉଇକେଟରେ ୬୪ ରନ୍ ଯୋଡିଥିଲେ। ତେବେ ଦୁଇ ଓଭରରେ ୩ ଖେଳାଳିଙ୍କୁ ଆଉଟ କରି ଗୁଜରାଟକୁ ବ୍ୟାକ୍‌ଫୁଟରେ ରଖିଥିଲେ କୁଲଦୀପ ସେନ୍। ଗିଲ୍ ଗୋଟିଏ ପଟୁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୪୪ ବଲ୍ ଖେଳି ୭୨ ରନ୍ କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ୧୬ ତମ ଓଭରରେ ଗିଲ୍ ଆଉଟ ହେବା ସହ ମ୍ୟାଚ୍‌ରେ ରୋମାଞ୍ଚ ଭରି ଯାଇଥିଲା। ଇମ୍ପାକ୍ଟ ପ୍ଲେୟର ଶାହରୁଖ ଖାନ୍ ୧୪ ରନ୍ କରିଥିବା ବେଳେ ରାହୁଲ ଟେୱାଟିଆ ୨୨ ଓ ରଶିଦ୍ ଖାନ୍ ଅପରାଜିତ ୨୪ ରନ କରି ଦଳକୁ ବିଜୟୀ କରିଥିଲେ। ଶେଷ ୨ ଓଭରରୁ ୩୫ ରନ୍ ଆବଶ୍ୟକ ଥିବା ବେଳେ ୧୯ତମ ଓଭରରେ କୁଲଦୀପ ସେନ୍ ୨୦ ରନ୍ ଦେଇଥିଲେ। ଅନ୍ତିମ ଓଭରରେ ୧୫ ରନ୍ ଆବଶ୍ୟକ ଥିବା ବେଳେ ଅନ୍ତିମ ବଲ୍‌ରେ ଚୌକା ମାରି ବିଜୟୀ କରିଥିଲେ ରଶିଦ୍ ଖାନ୍। ରାଜସ୍ଥାନ ପକ୍ଷରୁ କୁଲଦୀପ ସେନ ୩, ୟୁଜବେନ୍ଦ୍ର ଚହଲ ୨ ଓ ଆଭେଶ ଖାନ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୬/୩ (ରିୟାନ ପରାଗ-୭୬, ସଞ୍ଜୁ ସାମସନ୍-୬୮, ଯଶସ୍ୱୀ ଜୟସ୍ୱାଲ-୨୪, ରଶିଦ୍ ଖାଁ-୧/୧୮, ଉମେଶ ଯାଦବ-୧/୪୭, ମୋହିତ ଶର୍ମା-୧/୫୧)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୯/୭ ( ଶୁବମନ ଗିଲ୍-୭୨, ସାଇ ସୁଦର୍ଶନ-୩୫, ରାହୁଲ ଟେୱାଟିଆ-୨୨, କୁଲଦୀପ ସେନ୍-୩/୪୧, ୟୁଜବେନ୍ଦ୍ର ଚହଲ-୨/୪୩, ଆଭେଶ୍ ଖାନ୍-୧/୪୮।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ବେଙ୍ଗାଲୁରୁ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶତକୀୟ ଭାଗୀଦାରି ଅବସରରେ ସଞ୍ଜୁ ସାମ୍‌ସନ୍ ଓ ରିୟାନ ପରାଗ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | -୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

# ପି.ଭି. ସିନ୍ଧୁ ବିଜୟୀ

**ନିଙ୍ଗବୋ, ୧୦।୪ (ପି.ଟି.):** ଚାଇନାରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଭାରତୀୟ ଖେଳାଳି ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ସିଡେଡ୍ ଖେଳାଳିଙ୍କ ମଧ୍ୟରେ କେବଳ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଥିବା ବେଳେ ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟ ପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ଓ ଓଡ଼ିଆ ଭଉଣୀ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସିନ୍ଧୁ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ୧୮-୨୧, ୨୧-୧୪ ଓ ୨୧-୧୯ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ସହଜ ବିଜୟ ହାସଲ କରିବା ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିଲେ ସିନ୍ଧୁ।

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ସେନ୍ ମାତ୍ର ୫୩ ମିନିଟ ସମୟରେ ଟପ୍ ସିଡ୍ ଶି ୟୁ କିଙ୍କ ଠାରୁ ପରାଜିତ ହୋଇଥିଲେ। ୧୯-୨୧ ଓ ୧୫-୨୧ରେ ଲକ୍ଷ୍ୟ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଖେଳାଳି ପ୍ରିୟାଂଶୁ ରଜାୱତ ମାଲେସିଆର ଲି ଜି ଜିଆଙ୍କ ଠାରୁ ୯-୨୧, ୧୩-୨୧ ସେଟରେ ପରାଜିତ ହୋଇଥିଲେ। ଏହି ମ୍ୟାଚଟି ମାତ୍ର ୩୯ ମିନିଟ ଧରି ଚାଲିଥିଲା। କିଡାମ୍ବି ଶ୍ରୀକାନ୍ତ ୧୪-୨୧, ଓ ୧୩-୨୧ ସେଟରେ ଇଣ୍ଡୋନେସିଆର ଆଣ୍ଟୋନୀ ଗିଣ୍ଟିଙ୍ଗଙ୍କ ଠାରୁ ପରାଜିତ ହୋଇଥିଲେ।

ମହିଳା ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ ମାଲବିକା ବନ୍ସୋଡ ଓ ଆକର୍ଷୀ କଶ୍ୟପ ମଧ୍ୟ ପରାଜିତ ହୋଇଥିଲେ। ମାଲବିକା ୨୧-୧୮ ଓ ୨୧-୧୯ ସେଟରେ କୋରିଆର ସିମ୍ ୟୁ ଜିନ୍‌ଙ୍କ ନିକଟରୁ ହାରି ଯାଇଥିଲେ। ଆକର୍ଷୀ କଶ୍ୟପ ୨୧-୧୦, ୨୧-୧୧ ସେଟରେ ଥାଇଲାଣ୍ଡର ବୁସାନନ ଓଙ୍ଗବାମରୁଙ୍ଗଫାନଙ୍କ ନିକଟରୁ ପରାଜିତ ହୋଇଥିଲେ। ମହିଳା ଡବଲ୍ସରେ ଭାରତୀୟ ଖେଳାଳିଙ୍କ ପାଇଁ ନିରାଶାଜନକ ରହିଥିଲା। ଭାରତର ଏକ ନମ୍ବର ଯୋଡି ତ୍ରିସା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ଚାଇନାର ଟାନ୍ ନିଙ୍ଗ ଓ ଏସ୍ ଲିୟୁଙ୍କ ଠାରୁ ୨୧-୨ ଓ ୨୧-୧୧ ସେଟରେ ପରାଜିତ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରୁ ମେନ୍ ଇଭେଣ୍ଟରେ ସାମିଲ ହୋଇଥିବା ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଝାଙ୍ଗ ସୁ ଜିଆନ୍- ଝେଙ୍ଗ ୱୁଙ୍କ ଠାରୁ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ୮-୨୧ ଓ ୧୩-୨୧ ସେଟରେ ପରାଜିତ ହୋଇଥିଲେ।


**Classified Everyday**
0674-2580101, 2549949



REAL ESTATE

**SALE**

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact- 8658992600.** D-039

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା)ରେ ଘରବାଡ଼ି **East Facing single plot possession** ଥାଇ ବିକ୍ରି କରିବି । ମୂଲ୍ୟ- **23,60,000/-. Contact- 6370469894.** D-75942

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75727

**Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721.** D-063



Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Relax, refresh your body, mind by expert therapist. Contact- 9938843929. D-76112

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରତ୍ନପ୍ରଭା ଦେବୀ**
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୦୫୫

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ ସଦାଶିବ ପ୍ରଧାନ**
ନୀଳଚକ୍ର ନଗର, ପୁରୀ
ଆବିର୍ଭାବ- ୨୫।୦୪।୧୯୪୨
ତିରୋଧାନ- ୧୮।୦୩।୨୦୧୦
ଚୈତ୍ର ଶୁକ୍ଳ ତୃତୀୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ: ଝିଅ- ମଞ୍ଜୁ, ମମତା, ଜ୍ୱାଇଁ- କାହ୍ନୁ, ରାଜା, ନାତି- ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ।**
ଧ-୬୯୧୦୦

1st Death Anniversary
**In Treasured Memory of**



NARENDRAPRASADDAS
**18.10.1936 to 11.04.2023**
"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…
**Fondly Remembered by:**
**Arihant, Abhijat, Nirali, Biswajit (Tutu), Mani, Niyati, Family & Friends.**
ଧ-୨୮୬୬

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ପ୍ଲେ ଅଫ୍‌ରେ ଚେନ୍ନାଇନ୍ ଏଫ୍‌ସି

ନୂଆଦିଲ୍ଲୀ, ୧୦।୪ (ପି.ଟି.)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ)ରେ ବୁଧବାର ଇଷ୍ଟବେଙ୍ଗଲକୁ ୪-୧ ଗୋଲରେ ପରାସ୍ତ କରିଛି ପଞ୍ଜାବ ଏଫ୍‌ସି। ଏହି ପରାଜୟ ସହ ଇଷ୍ଟବେଙ୍ଗଲର ପ୍ଲେ ଅଫ୍ ଆଶା ମଉଳି ଯାଇଥିବା ବେଳେ ଅନ୍ତିମ ଦଳ ଭାବରେ ଚେନ୍ନାଇନ ସ୍ଥାନ ସୁରକ୍ଷିତ କର ନେଇଛି। ଚେନ୍ନାଇନ୍ ୨୧ ମ୍ୟାଚ୍ ଖେଳି ୨୭ ପଏଣ୍ଟ ପାଇଥିବା ବେଳେ ଆଉ କୌଣସି ଦଳ ୨୭ ପଏଣ୍ଟରେ ପହଞ୍ଚିବାର ସମ୍ଭାବନା ଶେଷ ହୋଇଛି। ତେଣୁ ଗୋଟିଏ ମ୍ୟାଚ୍ ବାକି ଥାଇ ଅନ୍ତିମ ଦଳ ଭାବରେ ପ୍ଲେ ଅଫ୍‌ରେ ସାମିଲ ହୋଇଛି ଚେନ୍ନାଇନ୍। ବୁଧବାର ଜବାହାର ଲାଲ ନେହେରୁ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ୱିଲମାର ଜୋର୍ଡାନ ଗିଲ୍ ୧୯ ଓ ୬୨ ମିନିଟରେ ଡବଲ୍ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଦିହ ଟଲାଲ(୪୩ ମିନିଟ) ଓ ଲୁକା ମାଜସେନ୍(୭୦) ଗୋଲ ସ୍କୋର କରିଥିଲେ। ସୁପର କପ୍ ଚାମ୍ପିୟନ ଇଷ୍ଟବେଙ୍ଗଲ ପକ୍ଷରୁ ୨୫ ତମ ମିନିଟରେ ସାୟନ ବାନାର୍ଜୀ ଏକମାତ୍ର ଗୋଲ ଦେଇଥିଲେ। ଇଷ୍ଟବେଙ୍ଗଲ ପାଇଁ କର ବା ମର ପରସ୍ଥିତି ରହିଥିବା ବେଳେ ପଞ୍ଜାବ ଏଫ୍‌ସି କିନ୍ତୁ ଆରମ୍ଭରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ୧୯ ତମ ମିନିଟରେ ଟେକଚାମ ସିଂଙ୍କ ଆସିଷ୍ଟରୁ ୱିଲମାର ଜୋର୍ଡାନ ପ୍ରଥମ ଗୋଲ ଦେଇଥିଲେ। ତେବେ ଏହାର ୬ ମିନିଟ ମଧ୍ୟରେ ସାୟନ ବାନାର୍ଜୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୪୩ ତମ ମିନିଟରେ କିପଗେନ୍ ଆସିଷ୍ଟ କରିଥିବା ବେଳେ ମାଦିହ ଟଲାଲ ସ୍କୋର କରି ଦଳକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୨ ତମ ମିନିଟରେ ଫରୱାର୍ଡ ଖେଳାଳି ମାଦିହ ଟଲାଲଙ୍କ ଆସିଷ୍ଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ୱିଲମାର। ଏହାର ୮ ମିନିଟ ପରେ ମାଦିହ ଟଲାଲ ଆଉ ଏକ ଗୋଲରେ ଆସିଷ୍ଟ କରିଥିଲେ। ଲୁକା ମାଜସେନ୍ ସ୍କୋର କରିବା ସହ ଦଳ ୪-୧ରେ ବିଜୟୀ ହୋଇଥିଲା। ଇଷ୍ଟବେଙ୍ଗଲ ୨୨ ମ୍ୟାଚ୍‌ରୁ ୨୪ ପଏଣ୍ଟ ସହ ସପ୍ତମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପଞ୍ଜାବ ଏଫ୍‌ସି ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛୁଆ ରହି ଅଷ୍ଟମରେ ରହିଛି। ଚେନ୍ନାଇନ୍ ଏହାର ଅନ୍ତିମ ମ୍ୟାଚ୍‌ରେ ଏଫ୍‌ସି ଗୋଆକୁ ଭେଟିବ।

**ଆଇଏସ୍‌ଏଲ୍: ଇଷ୍ଟବେଙ୍ଗଲକୁ ହରାଇଲା ପଞ୍ଜାବ**



ଗୋଲ ଦେବାପରେ ସାଥି ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ପଞ୍ଜାବ ଏଫ୍‌ସିର ୱିଲମାର ଜୋର୍ଡାନ (ଡାହାଣ)।

# ଭାଗ୍ୟବତୀ ବାଣୀ


ବାଣୀ

ବାଣୀ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'ରୁ। ଇତିମଧ୍ୟରେ ସେ ତାଙ୍କ ବଡ଼ ପରଦା କ୍ୟାରିୟରର ନବମ ବର୍ଷ ପୂରଣ କରିଛନ୍ତି। ହେଲେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୭ଟି। କିନ୍ତୁ ଏବେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ଚଳିତବର୍ଷ ତାଙ୍କ ଅଭିନୀତ ଦୁଇଟି ସିନେମା–'ଖେଲ୍ ଖେଲ୍ ମେଁ' ଏବଂ 'ରେଡ୍–୨' ରିଲିଜ୍ ହେବ। ତା'ସହ ଦୁଇଟି ନୂଆ ଅଫର ମଧ୍ୟ ହାତରେ ରହିଛି। ଆଉ ଏହାର ସମସ୍ତ ଶ୍ରେୟ ସେ ନିଜ ଭାଗ୍ୟକୁ ହିଁ ଦେଇଛନ୍ତି। ନିଜର କ୍ୟାରିୟର ସମ୍ପର୍କରେ ବାଣୀ କହନ୍ତି, ''ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ' ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମତୃପ୍ତି ଦେଇଛି।'' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ' ଏବଂ 'ସମସେରା'। ତେବେ ଆଗକୁ ତାଙ୍କ ଅଭିନୀତ ସିନେମା ନିଜ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# କୁଲ୍ କୁଲ୍ ଜ୍ୟାକ୍‌ଲିନ୍


ଜ୍ୟାକ୍‌ଲିନ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ୨୦୦୯ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆଉ ତାଙ୍କ ଅଭିନୀତ ପ୍ରଥମ ସିନେମାର ନାମ ଥିଲା 'ଆଲ୍ଲାଦିନ୍'। ଏହାର ନିର୍ଦ୍ଦେଶକ ସୁଜୟ ଘୋଷ ଯେତେବେଳେ ତାଙ୍କୁ ଏ ନେଇ ଯୋଗାଯୋଗ କଲେ, ସେତେବେଳେ ସେ ଖୁସିରେ ଉଚ୍ଛୁଳି ଉଠିଥିଲେ। କାରଣ ମଡେଲିଂ କରିବାକୁ ସେ ମୁମ୍ବାଇ ଆସିଥିଲେ। ସେ କେବେ ବିଶ୍ୱାସ କରି ନ ଥିଲେ ଯେ ତାଙ୍କୁ ଦିନେ ନା ଦିନେ ବଲିଉଡ୍‌ରେ ଫିଲ୍ମ କରିବାକୁ ଅଫର ମିଳିବ। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, ''ଯେତେବେଳେ ମୋତେ ସୁଜୟ ସାର୍ ଆକ୍ଟିଂ ପାଇଁ ଅଫର ଦେଲେ, ସେତେବେଳେ ତାହାକୁ ବିଶ୍ୱାସ କରିପାରି ନ ଥିଲି। ପୁଣି ଏହି ଫିଲ୍ମର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ସଞ୍ଜୟ ଦତ୍ତଙ୍କ ପରି ଅଭିନେତା ଥାଆନ୍ତି। ଏଥିରେ ମୋତେ ରିତେଶ ଦେଶମୁଖଙ୍କ ଅପୋଜିଟ୍‌ରେ କାଷ୍ଟିଂ କରାଯାଇଥିଲା। ଶୁଟିଂ ସେଟ୍‌ରେ ଅମିତାଭ ସାର୍ ମୋତେ ଅଭିନୟ ବିଷୟରେ ଯେଉଁ କେଇ ପଦ ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହେଲା। ଦର୍ଶକଙ୍କ ଭଲ ପାଇବା ପାଇଁ ମୁଁ ଏ ପର୍ଯ୍ୟନ୍ତ ବଲିଉଡ୍‌ରେ ତିଷ୍ଠି ରହିଛି।''

# ପୂଜାଙ୍କ ଗଡ୍‌ଫାଦର

ଅଭିନୟ ରାସ୍ତା ବେଶ୍ ଖସଡ଼ା। ଏଥିରେ ସତର୍କତାର ସହ ପାଦ ନ ପକାଇଲେ ଅସୁବିଧାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ କଳାକାର ନିଜର ଗଡ୍‌ଫାଦରଙ୍କ ଉପରେ ଭରସା କରିଥାଆନ୍ତି। ହେଲେ ପୂଜା ହେଗ୍‌ଡେ ସେଥିରୁ ଟିକେ ନିଆରା। ସେ କୌଣସି କଳାକାରଙ୍କୁ ନିଜର ଗଡ୍‌ଫାଦର ଭାବରେ ଗ୍ରହଣ କରିନାହାନ୍ତି। ଏହି ଆସନରେ ସେ କାହାକୁ ବସାଇଛନ୍ତି ଜାଣନ୍ତି? ଭଗବାନ୍‌ଙ୍କୁ। ଏ ନେଇ ସେ କହନ୍ତି, ''ଭଗବାନ୍‌ଙ୍କ କୃପା ବିନା କିଛି ସମ୍ଭବ ନୁହେଁ। ଆମେ କୌଣସି କାମ ଆରମ୍ଭ କଲେ ପ୍ରଥମେ ଭଗବାନ୍‌ଙ୍କୁ ସ୍ମରଣ କରିଥାଉ। ତାଙ୍କର ଆଶୀର୍ବାଦ ଯୋଗୁ ଆଜି ମୁଁ ଅଭିନୟ ଦୁନିଆରେ ତିଷ୍ଠି ରହିଛି। ତାଙ୍କ ଉପରେ ମୋର ଅଖଣ୍ଡ ବିଶ୍ୱାସ ରହିଛି। ମୁଁ ସବୁବେଳେ ମୋ କର୍ମ ଉପରେ ଭରସା ରଖିଥାଏ। କାରଣ ଯଦି ଜଣେ ମନପ୍ରାଣ ଦେଇ କାମ କରେ, ତେବେ ସଫଳତା ପାଇବା ଆଶା ଅଧିକ ଥାଏ। ଅଭିନୟ କ୍ୟାରିୟରରେ ଅନେକ ଉତ୍‌ଥାନ ପତନର ମୁଁ ସମ୍ମୁଖୀନ ହୋଇଛି। ହେଲେ କଦାପି ଭାଙ୍ଗି ପଡିନାହିଁ।'' କର୍ନାଟକର ମାଙ୍ଗାଲୁରୁରେ ଜନ୍ମିତା ପୂଜା ଦକ୍ଷିଣ ଭାରତୀୟ ସିନେମାର ନାମୀ ଅଭିନେତାଙ୍କ ସହ ଅଭିନୟ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଜୟ (ମାଷ୍ଟର), ପ୍ରଭାସ (ରାଧେଶ୍ୟାମ) ଏବଂ ଚିରଞ୍ଜୀବୀ–ରାମଚରଣ (ଆଚାର୍ଯ୍ୟ)।


ପୂଜା

# ଫ୍ୟାଙ୍କୁ ଅପେକ୍ଷା


ବାବୁସାନ୍

ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ବାବୁସାନ୍ ଏବର୍ଷ ରଜରେ ପୁଣି ଥରେ ବଡ଼ ପରଦାକୁ ଆସୁଛନ୍ତି। ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ 'ଦମନ' ସୁପରହିଟ୍ ସାବ୍ୟସ୍ତ ହେବା ପରେ ସେ ଏକ ନୂଆ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା ସିନେମା 'ପାବାର : କିଛି ସତ୍ୟ ଘଟଣାରୁ ଅନୁପ୍ରାଣିତ'ରେ ଅଭିନୟ କରୁଛନ୍ତି। କିଛି ସତ କଥାକୁ ନେଇ ଏହାର କାହାଣୀ ଗତିଶୀଳ। ସେପଟେ ଏହି ଫିଲ୍ମରେ ପୁଣି ଥରେ ଏକାଠି ହୋଇଛନ୍ତି ନିର୍ଦ୍ଦେଶକ ଅଶୋକ ପତି ଏବଂ ବାବୁସାନ୍। ଏହାପୂର୍ବରୁ ଏହି ଯୋଡ଼ିକୁ ନେଇ ପ୍ରସ୍ତୁତ ବେଶ୍ କେତୋଟି ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହି ନୂଆ ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ତୃପ୍ତି ଶତପଥୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ଦର୍ଶକ ବାବୁସାନ୍‌ଙ୍କୁ ଏକ ଦମ୍‌ଦାର ଏବଂ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା ସାମନ୍ତରାୟ। ତେବେ ଫିଲ୍ମଟିରେ କି ମସଲା ଅଛି ତାହା ଜାଣିବାକୁ ବାକି ରହିଲା।

# ନୂଆ ଅବତାର

ବବି ମିଶ୍ରଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଓଡ଼ିଆ ସିନେମା 'ଜୟ ଶ୍ରୀରାମ'ରୁ। ଏଥିରେ ସେ ନାୟକ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଏହା ପୂର୍ବରୁ ସେ ଆଲ୍‌ବମ୍ ଜଗତରେ ସାଉଁଟି ସାରିଥିଲେ ଅନେକ ପ୍ରଶଂସା। ଆଉ ଏବେ ଏକ ଭିନ୍ନ ଧରଣର ଭୂମିକାରେ ସେ ଦର୍ଶକଙ୍କ ସାମ୍‌ନାକୁ ଆସିବାକୁ ଯାଉଛନ୍ତି। ଫିଲ୍ମଟି ହେଲା 'ଶ୍ରୀମାନ ଶ୍ରୀଯୁକ୍ତ'। ଏହାର କାହାଣୀରେ ଫ୍ୟାମିଲି ଡ୍ରାମା ସହ କମେଡି ଭରି ରହିଛି। ଏଥିରେ ବବି ମିଶ୍ରଙ୍କ ନାୟିକା ସାଜିଛନ୍ତି ଲିପ୍ସା ମହାରଣା। ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଣୟ ଜେଠୀ। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ନିରଞ୍ଜନ ବେହେରା। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଶିରିଡି ସାଇ ବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି।


ଲିପ୍ସା–ବବି

# ଏକାଥରେ ହ୍ୟାଟ୍ରିକ୍

ଜାହ୍ନବୀ କପୁରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। କେତେବେଳେ କେମିତି ଚର୍ଚ୍ଚାରେ ରହିବାକୁ ହୁଏ, ତାହାର କାଇଦା ତାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି ଚଳିତବର୍ଷ ତାଙ୍କ କ୍ୟାରିୟରରେ ନୂଆ ମୋଡ଼ ଆସିବ ବୋଲି ସେ କେମିତି କହି ବୁଲୁଛନ୍ତି। ଚଳିତବର୍ଷ ତାଙ୍କ ଅଭିନୀତ ତିନୋଟି ସିନେମା ପରଦା ଉପରକୁ ଆସିବାର ଯୋଜନା ରହିଛି। ସେଗୁଡ଼ିକ ହେଲା 'ମିଷ୍ଟର ଆଣ୍ଡ ମିସେସ୍ ମାହି', 'ଉଲ୍‌ଝା' ଏବଂ ତେଲୁଗୁ ଫିଲ୍ମ 'ଦୋବାରା–ପାର୍ଟ–୧'। ଏହି ଆକ୍ସନ–ଡ୍ରାମାଭିତ୍ତିକ ତେଲୁଗୁ ଫିଲ୍ମରେ ଏନ୍‌ଟିଆର ଜୁନିୟରଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ ମଧ୍ୟ ଅଭିନୟ କରିଛନ୍ତି। ପୁଣି ଫିଲ୍ମଟି ଏବର୍ଷ ଅକ୍ଟୋବର ୧୦ରେ ମୁକ୍ତିଲାଭ କରିବାକୁ ଯାଉଛି। ନିକଟରେ ସେ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏଥିରେ ତାଙ୍କର କେତେ ଜଣ ଅନ୍ତରଙ୍ଗ ବନ୍ଧୁ ଏବଂ ଫିଲ୍ମଜଗତ ସହ ଜଡ଼ିତ କେତେକ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ହେଲେ ସେ କ'ଣ ପାଇଁ ଏଭଳି ପାର୍ଟି ରଖିଛନ୍ତି, ସେ ବିଷୟରେ କିଛି ସୂଚନା ଦେଇ ନ ଥିଲେ। ପାର୍ଟି ସମୟରେ ଜାହ୍ନବୀ ନିଜ କ୍ୟାରିୟର ବିଷୟରେ ସୂଚନା ଦେବା ଅବସରରେ ସେହି ରହସ୍ୟକୁ ଉନ୍ମୋଚନ କରିଥିଲେ। ଏ ନେଇ ସେ କହନ୍ତି, ''ଏଭଳି ପାର୍ଟି ଆୟୋଜନ ପଛରେ ସେଭଳି କିଛି ସ୍ପେଶାଲ ଉଦ୍ଦେଶ୍ୟ ନ ଥିଲା। ମୋର ଏ ବର୍ଷ ତିନୋଟି ସିନେମା ରିଲିଜ୍ ହେବ। ଆଉ ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ଭଲ ବିଜ୍‌ନେସ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।''


ଜାହ୍ନବୀ

# କେବଳ ଚକୋଲେଟ୍

କ୍ରିତି ସାନନ ଯେତେବେଳେ ବାହାରକୁ ଯାଆନ୍ତି, ଗୋଟିଏ କଥାକୁ ଆଦୌ ଭୁଲି ନ ଥା'ନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥା'ନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି? ଚକୋଲେଟ୍। ସେ ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ କ୍ରିତି କହନ୍ତି, ''ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ।'' ଏହାବ୍ୟତୀତ ଅବସର ସମୟରେ ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଭଲପାଆନ୍ତି। କ୍ରିତିଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୪ରୁ। ଏହି ବର୍ଷ ସେ ପ୍ରଥମେ ଏକ ତେଲୁଗୁ ଫିଲ୍ମ (ନିନୋକାଡିନେ) ଏବଂ ପରେ ହିନ୍ଦୀ ସିନେମା 'ହେରୋପନ୍ତି'ରେ ଅଭିନୟ କରିଥିଲେ। ଚଳିତବର୍ଷ ମାର୍ଚ୍ଚରେ ତାଙ୍କ ଅଭିନୀତ 'କ୍ରିୟୁ' ରିଲିଜ୍ ହୋଇ ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ୍ କରିଥିଲା।


କ୍ରିତି

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୧/୨୦୨୪ Bhubaneswar, Thursday, April 11/ 2024

# ଆବାସୋଭଙ୍କୁ ହରାଇ ଗୁକେଶ ଯୁଗ୍ମ ଅଗ୍ରଣୀ

**ଟରଣ୍ଟୋ, ୧୦।୪ (ପି.ଟି.)**

ଏଠାରେ ଚାଲିଥିବା ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍‌ର ୫ମ ରାଉଣ୍ଡ ଶେଷରେ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଏକମାତ୍ର ଭାରତୀୟ ଭାବେ ୫ମ ରାଉଣ୍ଡରେ ବିଜୟୀ ହୋଇଥିବା ଗୁକେଶ ରୁଷିଆର ଇଆନ ନେପୋମନିଆଚିଙ୍କ ସମକକ୍ଷ ପଏଣ୍ଟ ପାଇଛନ୍ତି। ବୁଧବାର କଡ଼ା ମୁକାବିଲାରେ

## କ୍ୟାଣ୍ଡିଡେଟ୍ସ ଚେସ୍

ସେ ଆଜରବୈଜାନର ନିଜତ ଆବାସୋଭଙ୍କୁ ପରାସ୍ତ କରିଛନ୍ତି। ଡବଲ ରାଉଣ୍ଡ-ରବିନ ଇଭେଣ୍ଟରେ ଆହୁରି ୯ ରାଉଣ୍ଡ ଖେଳ ବାକିଥିବାବେଳେ ୧୭ ବର୍ଷୀୟ ଗୁକେଶ ଓ ନେପୋମନିଆଚି ୩.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି। ଆମେରିକାର ଫାବିଓ କାରୁଆନା ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟତମ ବିଜେତା ଆମେରିକାର ହିକାରୁ ନାକାମୁରା ଫ୍ରାନ୍ସର ଫିରୋଉଜା ଆଲିରେଜାଙ୍କୁ ହରାଇଥିବାବେଳେ ଭାରତର ଆର. ପ୍ରଜ୍ଞାନନ୍ଦ ଓ



ବିଜୟ ହାସଲ ପରେ ଆଜରବୈଜାନର ନିଜତ ଆବାସୋଭଙ୍କ ସହ କରମର୍ଦ୍ଦନ କରୁଛନ୍ତି ଭାରତର ଡି. ଗୁକେଶ (ବାମ)।

ନେପୋମନିଆଚିଙ୍କ ମଧ୍ୟରେ ମ୍ୟାଚ ଡ୍ର ରହିଛି। ଅନ୍ୟତମ ଭାରତୀୟ ଭିଦିଥ ଗୁଜୁରାଠୀ ମଧ୍ୟ କରୁଆନାଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ପ୍ରଜ୍ଞାନନ୍ଦ ଓ ନାକାମୁରା ୨.୫ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ୪ର୍ଥ ସ୍ଥାନରେ ରହିଛନ୍ତି ଏବଂ ଗୁଜରାଠୀ ୨ ପଏଣ୍ଟ ସହିତ ପରବର୍ତ୍ତୀ ସ୍ଥାନ ଅଧିକାର କରିଛନ୍ତି। ଆଲିରେଜା ଓ ଆବାସୋଭ ୧.୫ ପଏଣ୍ଟ ସହିତ ଶେଷ ସ୍ଥାନରେ ରହିଛନ୍ତି।

ମହିଳା ବିଭାଗରେ ଷ୍ଟାଣ୍ଡିଂରେ କୌଣସି ପରିବର୍ତ୍ତନ ହୋଇନାହିଁ। କାରଣ ସମସ୍ତ ୪ଟି ଯାକ ମ୍ୟାଚ ଡ୍ର'ରେ ଶେଷ ହୋଇଛି। ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର. ବୈଶାଳୀ ୟୁକ୍ରେନର ଆନା ମୁଜିଚୁକ୍‌ଙ୍କ ରକ୍ଷଣାତ୍ମକ କୌଶଳକୁ ପ୍ରତିହତ କରିପାରି ନ ଥିବାବେଳେ କେନେରୁ ହମ୍ପି ସଫଳ ପ୍ରତ୍ୟାବର୍ତ୍ତନ କରି ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚକିନାଙ୍କ ସହ ପଏଣ୍ଟ ଭାଗ କରିଥିଲେ। ଟୁର୍ନାମେଣ୍ଟ ଲିଡର ଚାଇନାର ଝୋଙ୍ଗୟି ଟାନ୍ କ୍ରମାଗତ ଉନ୍ନତ ପ୍ରଦର୍ଶନ କରି ଆସୁଥିବା ବୁଲଗେରିଆର ନୁର୍ଗିଉଲ ସାଲିମୋଭାଙ୍କ ସହ ଏବଂ ରୁଷିଆର କାଟେରିନା ଲଗ୍ନୋ ଚାଇନାର ଟିଙ୍ଗଜି ଲିଙ୍କ ସହ ମ୍ୟାଚ ଡ୍ର ରଖିଛନ୍ତି। ୫ ରାଉଣ୍ଡ ଶେଷରେ ଟାନ୍ ୩.୫ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ଗୋର୍ୟାଚକିନା ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

# ଭେନ୍ୟୁ ତାଲିକାରେ ୱାଣ୍ଡରର୍ସ, କିଙ୍ଗ୍ସମିଡ୍, ନ୍ୟୁଲାଣ୍ଡ୍ସ

**ଜୋହାନ୍ସବର୍ଗ, ୧୦।୪(ପି.ଟି.)**

## ୨୦୨୭ ଦିନିକିଆ କ୍ରିକେଟ ବିଶ୍ୱକପ୍




୨୦୨୭ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାର ୮ ଭେନ୍ୟୁ ମଧ୍ୟରେ ଜୋହାନ୍ସବର୍ଗର ୱାଣ୍ଡରର୍ସ, ଡର୍ବାନର କିଙ୍ଗ୍ସମିଡ୍ ଓ କେପ୍‌ଟାଉନର ନ୍ୟୁଲାଣ୍ଡ୍ସ ସ୍ଥାନ ପାଇଛି। ବୁଧବାର ନ୍ୟୁଜ୍୨୪ ରିପୋର୍ଟରୁ ଏହା ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାର ମିଳିତ ଆନୁକୂଲ୍ୟରେ ୨୦୨୭ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ହୋଟେଲ ରୁମ୍ ଏବଂ ବିମାନବନ୍ଦରକୁ ଦୃଷ୍ଟିରେ ରଖି ଭେନ୍ୟୁ ଚୟନ କରାଯାଉଛି ବୋଲି କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋଲେସି ମୋସେକି ପ୍ରକାଶ କରିଛନ୍ତି। ତାଙ୍କ ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକାରେ ଥିବା ୧୧ ଆଇସିସି ଆକ୍ରିଡେଟେଡ ଭେନ୍ୟୁ ମଧ୍ୟରୁ ମେନୋନି, ଜେବି ମାର୍କ୍ସ ଓଭାଲ ଓ ଡାଇମଣ୍ଡ ଓଭାଲକୁ ବାଦ୍ ଦିଆଯାଇଛି। ୱାଣ୍ଡରର୍ସ, ପ୍ରିଟୋରିଆସ୍ଥିତ ସେଞ୍ଚୁରିଅନ ପାର୍କ, କିଙ୍ଗ୍ସମିଡ୍, ଜିକ୍ବେବେରାର ସେଣ୍ଟ ଜର୍ଜ୍ସ ପାର୍କ, ପର୍ଲର ବୋଲାଣ୍ଡ ପାର୍କ, ନ୍ୟୁଲାଣ୍ଡ୍ସ, ବ୍ଲୋଏମଫୋଣ୍ଟେନର ମାଙ୍ଗାଉଙ୍ଗ ଓଭାଲ ଓ ଇଷ୍ଟ ଲଣ୍ଡନର ବୁଫାଲୋ ପାର୍କରେ ମ୍ୟାଚ ହେବାନେଇ କାର୍ଯ୍ୟସୂଚୀ ରହିଛି। ଟୁର୍ନାମେଣ୍ଟର ସହକାରୀ ଆୟୋଜକ ଦେଶ ଜିମ୍ବାୱେ ଓ ନାମିବ୍ୟାରେ ଅନ୍ୟ ମ୍ୟାଚଗୁଡ଼ିକ ଖେଳାଯିବ।

ଆୟୋଜକ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମାତ୍ର ନାମିବ୍ୟାକୁ ଆଫ୍ରିକାନ୍ କ୍ୱାଲିଫାୟର ମଧ୍ୟଦେଇ ଯିବାକୁ ହେବ। ଆଇସିସି ର୍ୟାଙ୍କିଙ୍ଗର ଶୀର୍ଷ ୮ ର୍ୟାଙ୍କପ୍ରାପ୍ତ ଦଳକୁ ସିଧାସଳଖ ଯୋଗ୍ୟତା ମିଳିଛି। ଅନ୍ୟ ୪ଟି ଦଳ ବିଶ୍ୱର ବିଭିନ୍ନ ସ୍ଥାନରେ ହେବାକୁଥିବା କ୍ୱାଲିଫାୟର ଟୁର୍ନାମେଣ୍ଟ ମଧ୍ୟଦେଇ ଆସିବେ। ଅଂଶଗ୍ରହଣକାରୀ ୧୪ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ୨୦୦୩ ବିଶ୍ୱକପ୍ ପରି ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ। ଲିଗ୍ ମ୍ୟାଚ ପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ସୁପର ସିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଶେଷରେ ଶ୍ରେଷ୍ଠ ୪ ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

# ଟ୍ରାକ୍ ଆଣ୍ଡ ଫିଲ୍ଡ ସ୍ୱର୍ଣ୍ଣ ବିଜେତାଙ୍କୁ ୪୧ ଲକ୍ଷ ପୁରସ୍କାର

**ମୋନାକୋ, ୧୦।୪(ପି.ଟି.)**

## ପ୍ୟାରିସ ଅଲିମ୍ପିକ୍ସ




ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟଙ୍କୁ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ମିଳିବ। ବୁଧବାର ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଏହି ବଡ ଘୋଷଣା କରାଯାଇଛି। ଆସନ୍ତା ପ୍ୟାରିସ୍ ଗେମ୍ସରୁ ଏହା ଲାଗୁ ହେବ। ଫଳରେ ସ୍ୱର୍ଣ୍ଣ ବିଜେତା ଖେଳାଳିଙ୍କୁ ୫୦ ହଜାର ଡଲାର ବା ଭାରତୀୟ ମୁଦ୍ରାରେ ୪୧ ଲକ୍ଷ ୬୦ ହଜାର ଟଙ୍କା ମିଳିବ। ଏହା ସହ ୨୦୨୮ ଲସ୍‌ଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଁ ପୁରସ୍କାର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଭାରତର ଶ୍ରେଷ୍ଠ ପଦକ ସମ୍ଭାବନା। ଟୋକିଓ ୨୦୨୦ରେ ନୀରଜ ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଘୋଷଣା ସହ ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଶ୍ୱର ପ୍ରଥମ ଅନ୍ତର୍ଜାତୀୟ ଫେଡେରେଶନ ଭାବରେ ଆଥ୍‌ଲେଟଙ୍କ ପାଇଁ ପୁରସ୍କାର ଘୋଷଣା କରିଛି। ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଖେଳାଳିଙ୍କୁ ଆଗକୁ ବଢିବାକୁ ପ୍ରେରଣା ମିଳିବ ବୋଲି କହିଛନ୍ତି ସଭାପତି ସେବାଷ୍ଟିଆନ୍ କୋ। ସମୁଦାୟ ୨.୪ ମିଲିୟନ ଡଲାରର ପୁରସ୍କାର ରାଶି ଭାବରେ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସମୁଦାୟ ୪୮ ଇଭେଣ୍ଟ ରହିଥିବା ବେଳେ ସମସ୍ତ ବର୍ଗର ସ୍ୱର୍ଣ୍ଣ ବିଜେତାଙ୍କୁ ଏହି ଅର୍ଥରାଶି ମିଳିବ। ସେହିପରି ଆସନ୍ତା ଲସଏଞ୍ଜେଲସ ଅଲିମ୍ପିକ୍ସରେ ସମସ୍ତ ପଦକ ବିଜେତାଙ୍କ ପାଇଁ ଅର୍ଥ ପୁରସ୍କାର ବ୍ୟବସ୍ଥା କରାଯିବ। ରିଲେ ଟିମ୍‌ର ୪ ପ୍ରତିଯୋଗୀଙ୍କ ମଧ୍ୟରେ ଏହି ଅର୍ଥରାଶି ସମାନ ଭାବେ ବାଣ୍ଟି ଦିଆଯିବ ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ କୁହାଯାଇଛି।

# ତୃତୀୟ ମ୍ୟାଚ ସହ ସିରିଜ ହାରିଲା ଭାରତ

**ପର୍ଥ, ୧୦।୪**

ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ସିନିୟର ପୁରୁଷ ହକି ଦଳର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ବୁଧବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭାରତ ୧-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ଫଳରେ ପରାଜୟରେ ହ୍ୟାଟ୍ରିକ ସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଆଗୁଆ ହାରି ଯାଇଛି ଭାରତୀୟ ଦଳ। ଯୁଗରାଜ ସିଂ ୪୧ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ ହେଁ ଜେରେମି ହେୱାର୍ଡଙ୍କ ଡବଲ

## ଅଷ୍ଟ୍ରେଲିଆ ବିପକ୍ଷ ହକି ଟେଷ୍ଟ ସିରିଜ

ଗୋଲରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଜେରେମି ମ୍ୟାଚର ୪୪ ଓ ୪୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଭାରତ ଆକ୍ରମଣାତ୍ମକ ଆରମ୍ଭ କରିଥିବାବେଳେ କାଉଣ୍ଟର ଆଟାକ କରି ପ୍ରଥମ ପେନାଲ୍ଟି କର୍ନର ହାସଲ କରିଥିଲା ଘରୋଇ ଦଳ। ମାତ୍ର ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ଚମତ୍କାର ପ୍ରଦର୍ଶନ କରି ତାହାକୁ ବ୍ୟର୍ଥ କରିଥିଲେ। ୧୦ମ ମିନିଟରେ ମଧ୍ୟ ଅଷ୍ଟ୍ରେଲିଆକୁ ଏକାଧିକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମ ଓ ଦ୍ୱିତୀୟ



ଭାରତ-ଅଷ୍ଟ୍ରେଲିଆ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କ୍ୱାର୍ଟରେ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇ ବରାବର ସ୍ଥିତିରେ ଥିଲେ। ଯୁଗରାଜ ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିବାବେଳେ ଅଷ୍ଟ୍ରେଲିଆକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ସ୍କୋର କରିଥିଲେ ଜେରେମି। ମାତ୍ର ୪ର୍ଥ ତଥା ଅନ୍ତିମ କ୍ୱାର୍ଟରେ ଆରମ୍ଭରେ ଜେରେମିଙ୍କ ପେନାଲ୍ଟି କର୍ନର ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୫-୧ ଓ ୭ରେ ଦ୍ୱିତୀୟ ମ୍ୟାଚରେ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦୁଇ ଦଳ ମଧ୍ୟରେ ପରବର୍ତ୍ତୀ ୨ ମ୍ୟାଚ ଯଥାକ୍ରମେ ଆସନ୍ତା ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେବ।

# ଏଲ୍‌ଜିବିଟିକ୍ୟୁ ସମୁଦାୟକୁ ଆମେରିକା ମହିଳା ଖେଳାଳି ସଂଘର ସମର୍ଥନ

**କଲମ୍ବସ, ୧୦।୪ (ପି.ଟି.):** ଆମେରିକା ଜାତୀୟ ମହିଳା ଖେଳାଳି ସଂଘ ଏଲ୍‌ଜିବିଟିକ୍ୟୁ ସମୁଦାୟ ପ୍ରତି ସମର୍ଥନ ଜାହିର କରିଛି। ମହିଳା ଫୁଟ୍‌ବଲ ଦଳର ମିଡ୍‌ଫିଲ୍ଡର କୋର୍ବିନ୍ ଆଲବର୍ଟଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ୨୦ ବର୍ଷୀୟା ପ୍ୟାରିସ୍ ସେଣ୍ଟ ଜର୍ମେନ ମିଡ୍‌ଫିଲ୍ଡର କୋର୍ବିନ୍ ଟିକ୍‌ଟକ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓଟି ଏଲ୍‌ଜିବିଟିକ୍ୟୁ ସମୁଦାୟ ବିରୋଧୀ ରହିଥିବା ବେଳେ ଏହାକୁ ନେଇ ତାଙ୍କୁ ସମାଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅଜ୍ଞତାବଶତଃ ଏଭଳି କରିଥିବା ନେଇ ସ୍ପଷ୍ଟୀକରଣ ଦେବା ସହ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। କୌଣସି ଭାବଧାରାକୁ ଆହତ କରିବା ତାଙ୍କ ପୋଷ୍ଟର ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଥିଲେ। କୋର୍ବିନ୍ ଆମେରିକା ଦଳରେ ଜଣେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଭାବରେ ସାମିଲ ହୋଇଥିବା ବେଳେ ମହିଳା ଖେଳାଳି ସଂଘ ପକ୍ଷରୁ ଏହି ପୋଷ୍ଟ କରାଯାଇଛି। ସି ବିଲିଭ୍‌ସ କପ୍‌ର ଫାଇନାଲ ପାଇଁ କୋର୍ବିନଙ୍କୁ ଦଳକୁ ଡାକରା ମିଳିଥିଲା।

# ଆନନ୍ଦୀ ଜିତିଲେ ବ୍ରୋଞ୍ଜ

**ମୁମ୍ବାଇ, ୧୦।୪(ପି.ଟି.):** ମୁମ୍ବାଇର ୧୫ ବର୍ଷୀୟା ଆନନ୍ଦୀ ନନ୍ଦନ ଚନ୍ଦବରକର ୟୁରୋ ଚ୍ୟାଲେଞ୍ଜ ସେଲିଂ ପ୍ରତିଯୋଗିତାରେ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମିକ୍ସଡ ଜେଣ୍ଡର କ୍ୟାଟେଗୋରିରେ ସେ ଏହି ସଫଳତା ହାସଲ କରିଛନ୍ତି। ଏହା ବ୍ୟତୀତ ୧୭ ବର୍ଷରୁ

## ୟୁରୋ ଚ୍ୟାଲେଞ୍ଜ ସେଲିଂ

କମ୍ ବାଳିକା ବର୍ଗରେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଇଟାଲୀରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୦ ଦେଶରୁ ୨୦୦ରୁ ଅଧିକ ସେଲର ଭାଗ ନେଇଥିଲେ। ପୂର୍ବରୁ ଆନନ୍ଦୀ ଥାଇଲାଣ୍ଡରେ ଅନୁଷ୍ଠିତ ଫୁକେଟ କିଙ୍ଗ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବର୍ତ୍ତମାନ ସେ ନ୍ୟୁଜିଲାଣ୍ଡ ଓପନ ସ୍କିଫ୍ ନ୍ୟାଶନାଲ ଇଭେଣ୍ଟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏଥିରେ ସଫଳ ହେବେ ବୋଲି ତାଙ୍କ କୋଚ୍ ଦୀପେଶ ନେର୍ପାଗରେ ପ୍ରକାଶ କରିଛନ୍ତି।

# କ୍ୱାଲିଫାୟର ଜିତିଲା ସମ୍ବଲପୁର 'ବି'

**ଭୁବନେଶ୍ୱର, ୧୦।୪**
**(ତପନ ସ୍ୱାଇଁ)**

ଚଳିତ କଳାହାଣ୍ଡି କପ୍ ସିନିୟର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ସିଲଭର-ଏ ଗ୍ରୁପ୍‌ର ଶୀର୍ଷ ଦଳ କେନ୍ଦ୍ରାପଡ଼ା ଓ ସିଲ୍‌ଭର-ବି ଗ୍ରୁପ୍‌ର ସମ୍ବଲପୁର 'ବି' ମଧ୍ୟରେ କ୍ୱାଲିଫାୟର/ଏଲିମିନେଟର ମ୍ୟାଚ ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର 'ବି' ଦଳ ୮୮ ରନରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ଗୋଲ୍ଡ-ଏ ଓ ଗୋଲ୍ଡ-ବି ଦଳର ଦୁଇ ଶୀର୍ଷ ଦଳ ମଧ୍ୟରେ ହେବାକୁଥିବା କ୍ୱାଲିଫାଇଂ ମ୍ୟାଚର ପରାଜିତ ଦଳକୁ ସମ୍ବଲପୁର 'ବି' କ୍ୱାଲିଫାୟର ମ୍ୟାଚରେ ଭେଟିବ। ଏହାର ବିଜେତା ସୁପର ଲିଗ୍ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବ।

ଟସ୍ ହାରି ବ୍ୟାଟିଂ କରିଥିବା ସମ୍ବଲପୁର 'ବି' ୪୪.୨ ଓଭରରେ ୧୮୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଶ୍ରେୟାଂଶ ପଣ୍ଡା ସର୍ବାଧିକ ୬୨ ଓ ଅମର ଭୋଇ ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଗୌରବ ଚୌଧାରୀ ଓ ବିମଳ କୁମାର ୩ଟି ଲେଖାଏ

## କଳାହାଣ୍ଡି କପ୍ କ୍ରିକେଟ

ଉଇକେଟ ନେଇଥିଲେ। କେନ୍ଦ୍ରାପଡ଼ା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୬.୨ ଓଭରରେ ମାତ୍ର ୯୪ ରନକରି ସମସ୍ତ ଉଇକେଟ ହରାଇଥିଲା। ରାଜ କିଶୋର ଦଳାଇ ସର୍ବାଧିକ ୨୫ ରନ କରିଥିଲେ। ବିଜୟୀ ଦଳର ପ୍ରଶାନ୍ତ ଠାକ୍କର ଓ ଅଭିନବ ନନ୍ଦ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ।



ଶ୍ରେୟାଂଶ ପଣ୍ଡା



ଅଭିନବ ନନ୍ଦ




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ